# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୨୨/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 22/2022 Page 14 ₹ 7.00 ★★★★

୪୮ଶ ଭାଗ ୧୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ**

ପାରାଲିମ୍ପିକ ଚାମ୍ପିୟନ ପ୍ରମୋଦ ଭଗତ ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ଣ୍ଣାମେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୨

୧୦

**ମହିଳାମାନେ ଉଚ୍ଚାଭିଳାଷୀ**

ପୁରୁଷଙ୍କଠାରୁ ମହିଳାମାନେ ଅଧିକ ଉଚ୍ଚାଭିଳାଷୀ ବୋଲି ବଲିଉଡ୍ ଅଭିନେତ୍ରୀ ନିଧି ଅଗ୍ରୱାଲ କହିଛନ୍ତି।



# ଚାପରେ କମିଲା ତେଲ

## ପେଟ୍ରୋଲ ୯.୫୦, ଡିଜେଲ ୭ ଟଙ୍କା ଶସ୍ତା



ଭାରତରେ ଆକାଶଛୁଆଁ ତେଲ ଦର ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧି ଘଟାଇଛି। ଏହାକୁ ନେଇ ସାରା ଦେଶରେ ଜନ ଅସନ୍ତୋଷ ଦେଖାଦେଇଥିବାବେଳେ ରାଜନୀତି ମଧ୍ୟ ସରଗରମ ହୋଇଛି। ଏଭଳି ସ୍ଥିତିରେ ଶନିବାର କେନ୍ଦ୍ର ସରକାର ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ ଘୋଷଣା କରିଛନ୍ତି। ପେଟ୍ରୋଲରେ ୮ ଓ ଡିଜେଲରେ ୬ ଟଙ୍କା ଏକ୍ସାଇଜ୍ ଡ୍ୟୁଟି କମ୍ କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଟୁଇଟରରେ ସୂଚନା ଦେଇଛନ୍ତି। ଏହି ଟିକସ ହ୍ରାସ ଫଳରେ ପେଟ୍ରୋଲ ଲିଟର ପିଛା ୯ ଟଙ୍କା ୫୦ ପଇସା ଏବଂ ଡିଜେଲ ୭ ଟଙ୍କା ଶସ୍ତାରେ ମିଳିବ ବୋଲି କୁହାଯାଉଛି। ନୂଆ ଦର ରବିବାର ସକାଳ ୬ଟାରୁ ଲାଗୁ ହେବ। ଦେଶବାସୀଙ୍କ ହିତରେ ଏପରି ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବାବେଳେ ମୁଦ୍ରାସ୍ଫୀତିଜନିତ ଆର୍ଥିକ ସଙ୍କଟର ମୁକାବିଲା ପାଇଁ ଚାରିଆଡ଼ୁ ଚାପ ହେତୁ କେନ୍ଦ୍ର ବାଧ୍ୟହୋଇ ଟିକସ କମାଇଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କାରଣ ୨୦୨୧ ନଭେମ୍ବର ୩ରେ କେନ୍ଦ୍ର ସରକାର ୫ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପେଟ୍ରୋଲ ଉପରୁ ୫ ଟଙ୍କା ଓ ଡିଜେଲରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ଏହାର ପ୍ରଭାବରେ ଓଡ଼ିଶାରେ ପେଟ୍ରୋଲ ୬.୬୦ ଓ ଡିଜେଲ ୧୨.୮୦ ଟଙ୍କା କମିଥିଲା। ଦିନକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପେଟ୍ରୋଲ ଓ ଡିଜେଲ ଉପରୁ ୩ ଟଙ୍କା ଲେଖାଏ ମୂଲ୍ୟଯୁକ୍ତ ଟିକସ (ଭାଟ୍) ହ୍ରାସ କରିଥିଲେ। ତେବେ ମାର୍ଚ୍ଚ ୧୦ରେ ୫ ରାଜ୍ୟ ନିର୍ବାଚନ ଫଳାଫଳ ଘୋଷଣା ପରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ଦର୍ଶାଇ ୨୨ ତାରିଖଠାରୁ ୨ ସପ୍ତାହ ମଧ୍ୟରେ ୧୩ ଥର ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବଢ଼ାଇଥିଲେ। ଫଳରେ ପେଟ୍ରୋଲ ୯.୮୩ ଟଙ୍କା ଓ ଡିଜେଲ ୯.୭୭ ଟଙ୍କା ମହଙ୍ଗା ହୋଇଥିଲା।

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ପ୍ରବଳ ଜନଅସନ୍ତୋଷ ବଢ଼ିବା ସହିତ ବିଭିନ୍ନ ଦିଗରୁ ସମାଲୋଚନାର ଶିକାର ହେବା ପରେ କେନ୍ଦ୍ର ସରକାର ତୈଳ ଦାମ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପେଟ୍ରୋଲ ଲିଟର ପିଛା ୯.୫୦ ଟଙ୍କା ଓ ଡିଜେଲ ଲିଟର ପିଛା ୭ ଟଙ୍କା ହ୍ରାସ ପାଇବ। ରବିବାର ସକାଳ ୬ଟାରୁ ଏହି ନୂତନ ଦର ଲାଗୁ ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ବାର୍ଷିକ ୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ। ଏନେଇ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟୁଇଟ କରି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ ଓ ସାଧାରଣ ଲୋକମାନଙ୍କୁ ସହାୟତା କରିବା ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୀତାରାମନ କହିଛନ୍ତି। କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ କମାଇବା ନିଷ୍ପତ୍ତି ନେଇଥିବାରୁ ତୈଳ ଦର ହ୍ରାସ ପାଇବ। ପେଟ୍ରୋଲ ଉପରୁ ଉତ୍ପାଦ ଶୁଳ୍କ ଲିଟର ପିଛା ୮ ଟଙ୍କା ଓ ଡିଜେଲ ଉପରୁ ଲିଟର ପିଛା ୬ ଟଙ୍କା କମାଇବାକୁ ନିଷ୍ପତ୍ତି ହୋଇଛି। ପେଟ୍ରୋଲ ଲିଟର ପିଛା ୯ଟଙ୍କା ୫୦ ପଇସା ହ୍ରାସ ପାଇବାକୁ ଯାଉଥିଲେ ମଧ୍ୟ ଏବେ ବି ବିଭିନ୍ନ ସହରରେ ଏହାର ଦର ୧୦୦ ଉପରେ ରହିବ। କାରଣ ଅଧିକାଂଶ ସ୍ଥାନରେ ପେଟ୍ରୋଲ ଲିଟର ପିଛା ୧୧୨ ଟଙ୍କା ଉପରେ ରହିଛି।

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରଭାବ ସବୁ କ୍ଷେତ୍ରରେ ପଡୁଛି। ଏଥିଯୋଗୁ ଦରଦାମ ମଧ୍ୟ ହୁ ହୁ ହୋଇ ବଢ଼ିଚାଲିଛି। କେନ୍ଦ୍ର ସରକାର ତୈଳ ଦର ହ୍ରାସ କରିଥିବା ବେଳେ ରାଜ୍ୟ ସରକାରଙ୍କ ଉପରେ ଚାପ ବଢ଼ିବା ସମ୍ଭାବନା ରହିଛି। ରାଜ୍ୟ ସରକାର ତୈଳ ଦର ଉପରୁ ଭାଟ୍ କମାଇବା ଉପରେ ନିଷ୍ପତ୍ତି ନେଲେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ହ୍ରାସ ପାଇବ।

ପେଟ୍ରୋଲ ଓ ଡିଜେଲ ଭଳି ଉପରମୁହାଁ ହୋଇଥିବା ରନ୍ଧନ ଗ୍ୟାସ ଦାମ ମଧ୍ୟ ହ୍ରାସ କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଲା ଯୋଜନାରେ ସାମିଲ ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୨୦୦ ଟଙ୍କା ରିହାତି ମିଳିବ। ବାର୍ଷିକ ୧୨ଟି ସିଲିଣ୍ଡର ଉପରେ ଏପରି ସବ୍‌ସିଡି ମିଳିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟୁଇଟ କରି ସୂଚନା ଦେଇଛନ୍ତି। ତେବେ ସାଧାରଣ ବର୍ଗରେ ଥିବା ଲୋକଙ୍କୁ ଗ୍ୟାସ୍ ଉପରେ କୌଣସି ପ୍ରକାର ଆଶ୍ୱସ୍ତି ମିଳି ନାହିଁ। ସେମାନେ ପୂର୍ବଭଳି ୧୦୦୦ରୁ ଅଧିକ ଦାମରେ ଗ୍ୟାସ୍ ସିଲିଣ୍ଡର କିଣିବେ। ଅର୍ଥମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ଗ୍ୟାସ୍ ସିଲିଣ୍ଡର ଉପରେ ୨୦୦ ଟଙ୍କାର ସବ୍‌ସିଡି ଦିଆଯିବ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଲା ଯୋଜନାରେ ସାମିଲ ଥିବା ଦେଶର ୯ କୋଟି ହିତାଧିକାରୀ ୧୨ଟି ସିଲିଣ୍ଡର ଉପରେ ଏହି ସବ୍‌ସିଡି ପାଇବେ। ଏହା ମା' ଓ ଭଉଣୀଙ୍କୁ ଆଶ୍ୱସ୍ତି ଦେବ। ଏହି ନୂଆ ସବ୍‌ସିଡି ଯୋଗୁ କେନ୍ଦ୍ର ସରକାର ବାର୍ଷିକ ପ୍ରାୟ ୬,୧୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ। ଏଥିସହ ବିଭିନ୍ନ ଦେଶରୁ ଆସୁଥିବା କଞ୍ଚାମାଲ ଉପରୁ ମଧ୍ୟ ସୀମା ଶୁଳ୍କ ହ୍ରାସ କରାଯିବ। ଏହାଦ୍ୱାରା ଗୋଟିଏ ଜିନିଷର ଚୂଡ଼ାନ୍ତ ମୂଲ୍ୟ ହ୍ରାସ ପାଇବ।

ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୨୧ ନଭେମ୍ବର ୩ ତାରିଖରେ ପେଟ୍ରୋଲ ଉପରୁ ୫ ଟଙ୍କା ଓ ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ କମାଇଥିଲେ। ଏହାର ପରଦିନ ଅର୍ଥାତ୍ ନଭେମ୍ବର ୪ ତାରିଖରେ ଓଡ଼ିଶା ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୩ ଟଙ୍କା ମୂଲ୍ୟଯୁକ୍ତ ଟିକସ(ଭାଟ୍) ☞ପୃଷ୍ଠା-୪




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୩ର ମହିଳା ୨୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଖୁସି ମନାଉଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦ।

## ମାଟ୍ରିକ ମୂଲ୍ୟାୟନ ଆରମ୍ଭ

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**

ରାଜ୍ୟରେ ଶନିବାରଠାରୁ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ମୋଟ୍ ୫୮ଟି କେନ୍ଦ୍ରରେ ଖାତା ଦେଖାହେଉଥିବା ବେଳେ ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ୪୮୧ଜଣ ମୁଖ୍ୟ ପରୀକ୍ଷକ, ୯୦୦ଜଣ ଡେପୁଟି ପରୀକ୍ଷକ, ୮,୯୧୯ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜର ନିୟୋଜିତ ହୋଇଛନ୍ତି। ବରିଷ୍ଠ ଶିକ୍ଷକମାନେ ମଧ୍ୟ ଖାତାଦେଖୁଛନ୍ତି। ତେବେ ତ୍ରୁଟିଶୂନ୍ୟ ମୂଲ୍ୟାୟନ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବାବେଳେ ମୂଲ୍ୟାୟନ ପ୍ରକ୍ରିୟାରେ କେତେକ ପରିବର୍ତ୍ତନ କରାଯାଇଛି। ଜଣେ ପରୀକ୍ଷକ ଗୋଟିଏ ପ୍ରଶ୍ନର ଉତ୍ତର ଖାତା ଦେଖିବେ ଏବଂ ମାର୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆକ୍ରୋଶର ଶେଷ କେବେ**




## ୪୫୦ କୋଟିର ୭ ବିଦ୍ୟୁତ୍ ପ୍ରକଳ୍ପ ଲୋକାର୍ପିତ

**ଭୁବନେଶ୍ୱର,୨୧।୫(ବ୍ୟୁରୋ)**

- ବିଦ୍ୟୁତ୍ ଅପଚୟ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ଲୋ-ଭୋଲ୍ଟେଜ ସମସ୍ୟା ଦୂର ପାଇଁ ଖର୍ଚ୍ଚ ହେବ ୧୮୦୦ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସ ଯୋଗେ ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରେ ୬ଟି ଉଚ୍ଚଶକ୍ତି ସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ବଲାଙ୍ଗୀର-କେସିଙ୍ଗାରେ ୨୨୦ କେଭି ଟ୍ରାନ୍ସମିଶନ ଲାଇନର ଲୋକାର୍ପଣ କରିଛନ୍ତି। ଏହି ୬ ଉଚ୍ଚଶକ୍ତି ସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ଗୋଟିଏ ୨୨୦ କେଭି ଡବଲ ସର୍କିଟ ଟ୍ରାନ୍ସମିଶନ ଲାଇନ ପାଇଁ ୪୫୦ କୋଟି ଟଙ୍କା ବିନିଯୋଗ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦ୍ୟୁତ୍ ହେଉଛି ବିକାଶର ଜୀବନରେଖା। ପାଣି ଭଳି ବିଦ୍ୟୁତ୍ ସମସ୍ତଙ୍କ ପାଇଁ ଖୁବ୍ ଜରୁରୀ। ତେଣୁ ଲୋକେ ବିଦ୍ୟୁତ୍ ଶକ୍ତି ଅପଚୟ ନ କରି ଏହାର ଉଚିତ ବ୍ୟବହାର କରନ୍ତୁ। ଲୋକଙ୍କୁ ଗୁଣାତ୍ମକ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇଦେବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଦ୍ୱାରା କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କେନ୍ଦୁଝର, ସମ୍ବଲପୁର ଓ ଖୋର୍ଦ୍ଧା ଜିଲାର ଚାଷୀ, ଛାତ୍ରୀଛାତ୍ର ଓ ମା'ମାନେ ବିଶେଷ ଉପକାର ପାଇବେ। କ୍ଷୁଦ୍ରଶିଳ୍ପ ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟ ଉପକାର ପାଇବେ ବୋଲି ସେ କହିଛନ୍ତି। ଜନସାଧାରଣଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୩୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ୍ ଷ୍ଟ୍ରେଙ୍ଗ୍‌ଦେନିଂ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୪୩୦ଟି ୩୩/୧୧ କେଭି ସବ୍‌ଷ୍ଟେଶନ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟରେ ଲୋ-ଭୋଲ୍ଟେଜ ସମସ୍ୟା ଦୂର କରିବା ପାଇଁ ସରକାର ଏହି ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।



ନବୀନ ପଟ୍ଟନାୟକ

ଏହି କାର୍ଯ୍ୟକ୍ରମରେ ସମ୍ବଲପୁରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ☞ପୃଷ୍ଠା-୪

## ଆମକୁ ବଳାତ୍କାର ବନ୍ଦ କର

**ପ୍ୟାରିସ୍, ୨୧।୫**

ଫ୍ରାନ୍ସରେ ଆୟୋଜିତ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜର୍ଜ ମିଲରଙ୍କ 'ଥ୍ରି ଥାଉଜାଣ୍ଡ ଇଅର୍ସ ଅଫ୍ ଲଙ୍ଗିଂ'ର ୱାର୍ଲ୍ଡ ପ୍ରିମିୟରବେଳେ ଶୁକ୍ରବାର ସମସ୍ତଙ୍କୁ ଚକିତ କଲାଭଳି ଘଟଣା ଘଟିଛି। ୟୁକ୍ରେନ୍ ମହିଳାଙ୍କୁ ରୁଷୀୟ ସୈନ୍ୟଙ୍କ ବଳାତ୍କାରକୁ ବିରୋଧ କରି ଜଣେ ମହିଳା ସମ୍ପୂର୍ଣ୍ଣ ବିବସ୍ତ୍ର ହୋଇ ରେଡ୍ କାର୍ପେଟରେ ପ୍ରତିବାଦ ଜଣାଇଛନ୍ତି। ୟୁକ୍ରେନ୍‌ର ମହିଳା ଜଣକ ଦେହରେ ଜାତୀୟ ପତାକା ଆଙ୍କି 'ଷ୍ଟପ୍ ରେପିଂ ଅସ୍' (ଆମକୁ ବଳାତ୍କାର ବନ୍ଦ କର) ବୋଲି ଲେଖିଥିଲେ। ଏଥିସହ ଦେହରେ ଲାଲ୍ ରଙ୍ଗର ଛିଟା ମଧ୍ୟ ଲଗାଇଥିଲେ। ପ୍ରିମିୟରବେଳେ ସେ ଆଗକୁ ଦୌଡ଼ି ଆସି ଚିତ୍କାର କରିବା ସହ ଫଟୋଗ୍ରାଫରଙ୍କ ଆଗରେ ପୋଜ୍ ଦେଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ। ମହିଳା, ଯୁବତୀ ଏପରି କି ଛୋଟ ପିଲାଙ୍କୁ ରୁଷିଆ ସୈନ୍ୟ




### କାନ୍ସ ଫେଷ୍ଟିଭାଲରେ ବିବସ୍ତ୍ର ପ୍ରତିବାଦ

- ଦେହରେ ଆଙ୍କିଥିଲେ ୟୁକ୍ରେନ୍ ପତାକା

ବଳାତ୍କାର କରୁଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଥିଲେ। ମଙ୍ଗଳବାର କାନ୍ସ ଫେଷ୍ଟିଭାଲର ଉଦ୍‌ଘାଟନୀ ସମାରୋହରେ ଜେଲେନ୍‌ସ୍କି ତାଙ୍କ ଭିଡିଓ ବାର୍ତ୍ତାରେ ଅଧିକ ସହାୟତା ମାଗିଥିଲେ। ଅନ୍ୟପକ୍ଷରେ 'ଥ୍ରି ଥାଉଜାଣ୍ଡ ଇଅର୍ସ ଅଫ୍ ଲଙ୍ଗିଂ' ଫିଲ୍ମକୁ ପ୍ରିମିୟରରେ ୬ ମିନିଟ୍‌ର ଷ୍ଟାଣ୍ଡିଂ ଓଭିଏସନ୍ ମିଳିଛି। ଜଣେ ବିଦ୍ୱାନଙ୍କୁ ଏକ ଜିନ୍‌କୁ ତାଙ୍କ ସ୍ୱାଧୀନତା ବଦଳରେ ୩ ଇଚ୍ଛା ପୂରଣର ବରଦାନ ଦେଇଛି। ଏକ ହୋଟେଲ ରୁମ୍‌ରେ ସେମାନଙ୍କ ଏହି ଡିଲ୍ ପରେ କ'ଣ ହୋଇଛି ତାହା ଉପରେ ଫିଲ୍ମଟି ଗତିଶୀଳ ହୋଇଛି। ଆସନ୍ତା ଅଗଷ୍ଟରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ।

## ତାତି ଯୋଗୁ ନିଦ ହଜୁଛି

- ବିଶ୍ୱତାପନରୁ ବଢୁଛି ରାତି ତାପମାତ୍ରା
- ଜଣ ପିଛା ୪୪ ଘଣ୍ଟା କମ୍ ଶୋଉଛନ୍ତି

**କୋପେନହାଗେନ୍, ୨୧।୫**

ସୁସ୍ଥ ଶରୀର ପାଇଁ ଭଲ ନିଦ୍ରା ନିତାନ୍ତ ଜରୁରୀ। ଏଥିରେ ବ୍ୟତିକ୍ରମ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ସମ୍ପ୍ରତି ଆଧୁନିକ ଜୀବନଶୈଳୀ ନିଦ୍ରାହୀନତାର ଅନ୍ୟତମ ପ୍ରମୁଖ କାରଣ ପାଲଟିଥିବାବେଳେ ଏଥିରେ ବିଶ୍ୱତାପନର ମଧ୍ୟ ଭୂମିକା ରହିଛି। ସଦ୍ୟତମ ଅଧ୍ୟୟନ ଅନୁସାରେ, ଗ୍ଲୋବାଲ ୱାର୍ମିଂ ବା ତାପମାତ୍ରା ବୃଦ୍ଧି ବିଶ୍ୱବାସୀଙ୍କ ନିଦ ଉଡ଼ାଇ ନେଇଛି। ୱାନ୍ ଆର୍ଥ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଦିନ ଅପେକ୍ଷା ଏବେ ରାତି ତାପମାତ୍ରା ବଢୁଥିବାରୁ ଲୋକଙ୍କ ଶୋଇବା ସମୟ ପ୍ରଭାବିତ ହେଉଛି। ଫଳରେ ଅଧିକାଂଶ ଲୋକ ବର୍ଷକୁ ୪୪ ଘଣ୍ଟାର ନିଦ ହରାଉଛନ୍ତି। ଅର୍ଥାତ ସେମାନେ ୧୧ ରାତିରେ ୭ ଘଣ୍ଟାରୁ କମ୍ ସମୟ ନିଦ୍ରା ଯାଉଛନ୍ତି।



୨୦୧୫ରୁ ୨୦୧୭ ମଧ୍ୟରେ ୬୮ ଦେଶର ୪୭ ହଜାର ଲୋକଙ୍କ ନିଦ୍ରା ସମୟ ଅଧ୍ୟୟନରେ ସାମିଲ ହୋଇଥିଲା। ଏଥିରେ ଭାରତ, ପାକିସ୍ତାନ, ଚାଇନାର ନାଗରିକଙ୍କ ନିଦ୍ରା ସମୟକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ସେମାନେ ହାତରେ ପିନ୍ଧୁଥିବା ରିଷ୍ଟବ୍ୟାଣ୍ଡ୍‌ରୁ ତଥ୍ୟ ସଂଗ୍ରହ ହୋଇଥିଲା। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ମାତ୍ରାରେ ନିଦ୍ରାହୀନତା ଭୋଗୁଛନ୍ତି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକମାନେ ମହିଳାଙ୍କ ତୁଳନାରେ ୨ ଗୁଣା ସମସ୍ୟାରେ ପଡୁଥିବା ରିପୋର୍ଟରେ କୁହାଯାଇଛି। ପୂର୍ବ ଅଧ୍ୟୟନ ଅନୁସାରେ ତାପମାତ୍ରା ବୃଦ୍ଧି ଯୋଗୁ ହୃଦ୍‌ଘାତ, ମାନସିକ ଅସୁସ୍ଥତା, ଆତ୍ମହତ୍ୟା, ଦୁର୍ଘଟଣା ଆଦି ବଢୁଛି। ଏଣିକି ନିଦ୍ରାହୀନତା ଆଉ ଏକ ଗମ୍ଭୀର ସମସ୍ୟା ଭାବେ ଉଭାହୋଇଛି। ରାତିରେ ଶରୀର ସାଧାରଣ ତାପମାତ୍ରାଠାରୁ ଥଣ୍ଡା ପରିବେଶ ଆବଶ୍ୟକ କରିଥାଏ, ଯାହା ଭଲ ନିଦ୍ରା ପାଇଁ ଜରୁରୀ। ହେଲେ ରାତି ତାପମାତ୍ରା ବୃଦ୍ଧି ଯୋଗୁ ମୋଟ ଜନସଂଖ୍ୟାର ବଡ଼ ଭାଗ ନିଦ୍ରାହୀନତା ସମସ୍ୟା ଭୋଗୁଛନ୍ତି। ପ୍ରାୟ ସବୁ ଦେଶରେ ସମାନ ଅସୁବିଧା ଦେଖାଦେଇଛି। ରିସର୍ଚ୍ଚରେ ଭାଗ ନେଇଥିବା କୋପେନହାଗେନ୍ ୟୁନିଭର୍ସିଟି, ଡେନମାର୍କର କେଲ୍‌ଟନ୍ ମାଇନରଙ୍କ କହିବା ଅନୁସାରେ, ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହରରେ ରାତି ତାପମାତ୍ରା ୨୫ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହିଲେ ପ୍ରାୟ ୪୬ ହଜାର ଲୋକଙ୍କ ଶୋଇବାରେ ଅସୁବିଧା ହେଉଛି। ଭାରତ ଓ ପାକିସ୍ତାନରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ସେଠାକାର କୋଟି କୋଟି ଲୋକଙ୍କ ନିଦକୁ ପ୍ରଭାବିତ କରିଛି। ନିଦ୍ରା ହରାଉଥିବା ଲୋକେ ପରବର୍ତ୍ତୀ ସମୟରେ ମଧ୍ୟ ଯଥେଷ୍ଟ ମାତ୍ରାରେ ଶୋଉନାହାନ୍ତି।

ଆଫ୍ରିକା, ସେଣ୍ଟ୍ରାଲ ଆମେରିକା ଏବଂ ମଧ୍ୟ-ପ୍ରାଚ୍ୟର ଜନସଂଖ୍ୟାର ବଡ଼ଭାଗ ତାପମାତ୍ରା ବୃଦ୍ଧିଜନିତ ନିଦ୍ରା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିମ୍ନ ମଧ୍ୟବିତ୍ତ ତଥା ☞ପୃଷ୍ଠା-୪

ଧରିତ୍ରୀ
DHARITRI
ରବିବାର, ୨୨ ମେ, ୨୦୨୨



ସିଙ୍ଗାପୁରରେ ଥିବା ଅନ୍‌ଲାଇନ୍ ଫ୍ୟାଶନ୍ କମ୍ପାନୀ ଜିଲିଙ୍ଗୋର ପୂର୍ବତନ ସିଇଓ ଅଙ୍କିତି ବୋଷ ଓ ତାଙ୍କ ପରିବାରକୁ ଅନ୍‌ଲାଇନ୍‌ରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଭାରତୀୟ ବଂଶୋଦ୍ଭବ ଅଙ୍କିତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି। ୨୦୧୫ରେ ଅଙ୍କିତି ଏବଂ ଚିପ୍ ଟେକ୍‌ନୋଲୋଜି ଅଫିସର ଧ୍ରୁବ କପୁର ମିଳିତ ଭାବେ ଜିଲିଙ୍ଗୋ କମ୍ପାନୀ ସ୍ଥାପନ କରିଥିଲେ। ମାର୍ଚ୍ଚ ୩୧ରେ ଅଙ୍କିତିଙ୍କୁ ବିନା ନୋଟିସ୍‌ରେ ସିଇଓ ପଦରୁ ବାହାର କରିଦିଆଯାଇଛି। ଏକ ସ୍ୱତନ୍ତ୍ର ଫରେନ୍‌ସିକ୍ ଟିମ୍ ଏ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ୧୨ ଦେଶକୁ ବ୍ୟାପିଲାଣି ମଙ୍କିପକ୍ସ

**ନୂଆଦିଲ୍ଲୀ,୨୧।୫:** ମଙ୍କିପକ୍ସ ସଂକ୍ରମଣ ଅନ୍ୟୂନ ୧୨ ଦେଶକୁ ବ୍ୟାପିଲାଣି। ବର୍ତ୍ତମାନ ସୁଦ୍ଧା ୮୦ରୁ ଉର୍ଦ୍ଧ୍ୱ ଏଥିରେ ସଂକ୍ରମିତ ହୋଇଥିବାବେଳେ ଅନ୍ୟ ୫୦ ସନ୍ଦିଗ୍ଧ ମାମଲାର ଅନୁଧ୍ୟାନ କରାଯାଉଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଆଗକୁ ସଂକ୍ରମଣ ବଢ଼ିବା ନେଇ ଡବ୍ଲ୍ୟୁଏଚ୍‌ଓ ସତର୍କ କରାଇଛି। ସାଧାରଣତଃ କେନ୍ଦ୍ରୀୟ ଓ ପଶ୍ଚିମ ଆଫ୍ରିକାର ଆଭ୍ୟନ୍ତରୀଣ ଅଞ୍ଚଳରେ ଦେଖାଦେଉଥିବା ମଙ୍କିପକ୍ସ ଏବେ ୟୁରୋପର ୯ଟି ଦେଶ ସମେତ ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆକୁ ବ୍ୟାପିଲାଣି। ୯ ୟୁରୋପୀୟ ଦେଶ ହେଲେ ବ୍ରିଟେନ, ସ୍ପେନ୍, ପର୍ତ୍ତୁଗାଲ, ଜର୍ମାନୀ, ବେଲ୍‌ଜିୟମ, ଫ୍ରାନ୍ସ, ନେଦରଲାଣ୍ଡସ୍, ଇଟାଲୀ ଏବଂ ସୁଇଡେନ୍। ସଂକ୍ରମିତ ଲୋକେ କିଛି ସପ୍ତାହରେ ଆରୋଗ୍ୟ ହେଉଥିବା ବ୍ରିଟେନର ନ୍ୟାଶନାଲ ହେଲ୍‌ଥ ସର୍ଭିସ ପକ୍ଷରୁ କୁହାଯାଇଛି। ମଙ୍କିପକ୍ସ ପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା ନ ଥିବାବେଳେ ମିଳିମିଳା ଟିକା ୮୫ ପ୍ରତିଶତ ସୁରକ୍ଷା ଦେଇପାରୁଛି।

### ଆଉ ଏକ ଅନର କିଲିଂ

### ବାପା ସମ୍ମୁଖରେ ଯୁବକଙ୍କୁ ହତ୍ୟା

**ହାଇଦ୍ରାବାଦ,୨୧।୫(ଆଇଏଏନ୍‌ଏସ୍):** ଭିନ୍ନ ଜାତିରେ ପ୍ରେମ ବିବାହକୁ ନେଇ ହାଇଦ୍ରାବାଦରେ ଆଉ ଏକ ଅନର କିଲିଂ (ମର୍ଯ୍ୟାଦା ପାଇଁ ହତ୍ୟା) ଘଟିଯାଇଛି। ବେଗମ ବଜାରର ଜନଗହଳିପୂର୍ଣ୍ଣ ମାଛ ମାର୍କେଟରେ ଶୁକ୍ରବାର ରାତିରେ ନୀରଜ କୁମାର ପନୱାର (୨୨)ଙ୍କୁ ତାଙ୍କ ବାପାଙ୍କ ସମ୍ମୁଖରେ ଛୁରିଭୁସି ହତ୍ୟା କରାଯାଇଛି। ଆକ୍ରମଣ କରିଥିବା ୫ ଜଣ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କୀୟ। ନୀରଜ ରାତିରେ ଦୋକାନ ବନ୍ଦ କରି ତାଙ୍କ ବାପାଙ୍କ ସହ ଫେରୁଥିବାବେଳେ ଆକ୍ରମଣକାରୀ ପଛପଟୁ ତାଙ୍କ ମୁଣ୍ଡକୁ ଏକ ପଥରରେ ଆଘାତ ଦେଇଥିଲେ। ସେ ପଡ଼ିଯିବା ପରେ ସେମାନେ ଭୁଜାଲିରେ ଭୁସି ହତ୍ୟା କରିଥିଲେ। ଦେଢ଼ ବର୍ଷ ପୂର୍ବରୁ ନୀରଜ ଉକ୍ତ ଅଞ୍ଚଳର ସଞ୍ଜନା(୨୦)ଙ୍କୁ ବିବାହ କରିଥିଲେ ଓ ସେମାନଙ୍କର ଦେଢ଼ମାସର ଶିଶୁ ରହିଛି। ଭିନ୍ନ ଜାତିରେ ବିବାହ କରିଥିବାରୁ ସଞ୍ଜନାଙ୍କ ପରିବାର ଏହାକୁ ବିରୋଧ କରିଆସୁଥିଲେ। ୬ ମାସ ପୂର୍ବରୁ ସେମାନେ ନୀରଜଙ୍କୁ ହତ୍ୟା କରିବା ଯୋଜନା କରିଥିଲେ।

### ନାଁ ପଚାରି ପିଟି ମାରିଦେଲେ

**ଭୋପାଳ,୨୧।୫:** ମଧ୍ୟପ୍ରଦେଶର ନିମୁଚ ଜିଲାରେ ଜଣେ ୬୫ ବର୍ଷୀୟ ମାନସିକ ବିକୃତ ବ୍ୟକ୍ତିଙ୍କୁ ପିଟି ମାରିଦିଆଯାଇଥିବା ନେଇ ହତ୍ୟା ମାମଲା ରୁଜୁ ହୋଇଛି। ତାଙ୍କ ନାଁ ମହମ୍ମଦ କି ବୋଲି ଜଣେ ଲୋକ ପଚାରିବା ସହ ସେ ଓ ଅନ୍ୟମାନେ ମାଡ଼ ମାରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ମୁଖ୍ୟ ଅଭିଯୁକ୍ତ ଭାଜପା ନେତା ଦିନେଶ କୁଶ୍‌ୱା ପୂର୍ବତନ ଭାଜପା କର୍ପୋରେଟରଙ୍କ ସ୍ୱାମୀ ବୋଲି ଜଣାପଡ଼ିଛି। ପୋଲିସ କହିବା ଅନୁଯାୟୀ ରତଲାମ ଜିଲା ସର୍ସି ଅଞ୍ଚଳର ଭୱରଲାଲ ଜୈନ ରାଜସ୍ଥାନର ଏକ ଧର୍ମୀୟ କାର୍ଯ୍ୟକ୍ରମ ଦେଖିବାକୁ ଯାଇ ଗତ ୧୫ ତାରିଖରୁ ନିଖୋଜ ଥିଲେ। ତାଙ୍କ ନିଖୋଜ ଅଭିଯୋଗ ପରେ ପୋଲିସ ଫଟୋ ସହ ବିଭିନ୍ନ ଥାନାକୁ ଜଣାଇଥିଲା। ଶୁକ୍ରବାର ନିମୁଚ ଜିଲାର ଏକ ରାସ୍ତା ପାର୍ଶ୍ୱରୁ ତାଙ୍କ ମୃତଦେହ ମିଳିଥିଲା। ମଧ୍ୟପ୍ରଦେଶରେ ଭିଡ଼ ହିଂସାକୁ ନେଇ ରାଜନୀତି ଜୋର ଧରିଛି। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡିଥିବା ବରିଷ୍ଠ କଂଗ୍ରେସ ନେତା କମଲନାଥ ଅଭିଯୋଗ କରିଛନ୍ତି।

# ମୋରିସନ୍ ଶାସନ ଶେଷ



ସ୍କଟ ମୋରିସନ୍

## ଆନ୍ଥୋନି ଆଲ୍‌ବାନିଜ୍ ହେବେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



କାନ୍‌ବେରା, ୨୧।୫

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍‌ଙ୍କ ଲିବେରାଲ ପାର୍ଟି ଚଳିତ ବର୍ଷ ନିର୍ବାଚନ ହାରିଯାଇଛି। ଶନିବାର ଦେଶରେ ଅନୁଷ୍ଠିତ ନିର୍ବାଚନ ଫଳାଫଳ ବାହାରିବା ପରେ ମୋରିସନ୍ ତାଙ୍କ ପରାଜୟ ସ୍ୱୀକାର କରିଛନ୍ତି। ବିରୋଧୀ ଲେବର ପାର୍ଟିକୁ ସଫଳତା ମିଳିଥିବାରୁ ଏହି ଦଳର ନେତା ଆନ୍ଥୋନି ଆଲ୍‌ବାନିଜ୍ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ୧୫୧ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ଲେବର ପାର୍ଟି ୭୨ ସିଟ୍ ପାଇଥିବାବେଳେ ମୋରିସନ୍‌ଙ୍କ ଲିବେରାଲ-ନ୍ୟାଶନାଲ ମେଣ୍ଟକୁ ୫୨ ଆସନ ମିଳିଛି। ଫଳରେ ୨୦୧୮ରେ ପ୍ରଥମ କରି ପ୍ରଧାନମନ୍ତ୍ରୀ ହୋଇଥିବା ମୋରିସନ୍‌ଙ୍କୁ ଶାସନରୁ ହଟିବାକୁ ପଡ଼ିଛି। ନିର୍ବାଚନରେ ବିଜୟ ପାଇଁ ସେ ଆନ୍ଥୋନିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲେବର ପାର୍ଟି ନେତା ଆନ୍ଥୋନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କ୍ଷମତାକୁ ଆସିବା ପରେ ଆନ୍ଥୋନୀ ସୋମବାର କ୍ୱାଡ୍ ସମିଟ୍‌ରେ ଯୋଗ ଦେବା ପାଇଁ ଟୋକିଓ ଗସ୍ତ କରିବେ।

ନିର୍ବାଚନରେ ଜଳବାୟୁ ସୁରକ୍ଷା ଏବଂ ସବୁଜ ଶକ୍ତିର ବ୍ୟବହାର ପ୍ରମୁଖ ପ୍ରସଙ୍ଗ ରହିଥିଲା। ବିରୋଧୀ ଲେବର ପାର୍ଟି ଏହାକୁ ପ୍ରମୁଖ ଅସ୍ତ୍ର କରିଥିଲା। ସବୁଜ ଶକ୍ତି ନୀତି ଦାବିରେ ଅଭିଯାନ ଚଳାଇଥିବା ସଙ୍ଗଠନ ତଥା ବ୍ୟକ୍ତିବିଶେଷମାନେ ଲେବର ପାର୍ଟିକୁ ସମର୍ଥନ ଦେଇଥିଲେ। ଏଥିସହ ଜାତୀୟ ଅଖଣ୍ଡତା, ଲିଙ୍ଗଗତ ସମାନତା ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିଲା। ସବୁଜଶକ୍ତି ବ୍ୟବହାର ଦିଗରେ ମୋରିସନ୍ ବିଶେଷ କିଛି ପଦକ୍ଷେପ ନ ନେବା ଏବଂ ଦେଶରେ ଭୟଙ୍କର ବନ୍ୟା ଯୋଗୁ ବ୍ୟାପକ କ୍ଷତିହେବାକୁ ନେଇ ତାଙ୍କ ସରକାରଙ୍କୁ ବେଶ୍ ସମାଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ପଶ୍ଚିମ ଅଷ୍ଟ୍ରେଲିଆ ଏବଂ ସହରାଞ୍ଚଳ ଆସନଗୁଡ଼ିକରେ ମୋରିସନ୍‌ଙ୍କ ଦଳକୁ କମ୍ ଭୋଟ ମିଳିବା ତାଙ୍କ ପରାଜୟର ଆଉ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ନିର୍ବାଚନ ହାରିବା ପରେ ମୋରିସନ୍ ନିଜକୁ ଦାୟୀ କରିବା ସହ ଲିବେରାଲ ପାର୍ଟି ନେତା ପଦରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ସରକାର ଗଢ଼ିବା ପାଇଁ ଶାସନ କରିବାକୁ ଥିବା ଦଳକୁ ପାର୍ଲାମେଣ୍ଟର ନିମ୍ନସଦନରେ ୭୬ ଆସନ ଆବଶ୍ୟକ। ଶନିବାର ଆସିଥିବା ନିର୍ବାଚନ ଫଳାଫଳ ଅନୁସାରେ ଲେବର ପାର୍ଟିକୁ ୭୨, ମୋରିସନ୍‌ଙ୍କ ମେଣ୍ଟକୁ ୫୨, ସ୍ୱାଧୀନ ଏବଂ ଗ୍ରୀନ୍ ପ୍ରାର୍ଥୀଙ୍କୁ ୧୧ ସିଟ୍ ମିଳିଛି। ଅନ୍ୟ ୧୬ଟି ଆସନରେ ଚୂଡ଼ାନ୍ତ ଫଳାଫଳ ଆସିନାହିଁ। ସୂଚନାଯୋଗ୍ୟ, ୨୦୦୭ରୁ ଅଷ୍ଟ୍ରେଲିଆର କୌଣସି ପ୍ରଧାନମନ୍ତ୍ରୀ ପରବର୍ତ୍ତୀ ନିର୍ବାଚନ ଯାଏ ୩ ବର୍ଷ ପର୍ଯ୍ୟନ୍ତ ସରକାରରେ ରହିବାରେ ମୋରିସନ୍ ପ୍ରଥମ।

### ଲେବର ପାର୍ଟି ନେତା ଆନ୍ଥୋନି

ଅଷ୍ଟ୍ରେଲିଆର ୩୧ତମ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବା ୫୯ ବର୍ଷୀୟ ଆନ୍ଥୋନି ଆଲ୍‌ବାନିଜ୍ ୨୫ ବର୍ଷ ଧରି ରାଜନୀତିରେ ରହିଛନ୍ତି। ଲେବର ପାର୍ଟି ନେତା ଆନ୍ଥୋନି ପୂର୍ବତନ ପ୍ରଧାନମନ୍ତ୍ରୀ କେଭିନ୍ ରୁଡ୍ ଏବଂ ଜୁଲିଆ ଗିଲାର୍ଡଙ୍କ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିଲେ। ୨୦୧୩ରେ ସେ ରୁଡ୍‌ଙ୍କ ଦ୍ୱାରା ଉପ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିଲେ। ୨୦୧୯ରୁ ସେ ଅଷ୍ଟ୍ରେଲିଆର ବିରୋଧୀ ଦଳ ନେତା ରହିଛନ୍ତି। ସିଡ୍‌ନୀରେ ଜନ୍ମିତ ଆନ୍ଥୋନୀ କେବଳ ମା'ଙ୍କ ଲାଳନପାଳନରେ ବଡ଼ ହୋଇଛନ୍ତି। କ୍ୟାଥୋଲିକ୍ ଚର୍ଚ୍ଚ, ଲେବର ପାର୍ଟି ଏବଂ ସାଉଥ୍ ସିଡ୍‌ନୀ ରାବିଟୋହ (ଏକ ରଗ୍‌ବୀ ଲିଗ୍ ଟିମ୍) ତାଙ୍କ ଜୀବନର ୩ ପ୍ରମୁଖ ଅଂଶ ବୋଲି ସେ କହିଥାନ୍ତି। ଦେଶକୁ ପୁନଃବ୍ୟବହାର ଯୋଗ୍ୟ ଶକ୍ତିସମ୍ପନ୍ନ କରିବା, ଲିଙ୍ଗଗତ ଭେଦଭାବ ଦୂର, ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ, ବୟସାଧିକଙ୍କ ଯତ୍ନ ପାଇଁ ବ୍ୟବସ୍ଥା, ଅଧିକ ରୋଜଗାର ସୃଷ୍ଟି ଓ ଭଲ ପାଉଣା ପ୍ରଦାନ ଆଦି ପ୍ରତିଶ୍ରୁତି ସେ ଜନସାଧାରଣଙ୍କୁ ଦେଇଥିଲେ।

### ସମ୍ପତ୍ତି ହଡ଼ପ ପାଇଁ ଡି-ଗ୍ୟାଙ୍ଗ୍ ସହ ସମ୍ପର୍କ ରଖିଥିଲେ ନୱାବ



ମୁମ୍ବାଇ,୨୧।୫

ମହାରାଷ୍ଟ୍ରରେ କୁର୍ଲା ଅନ୍ତର୍ଗତ ଗୋଆୱାଲା କମ୍ପାଉଣ୍ଡକୁ ଦଖଲ କରିବା ଲାଗି ଏନ୍‌ସିପି ନେତା ନୱାବ ମଲିକ ଡି-ଗ୍ୟାଙ୍ଗ୍ ସହ ସମ୍ପର୍କ ରଖିଥିଲେ ଏବଂ ଜାଣିଶୁଣି ମନିଲଣ୍ଡରିଂ ଏବଂ ଅପରାଧ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲେ ବୋଲି ଶୁକ୍ରବାର ଏକ ସ୍ୱତନ୍ତ୍ର ଅଦାଲତ କହିଛନ୍ତି। ନୱାବଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଖଲ କରିଥିବା ଚାର୍ଜଶିଟ୍‌ରୁ ଏହା ଜଣାପଡ଼ିଛି। ଅଦାଲତ ନୱାବଙ୍କ ସମେତ ୧୯୯୩ ବିସ୍ଫୋରଣ ମାମଲାର ଅଭିଯୁକ୍ତ ସର୍ଦ୍ଦାର ଶାହୱାଲି ଖାନ୍‌ଙ୍କ ବିରୋଧରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅଭିଯୁକ୍ତ ନୱାବଙ୍କର ଡି-କମ୍ପାନୀ ସଦସ୍ୟ ହାସିନା ପାର୍କର, ସଲିମ ପଟେଲ ଏବଂ ସର୍ଦ୍ଦାର ଖାନ୍‌ଙ୍କ ସହ ଗୋପନ ସମ୍ପର୍କ ରହିଥିଲା। ମୁନିରା ପ୍ଲମ୍ବରଙ୍କ ସମ୍ପତ୍ତିକୁ ହାତେଇବା ଲାଗି ଆପରାଧିକ ଷଡ଼ଯନ୍ତ୍ରରେ ନୱାବ ଲିପ୍ତ ଥିଲେ ବୋଲି ସ୍ୱତନ୍ତ୍ର ବିଚାରପତି ରାହୁଲ ଆର୍. ରୋକଡେ କହିଛନ୍ତି।

## ଦେଶରେ କିରୋସିନ ବିଛାଇଛି ଭାଜପା: ରାହୁଲ

ଲଣ୍ଡନ,୨୧।୫



କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ କଡା ସମାଲୋଚନା କରିଛନ୍ତି। ଏହି ସରକାର ପାଇଁ ଭାରତ ଆଜି ଭଲ ସ୍ଥାନରେ ନ ଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଲଣ୍ଡନରେ ଅନୁଷ୍ଠିତ 'ଭାରତ ପାଇଁ ଚିନ୍ତାଧାରା' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ କହିଛନ୍ତି। ଧର୍ମାନ୍ତରୀକରଣକୁ ଅନୁମତି ଦେଉଥିବା ଅନୁଷ୍ଠାନ ଏବଂ ସମ୍ବିଧାନ ଉପରେ ଆକ୍ରମଣ ହେଉଛି। ଶାସକ ଦଳ ସାରା ଦେଶରେ କିରୋସିନ୍ ବିଛାଇଛି, ଯାହା ଗୋଟିଏ ସ୍ପାର୍କରେ ବଡ଼ ବିପଦ ଆଣିପାରେ ବୋଲି କଂଗ୍ରେସ ନେତା କହିଛନ୍ତି। ଏଭଳି ସମୟରେ ବିରୋଧୀ ଦଳ ଭାବେ ସବୁ ଧର୍ମ, ସମ୍ପ୍ରଦାୟ ଓ ଲୋକଙ୍କୁ ଏକାଠି କରାଇବା କଂଗ୍ରେସର ଦାୟିତ୍ୱ ବୋଲି ସେ ଅନୁଭବ କରୁଥିବା ରାହୁଲ କହଛନ୍ତି। ଆମକୁ ତାପମାତ୍ରା କମାଇବାକୁ ହେବ ନହେଲେ

### ଅହଂକାରୀ ମନ୍ତବ୍ୟକୁ ଖଣ୍ଡନ କଲେ ଜୟଶଙ୍କର

ବହୁତ ବଡ଼ ଭୁଲ୍ ହୋଇଯିବ ବୋଲି ଅଣଲାଭଦାୟକ ଥିଙ୍କ୍‌ଟ୍ୟାଙ୍କ ବ୍ରିଜ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ମତ ଦେଇଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ କୂଟନୀତିଜ୍ଞଙ୍କୁ ରାହୁଲ ଅହଂକାରୀ କହିଥିବାରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହାର କଡ଼ା ଜବାବ ଦେଇଛନ୍ତି। କୂଟନୀତିଜ୍ଞମାନେ ଅହଂକାରୀ ନୁହନ୍ତି ସେମାନେ ଆତ୍ମବିଶ୍ୱାସୀ ହୋଇଛନ୍ତି ଓ ଜାତୀୟ ସ୍ୱାର୍ଥ ପାଇଁ ଲଢୁଛନ୍ତି ବୋଲି ଜୟଶଙ୍କର ଟୁଇଟ୍ କରିଛନ୍ତି।

## ହନିଟ୍ରାପ୍‌ରେ ଆଉ ଜଣେ ଯବାନ

ଯୋଧପୁର,୨୧।୫

ଭାରତୀୟ ଯବାନ ଅନେକ ସମୟରେ ହନିଟ୍ରାପ୍‌ରେ ଫସି ସୈନ୍ୟବାହିନୀର ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ହସ୍ତାନ୍ତର କରୁଥିବା ଖବର ପ୍ରକାଶ ପାଇଛି। ଏଭଳି ଏକ ଘଟଣାରେ ଶନିବାର ପ୍ରଦୀପ କୁମାର ନାମକ ଜଣେ ଯବାନଙ୍କୁ ରାଜସ୍ଥାନ ପୋଲିସ ଗିରଫ କରିଛି। ସେ ପାକିସ୍ତାନର ଜଣେ ମହିଳା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ସାମରିକ ତଥ୍ୟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି।

ଯୋଧପୁରରେ ଅବସ୍ଥାପିତ ପ୍ରଦୀପଙ୍କ ସହ ପାକିସ୍ତାନୀ ମହିଳା ଜଣକ ଫେସ୍‌ବୁକ୍ ଜରିଆରେ ସମ୍ପର୍କ ସ୍ଥାପନ କରିଥିଲେ। ସେ ନିଜକୁ ଜଣେ ହିନ୍ଦୁ ମହିଳାର ପରିଚୟ ଦେଇଥିଲେ। ତାଙ୍କ ନାଁ ଛଦାମ ଓ ଘର ମଧ୍ୟପ୍ରଦେଶର ଗ୍ୱାଲିୟର ବୋଲି କହି ସେ ପ୍ରଦୀପଙ୍କ ଘନିଷ୍ଠ ହେବା ସହ ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସାମରିକ ତଥ୍ୟ ସଂଗ୍ରହ କରିଥିଲେ। ୬ ମାସ ପୂର୍ବରୁ ଉଭୟେ ହ୍ୱାଟ୍ସଆପ୍‌ରେ ସମ୍ପର୍କ କରିଥିଲେ ବୋଲି ପୋଲିସ କହିଛି। ହ୍ୱାଟ୍ସଆପ୍ ଜରିଆରେ ପ୍ରଦୀପ ବିଭିନ୍ନ ସାମରିକ ଦସ୍ତାବିଜ୍‌ର ଫଟୋ ପାକିସ୍ତାନୀ ଏଜେଣ୍ଟଙ୍କ ପାଖକୁ ପଠାଇଥିଲେ ବୋଲି ଗୋଇନ୍ଦା ଡିଜି ଉମେଶ ମିଶ୍ରା କହିଛନ୍ତି।

### ମହିଳା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଦେଇଛନ୍ତି ଗୋପନ ତଥ୍ୟ

### ଓମ୍ ପ୍ରକାଶ ଚୌତାଲା ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୨୧।୫

ବେଆଇନ ସମ୍ପତ୍ତି ଠୁଳ ମାମଲାରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲାଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଦୋଷୀସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ବିକାଶ ଧୁଲ୍ ରାୟ ପ୍ରକାଶ କରିବା ସହ ଦଣ୍ଡ ଶୁଣାଣି ୨୬ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଚୌତାଲା ୧୯୯୩ରୁ ୨୦୦୬ ମଧ୍ୟରେ ଆୟ ବହିର୍ଭୂତ ୬.୦୯ କୋଟି ଟଙ୍କା ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସିବିଆଇ ୨୦୦୫ରେ ମାମଲା ରୁଜୁ କରିବା ସହ ୨୦୧୦ ମାର୍ଚ୍ଚ ୨୬ରେ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୨୧ରେ ଚୌତାଲାଙ୍କ ବିରୋଧରେ କୋର୍ଟ ମନିଲଣ୍ଡରିଂ ମାମଲାରେ ଚାର୍ଜଫ୍ରେମ୍ କରିଥିଲେ।



ୟୁକ୍ରେନ୍‌ର କିଭ୍ ସହର ନିକଟ ଇର୍‌ପିନ୍‌ରେ ରୁଷିଆ ସୈନ୍ୟଙ୍କ ସେଲ୍ ମାଡ଼ରେ ଧ୍ୱଂସପ୍ରାପ୍ତ ଏକ ବିଲ୍ଡିଂରୁ ଲୋକେ ଶନିବାର ସେମାନଙ୍କ ଆସବାବପତ୍ର ସଂଗ୍ରହ କରୁଛନ୍ତି।

## ୟୁକ୍ରେନ୍‌କୁ ୪୦ ବିଲିୟନ ଡଲାର ସହାୟତା ଦେବ ଆମେରିକା

ୱାଶିଂଟନ୍, ୨୧।୫

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ ଜାରି ଥିବାବେଳେ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରକୁ ଆମେରିକା ୪୦ ବିଲିୟନ ଡଲାର(ପ୍ରାୟ ୩ ଲକ୍ଷ ୧୨ ହଜାର କୋଟି ଟଙ୍କା) ସହାୟତା ଯୋଗାଇବାକୁ ଘୋଷଣା କରିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏ ସଂକ୍ରାନ୍ତ ଏକ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଏହି ଅର୍ଥର ଅର୍ଦ୍ଧାଧିକ ୟୁକ୍ରେନ୍ ସେନା ପାଇଁ ଉଦ୍ଦିଷ୍ଟ ବୋଲି ହ୍ୱାଇଟ୍‌ହାଉସ୍ ପକ୍ଷରୁ କୁହାଯାଇଛି। କୌଣସି ଦେଶକୁ ଏତେମାତ୍ରାରେ ସାମରିକ ସହାୟତା ଦେବାରେ ଏହା ପ୍ରଥମ ବୋଲି କୁହାଯାଉଛି। ଅପରପକ୍ଷେ ବାଇଡେନ୍ ଦକ୍ଷିଣ କୋରିଆ ଗସ୍ତରେ ଯାଇ ନବନିର୍ବାଚିତ ରାଷ୍ଟ୍ରପତି ୟୁନ୍-ସୁକ୍‌ୟୋଲ୍‌ଙ୍କୁ ଭେଟିଛନ୍ତି। ଉତ୍ତର କୋରିଆ ପଟରୁ ସୃଷ୍ଟି ଚ୍ୟାଲେଞ୍ଜର ମୁକାବିଲା ଉପରେ ଏଥିରେ ଆଲୋଚନା ହୋଇଛି। ଏଥିପାଇଁ ଆମେରିକା ଓ ଦକ୍ଷିଣ କୋରିଆ ମିଳିତ ସମରାଭ୍ୟାସ କରିବା ଦିଗରେ ଆଗେଇବେ ବୋଲି ସ୍ଥିର କରିଛନ୍ତି। ଏସିଆକୁ ରାଷ୍ଟ୍ରପତି ଭାବେ ବାଇଡେନ୍‌ଙ୍କ ଏହା ପ୍ରଥମ ଗସ୍ତ।

### ବାଇଡେନ୍ ଏବଂ ୟୁନ୍-ସୁକ୍‌ୟୋଲ୍ ଆଲୋଚନା



### ମା' ହେଲେ ସପ୍ତମ ଶ୍ରେଣୀ ଛାତ୍ରୀ

ହାଇଦ୍ରାବାଦ୍, ୨୧।୫

ତାମିଲନାଡୁ ତିରୁପାତ୍ତୁର ଜିଲାର ଅମ୍ବୁର ସହରରେ ଜଣେ ୭ମ ଶ୍ରେଣୀ ଛାତ୍ରୀ ମା' ହୋଇଛନ୍ତି। ନାବାଳିକାଙ୍କୁ ଯୌନ ଶୋଷଣ ଅଭିଯୋଗରେ ୨୨ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ୧୨ ବର୍ଷୀୟ ନାବାଳିକା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପେଟରେ ଅସହ୍ୟ ଯନ୍ତ୍ରଣା ହେବାରୁ ଘର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ନାବାଳିକା ଗର୍ଭବତୀ ଥିବା ପରୀକ୍ଷାରୁ ଜଣାପଡିଥିଲା। ପୀଡ଼ିତାଙ୍କ ମା' ଏ ସଂକ୍ରାନ୍ତରେ ତାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଘରେ କେହି ନ ଥିବାବେଳେ ପଡ଼ିଶା ଘରେ ରହୁଥିବା ଯୁବକ ତାଙ୍କୁ ଯୌନ ଶୋଷଣ କରୁଥିଲେ। ସତ୍ୟାସତ୍ୟ ଜାଣିବା ପରେ ନାବାଳିକାଙ୍କ ବାପା ଅମ୍ବୁର ମହିଳା ଥାନାରେ ଏ ନେଇ ଏତଲା ଦେଇଥିଲେ। ଅଭିଯୁକ୍ତ ବିରୋଧରେ ପୋସ୍‌କୋ ଆକ୍ଟ ଅନ୍ତର୍ଗତ ମାମଲା ରୁଜୁ ହେବା ପରେ ପୋଲିସ ତାଙ୍କୁ ଗିରଫ କରି ନେଇଛି।

# ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଗିରଫ

ନୂଆଦିଲ୍ଲୀ,୨୧।୫



ବାରାଣସୀର ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ଦେଖାଦେଇଥିବାବେଳେ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଦିଲ୍ଲୀ ୟୁନିଭର୍ସିଟିର ହିନ୍ଦୁ କଲେଜ ଇତିହାସ ବିଭାଗର ଆସୋସିଏଟ୍ ପ୍ରଫେସର ରତନ ଲାଲ୍‌ଙ୍କୁ ଶୁକ୍ରବାର ରାତିରେ ଗିରଫ କରାଯାଇଥିଲା। ମସ୍‌ଜିଦ ପରିସରରୁ ଶିବଲିଙ୍ଗ ମିଳିବା ଘଟଣା ଉପରେ ପ୍ରଶ୍ନବାଚୀ ଉଠାଇ ସେ ଦୁଇ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ତେଜନା ବଢ଼ାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ତିସ୍ ହଜାରୀ କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ଜାମିନ ମିଳିଛି। ୫୦ ହଜାର ଟଙ୍କାର ବଣ୍ଡ ଓ ସମପରିମାଣର ସିଓରିଟି ଦାଖଲ କରି ପ୍ରଫେସର ଲାଲ୍ ଜାମିନରେ ଯାଇଛନ୍ତି।

### ଜ୍ଞାନବାପି ମସ୍‌ଜିଦ ଉପରେ ବିବାଦୀୟ ପୋଷ୍ଟ କରିଥିଲେ

ଦିଲ୍ଲୀର ଜଣେ ଆଇନଜୀବୀଙ୍କ ଅଭିଯୋଗକ୍ରମେ ପ୍ରଫେସରଙ୍କ ବିରୋଧରେ ମଙ୍ଗଳବାର ରାତିରେ ଏତଲା ଦାଏର ହୋଇଥିଲା। ପ୍ରଫେସର ଶିବଲିଙ୍ଗକୁ ନେଇ ଅପମାନଜନକ ତଥା ଉତ୍ତେଜକ ଟୁଇଟ୍ କରିଥିଲେ ବୋଲି ଆଇନଜୀବୀ ବିନୀତ ଜିନ୍ଦଲ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାଙ୍କ ବିରୋଧରେ ଆଇପିସିର ଧାରା ୧୫୩ଏ (ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇବା) ଏବଂ ୨୯୫ଏ (ଧର୍ମୀୟ ବିଶ୍ୱାସକୁ ଆଘାତ ଦେବା)ରେ ମାମଲା ରୁଜୁ ହୋଇଛି। ତେବେ ତାଙ୍କ ଗିରଫଦାରି ବିରୋଧରେ ଶନିବାର ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ (ଏଆଇଏସ୍‌ଏ) ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗଣତନ୍ତ୍ରର କଣ୍ଠରୋଧ କରାଯିବା ବନ୍ଦ ହେଉ ଏବଂ ପ୍ରଫେସର ରତନ ଲାଲ୍‌ଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ।

## ଜ୍ଞାନବାପିରୁ ମିଳିଥିବା ଶିବଲିଙ୍ଗ ଅନ୍ୟତମ ଜ୍ୟୋତିର୍ଲିଙ୍ଗ: ଭିଏଚ୍‌ପି

ନୂଆଦିଲ୍ଲୀ,୨୧।୫

ବାରାଣସୀର ଜ୍ଞାନବାପି ମସ୍‌ଜିଦ ପରିସରରୁ ମିଳିଥିବା ଶିବଲିଙ୍ଗ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ ବୋଲି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ମୁଖ୍ୟ ଆଲୋକ କୁମାର ଦାବି କରିଛନ୍ତି। ହିନ୍ଦୁ ପକ୍ଷ ଏହାର ପ୍ରମାଣ ଦେଇପାରିବେ ବୋଲି ସେ କହିଛନ୍ତି। ଜ୍ଞାନବାପିକୁ ଏକ ଜଟିଳ ମାମଲା କହି ଏହାର ବିଚାର ପାଇଁ ଅଭିଜ୍ଞ ଜଜ୍‌ଙ୍କ ଆବଶ୍ୟକତା ରହିଛି ବୋଲି ସୁପ୍ରିମକୋର୍ଟ କହିଥିବାବେଳେ ଏଥିରେ ଭିଏଚ୍‌ପି ଅଧ୍ୟକ୍ଷ ସହମତ ହୋଇଛନ୍ତି। ମୋଗଲ ଶାସନ ସମୟରେ ପୁରାତନ ମନ୍ଦିର ଭଗ୍ନାବଶେଷ ଉପରେ ଜ୍ଞାନବାପି ମସ୍‌ଜିଦ କମ୍ପ୍ଲେକ୍ସର ୱାଜୁଖାନା ନିର୍ମାଣ ହୋଇଥିଲା। କୋର୍ଟରେ ଆମେ ଏହାର ପ୍ରମାଣ ଦେଇପାରିବୁ ଏବଂ ସୁପ୍ରିମକୋର୍ଟ ମାମଲାର ବିଚାର କରିବାକୁ ହେବ ବୋଲି ଆଲୋକ କୁମାର କହିଛନ୍ତି। ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧ ଜ୍ଞାନବାପି ମାମଲାରେ ଲାଗୁ ହୋଇପାରିବ ନାହିଁ ବୋଲି ସେ ଦାବି କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୮୮,୭୭,୩୦୪ | ୬୨,୯୯,୩୨୧ | ୪୯,୬୬,୮୯,୨୩୬ |
| ଭାରତ | ୪,୩୧,୩୪,୩୩୨ | ୫,୨୪,୩୪୮ | ୪,୨୫,୯୪,୮୦୧ |
| ଓଡ଼ିଶା | ୧୨,୮୮,୩୫୭ | ୯୧୨୬(+୫୩) | ୧୨,୭୯,୦୮୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ସମୁଦ୍ରମୁହାଁ କଇଁଛ ଛୁଆ

**ଗଞ୍ଜାମ,୨୧।୫(ଡି.ଏନ.ଏ.)**
ସାମୁଦ୍ରିକ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣ ବେଳାଭୂମିରେ ଗତ କିଛି ଦିନ ହେବ ଲକ୍ଷ ଲକ୍ଷ ଛୁଆ କଇଁଛ ଅଣ୍ଡାରୁ ଫୁଟି ଏବେ ସମୁଦ୍ରମୁହାଁ ହେଉଛନ୍ତି। ସକାଳ ଓ ସନ୍ଧ୍ୟାରେ ଥଣ୍ଡା ପରିବେଶରେ ରାତି ତମାମ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ପୋତି ହୋଇ ରହିଥିବା ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ବାଲିରୁ ଛୁଆଗୁଡିକ ଉପରକୁ ଉଠି ସମୁଦ୍ର ଆଡକୁ ମୁହାଁଉଥିବା ଦେଖିବାକୁ ମିଳିଛି। ଛୁଆ କଇଁଛ ଦେଖିବା ଲାଗି ସେଠାରେ ପର୍ଯ୍ୟଟକଙ୍କ ଭିଡ ଜମୁଛି। ଫଳରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଚଳିତ ବର୍ଷ ଋଷିକୁଲ୍ୟା ମୁହାଣ ବେଳାଭୂମିରେ ୫ ଲକ୍ଷ ୫୦ ହଜାର ୩୧୭ ସାମୁଦ୍ରିକ କଇଁଛ ଗଣ ଅଣ୍ଡାଦାନ କରିଥିଲେ। ଏହାର ୪୫ରୁ ୫୦ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ଯାହାକୁ ନେଇ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟିଦେଇ ବନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ଜାଲବାଡ଼ର ବ୍ୟବସ୍ଥା କରାଯାଇଛି। ସେହିପରି ଋଷିକୁଲ୍ୟା ମୁହାଣ ନିକଟସ୍ଥ ପୁରୁଣା ପୋଡମପେଟା ଗ୍ରାମଠାରୁ ଉତ୍ତର ଦିଗରେ ସିଦ୍ଧାର୍ଥ ନଗର ପର୍ଯ୍ୟନ୍ତ ବନ କର୍ମଚାରୀଙ୍କୁ ମୁତୟନ କରାଯାଇ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇଛି। ଡିଏଫ୍ଓ ଅମ୍ଳାନ କୁମାର ନାୟକ ଋଷିକୁଲ୍ୟା ମୁହାଣ ଯାଇ ବନ ବିଭାଗ ଅଧିକାରୀଙ୍କ ସହ ଛୁଆ କଇଁଛଙ୍କ ସୁରକ୍ଷାକୁ ନେଇ ସମୀକ୍ଷା କରୁଛନ୍ତି। ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ ଓ ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ କର୍ମଚାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ନେଇ ବାଟବଣା ହେଉଥିବା ଛୁଆ କଇଁଛଙ୍କୁ ପ୍ଲାଷ୍ଟିକ ପାତ୍ରରେ ନେଇ ସମୁଦ୍ରରେ ଛାଡୁଥିବା ଲକ୍ଷ୍ୟ କରାଯାଉଛି।


Dr. MEENAKSHII (PhD)
Parapsychology
International Astro - Vaastu Consultant
ALL PERSONAL PROBLEMS
Issues relating to Health, Money, Marriage, Children. For Appointment
+918017733333
folklore.magick@gmail.com
www.magickinblack.com

# ଅସ୍ତବ୍ୟସ୍ତ କରୁଛି ତାତି, ଗୁଳୁଗୁଳି

## ୪୪.୨ ଡିଗ୍ରୀ ସହ ସୋନପୁର ଉତ୍ତପ୍ତ ସହର

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**
ରାଜ୍ୟରେ ପୁଣି ଅସମ୍ଭାଳ ହେବାରେ ଲାଗିଛି ତାତି। ଅତ୍ୟଧିକ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ଅସ୍ତବ୍ୟସ୍ତ କରିଦେଉଛି। ସକାଳୁ ଚକ୍‌ଚକ୍ ଖରା ଡରାଉଥିବାବେଳେ ମଧ୍ୟାହ୍ନବେଳକୁ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି। ବିଦ୍ୟୁତ୍ କଟିଲେ ଘର ଭିତରେ ବି ଲୋକେ ଛଟପଟ ହେଉଛନ୍ତି। ଶନିବାର ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଥିଲା। ୧୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିବାବେଳେ ୫ ସହରରେ ୪୩ ଡିଗ୍ରୀ ଉପରେ ରହିଥିଲା। ତେବେ ୪୪. ୨ଡିଗ୍ରୀ ସହ ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ଏହା ତଳକୁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ ରହିଥିଲା। ସେହିଭଳି ବଲାଙ୍ଗୀର ୪୩.୨, ବାଲେଶ୍ୱର ୪୦.୪, ଅନୁଗୋଳ ୪୨.୧, ସମ୍ବଲପୁର ୪୨.୬, ହୀରାକୁଦ ୪୨, ତାଳଚେର ୪୨.୫, ଭବାନୀପାଟଣା ୪୦, ଟିଟିଲାଗଡ଼ ୪୨.୫, ମାଲକାନଗିରି ୪୧, ବୌଦ୍ଧ ୪୨.୫, ପାରଳାଖେମୁଣ୍ଡି ୪୧.୫, ଯାଜପୁର ୪୦, ଦେବଗଡ଼ ୪୨.୮, ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୪୧.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଭୁବନେଶ୍ୱରରେ ତାପମାତ୍ରା ୩୭.୬ ଓ କଟକରେ ୩୭.୮ ଡିଗ୍ରୀ ରହିଥିଲେ ମଧ୍ୟ ପ୍ରବଳ ଗୁଳୁଗୁଳି ହୋଇଥିଲା। ଆସନ୍ତା ୨୪ ଘଣ୍ଟାରେ କିଛି ଜିଲାରେ ଦିନର ତାପମାତ୍ରା ୨ ଡିଗ୍ରୀ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ସୋମବାରଠାରୁ ରାଜ୍ୟରେ ଝଡ଼ତୋଫାନ ଓ ବଜ୍ରପାତ ନେଇ ସତର୍କ କରାଯାଇଛି। ୨୩ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ୨୪ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ପୁରୀ ଓ ଖୋର୍ଦ୍ଧା ଏବଂ ୨୫ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ମୟୂରଭଞ୍ଜ ଓ କନ୍ଧମାଳରେ ଝଡ଼ତୋଫାନ ସହ ବଜ୍ରପାତ ହେବ।

# ପ୍ରତିଦିନ ହସ୍ପିଟାଲ ଆସୁଛନ୍ତି ଟମାଟୋ ଫ୍ଲୁ ସନ୍ଦିଗ୍ଧ

## ଭୟଭୀତ ନ ହେବାକୁ ବିଶେଷଜ୍ଞଙ୍କ ପରାମର୍ଶ

**ଭୁବନେଶ୍ୱର, ୨୧।୫(ବ୍ୟୁରୋ)**
କରୋନା ଭୟ ନ ଯାଉଣୁ ଏବେ ଦେଶରେ ଆଉ ଏକ ସଂକ୍ରାମକ ରୋଗ 'ଟମାଟୋ ଫ୍ଲୁ'କୁ ନେଇ ଭୟ ଘାରିଛି। ଏହା ସାଧାରଣତଃ ଶିଶୁଙ୍କଠାରେ ଦେଖିବାକୁ ମିଳୁଛି। ତେବେ ରାଜ୍ୟରେ ଏ ଯାଏ ଟମାଟୋ ଫ୍ଲୁ ରୋଗୀ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ବିଭିନ୍ନ ହସ୍ପିଟାଲକୁ ସନ୍ଦିଗ୍ଧ ରୋଗୀ ଚିକିତ୍ସା ପାଇଁ ଆସୁଥିବା ସୂଚନା ମିଳିଛି। ହେଲେ ଏଥିରେ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଗତ ପ୍ରାୟ ୧୫ ଦିନ ହେଲାଣି ଦିନକୁ ୫ରୁ ୬ଜଣ ଟମାଟୋ ଫ୍ଲୁ ସନ୍ଦିଗ୍ଧ ରୋଗୀ ଆସୁଛନ୍ତି ବୋଲି ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁମାନେ ଆସୁଛନ୍ତି ପ୍ରାୟତଃ ଛୋଟ ପିଲା। ସେମାନଙ୍କ ପାଟିରେ ଚିହ୍ନ ରହିବା ସହିତ ପୂରା ଶରୀର କୁଣ୍ଡେଇ ହେଉଛି। ସାଧାରଣ ଚିକିତ୍ସା ପରେ ୨ ରୁ ୪ଦିନ ଭିତରେ ସେମାନେ ଭଲ ହୋଇଯାଉଛନ୍ତି। ତେବେ ପ୍ରତିଦିନ ସନ୍ଦେହ ହେଉଥିବା କିଛି ନମୁନା ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି)କୁ ପରୀକ୍ଷା ପାଇଁ ପଠାଯାଉଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଅଛି ଓ ଭୟଭୀତ ହେବାର ଆବଶ୍ୟକ ନାହିଁ ବୋଲି ଡା. ସାହୁ ପରାମର୍ଶ ଦେଇଛନ୍ତ। ସେହିଭଳି ଭୁବନେଶ୍ୱର ଏମ୍‌ସକୁ ମଧ୍ୟ ପ୍ରତିଦିନ ୪ରୁ ୫ ଜଣ ସନ୍ଦିଗ୍ଧ ଟମାଟୋ ଫ୍ଲୁ ରୋଗୀ ଆସୁଛନ୍ତି। ପ୍ରାୟ ୨ ସପ୍ତାହ ହେବ ଏଭଳି ଲକ୍ଷଣ ଥିବା ରୋଗୀ ଆସୁଥିବା ଏମ୍‌ସ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ କହିଛନ୍ତି।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, କେରଳରେ ଏବେ ସୁଦ୍ଧା ଟମାଟୋ ଫ୍ଲୁର ୮୨ କେସ୍ ଚିହ୍ନଟ ହୋଇଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାକୁ କୌଣସି ଆଡ୍‌ଭାଇଜରି ଆସିନାହିଁ କିମ୍ବା ସର୍ଭେଲାନ୍ସ କରିବାକୁ ଆଲର୍ଟ ଜାରି କରାଯାଇ ନାହିଁ। ଡାକ୍ତର ଓ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ମତ, ଟମାଟୋ ଫ୍ଲୁ ଏକ ଭାଇରାଲ ରୋଗ। ଏହା ଗ୍ରୀଷ୍ମ ଦିନରେ ହିଁ ହୁଏ। ଏହାର ଲକ୍ଷଣ– ପିଲା ଖାଇବେ ନାହିଁ, ବାନ୍ତି ହେବ, ଦେହ ଯାକ ଫଳିଯିବ, ନାଳି ପଡ଼ିଯିବ ଏବଂ ଜ୍ୱର ହେବ। ଓଡ଼ିଶାରେ କେତେ କେସ୍ ଏଭଳି ଅଛି ଜାଣିବା ପାଇଁ ମେଡିକାଲ କଲେଜଗୁଡ଼ିକୁ ରିପୋର୍ଟ ମଗାଯାଇଥିଲା। ଆର୍‌ଏମ୍‌ଆର୍‌ସି ଏହି ଭୂତାଣୁର ଚିହ୍ନଟ ସହ ନମୁନା ସଂଗ୍ରହ କରି ପଠାଇବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ମଙ୍କିପକ୍ସ ଲକ୍ଷଣ ଥିଲେ ପୁଣେ ପଠାଯିବ ନମୁନା

**ଭୁବନେଶ୍ୱର, ୨୧।୫(ବ୍ୟୁରୋ):** ଏବେ ବିଶ୍ୱରେ ମଙ୍କିପକ୍ସ ଭୂତାଣୁକୁ ନେଇ ଆତଙ୍କ ଲାଗି ରହିଛି। ଓଡ଼ିଶାରେ ମଧ୍ୟ ଛନକା ପଶିଛି। ତେବେ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଏଥିପାଇଁ ଆମେ ସତର୍କ ରହିଛୁ। କେନ୍ଦ୍ର ସରକାର ସବୁ ରାଜ୍ୟକୁ ଆଡଭାଇଜରି ଜାରି କରିଛନ୍ତି। ଏଥିରେ ସତର୍କ ରହିବାକୁ କହିଛନ୍ତି। ଭାରତରେ ମଙ୍କିପକ୍ସ ଚିହ୍ନଟ ହୋଇ ନାହିଁ। ଜ୍ୱର ହେବା, ଦେହ ମୁଣ୍ଡ ବ୍ୟଥା ହେବା ଓ ଦେହସାରା ଫଳିଯିବା, ଘା' ହେବା ଆଦି ମଙ୍କିପକ୍ସର ଲକ୍ଷଣ। ଏଭଳି କିଛି ଲକ୍ଷଣ ଥିଲେ ପୁଣେକୁ ପରୀକ୍ଷା ଲାଗି ନମୁନା ପଠାଯିବ। ତା'ପରେ ମଙ୍କିପକ୍ସ ହୋଇଛି ନା ନାହିଁ ଜଣାପଡ଼ିବ ବୋଲି ସେ କହିଛନ୍ତି।

ପ୍ରାୟ ଦୁଇ ଦଶନ୍ଧି ପରେ ପ୍ରଥମଥର ପାଇଁ ଆମେରିକାର ଟେକ୍ସାସରେ ଜଣେ ବ୍ୟକ୍ତି 'ମଙ୍କିପକ୍ସ' ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ସେ କିଛିଦିନ ପୂର୍ବରୁ ନାଇଜେରିଆରୁ ଫେରିଥିଲେ। ବର୍ତ୍ତମାନ ନାଇଜେରିଆରୁ ଟେକ୍ସାସ ଆସିବା ବାଟରେ ତାଙ୍କ ସଂସ୍ପର୍ଶରେ କିଏ କିଏ ଆସିଛନ୍ତି, ସେ ନେଇ ଅନୁସନ୍ଧାନ ଆରମ୍ଭ ହୋଇଛି। ଏହି ଭୂତାଣୁ ଏତେ ପ୍ରଭାବୀ ହୋଇ ନ ଥିଲେ ମଧ୍ୟ ଏହା ଜଣଙ୍କଠାରୁ ଆଉ ଜଣଙ୍କୁ ବ୍ୟାପିବା ଆଶଙ୍କା ରହିଛି। ସାରା ବିଶ୍ୱ ଏବେ କରୋନା ଭଳି ଭୂତାଣୁ ସହ ଲଢୁଥିବା ବେଳେ 'ମଙ୍କିପକ୍ସ'କୁ ନେଇ ଏବେ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। କରୋନା ଭୂତାଣୁ ଭଳି 'ମଙ୍କିପକ୍ସ' ଭୂତାଣୁ ମଧ୍ୟ ନିଃଶ୍ୱାସ ମାଧ୍ୟମରେ ଶରୀରକୁ ପ୍ରବେଶ କରିଥାଏ। ହେଲେ କରୋନା ପାଇଁ ସମସ୍ତେ ବିମାନରେ ମାସ୍କ ପିନ୍ଧିଥିବାରୁ 'ମଙ୍କିପକ୍ସ' ଭୂତାଣୁ କାହା ଶରୀରକୁ ପ୍ରବେଶ କରିପାରି ନ ଥିବ ବୋଲି ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ଆଶା କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ 'ମଙ୍କିପକ୍ସ' ଏକ ବିରଳ ରୋଗ। ଏହା ମଧ୍ୟ ଓ ପଶ୍ଚିମ ଆଫ୍ରିକାର ଦୁର୍ଗମ ଅଞ୍ଚଳରେ ଦେଖାଯାଏ। ଏହି ଭୂତାଣୁ ପଶୁଙ୍କ ଶରୀରରେ ବାସ କରନ୍ତି। କିନ୍ତୁ ବେଳେବେଳେ ଏହା ପଶୁଙ୍କଠାରୁ ମଣିଷଙ୍କ ଶରୀରକୁ ବ୍ୟାପିଥାଏ। ଏହା ପୂର୍ବରୁ ୨୦୦୩ରେ ଆମେରିକାରେ 'ମଙ୍କିପକ୍ସ'ରେ ୪୭ଜଣ ଆକ୍ରାନ୍ତ ହୋଇଥିଲେ।







*In Memoriam*



DR BANSIDHAR PANDA
*(26.11.1931- 22.05.2018)*

***In loving memory***
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of IMFA Group

imfa 60 YEARS

Tel : +91 674 2611000, Fax : +91 674 2580020
memoriam@imfa.in

**ଆଜିର ମନ୍ତବ୍ୟ**

୨ ମାସରେ ପେଟ୍ରୋଲ, ଡିଜେଲ ଉପରେ ଉତ୍ପାଦ ଶୁଳ୍କ ୧୦ ଟଙ୍କା ବଢ଼ାଇ କେନ୍ଦ୍ର ସରକାର ଏବେ ଏଥିରେ ୯ ଟଙ୍କା ୫୦ ପଇସା ହ୍ରାସ କରିଛନ୍ତି। ଏଭଳି ଘୋଷଣା କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦେଶବାସୀଙ୍କୁ ବୋକା ବନେଇବାକୁ ଚେଷ୍ଟା କରୁଛନ୍ତି।

—ରଣଦୀପ ସୁର୍ଯ୍ୟେୱାଲା, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................


ଚୁନ୍ନୁ
ପରିବାରବର୍ଗ


ବିସ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଚାପରେ କମିଲା ...

ହ୍ରାସ ଘୋଷଣା କରିଥିଲେ। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୧୪୦୦ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ୭୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ରାଜ୍ୟ ସରକାରଙ୍କୁ ବାର୍ଷିକ ମୋଟ ପ୍ରାୟ ୨ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିଲା। ତୈଳ ଦର ହ୍ରାସକୁ ନେଇ ଗ୍ରାହକ ଖୁସିବ୍ୟକ୍ତ କରିଛନ୍ତି। ତେବେ ଦର ୧୦୦ ତଳକୁ ଖସିଲେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ଲୋକଙ୍କୁ ଆଶ୍ୱସ୍ତି ମିଳିପାରନ୍ତା ବୋଲି କ୍ଷୁଦ୍ର ବ୍ୟବସାୟୀ ସୁଦର୍ଶନ ପାତ୍ର କହିଛନ୍ତି।

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ନେଇ ଇନ୍ଧନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦର ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଏଭଳି ସମୟରେ କେନ୍ଦ୍ର ସରକାର ତୈଳ ଦର ଉପରୁ କେନ୍ଦ୍ରୀୟ ଅଂଶ ଆକାରରେ ଉତ୍ପାଦ ଶୁଳ୍କ ହ୍ରାସ ଖାଉଟିଙ୍କ ପାଇଁ କିଛି ପରିମାଣରେ ଲାଭଦାୟକ ହେବ। ବିଶେଷକରି କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ମଧ୍ୟ ଭାଟ ଆକାରରେ ନେଉଥିବା ଶୁଳ୍କ ହ୍ରାସ କରିବା ଉଚିତ। ତୈଳ ଦର ବୃଦ୍ଧି ଯୋଗୁ ଖାଉଟି ଅତିରିକ୍ତ ଖର୍ଚ୍ଚାନ୍ତ ସହ ଆର୍ଥିକ ଚାପରେ ରହୁଛନ୍ତି। ତୈଳ ଦର ହ୍ରାସ ଯୋଗୁ ପରିବହନ ଖର୍ଚ୍ଚ ମଧ୍ୟ କମ ହେବା ସହ ସବୁ ବର୍ଗର ଲୋକ ଉପକୃତ ହେବେ ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ (ୟୁପିଡିଏ) ସାମ୍ପାଦକ ସଞ୍ଜୟ ଲାଠ କହିଛନ୍ତି। ସେହିଭଳି କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ୟୁପିଡିଏ ପକ୍ଷରୁ ସ୍ୱାଗତ କରାଯାଉଥିଲେ ମଧ୍ୟ କେନ୍ଦ୍ରର ଅକସ୍ମାତ ନିଷ୍ପତ୍ତି ଯୋଗୁ ତୈଳ ବ୍ୟବସାୟୀ (ପେଟ୍ରୋଲ ପମ୍ପ) ବ୍ୟାପକ କ୍ଷତି ସହିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସରକାର ଯେଉଁ ଭଳି ଭାବରେ ତେଲ ଦର ବୃଦ୍ଧି କରୁଥିଲେ ସେହିଭଳି ଭାବରେ ତୈଳ ଦର ହ୍ରାସ କରିଥିଲେ ଉଭୟ କ୍ରେତା ଓ ବିକ୍ରେତା ସମ ପରିମାଣରେ ଲାଭବାନ ହୋଇଥାନ୍ତେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ୪୫୦ କୋଟିର ୭ ବିଦ୍ୟୁତ୍ ...

ସୁଶାନ୍ତ ସିଂ, ଖୋର୍ଦ୍ଧାରେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ପଣ୍ଡା, କଳାହାଣ୍ଡିରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କେନ୍ଦୁଝରରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓ ରାୟଗଡ଼ା-ଗୁଣୁପୁରରେ ବିଧାୟକ ରଘୁନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ମତବ୍ୟକ୍ତ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

## ତାତି ଯୋଗୁ ନିଦ ...

ଗରିବ ଶ୍ରେଣୀର ଲୋକଙ୍କ ନିଦ୍ରା ସମୟ ଅନ୍ୟମାନଙ୍କ ତୁଳନାରେ ଢେର କମ୍। ସେମାନଙ୍କ ନିକଟରେ ପରିବେଶ ଥଣ୍ଡା ରଖିବା ପାଇଁ ଏସି, କୁଲର କିମ୍ବା ଅନ୍ୟ ଅତ୍ୟାଧୁନିକ ଉପକରଣର ଅଭାବ ରହିଥିବାବେଳେ ଗ୍ରାମାଞ୍ଚଳଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ନ ମିଳିବା ମଧ୍ୟ ଏହାର ଏକ ପ୍ରମୁଖ କାରଣ ପାଲଟିଛି। ପୃଥିବୀ ତାପମାତ୍ରା କ୍ରମାଗତ ବୃଦ୍ଧି ପାଉଥିବାରୁ ଆଗକୁ ଅଧିକ ସଂଖ୍ୟାରେ ଲୋକେ ଏହି ଅସୁବିଧାର ସାମ୍ନା କରିବେ ବୋଲି କେଲ୍‌ଟନ୍ ମାଇନର୍ କହିଛନ୍ତି।

## ମାଟ୍ରିକ ମୂଲ୍ୟାୟନ ...

ଏଣ୍ଟ୍ରି ପ୍ରକ୍ରିୟା ଦୁଇଟି ରୁମ୍‌ରେ ଦୁଇଥର କରାଯିବ। ଜଣଙ୍କର ମାର୍କ ଦୁଇଜଣ ଏଣ୍ଟ୍ରି କରିବେ। ଯାହାର ତ୍ରୁଟି ନ ଥିବ ତାହାକୁ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରିଲ ୨୯ ରୁ ମେ' ୭ ମଧ୍ୟରେ ମାଟ୍ରିକ ପରୀକ୍ଷା ହୋଇଥିବାବେଳେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଏପ୍ରିଲ ୨୯ରୁ ଆରମ୍ଭ ହୋଇ ମେ' ୧୦ରେ ଶେଷ ହୋଇଥିଲା। ପ୍ରାୟ ୫ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମଭାବସ୍ଥ ଚନ୍ଦ୍ର ହେତୁ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବେ। ଅଫିସ୍ କାମରେ ଏପରିକି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। ହଠାତ୍ ଆନୁଷ୍ଠାନିକ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** — କର୍ମକ୍ଷେତ୍ରରେ ଶ୍ରୁତିରୋଚକ କଥା କହି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ। ପରିବାରର ବିଭିନ୍ନ ବିଷୟରେ ଚିନ୍ତା କରିବା କାରଣରୁ ଟେନ୍‌ସନ ଲାଗି ରହିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** — କଠିନ ଶ୍ରମ ହେତୁକ ଶାରୀରିକ ଅସୁସ୍ଥତା ନିରୁତ୍ସାହିତ କରିବ। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମନସ୍କ ନ ହୋଇ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ କରି ପରିବାର ପାଇଁ ସମୟ ଦେଇପାରିବେ ନାହିଁ।

**କର୍କଟ** — ଆଜି ମାଙ୍ଗଳିକ କାମ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। ଆର୍ଥିକ ସମସ୍ୟା ସମାଧାନ ଖୁବ୍‌ଶୀଘ୍ର ହୋଇଯିବ। ଅଫିସ୍ କ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହ କରିପାରନ୍ତି। ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ ପ୍ରୟୋଗ କଲେ ସଫଳ ହେବେ। ବିଦେଶାଗତ ବନ୍ଧୁଠାରୁ ସୁଖବର ପାଇବେ।

**ସିଂହ** — ପଛ କଥା ଭୁଲି ବର୍ତ୍ତମାନର ସଦୁପଯୋଗ କଲେ ଫାଇଦା ପାଇବେ। ଅନ୍ୟମାନଙ୍କ ସକାଶେ ଯେତେ ସୁବିଧା ସୁଯୋଗ କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ହୋଇପାରେ। କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ । ବନ୍ଧୁମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ଆମୋଦ ପ୍ରମୋଦର ସୁଯୋଗ ପାଇବେ ।

**କନ୍ୟା** — ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିପାରେ। ବ୍ୟବସାୟ, ବାଣିଜ୍ୟ, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** — କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ହେତୁ ମନ ଅସ୍ଥିର ରହିବ। ସାଧାରଣ କଥାକୁ ନେଇ ପରିବାରରେ ଝଡ଼ ଉଠିପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇନପାରେ। ଅବଶ୍ୟ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** — ଆଜି ସକାଳୁ ସକାଳୁ ବନ୍ଧୁମିଳନ ଓ ଧାର୍ମିକ କାର୍ଯ୍ୟରେ ମନ ଉଲ୍ଲସିତ ରହିବ। ବାଚାଳତା ପରିହାର କରି ଅନଧିକାର ଚର୍ଚ୍ଚା କରିବା ଠିକ୍ ହେବ ନାହିଁ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ସ୍ଥାନ, କାଳ, ପାତ୍ରକୁ ଗୁରୁତ୍ୱ ଦେବା ଭଲ ହେବ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ।

**ଧନୁ** — ସମସ୍ୟା ସମାଧାନ ହୋଇ ଯାଇଥିବାରୁ ମନ ଭଲ ରହିବ। ସାମାଜିକ ସ୍ତରରେ କିମ୍ବା ନିଜ ଲୋକମାନଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ଗବେଷଣା, ଲେଖାପଢ଼ା କ୍ଷେତ୍ରରେ ସୁଫଳ ପାଇବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇପାରନ୍ତି।

**ମକର** — ଯାହା କରିବା ସକାଶେ ମନସ୍ଥ କରିଛନ୍ତି ବିନା ପ୍ରତିବନ୍ଧକରେ ତାହା ସମ୍ପନ୍ନ କରିବାରେ ସମର୍ଥ ହେବେ। ପ୍ରତ୍ୟୁତ୍ପନ୍ନମତିତା ହେତୁ କର୍ମକ୍ଷେତ୍ରରେ ଓ ପାରିବାରିକ ସମସ୍ୟାରୁ ମଧ୍ୟ ମୁକୁଳି ଯାଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ** — ଆଜି ଯେଉଁ କାମରେ ହାତ ଦେବେ, ତାହା ସୁବିଧାରେ ସମ୍ପନ୍ନ ହୋଇଯିବ। ଛୋଟ କଥାକୁ କେନ୍ଦ୍ର କରି ପରିବାରରେ ସମସ୍ୟା ବଢ଼ିପାରେ। ବ୍ୟବସାୟ କ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଜମିଜମା ସମସ୍ୟା, ମାଲିମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** — ସମସ୍ୟା ରହିଥିଲେ ମଧ୍ୟ ସମାଧାନ ଦିଗରେ ଉଦ୍ୟମର ଅଭାବ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବ ନ ରହି ପରିସ୍ଥିତିର ସାମ୍ନା କଲେ ସଫଳ ହେବେ। ଦୀର୍ଘଦିନରୁ ପ୍ରତୀକ୍ଷିତ ଖବର ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସାଙ୍ଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହୋଇପାରେ।


# classifieds Everyday
0674-2580101, 2549302




**BRIDE WANTED**

**Brahmin Girl for tall, 6ft. Handsome Engineer, Earlier in Tech-Mahindra Now having Software & Real-Estate Business. Hails from Rich Family. 8985972389, 8658095476.** D-476

**GROOM WANTED**

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother (IAS Faculty), Mob.: 9990161440. D-472




**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73901




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

**Plot for sale, 2000sqft. (10Nos.) per sqft.-2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact:- 7381564227, 8114744495.** D-446

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

**Fully developed luxurious Farm House 2.20 lakh squarefeet in Mayurbhanj district for sale. Contact: 9078827189.** D-521

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73803

ପୁରୀ ବାଟମଙ୍ଗଳା ନିକଟ ନୂଆ ବାଇପାସ୍‌ରୋଡ୍ ପାଖରେ ଘରବାଡ଼ି ପ୍ଲଟ୍ ଡିସିମିଲ୍‌କୁ **3ଲକ୍ଷ** ଟଙ୍କା। ଶ୍ରୀମନ୍ଦିର, ସମୁଦ୍ର ଓ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ମାତ୍ର **15** ମିନିଟ୍ ରାସ୍ତା। **Please Contact Genuine Buyer. 9437629713, 8144658008.** D-497

5Bedroom duplex in Prime location of Rabi Talkies, Tankapani Road, Bhubaneswar. Price 1.5cr. Contact: 9938362125. D-70799

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**2526Sqft Corner Plot (Gharabari) immediately Sale at Keshara (Near SBI Colony), Bhubaneswar. Contact: 7978003248.** D-532

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

**Duplex sale at Bhubaneswar @45lakhs and apartment @42 lakhs. 9439206202.** D-73248

**Newly constructed, high class, well planned, fully furnished building (ground floor & first floor) with 03 phase electric connection, garage facility & BDA approval, situated in a VVIP Area (aerodrome location) at Bhubaneswar for sale. Only prospective buyers needs to call. Contact DEEPAK- 9937329999.** D-71639

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି.ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

For sale 10 deci land in Sambalpur at Aithapali Fatack Main Road. Contact: 9062293002. D-516

ଭୁବନେଶ୍ୱର କଳ୍ପନାଠାରୁ **10 କି.ମି.** ଦୂରରେ ଗୁଡ଼ିଆ ପୋଖରୀ ଛକ **(near KEC College)** ଠାରୁ **4 କି.ମି.** ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ **30X50= 1500sqft.** ପ୍ଲଟ୍ ଓ **40ft.** ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ **30ft.,** ସବ୍‌ବ୍ରାଞ୍ଚ ରୋଡ୍ **25ft.** ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି **sqft. Rs. 599**ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- **9938999317, 9938015353. SUVAM CONSTRUCTION.** D-475

**Bhubaneswar KIIT** ପାଖ **ODM Global School**କୁ ଲାଗି କରି **yellowzone** ଘରବାରି, **boundary plot** ନେଇ **immediate** ଘର କରନ୍ତୁ। **9437033320.** D-73250




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**GENERAL**

**SALE**

**2, Passenger LIFT sales and service. Contact: 9692527969.** D-468




750sqft. furnished Office Space first/second floor, Districtcentre, Chandrasekharpur. 9338226625, 9337464616. D-522

2BHK & 3BHK for rent 118- Ratnakarbag-1. Mob: 9902406161. D-507

"Well Ventilated Furnished 2BHK Corner Flat 15,000/- in Jharpada having AC, Security, Lift, Parking. 8249994290." D-493

**2BHK new flat in Hi- Tek heaven apartment at Matiapada, near Gudiapokhari, BBSR-Puri road suitable for Family. 9337052719, 8984757845.** D-70800

3BHK semi-furnished apartment with open parking in Banaja Apartment, Ganganagar with two balconies for rent from 1st June. Contact 7770010789. D-511

**Sambalpur main road 1stFloor, 1300 to 1500sqft. for Banks, Corporate Office, Coaching. Mob: 8817500281, 8895617700.** D-71638

3Bedrooms with 2Toilets, Dining and Drawing, Balcony and Kitchen for tolet, IRC Village, Nayapalli, Bhubaneswar. Contact No.- 7381035667. D-73802




Refreshing your mind and body with the best therapy, 7873794731. D-317

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage ladies and gents. 8327740003, 8093860513. D-73902

Newly open full body massage ladies and gents. 7750077371. D-71900

**Relax, Refresh your body, mind at Saikrupa Spa with best therapies. 8984068077.** D-488

Newly open SPA positively health benefits expert therapist, Kalpana. 7846814019. D-73608

**One hour any therapy by expert therapist @999 only. 9078484455.** D-73607

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801




Medical Exam. Registration- BAMS/ BHMS/BUMS/ GNM/D.Pharma. 9893869473. D-439

**AFFIDAVIT**

Affidavit before Executive Magistrate, Dhenkanal I Bijaya Kumar Das, S/o. Sankar Das, Village- Mangalpur, PS-Sadar, Dist-Dhenkanal solemnly declared that, My wife's name has changed from D. Das to Tikina Das. D. Das@Droupadi Das and Tikina Das is same and one person. Henceforth she will known as Tikina Das for the purpose of available of death benefit Joint LIC Policy-584884246 and all purposes. D-70397


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କୋଇଲା ବୋଝେଇ ଟ୍ରେନରେ ନିଆଁ

ସୋର,୨୧।୫(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ଷ୍ଟେଶନରେ ଶନିବାର ଅପରାହ୍ନରେ ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ଗାର୍ଡଙ୍କ ସତର୍କତା ଯୋଗୁ ଏକ ବଡ଼ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି। ପାରାଦ୍ୱୀପ ବନ୍ଦରରୁ କୋଇଲା ବୋଝେଇ କରି ହଳଦିଆ ଷ୍ଟେଶନ ଅଭିମୁଖେ ଯାଉଥିବା ଏହି ମାଲବାହୀ ଟ୍ରେନ୍‌ର ପଛ ଦୁଇ ବଗିରେ ନିଆଁ ଲାଗି ଯାଇଥିଲା। ସୋର ପୂର୍ବ ଷ୍ଟେଶନରେ ଗାର୍ଡ ଏହା ଜାଣି ପାରି ତୁରନ୍ତ ସୋର ଷ୍ଟେଶନ ମ୍ୟାନେଜରଙ୍କୁ ଜଣାଇଥିଲେ। ଷ୍ଟେଶନ ମ୍ୟାନେଜରଙ୍କଠାରୁ ଖବରପାଇ ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରବଳ ଗରମ ଯୋଗୁ କୋଇଲାରେ ନିଆଁ ଲାଗିଯାଇଥିବା ରେଳ ସୁରକ୍ଷା କର୍ତ୍ତୃପକ୍ଷ କହୁଥିବା ବେଳେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

# ୪୨ ବର୍ଷ ପରେ ଫେରିଲା ଚୋରି ଅଳଙ୍କାର

- ୧୯୮୦ରେ ସାକ୍ଷୀଗୋପାଳ ମନ୍ଦିରରୁ ହୋଇଥିଲା ଚୋରି
- ଧରିତ୍ରୀରେ ପ୍ରକାଶିତ ଖବର ତଦନ୍ତର ବାଟ ଫିଟାଇଥିଲା

ସାକ୍ଷୀଗୋପାଳ,୨୧।୫(ଡି.ଏନ୍.ଏ.)

କଥାରେ ଅଛି, ଚୋରି ହୋଇଥିବା ସାମଗ୍ରୀ ପୁଣି ଫେରିପାଇବା ବହୁତ କଷ୍ଟକର। ତାହା ବି ଯଦି ସୁନାରୁପା ହୋଇଥାଏ, ତେବେ ଭାଗ୍ୟରେ ଥିଲେ ମିଳେ। ସେହିଭଳି ଏକ ମନ୍ଦିରରୁ ଚୋରି ହୋଇଥିବା ସୁନା ଅଳଙ୍କାର ଦୀର୍ଘ ୪୨ବର୍ଷ ପରେ ମନ୍ଦିରକୁ ଫେରିଛି। ଏଭଳି କ୍ୱଚିତ୍ ଘଟଣା ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ଶନିବାର ଦେଖିବାକୁ ମିଳିଛି। ମନ୍ଦିର ଭଣ୍ଡାରରୁ ୧୯୮୦ ମସିହାରେ ଚୋରି ହୋଇଥିବା ଗୋଟିଏ ସୁନାହାର ଓ ଦୁଇଟି କଟକି ଖଡୁ ଇତ୍ୟାଦି ସୁନା ଅଳଙ୍କାର ୪୨ବର୍ଷ ପରେ ମନ୍ଦିରକୁ ହସ୍ତାନ୍ତର ହୋଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପ୍ରଧାନ ଏହି ଅଳଙ୍କାର ପୁରୀ ସିଜେଏମ୍‌ଙ୍କ କୋର୍ଟରୁ ସଂଗ୍ରହ କରିବା ପରେ ମୋଟ ୬୩.୩୪ ଗ୍ରାମ୍ ଓଜନର ଅଳଙ୍କାର ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କ ଜରିଆରେ ପାଳିଆ ଭଣ୍ଡାର ମେକାପ ଦୁର୍ଗା ମେକାପଙ୍କୁ ହସ୍ତାନ୍ତର କରିଛନ୍ତି।

ସୂଚନାଯୋଗ୍ୟ, ୧୯୮୦ ମସିହାରେ ଠାକୁରଙ୍କ ଭଣ୍ଡାର ଦାୟିତ୍ୱରେ ରହିଥିବା ପାଳିଆ ଭଣ୍ଡାର ମେକାପ ସେବକଙ୍କ ଦାୟିତ୍ୱ ହସ୍ତାନ୍ତର ସମୟରେ ଉକ୍ତ ଅଳଙ୍କାର ଚୋରି ହୋଇଥିବା ପ୍ରଥମେ ନଜରକୁ ଆସିଥିଲା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ସେହି ସମୟର ଭଣ୍ଡାର ମେକାପ ସ୍ୱର୍ଗତ କାଶୀନାଥ ମେକାପଙ୍କୁ ଦାୟୀ କରାଯାଇ ମାମଲା (ନଂ.୧୨୩୪/୧୯୮୦) ରୁଜୁ କରାଯାଇଥିଲା। ଏ ନେଇ ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଚୋରି ଅଳଙ୍କାରର ପତ୍ତା ମିଳି ନ ଥିଲା। ସେତେବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରଥମେ ଠାକୁରଙ୍କ ଚୋରି ଗହଣା ସାକ୍ଷୀଗୋପାଳ ଷ୍ଟେଟ୍‌ବ୍ୟାଙ୍କ ଶାଖାରେ ବନ୍ଧା ପଡ଼ିଥିବା ନେଇ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା, ଯାହାକୁ ନେଇ ମାମଲାର ତଦନ୍ତ ନୂଆ ମୋଡ଼ ନେଇଥିଲା। ପୂର୍ବରୁ ସନ୍ଦେହଘେରରେ ରହିଥିବା ଅନ୍ୟ ଜଣେ ମେକାପ ସେବକ ସ୍ୱର୍ଗତ ବଳଭଦ୍ର ମେକାପ ବ୍ୟାଙ୍କରେ ଅଳଙ୍କାର ବନ୍ଧା ପକାଇଥିବା କାରଣରୁ ତାଙ୍କୁ ମଧ୍ୟ ମାମଲାରେ ଛନ୍ଦି ହେବାକୁ ପଡିଥିଲା। ପୋଲିସ ସାକ୍ଷୀଗୋପାଳ ଷ୍ଟେଟ୍‌ବ୍ୟାଙ୍କରୁ ଅଳଙ୍କାର ଜବତ କରି କୋର୍ଟରେ ଜିମା ଦେଇଥିଲା। ଏପରି କି ସିଂହାରୀ ଓ ଅନ୍ୟ ମେକାପ ସେବକ କୋର୍ଟରେ ଠାକୁରଙ୍କ ଅଳଙ୍କାର ଚିହ୍ନଟ କରିବା ପରେ ପ୍ରାଥମିକ ଅଭିଯୋଗ ଏବଂ ଜବତ ଅଳଙ୍କାର ପରିମାଣରେ ବ୍ୟତିକ୍ରମ ରହିଥିବା ଦୃଷ୍ଟିକୁ ଆସିଥିଲା। ମାନ୍ୟବର କୋର୍ଟ ଅଭିଯୁକ୍ତ ସେବକଦ୍ୱୟଙ୍କୁ ଦଣ୍ଡବିଧାନ କରିଥିଲେ। ମାତ୍ର ଅଭିଯୁକ୍ତମାନେ ପୁରୀ ଜିଲା ଜଜ୍‌ଙ୍କ ନିକଟରେ ପୁନର୍ବିଚାର ପାଇଁ ୧୯୮୯ରେ ଆବେଦନ କରିଥିବାବେଳେ ବିଚାର ହେବା ପରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲା ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା। ଉଚ୍ଚ ନ୍ୟାୟାଳୟ ୧୯।୩। ୨୦୦୯ରେ ନିମ୍ନ ଅଦାଲତଙ୍କ ଆଦେଶ ବଳବତ୍ତର ରଖି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି କହିଥିଲେ। କିନ୍ତୁ ସାକ୍ଷୀଗୋପାଳଙ୍କ ଜବତ ଅଳଙ୍କାର ଠାକୁରଙ୍କୁ ଫେରାଇ ଦେବାକୁ ଆଦେଶ ପ୍ରଦାନ କରିଥିଲେ। ତେବେ ଶନିବାର ମନ୍ଦିରକୁ ଅଳଙ୍କାର ଫେରାଇବା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ, ସୁପରଭାଇଜର, ମନ୍ଦିର ସ୍ୱର୍ଣ୍ଣକାର କୃଷ୍ଣଚନ୍ଦ୍ର ମହାପାତ୍ର, ସେବାୟତ ସଂଘ ସମ୍ପାଦକ ବିଜୟ କୁମାର ନନ୍ଦ, ସେବାୟତ ରାମଚନ୍ଦ୍ର ମହାପାତ୍ର, ଜିତେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋସୁରକ୍ଷା କର୍ମୀଙ୍କୁ ଗୁଳି

## ୩ ଗାଡ଼ି ସହ ମାରଣାସ୍ତ୍ର ଜବତ, ୧୨ ଗିରଫ

ବାରିପଦା ଅଫିସ,୨୧।୫

ଗୋଚାଲାଣ ଗାଡ଼ିକୁ ଅଟକାଇବାରୁ ବ୍ୟବସାୟୀମାନେ ଗୋସୁରକ୍ଷା କର୍ମୀଙ୍କୁ ଗୁଳିମାଡ଼ କରିଛନ୍ତି। ଏଥିରେ ଦୁଇଜଣ ଗୋସୁରକ୍ଷା କର୍ମୀ ଗୁରୁତର ହୋଇଛନ୍ତି। ଶନିବାର ଭୋରରେ ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଛେଳି ଗୁଡୁଲୀ ଟୋଲଗେଟ୍‌ଠାରେ ଏଭଳି ଘଟଣା ଘଟିଛି। ଆହତଦ୍ୱୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ବାରିପଦା ପିଆର୍‌ଏମ୍ ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ କଟକ ଅଞ୍ଚଳର ଦୀପକ ସାହୁ ଓ ଶଶିକାନ୍ତ ବେହେରା। ଜଣଙ୍କ ଗୋଡ଼ରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣଙ୍କ ହାତରେ ବାଜିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୨ଜଣଙ୍କୁ ଗିରଫ କରିବା ସହ ୪ ଗାଡ଼ି ଓ ମାରଣାସ୍ତ୍ର ଜବତ କରିଛି। ସୂଚନା ଅନୁଯାୟୀ, କୋଲକାତାକୁ ଗୋ ଚାଲାଣ ହେଉଥିବା ଖବରପାଇ ଦେବସେନାର ଗୋସୁରକ୍ଷା କର୍ମୀମାନେ ନିର୍ମାଣାଧୀନ ଟୋଲଗେଟ୍ ନିକଟରେ ଜଗି ରହିଥିଲେ। ଭୋରରେ ଗୋରୁ ବୋଝେଇ କଣ୍ଟେନରଗୁଡ଼ିକୁ ଅଟକାଇବା ପାଇଁ ସେମାନେ ଚେଷ୍ଟା କରୁଥିବା ବେଳେ ଏହି ଗାଡ଼ିଗୁଡ଼ିକୁ ସୁରକ୍ଷା ଯୋଗାଇ ଯାଉଥିବା ବ୍ୟବସାୟୀଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ବ୍ୟବସାୟୀମାନେ ଦୁଇ ଗୋସୁରକ୍ଷା କର୍ମୀଙ୍କ ଉପରକୁ ଅତର୍କିତ ଗୁଳି ଚାଳନା କରି କିଛି ଗୋରୁ ବୋଝେଇ କଣ୍ଟେନରକୁ ନେଇ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ ସହ ୨ଟି ସ୍କର୍ପିଓ ଏବଂ ଗୋଟିଏ ବୋଲେରୋ ଜବତ କରିଛି। ଏନେଇ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା କରଞ୍ଜିଆ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି।

# ଗାଡ଼ି ପାର୍କିଂକୁ ନେଇ ଗୁଳିମାଡ଼

- ବାପପୁଅ ଗୁରୁତର, ଜଣେ ଗିରଫ
- ୪ ଗୁଳି, ମାଉଜର, କାର୍ ଜବତ

ନୂଆପଡ଼ା ଅଫିସ/ସିନାପାଲି,୨୧।୫(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଥାନା ମୁଖ୍ୟ ସହରସ୍ଥିତ ରାବଣ ଛକ ନିକଟରେ ଶନିବାର ପୂର୍ବାହ୍ନରେ ଗାଡ଼ି ପାର୍କିଂକୁ ନେଇ ଗୁଳିମାଡ଼ ହୋଇଛି। ଏଥିରେ ବାପପୁଅ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ଜଙ୍ଘରେ ଗୁଳି ବାଜିଥିବା ଜଣାପଡିଛି। ତାଙ୍କୁ ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ବାପା ସରୋଜ ମେହେର ଓରଫ ନୂନ ମେହେର (୫୫) ଓ ପୁଅ ନବରଞ୍ଜନ ମେହେର (୩୦)। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ପୋଲିସ ଅଭିଯୁକ୍ତ ରାଜା ପାଣିଗ୍ରାହୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୪ଟି ଜୀବନ୍ତ ଗୁଳି, ୨ଟି ମାଗ୍‌ଜିନ୍, ମାଉଜର, ଘଟଣାସ୍ଥଳରୁ ୨ଟି ଖୋକା ସମେତ ଏକ କାର୍ (ନଂ.ଓଡି୨୬ଡି-୯୧୨୩)କୁ ପୋଲିସ ଜବତ କରିଥିବା ସିନାପାଲି ଥାନାରେ ଖଡିଆଳ ଏସ୍‌ଡିପିଓ ସନ୍ତକ ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରାପ୍ତ ସୂଚନାନୁସାରେ ପୂର୍ବାହ୍ନ ୧୧ଟାରେ ସିନାପାଲିସ୍ଥିତ ରାବଣ ଛକଠାରେ ଗାଡି ପାର୍କିଂକୁ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ହୋଇଥିଲା। ଶେଷରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରି ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ରେ ସରୋଜ ଓ ନବରଞ୍ଜନ ଗୁରୁତର ଆହତ ହୋଇଛନ୍ତି। ଗୁଳିକାଣ୍ଡ ପରେ ଘଟଣାସ୍ଥଳରୁ ରାଜା ଫେରାର ହୋଇ ଛତିଶଗଡ ଦେଇ ଖସି ପଳାଇଥିଲେ। ସିନାପାଲି ପୋଲିସ ଛତିଶଗଡର ଗରିଆବନ୍ଧ ଜିଲା ଦେଭୋଗ ପୋଲିସକୁ ଖବର ଦେଇଥିଲା। ଓଡିଶା ଓ ଛତିଶଗଡ ପୋଲିସର ମିଳିତ ଉଦ୍ୟମରେ ଚଢ଼ାଉ କରି ଛତିଶଗଡ ସୀମାରେ ରାଜାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ସିନାପାଲି ଥାନାରେ ଏକ ମାମଲା (ନଂ.୧୨୫/୨୨) ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ଛତିଶଗଡ ଦେଭୋଗ ଥାନାରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ତାଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ଡିପିଓ ଜେନା ସୂଚନା ଦେଇଛନ୍ତି।



ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ଥାନାକୁ ନେଉଛି।





ଜବତ ଗୁଳି, ମାଉଜର ଏବଂ କାର୍।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା



ନୀଳଗିରି,୨୧।୫(ସ୍ୱ.ପ୍ର)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ରାସ୍ତା ମଝିରେ ଏକ ଦନ୍ତା ଜଣେ ଯୁବକଙ୍କୁ କଚାଡ଼ି ମାରି ଦେଇଛି। ମୃତକ ହେଲେ ନରଣପୁର ପଞ୍ଚାୟତ ଅନ୍ତର୍ଗତ ବାରାଗଡ଼ିଆ ଗ୍ରାମର ନନ୍ଦ ସିଂଙ୍କ ପୁଅ ଶ୍ୟାମସୁନ୍ଦର (୨୫)। ହାତୀ ତାର ଶୁଣ୍ଢ ସାହାଯ୍ୟରେ ଶ୍ୟାମସୁନ୍ଦରଙ୍କୁ ରାସ୍ତାରୁ ଟେକି ନେଇ ୧୦୦ ଫୁଟ ଦୂର ଜଙ୍ଗଲରେ କଚାଡ଼ି ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଶ୍ୟାମସୁନ୍ଦର ଗ୍ରାମ ପାଖ ନକୁଳକୁଅଁର ହାଟକୁ ସଉଦା କିଣିବାକୁ ଯାଇ ରାତିରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ସକାଳେ ଜଙ୍ଗଲରେ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନୀଳଗିରି ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୃତକଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ଶୁଦ୍ଧିକ୍ରିୟା ପାଇଁ ୧୦ହଜାର ଟଙ୍କା ଦିଆଯିବା ସହ କ୍ଷତିପୂରଣ ବାବଦରେ ତାଙ୍କ ପରିବାର ଲୋକଙ୍କୁ ୪ଲକ୍ଷ ଟଙ୍କା ଦିଆଯିବ ବୋଲି ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ସୂଚନା ଦେଇଛନ୍ତି।

**IN THE DEBTS RECOVERY TRIBUNAL AT CUTTACK**
C-71, Sector-7, CDA, Cuttack-753014 (Odisha)
O.A. No. 638/2019
Utkal Grameen Bank, SAR Branch, Sambalpur ...Applicant
-Versus-
Dhabaleswar Harpal & Others ..Defendants
To,
Defendant No.1: **Dhabaleswar Harpal,** S/o: Late Rajphulia Harpal, At: Gourmal, P.O: Kandhkelgaon, P.S: Saintala, Dist.: Balangir, PIN-767029;
Defendant No.2: **Mukta Harpal,** W/o: Late Rajphulia Harpal, At: Gourmal, P.O: Kandhkelgaon, P.S: Saintala, Dist.: Balangir, PIN-767029;
Defendant No.3: **Binodini Nag,** D/o: Late Rajphulia Harpal, At: Gourmal, P.O: Kandhkelgaon, P.S: Saintala, Dist.: Balangir, PIN-767029;
Defendant No.4: **Jogindra Suna,** S/o: Sunamani Suna, At: Chandrapur, P.O: Jarasingha, P.S: Saintala, Dist.: Bolangir, PIN-767067;
Defendant No.5: **Bui Suna,** (D/o: Late Rajphulia Harpal), W/o: Jogindra Suna, At: Chandrapur, P.O: Jarasingha, P.S: Saintala, Dist.: Bolangir, PIN-767067;
Defendant No.6: **Sapneswar Harpal @ Sableswar Harpal,** S/o: Late Rajphulia Harpal, At: Gourmal, P.O: Kandhkelgaon, P.S: Saintala, Dist.: Balangir, PIN-767029;
Defendant No.7: **Panchanan Meher,** S/o: Late Manbodh Meher, At/ P.O: Kandhkelgaon, P.S: Saintala, Dist.: Balangir, PIN-767029.
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**
Take notice that the Applicant has instituted the aforesaid Original Application before this Tribunal for recovery of **₹12,48,967.00** only together with current and future interest, cost and other reliefs.
You are therefore hereby directed to appear before this Tribunal in person or through authorised agent, in support of your defence to show cause within **30 days** from the date of publication or on **4th day of July, 2022 at 10.30 a.m.** as to why the reliefs prayed for should not be granted.
Take notice that in case of default the Application will be heard and determined in your absence.
Given under my hand and seal of this Tribunal, on this **19th day of May, 2022.**
Sd/- (M.K. Patnaik)
Registrar
Debts Recovery Tribunal, Cuttack

# ବିହାରରୁ ଗିରଫ ଅଭିଯୁକ୍ତ କୋର୍ଟଚାଲାଣ

## ମେଡିକାଲ କଲେଜରେ ନାମଲେଖାରେ ୩୨ଲକ୍ଷ ଠକେଇ ଘଟଣା

## ୨ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ

ଭୁବନେଶ୍ୱର, ୨୧।୫(ବ୍ୟୁରୋ)

ଓଡ଼ିଶା, ବିହାର, କର୍ଣ୍ଣାଟକ, କୋଲ୍‌କାତା, ମହାରାଷ୍ଟ୍ର ଭଳି ରାଜ୍ୟରେ ମେଡିକାଲ୍ କଲେଜରେ ନାମ ଲେଖାଇଦେବା ବାହାନାରେ ଛାତ୍ରୀଛାତ୍ରଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ବିହାରର ଦାନପୁର ରେଲ୍‌ୱେ ଷ୍ଟେଶନରୁ ଗତ ୧୮ତାରିଖରେ ଅଭିମନ୍ୟୁ କୁମାର ସିଂ (୩୯)ଙ୍କୁ ଗିରଫ କରି ଟ୍ରାନ୍‌ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ୨ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିଛି। ଅପରପକ୍ଷରେ ଗତ ୧୭ତାରିଖରେ ଏହି ଘଟଣାରେ ପଶ୍ଚିମବଙ୍ଗର ସୁଗତ୍ ଚୌଧୁରୀ ଓରଫ ଅମିତ ବାନାର୍ଜୀ (୪୪)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସୁଗତ୍‌ଙ୍କ ୩ଦିନିଆ ରିମାଣ୍ଡ ଶନିବାର ଶେଷ ହେବା ପରେ ତାଙ୍କୁ ମଧ୍ୟ ଶନିବାର କୋର୍ଟରେ ହାଜର କରାଯାଇଛି। ଉଭୟଙ୍କଠାରୁ ୧୦ଲକ୍ଷ ୨୯ ହଜାର ୫୦୦ ଟଙ୍କା, ୯ଟି ମୋବାଇଲ ଫୋନ, ୨ଟି ଲାପ୍‌ଟପ ଜବତ କରାଯାଇଛି। ଏହି ଠକେଇ ଚେର ବିଭିନ୍ନ ରାଜ୍ୟରେ ଲମ୍ବିଥିବାବେଳେ ଏଥିରେ ଏକାଧିକ ବ୍ୟକ୍ତି ସାମିଲ ଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ ଅଭିଯୁକ୍ତଦ୍ୱୟ ପଶ୍ଚିମବଙ୍ଗର ଜଣେ ଯୁବତୀଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲ କଲେଜର ସ୍ତ୍ରୀ ବିଭାଗରେ ଥିବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ତାଙ୍କଠାରୁ ପର୍ଯ୍ୟାୟକ୍ରମେ ୩୨ ଲକ୍ଷ ଟଙ୍କା ଠକି ନେଇ ଯାଇଥିଲେ। କିନ୍ତୁ କଲେଜରେ ଆଡ୍‌ମିଶନ କରାଇ ନ ଥିଲେ। ଦିନ ପରେ ଦିନ ଗଡ଼ିବାରୁ ଯୁବତୀ ଜଣଙ୍କ ସନ୍ଦେହ ହୋଇଥିଲା। ଫଳରେ ତାଙ୍କ ଟଙ୍କା ଫେରାଇବାକୁ ଅଭିଯୁକ୍ତଦ୍ୱୟଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସମ୍ଭବ ହୋଇପାରି ନ ଥିଲା। ଯୁବତୀଜଣଙ୍କ ଠକେଇର ଶିକାର ହୋଇଥିବା ଜାଣି ଗତ ୫ତାରିଖରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ କରି ସୁଗତଙ୍କୁ ଗତ ୧୭ ତାରିଖରେ କୋଲ୍‌କାତାରୁ ଗିରଫ କରାଯାଇଥିବା ବେଳେ ଅଭିମନ୍ୟୁଙ୍କୁ ୧୮ତାରିଖରେ ବିହାରରୁ ଗିରଫ କରିଥିଲା।

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
**ADMISSION OPEN**
**FOR HOTEL MANAGEMENT COURSES**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 8018581031, 8141869641

# ଗାଡ଼ି ଚଢ଼ାଇ ହତ୍ୟା

## ଟାର୍ଗେଟ ଥିଲେ ମାଲିକ, ଶିକାର ହେଲେ କର୍ମଚାରୀ

## ଦୁର୍ଘଟଣା ଛଳରେ ଷଡ଼ଯନ୍ତ୍ର

- ୪୦୭ ଧକ୍କାରେ ଏକାଧିକ ବାଇକ୍, ଗାଡ଼ି ଭାଙ୍ଗିଲା
- ଜମି ବିବାଦ ଓ ଗୋଷ୍ଠୀ ସଂଘର୍ଷରୁ ଗଣ୍ଡଗୋଳ ଚର୍ଚ୍ଚା

ବଲାଙ୍ଗୀର ଅଫିସ,୨୧।୫



ଗଛରେ ପିଟି ହୋଇଥିବା ମିନିଟ୍ରକ୍

ବଲାଙ୍ଗୀର ଆର୍‌ଟିଓ ଛକରେ ଶନିବାର ପୂର୍ବାହ୍ନରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ବେପରୁଆ ଭାବେ ଆସୁଥିବା ଏକ ମିନିଟ୍ରକ୍ (୪୦୭ ଗାଡ଼ି) ରାସ୍ତାକଡ଼ ନିମ୍ବଗଛରେ ପିଟି ହେବା ପରେ ଏକାଧିକ ବାଇକ୍, ଇନୋଭା ଏବଂ ସାମ୍ନାରେ ଥିବା ଏକ ଟ୍ରକ୍‌କୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଗଡ଼ ଜିଲାର ଶ୍ରୀକାନ୍ତ ବାଗ (୩୦)। ଆହତଦ୍ୱୟ ହେଲେ ପ୍ୟାଲେସ ଲାଇନ୍‌ରେ ଏକ ହୋଟେଲ ଓ ଫଳରସ ଦୋକାନ କରିଥିବା ସାନନ୍ଦ ନାଏକ (୩୫) ଓ ଆର୍‌ଟିଓ ଛକ ନିବାସୀ ଚିତ୍ତରଞ୍ଜନ ମହାନ୍ତି(୫୦)। ମୃତ ଶ୍ରୀକାନ୍ତ ସାନନ୍ଦଙ୍କ ହୋଟଲରେ କାମ କରୁଥିଲେ। ସାନନ୍ଦ ଓ ଚିତ୍ତରଞ୍ଜନଙ୍କ ମଧ୍ୟରେ ପୂର୍ବ ଶତ୍ରୁତାରୁ ହୋଟେଲ କର୍ମଚାରୀ ଶ୍ରୀକାନ୍ତ ବଳି ପଡିଲେ ବୋଲି ଅଭିଯୋଗ ହୋଇଛି। ସନ୍ଧ୍ୟାରେ ଶ୍ରୀକାନ୍ତଙ୍କ ପରିବାର ଲୋକେ ଥାନାରେ ଆହତ ଚିତ୍ତରଞ୍ଜନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତଙ୍କ ଗିରଫ ଦାବିରେ ଟାଉନ୍ ଥାନା ସମ୍ମୁଖରେ ମୃତଦେହ ରଖି ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବଲାଙ୍ଗୀର ଆର୍‌ଟିଓ ଛକ ନିକଟରେ ଦେଓଗାଁ ପଟୁ ବଲାଙ୍ଗୀର ସହର ଭିତରକୁ ଏକ ମିନିଟ୍ରକ୍ ଦ୍ରୁତଗତିରେ ଆସୁଥିଲା। ମିନିଟ୍ରକ୍ ପ୍ରଥମେ ନିମ୍ବଗଛର ପିଟି ହେବା ପରେ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ଦୁଇଜଣଙ୍କ ମଧ୍ୟରୁ ଶ୍ରୀକାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସାନନ୍ଦ ଗୁରୁତର ହୋଇଥିଲେ। ଶ୍ରୀକାନ୍ତ ସାନନ୍ଦଙ୍କ ହୋଟଲରେ କାମ କରନ୍ତି। ସେମାନଙ୍କ ବାଇକ୍‌କୁ ଧକ୍କା ଦେବା ପରେ ମିନିଟ୍ରକ୍ ରାସ୍ତାକଡ଼ର ୩ଟି ନିମ୍ବଗଛରେ ପିଟିହୋଇ ସେଠାରେ ଠିଆ ହୋଇଥିବା ଏକ ଇନୋଭା ଏବଂ ସାମ୍ନାପଟୁ ଆସୁଥିବା ଏକ ଗହମ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ମିନିଟ୍ରକ୍ ଧକ୍କାରେ ଗହମ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାକଡ ଗଛରେ ପିଟିହୋଇ ଯାଇଥିଲା। ଆଖି ପିଛୁଳାକେ ଛକରେ ଥିବା ଏକାଧିକ ବାଇକ୍ କ୍ଷତିଗ୍ରସ୍ତ ହୋଇଥିଲା। ଲୋକମାନେ ଛିନ୍ନଛତ୍ର ହୋଇଯାଇ ଜୀବନ ବଞ୍ଚାଇଥିଲେ। ଏହି ଦୁର୍ଘଟଣା ପରେ ଉଭୟ ସାନନ୍ଦ ଓ ଚିତ୍ତରଞ୍ଜନଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଗତ କିଛିଦିନ ପୂର୍ବରୁ ଆର୍‌ଟିଓ ଛକ ନିକଟରେ ଅନ୍ୟ ଏକ ଦୁର୍ଘଟଣାରେ ସାନନ୍ଦଙ୍କ ବଡ଼ଭାଇ ଗୁରୁତର ହୋଇଥିଲେ। ସେ ଏବେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଉଭୟ ଘଟଣା ସହ ଶନିବାର ଦୁର୍ଘଟଣାର ସମ୍ପର୍କ ରହିଥିବା ଚର୍ଚ୍ଚା ହେଉଛି। ଏହି ଦୁର୍ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି ସଦର ଏସ୍‌ଡିପିଓ ତୋଫାନ୍ ବାଗ କହିଛନ୍ତି। ବ୍ୟସ୍ତବହୁଳ ସହରର ମୁଖ୍ୟ ଛକରେ ମିନିଟ୍ରକ୍ ଚପାଇ ହତ୍ୟା ଉଦ୍ୟମ ଓ ଷଡ଼ଯନ୍ତ୍ର ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁରୁତର ଆହତ ଚିତ୍ତରଞ୍ଜନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ସାନନ୍ଦ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
**ଡିମାଣ୍ଡ ନୋଟିସ୍**

ଆମର ପୋଲସରା ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋଲସରା ଶାଖା**ର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ପୋଲସରା ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପି.ରାଜେଶ୍ୱର ପାତ୍ର,** ପିତା: ୰ ପି. ବୃନ୍ଦାବନ ପାତ୍ର / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ପି.ମଞ୍ଜୁଳା ପାତ୍ର,** ସ୍ୱାମୀ: ଶ୍ରୀ ପି.ରାଜେଶ୍ୱର ପାତ୍ର / **ବନ୍ଧକଦାତା: ଶ୍ରୀ ପି.ରାଜେଶ୍ୱର ପାତ୍ର,** ପିତା: ୰ ପି.ବୃନ୍ଦାବନ ପାତ୍ର / **କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀ ପି.ପରମେଶ୍ୱର ପାତ୍ର,** ପିତା: ଶ୍ରୀ ପି.ରାଜେଶ୍ୱର ପାତ୍ର, **୨) ଶ୍ରୀ ପି. କାର୍ତ୍ତିକେଶ୍ୱର ପାତ୍ର,** ପିତା: ଶ୍ରୀ ପି.ରାଜେଶ୍ୱର ପାତ୍ର, **୩) ଶ୍ରୀ ସପ୍ନେଶ୍ୱର ପାତ୍ର,** ପିତା: ଶ୍ରୀ ପି. ରାଜେଶ୍ୱର ପାତ୍ର, ସମସ୍ତଙ୍କ ଠିକଣା- ସା: ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ମେନ୍ ରୋଡ୍, ସା/ପୋ.: ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୫ | ସମ୍ପତ୍ତି ମିଆଦୀ ଋଣ / ଟ.୭,୦୦,୦୦୦/- | ୦୮.୦୪.୨୦୨୨/ ୨୭.୦୩.୨୦୨୨ ସୁଦ୍ଧା ଟ.୬,୮୮,୨୮୩.୫୦ +ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀ ପି.ରାଜେଶ୍ୱର ପାତ୍ର, ପିତା: ୰ ପି. ବୃନ୍ଦାବନ ପାତ୍ର, ସା: ପୋଲସରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ପ୍ଲଟ୍ ନଂ.: ୫୦୪୩, ଖାତା ନଂ.: ୭୪୩, ଗ୍ରାମ/ମୌଜା: ପୋଲସରା, ମେନ୍ ରୋଡ୍, ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ବ୍ଲକ୍: ପୋଲସରା, ଥାନା/ତହସିଲ/ଏସ୍‌ଆରଓ: ପୋଲସରା, ଜିଲ୍ଲା.: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗାନ୍ଧୀ ବେହେରାଙ୍କ ଗୃହ, ଉତ୍ତର: ଏ ପ୍ରଶାନ୍ତ କୁମାର ଗୁପ୍ତାଙ୍କ ଗୃହ, ଦକ୍ଷିଣ: ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ମାସିକ ଚୁକ୍ତି ସୁଧ ହାରରେ ଲାଗୁ ହୋଇନଥିବା ସୁଧ / ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ସହିତ ଆଇନଗତ ଖର୍ଚ୍ଚ, ଅନ୍ୟାନ୍ୟ ଖର୍ଚ୍ଚ ଯଦି କିଛି ଥାଏ, ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ୧) ଆପଣମାନେ ଯଦି ସମସ୍ତ ଦେୟ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ଅବଶିଷ୍ଟ ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ଆପଣମାନଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। ୩) ଏତଦ୍‌ଦ୍ୱାରା **ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ବ୍ରହ୍ମପୁର, ତାରିଖ : ୨୧.୦୫.୨୦୨୨ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ମୁଖ୍ୟ ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

> ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା

# ଆକ୍ରୋଶର ଶେଷ କେବେ



ଆକାର ପଟେଲ

ବର୍ତ୍ତମାନ ଜ୍ଞାନବାପି ମସ୍‌ଜିଦ ଚର୍ଚ୍ଚା ଦେଶରେ ସବୁଠୁ ଚର୍ଚ୍ଚିତ ବିଷୟ ହୋଇଛି। ଅଯୋଧ୍ୟା ବାବ୍ରି ମସ୍‌ଜିଦ ପ୍ରସଙ୍ଗ ଯେଭଳି ଅନେକ ଦଶନ୍ଧି ଧରି ରହିଥିଲା ସେଭଳି ଏହା ରହି ନ ପାରେ, କିନ୍ତୁ କିଛି ବର୍ଷ ରହିବାର ସମ୍ଭାବନା ରହିଛି। ସାମ୍ବାଦିକା ବରଖା ଦତ୍ତଙ୍କ ସହ ଏକ ସାକ୍ଷାତ୍‌କାରରେ ହାଇଦ୍ରାବାଦର ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଲ'ର କୁଳପତି ଫୈଜାନ ମୁସ୍ତାଫା ଏହି ସମୟର ଆଇନଗତ ବିଷୟଗୁଡ଼ିକ ସମ୍ପର୍କରେ କହିଥିଲେ। ବାବ୍ରି ମସ୍‌ଜିଦ ଅଭିଯାନ ତାତି ଜୋର୍‌ଥିବାବେଳେ ପାର୍ଲାମେଣ୍ଟରେ 'ପ୍ଲେସ୍ ଅଫ୍ ୱରଶିପ୍ ଆକ୍ଟ' ବା ପୂଜାସ୍ଥଳ ଆଇନ ପାସ୍ କରାଯାଇଥିଲା ଏବଂ ଉକ୍ତ ଆଇନ କାଶୀରେ ମସ୍‌ଜିଦକୁ ସୁରକ୍ଷା ଦେବ ବୋଲି କହିଥିଲେ। ମୁସ୍ତାଫା କହିଥିଲେ, ଏହା ବି ଜରୁରୀ ନ ଥିଲା। ପ୍ରଥମରେ, ଏହି ଆଇନ ନ୍ୟାୟିକ ଯାଞ୍ଚକୁ ଅନୁମତି ଦେଇ ନ ଥିବାରୁ ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରିପାରିଥାଆନ୍ତେ। ଅର୍ଥାତ୍ କୌଣସି ବିବାଦରେ ବର୍ତ୍ତମାନର ସ୍ଥିତି ପରିବର୍ତ୍ତେ ପୂର୍ବରୁ ପୂଜାସ୍ଥଳ ବାସ୍ତବରେ ମସ୍‌ଜିଦ ଥିଲା ନା ମନ୍ଦିର କିମ୍ବା ଗୁରୁଦ୍ୱାର ଅବା ଚର୍ଚ୍ଚ ଥିଲା, ସେ ସମ୍ପର୍କରେ ରାୟ ଶୁଣାଇବାରୁ ବିଚାରପତିମାନଙ୍କୁ ବନ୍ଦ କରାଗଲା। ନ୍ୟାୟିକ ଯାଞ୍ଚକୁ ଏଭଳି ବନ୍ଦ କରିବା ସମ୍ବିଧାନ ସିଦ୍ଧାନ୍ତର ବିରୋଧରେ ଗଲା ଏବଂ ଏହି ଆଧାରରେ ପୂଜାସ୍ଥଳ ଆଇନକୁ ରଦ୍ଦ କରାଯାଇପାରିଥାଆନ୍ତା। ଜଣାପଡୁଛି ଅଯୋଧ୍ୟା ଘଟଣାରେ ଯାହା ହୋଇଥିଲା କାଶୀ ବିବାଦରେ ତାହା ହିଁ ହେବ। ଦ୍ୱିତୀୟରେ, ପୂଜାସ୍ଥଳ ଆଇନକୁ ପ୍ରତ୍ୟାହାର କରିବାର ଅଧିକାର ପାର୍ଲାମେଣ୍ଟର ରହିଥିଲା। ବାସ୍ତବରେ ଭାଜପାର କେତେଜଣ ସଦସ୍ୟ ଏହା କରିବାକୁ ମଧ୍ୟ କହି ଆସୁଛନ୍ତି। ସଂସଦରେ ଏବକାର ସଂଖ୍ୟାକୁ ଦେଖିଲେ ଏହା ସମ୍ପୂର୍ଣ୍ଣ ସମ୍ଭବ। ମୁସ୍ତାଫା ସେତେବେଳେ କହିଥିଲେ ଯେ,ମୁସଲମାନଙ୍କ ପାଇଁ ବାସ୍ତବରେ କୌଣସି ନ୍ୟାୟିକ ସୁରକ୍ଷା ନାହିଁ ଏବଂ ଏହା ବଦଳରେ ସେମାନେ ହିନ୍ଦୁମାନଙ୍କ ସହ ସମନ୍ୱୟ ରକ୍ଷା କରିବା ଉଚିତ। ଆଉ ଏକ ପ୍ରସଙ୍ଗରେ କିଛି ସମାନ ପ୍ରକାରେ କହିଥିଲେ ସାମ୍ବାଦିକ ସୟଦ ନକ୍‌ଭି, ଯାହାଙ୍କ ସହ ମୁଁ କିଛି ଦିନ ପୂର୍ବେ ବାଙ୍ଗାଲୋର ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଆଲୋଚନା କରିଥିଲି। ନକ୍‌ଭିଙ୍କ ଅନୁଭବ ଭିନ୍ନ ଥିଲା। ସେ କହିଥିଲେ, ପାକିସ୍ତାନ ଏକ ମୁସଲମାନ ରାଷ୍ଟ୍ର ହେବାବେଳେ ଭାରତ ଧର୍ମ ନିରପେକ୍ଷ ହୋଇ ରହିଗଲା ଓ ଏହାକୁ ନେଇ ହିନ୍ଦୁମାନେ ଚିନ୍ତିତ ହୋଇପଡ଼ିଲେ। ଔପଚାରିକ ଭାବେ ଯଦି ଭାରତ ଏକ ହିନ୍ଦୁ ରାଷ୍ଟ୍ର ହୋଇଥାଆନ୍ତା ସେତେବେଳେ ହିନ୍ଦୁମାନଙ୍କ ମଧ୍ୟରେ ସେହି ଅଭିଯୋଗର ବିଚାର ଶେଷ ହୋଇଯାଇଥାଆନ୍ତା। ନକ୍‌ଭ ମଧ୍ୟ କହିଥିଲେ ଯେ, ଏହା ନିଶ୍ଚିତ ଭାବେ ଭାରତ ପାଇଁ ଖୁବ୍ ଭଲ ହୋଇଥାନ୍ତା। ସେ ଇଂଲଣ୍ଡକୁ ଇଙ୍ଗିତ କରିଥିଲେ, ଯାହା ସରକାରୀ ଭାବେ ଏକ ରାଜତନ୍ତ୍ର ଯେଉଁଠି ଇଂଲଣ୍ଡ କିମ୍ବା ଅନ୍ୟ ଇଂରାଜୀ ଭାଷାଭାଷୀ ଦେଶର ଚର୍ଚ୍ଚର ସଦସ୍ୟ ଶାସକ ରହିଛନ୍ତି। ଯେଉଁଠି ଋଷି ସୌନକ ଏବଂ ସାଜିଦ୍ ଜାଭିଡଙ୍କ ଭଳି ବ୍ୟକ୍ତି ମଧ୍ୟ ଉଚ୍ଚ ଅଧିକାରୀ ହେବାର ଆକାଂକ୍ଷା ରଖିପାରିଲେ। କିନ୍ତୁ ଭାରତରେ ଭିନ୍ନ ସ୍ଥିତି।

ଉଭୟ ମୁସ୍ତାଫା ଏବଂ ନକ୍‌ଭି ଯାହା କହୁଛନ୍ତି ତାହାକୁ ଅଗ୍ରାହ୍ୟ କରିଦେବା ହୁଏତ ଠିକ୍ ହେବ ନାହିଁ। ସେମାନଙ୍କ କଥାଗୁଡ଼ିକୁ ବିଚାରକୁ ନେଲେ ଆମେ ଭଲ କରିପାରିବା। ତେବେ ଏଠାରେ ମୁଁ ଅନ୍ୟ ବିଷୟ ଉପରେ ବିଚାର କରିବାକୁ ଚାହେଁ। ହିନ୍ଦୁମାନେ ସେମାନଙ୍କ ନିଜ ସମ୍ବିଧାନ ବିରୋଧରେ ଅଭିଯୋଗ କଲେ କୌଣସି ପ୍ରଶ୍ନ ନ ଉଠାଇ ତାହାକୁ ଗ୍ରହଣ କରାଯିବ କି? ଦ୍ୱିତୀୟରେ, କାଶୀରେ ଯାହା ଘଟୁଛି ଓ ଅଯୋଧ୍ୟାରେ ଯାହା ଘଟିଲା,ତା ପଛରେ ଥିବା ଅଭିଯୋଗର ଐତିହାସିକ ବିଚାର ରହିଛି କି? ସମ୍ଭବତଃ ଏହା ଅଛି। ତେବେ ଆଗକୁ କ'ଣ ହେଉଛି ଦେଖିବାକୁ ହେବ। ଆମ ଚାରିପାଖରେ କ'ଣ ସବୁ ଘଟିଆସୁଛି ତାହା ଲକ୍ଷ୍ୟ କରିବାକୁ ହେବ ଏବଂ କୋର୍ଟରେ ରହିଥିବା ଏବକାର ନୂଆ ବିବାଦ ସହ ଏହାକୁ ଦେଖିବାକୁ ପଡ଼ିବ। ୨୦୧୪ ପରଠାରୁ, ବିଶେଷକରି ୨୦୧୯ ପରଠୁ ଭାଜପା ସରକାରଙ୍କ ଦ୍ୱାରା ମୁସଲମାନଙ୍କ ବିରୋଧରେ ଅନେକ ଆକ୍ରୋଶମୂଳକ ପଦକ୍ଷେପ ନିଆଯାଇଛି ଓ ଏଥିରେ ଦେଶ ବ୍ୟସ୍ତ ରହିଛି। ମୁସ୍ତାଫା ଏବଂ ନକ୍‌ଭି ଯାହା କହୁଛନ୍ତି ତାହା ବୁଝି ସେଥିରେ ଆମେ ଜଡ଼ିତ ହେବାକୁ ହେଲେ ଆମକୁ ମାନିନେବାକୁ ହେବ ଯେ, ଯାହା ଲେଖାଯାଉଛି ଓ କୁହାଯାଉଛି ତାହା ସବୁ ହିନ୍ଦୁ ଆକ୍ରୋଶରୁ ସୃଷ୍ଟି ହୋଇଛି। ଏହା କ'ଣ ସତରେ ଘଟୁଛି। ତାହାର ଉତ୍ତର ମୁଁ ଏଠାରେ ରଖିବାକୁ ଚାହେଁନାହିଁ। କିନ୍ତୁ ଆମେ ଯଦି ଭାବୁଥିବା ଏହା ପଛରେ କିଛି ମୂଳ କାରଣ ରହିଛି ତେବେ ତାହା କ'ଣ ବୋଲି ନିଜକୁ ପ୍ରଶ୍ନ କରିବା ଉଚିତ। ଆମେ ଦେଶର ନାମକୁ ପରିବର୍ତ୍ତନ କରି ହିନ୍ଦୁ ରାଷ୍ଟ୍ର ରଖିବା କି ନାହିଁ ; ମୁସଲମାନଙ୍କୁ କରୁଥିବା ବ୍ୟବହାରରେ ପରିବର୍ତ୍ତନ ଏବଂ ସେମାନଙ୍କୁ ରାଜନୈତିକ କ୍ଷମତାରେ ସାମିଲ କରିପାରିବା କି ନାହିଁ ସେ ବିଷୟରେ ମଧ୍ୟ ପ୍ରଶ୍ନ କରିବା ଦରକାର। ଆମେ ସ୍ୱୀକାର କରିବା ଯେ, ଏହି ସମୟରେ ଭାରତରେ କୌଣସି ମୁସଲମାନ ଇଂଲଣ୍ଡରେ ସୌନକ କିମ୍ବା ଜାଭିଡଙ୍କ ଭଳି ଭାରତର ପ୍ରଧାନମନ୍ତ୍ରୀ ହେବା ପାଇଁ ଅଭିଳାଷ ରଖିପାରିବେ ନାହିଁ। ମୁସଲମାନଙ୍କୁ ବାହାରେ ରଖିବା ଧାରା ଦେଶର ନାମ ବଦଳାଇଲେ ପରିବର୍ତ୍ତନ ହେବ କି? ପ୍ରତ୍ୟେକଙ୍କ ଧର୍ମୀୟ ପରିଚିତି ହ୍ରାସ କରିବା ଏବଂ ସମାଜକୁ ହିନ୍ଦୁ ଓ ମୁସଲମାନ ଦୃଷ୍ଟିକୋଣରେ ଦେଖିବାରେ ମଧ୍ୟ ସମସ୍ୟା ରହିଛି। ଆମ ସମ୍ବିଧାନରେ (ଅନୁଚ୍ଛେଦ୧୪)ରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମାନ ଅଧିକାର ନିଶ୍ଚିତ କରାଯାଇଛି। ସମାନତାରୁ କାହାରିକୁ ବଞ୍ଚିତ କରାଯାଇପାରିବ ନାହିଁ। ଦେଶ କୌଣସି ନାଗରିକଙ୍କ ବିରୋଧରେ ବାଛବିଚାର ଭାବ ପୋଷଣ କରିପାରିବ ନାହିଁ (ଅନୁଚ୍ଛେଦ୧୫)।

ଏହି ସବୁ ମାମଲା ଏବେ ବିଚାର ଅପେକ୍ଷାରେ ରହିଛି। ଆମ ପାଖରେ ଦୁଇ ଉଦାରବାଦୀ ବ୍ୟକ୍ତି ଯାହା ଚିନ୍ତା କରିଛନ୍ତି ତାହା ଆମ ସାମ୍ନାରେ ରଖିଛନ୍ତି। ତାହାକୁ ଏକ ଶାନ୍ତି ତଥା ମୈତ୍ରୀପୂର୍ଣ୍ଣ ଦୃଷ୍ଟିକୋଣରୁ ବିଚାର କରାଯିବା ଉଚିତ। ଭାଜପା ସରକାରରେ ଥିବାରୁ ଏବଂ ସବୁ ଅଭିଯାନ, ଆଇନ ଓ ନୀତିର ଆଗରେ ରହିଥିବାରୁ ଏହା ତା'ପାଇଁ ଭଲ ହେବ। ଯାହା ଚାହୁଁଛି ତାହା ସ୍ପଷ୍ଟ ଭାବେ ବ୍ୟକ୍ତ କରିବା ବି ଭଲ ହେବ। ଘଟଣା ହେଉଛି, ଶତ୍ରୁତା, ଆକ୍ରୋଶ ଏବଂ ହିଂସା ଶେଷ କରିପାରିବ କି?

Email:aakar.patel@gmail.com

# ଦୃଶ୍ୟମାନ ଈଶ୍ୱରଙ୍କ ଦୁଃଖ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଈଶ୍ୱର ତ ଚିରକାଳ ଅଦୃଶ୍ୟ। ପୁଣି ଏହି ଅପହଞ୍ଚ ଇଲାକାର ଅଧୀଶ୍ୱର ତ ସକଳ ପ୍ରାଣୀଙ୍କ ଦୁଃଖମୋଚନର ଏକମାତ୍ର ସମର୍ଥ ଆଶ୍ରୟ। ସୁତରାଂ 'ଦୃଶ୍ୟମାନ ଈଶ୍ୱରଙ୍କ ଦୁଃଖ' ଶୀର୍ଷକ ଏ ସ୍ତମ୍ଭର ପାଠିକାପାଠକଙ୍କ ଚେତନାରେ ଏକ ନିଶ୍ଚିତ ବିରୋଧାଭାସ ଭଳି ପ୍ରତୀୟମାନ ହେବା ସ୍ୱାଭାବିକ। ତେବେ କଥା ହେଉଛି, ଆଜକୁ ଠିକ ଦୁଇ ସପ୍ତାହ ତଳେ ଏହି ସ୍ତମ୍ଭରେ ପ୍ରକାଶ ପାଇଥିଲା ଏକ ଆଲେଖ୍ୟ– 'ଏମାନେ ଅଛନ୍ତି ବୋଲି'। ନିଜେ ବଞ୍ଚିଲେ ବାପାର ନାଁ ବୋଲି ବିଶ୍ୱାସ କରୁଥିବା ତଥା ସ୍ୱାର୍ଥର ସଡ଼କରେ ବାଟ ଚାଲି ଚାଲି ତଥାପି ଥକି ପଡୁ ନ ଥିବା ଲୋକଙ୍କ ଦୁନିଆରେ ସ୍ୱଳ୍ପ କେଇଜଣ ପରାର୍ଥପ୍ରାଣ ଆତଯାତ ହେଉଥିବାରୁ ସଂସାର ବେଶ୍ ହୃଦ୍ୟ ଓ ରମଣୀୟ ମନେହେଉଛି ବୋଲି କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଉପସଂହାରରେ ଏ କଥା କୁହାଯାଇଥିଲା ଯେ, ଏଭଳି ଲୋକମାନଙ୍କୁ ଦେଖିଲେ ନିଜ ଅଲକ୍ଷ୍ୟରେ ହାତଯୋଡ଼ିକ ଯୋଡ଼ି ହୋଇଯାଆନ୍ତି। ଈଶ୍ୱର ବିସ୍ମୃତିରେ ହଜିଯାଆନ୍ତି କେଇ ମୁହୂର୍ତ୍ତ ପାଇଁ, କାରଣ ସେଇ ଅଦୃଶ୍ୟ ଈଶ୍ୱର ଏଇ ଦୃଶ୍ୟମାନ ଈଶ୍ୱରଙ୍କଠାରୁ ଅଧିକ ଦିବ୍ୟ ଓ ମଙ୍ଗଳମୟ ହୋଇଥିବେ ବୋଲି ମନରେ ବିଶ୍ୱାସ ହୁଏନା। ଉଚ୍ଚାଙ୍ଗ ମାନବୀୟ ସଂସ୍କୃତିର ଉଚ୍ଚତା ଆଗରେ ବାମନ ଜଣାପଡ଼େ ଯେତେ ଯାହା ଐଶ୍ୱରୀୟ ପରିକଳ୍ପନା।

ଲେଖାଟିର ପାଠକୀୟ ପ୍ରତିବେଦନ ବେଶ୍ ପ୍ରଶସ୍ତ ଥିଲା ବେଳେ ନୟାଗଡ଼ ଗଣିଆର ମିଶ୍ରବାବୁଙ୍କ ପ୍ରତିକ୍ରିୟା ଥିଲା ଅତ୍ୟନ୍ତ ମର୍ମଭେଦୀ ଓ ଚିନ୍ତା ଉଦ୍ରେକକାରୀ। ସେ କହିଥିଲେ, ''ପରସେବାରେ ସମର୍ପିତ ସାଧାରଣ ମଣିଷଟିକୁ ଆପଣ ଈଶ୍ୱର ଆସନରେ ବସାଇ ଦେଇଛନ୍ତି ସିନା, ହେଲେ ସେଇ ଈଶ୍ୱରଙ୍କ ଯେ କେତେ ଦୁଃଖ, ତାହା ଜାଣିଛନ୍ତି କି?'' ଜନସେବାକୁ ଜୀବନର ବ୍ରତ କରି ବାଉନ ବର୍ଷ ବୟସରେ ଉପନୀତ ହୋଇ ତଥାପି ଅବିବାହିତ ରହିଥିବା ମିଶ୍ରବାବୁ ଦୀର୍ଘଦିନର ଅବରୁଦ୍ଧ ଅସନ୍ତୋଷ ଅତ୍ୟନ୍ତ ଆବେଗସିକ୍ତ ଭାବେ ପ୍ରକାଶ କରୁଥିଲେ ଟେଲିଫୋନ୍‌ରେ। ଜଣେ ବହୁ ଅନୁସୃତ ବିଶିଷ୍ଟ ବାବାଙ୍କ ଦ୍ୱାରା ସ୍ଥାପିତ ଏବଂ ଏକ ପ୍ରସିଦ୍ଧ ସେବା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଦାକ୍ଷିଣାତ୍ୟର ସେଇ ହୃଦ୍‌ରୋଗ ଚିକିତ୍ସା କେନ୍ଦ୍ରକୁ ଆଠଜଣ ହୃଦ୍‌ରୋଗୀଙ୍କୁ ନେଇ ଯାଇଥିଲେ ସେ। ନିଜର ପରିବାର ନ ଥିଲେ ବି ସମଗ୍ର ଜଗତକୁ ପରିବାର ମନେକରୁଥିବା ମିଶ୍ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ହୃଦ୍‌ରୋଗୀଙ୍କୁ ନେଇ ଅତୀତରେ ସେଇ ପ୍ରସିଦ୍ଧ ହସ୍ପିଟାଲରେ ବିନା ଦେୟରେ ଅପରେଶନ କରାଇ ସେମାନଙ୍କ ନଜରରେ ପାଲଟି ଯାଇଛନ୍ତି ଜଣେ ଦୃଶ୍ୟମାନ ଈଶ୍ୱର। ଅଥଚ ସେଦିନ ସେଇ ହସ୍ପିଟାଲର ମ୍ୟାନେଜର ତାଙ୍କର ଏପରି ପରାର୍ଥପ୍ରାଣତାକୁ କେଉଁ ବକ୍ରଦୃଷ୍ଟିରେ ଦେଖିଲେ କେଜାଣି; ତାଙ୍କୁ ଯେ କେବଳ 'ଟାଉଟର', 'ଅର୍ଥଲୋଭୀ ଦଲାଲ' ଆଦି କୁଭାଷା ପ୍ରୟୋଗ କରି ଆହତ କଲେ ତାହା ନୁହେଁ, ତାଙ୍କୁ ପୋଲିସ ହାତରେ ଟେକିଦେଲେ। ଅସ୍ୱଚ୍ଛଳ ହୃଦ୍‌ରୋଗୀମାନଙ୍କୁ ମାଗଣା ଚିକିତ୍ସା ଦେଇ ରୋଗମୁକ୍ତ କରିବାକୁ ଯାଇଥିବା ମିଶ୍ରବାବୁଙ୍କ ମହତ୍ ଲକ୍ଷ୍ୟର ଯାତ୍ରା ସେଦିନ ଶେଷ ହୋଇଥିଲା ପୋଲିସ ହାଜତରେ। ଦଶଘଣ୍ଟାରୁ ଊର୍ଦ୍ଧ୍ୱ କାଳ ହସ୍ପିଟାଲ ସଂଲଗ୍ନ ଫାଣ୍ଡି ହାଜତରେ କଟାଇଲା ପରେ ଶେଷରେ ଜଣେ ହୃଦୟବାନ୍ ହୃଦ୍‌ରୋଗ ବିଶାରଦ ଓଡ଼ିଆ ଡାକ୍ତରଙ୍କ ହସ୍ତକ୍ଷେପ ପରେ ସେ ସେଠାରୁ ଉଦ୍ଧାର ପାଇଥିଲେ। ମାତ୍ର ଗରିବ ରୋଗୀଙ୍କୁ ରୋଗମୁକ୍ତ କରିବାର ପ୍ରାଣମୟ ପ୍ରଚେଷ୍ଟା ମଧ୍ୟରେ ମିଶ୍ରବାବୁ ଭୋଗିଥିବା ଦାରୁଣ ଦୁର୍ଭାଗ୍ୟ ଥିଲା ମାନବୀୟ ସଂସ୍କୃତି ଉପରେ ଏକ ଅକଥନୀୟ ଅତ୍ୟାଚାର, ଏକ ପ୍ରଚଣ୍ଡ ପ୍ରହାର।



ଧନ୍ୟ କହିବ ଗଣିଆ ଅଞ୍ଚଳର ସେହି ମିଶ୍ରବାବୁଙ୍କୁ, ଯିଏ ତାଙ୍କ ପରାର୍ଥପ୍ରାଣତା ପାଇଁ ଥାନାରେ ଦଶଘଣ୍ଟା ବନ୍ଦୀ ରହିଲେ ମଧ୍ୟ ହୃଦ୍‌ରୋଗୀଙ୍କ ମାଗଣା ଚିକିତ୍ସା ପାଇଁ ସେମାନଙ୍କୁ ସାଥିରେ ନେଇ ସେବା ସଂଗଠନର ସେଇ ହସ୍ପିଟାଲ ଯିବାରୁ ନିବୃତ୍ତ ରହନ୍ତି ନାହିଁ। କହନ୍ତି, ''ମୋ ଅପମାନ ବା ନିର୍ଯାତନାଠାରୁ ସେମାନଙ୍କ ସ୍ୱାସ୍ଥ୍ୟ ବଡ଼କଥା। କେଇଘଣ୍ଟାର ପୋଲିସ ହାଜତ ପାଇଁ ମୁଁ ମୋ ଦାୟିତ୍ୱରୁ ମୁହଁ ଫେରାଇନେବି କିପରି?''

ଆଃ, କାନକୁ କେତେ ମିଠା ଲାଗୁଛି ତାଙ୍କର ଏଇ କେଇପଦ କଥା। ଅଥଚ ବିଡ଼ମ୍ବନାର ବିଷୟ ଯେ, ପର ପାଇଁ ସୁଖ କିଣିବାରେ ନିଜେ ନିର୍ଯାତନାର ଦୁଃଖ ଭୋଗୁଥିବା ଏହିଭଳି କିଛି ପରାର୍ଥପ୍ରାଣ ଲୋକଙ୍କ ପାଇଁ ସ୍ୱୟଂ ଈଶ୍ୱର ବି ନିଷ୍ଠୁର ହୋଇଯା'ନ୍ତି। ଅନ୍ୟମାନଙ୍କ ଦୁର୍ଭାଗ୍ୟ ସହ ଲଢ଼ୁ ଲଢ଼ୁ ଅକାଳରେ ଉଜୁଡ଼ିଯାଏ ତାଙ୍କ ଜୀବନ। କେଇ ମାସ ତଳେ ଆଗ୍ରାର ଏକ ଜନବହୁଳ ଅଞ୍ଚଳରେ ଜଣେ ଦୁର୍ଦ୍ଦାନ୍ତ ଡକାୟତ ସ୍ୱାମୀଙ୍କୁ ଆଘାତ ଦେଇ ସ୍ତ୍ରୀଙ୍କଠାରୁ ଲୁଟି ନେଇଥିଲା ସଦ୍ୟ କ୍ରୟ ହୋଇଥିବା କିଛି ମୂଲ୍ୟବାନ ସୁନାଗହଣା। ଆଖପାଖର ଲୋକେ ଏ ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟକୁ ଉପଭୋଗ କରୁଥିଲା ବେଳେ ଅଚାନକ ଆଗେଇ ଆସିଲେ ଜଣେ ସାହସୀ ଯୁବକ ଓ କୌଶଳରେ ଡକାୟତକୁ କାବୁ କରିନେଲେ। ଧରାପଡ଼ିଯିବାର ନିଶ୍ଚିତ ସମ୍ଭାବନାରେ ଆତଙ୍କିତ ହୋଇ ଡକାୟତ ଯୁବକଙ୍କ ପେଟରେ ଛୁରି ଭୁସିଦେଲା। ଅକାଳରେ ଅବସାନ ଘଟିଲା ଏକ ମହାର୍ଘ୍ୟ ଜୀବନର। ଅଙ୍ଗୁଳିରେ ଗଣି ହେଉଥିବା ପରଗତପ୍ରାଣଙ୍କ ସଂଖ୍ୟାରୁ ଆଉ ଗୋଟିଏ ସଂଖ୍ୟା ଊଣା ହୋଇଗଲା।

କେଇବର୍ଷ ପୂର୍ବରୁ ଦିଲ୍ଲୀର 'ଉପହାର' ସିନେମା ହଲରେ ନିଆଁ ଲାଗି ଯେତେବେଳେ ବାଷଠି ଲୋକ ଅକାଳରେ ଜଳି ଯାଇଥିଲେ, ସେତେବେଳେ ଯୁବକଟିଏ ବାରମ୍ବାର ପ୍ରେକ୍ଷାଳୟ ଅଗ୍ନିବଳୟ ମଧ୍ୟକୁ ପଶିଯାଉଥିଲା ଓ ଜଣଙ୍କ ପରେ ଜଣଙ୍କୁ ଉଦ୍ଧାର କରି ବାହାରକୁ ନେଇ ଆସୁଥିଲା। ଏମିତି ଚାରିଜଣଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇ ସାରିଲା ବେଳକୁ ସେ ମଧ୍ୟ ଅଗ୍ନିଝାସରେ ସିଝି ଯାଇଥିଲା। ମାତ୍ର ସେଥିକୁ ଖାତିର ନ କରି ସେ ଆଉ ଥରେ ପ୍ରେକ୍ଷାଳୟ ଭିତରକୁ ପଶିଲା ବେଳେ କେହି ଜଣେ ପଚାରିଦେଲେ, ''ତୁମର ଆଉ କେହି ସଂପର୍କୀୟ କ'ଣ ଭିତରେ ରହି ଯାଇଛନ୍ତି?'' ଯୁବକଟି ସାମାନ୍ୟ ହସି ଉତ୍ତର ଦେଲା, ''ଏମାନେ କେହି ମୋର ପରିଚିତ ବି ନୁହନ୍ତି, ସଂପର୍କୀୟ ତ ଦୂରର କଥା। ତେବେ ସଙ୍କଟରେ ପଡ଼ିଥିବା ସଭିଏଁ ମୋତେ ଜଣେ ଜଣେ ସମ୍ପର୍କୀୟ ଭଳି ଲାଗନ୍ତି।'' କହିବାକୁ କଷ୍ଟ ଲାଗୁଛି, ସଂକଟଗ୍ରସ୍ତ ଅଚିହ୍ନା ଅଜଣା ଲୋକଙ୍କୁ ନିଜ ସମ୍ପର୍କୀୟ ବିଚାରି ସେମାନଙ୍କ ଉଦ୍ଧାର ପାଇଁ ମରଣମୁହଁକୁ ଡେଇଁ ପଡ଼ିଥିବା ସେଇ ମହାନ୍ ଯୁବକଟି ଆଉ ଫେରି ଆସିଲା ନାହିଁ, ଆସି ପାରିଲାନାହିଁ। ସେ ଉଦ୍ଧାର କରିଥିବା ସେଇ ଚାରିଜଣ ଫିଲ୍ମ ଦର୍ଶକଙ୍କ ସହ ତା' ସମର୍ପିତ ସେବାର ଜୟଗାନ କରୁଥିବା ଆମ ସମସ୍ତଙ୍କ ପାଇଁ ସେ ଜଣେ ଦୃଶ୍ୟମାନ ଈଶ୍ୱର ପାଲଟି ସେଇ ସର୍ବଗ୍ରାସୀ ନିଆଁରେ ଜଳି ଯାଇଥିଲା।

ଏଭଳି ଅଭାବିତ ଦୃଶ୍ୟ ଆଖିରେ ପଡ଼ିଲେ ବା ଏ ପ୍ରକାର ସମ୍ବାଦ କାନରେ ପଡ଼ିଲେ ସେଇ ଅଦୃଶ୍ୟ ଈଶ୍ୱରଙ୍କୁ ମନଭରି ଗାଳିଦେବାକୁ ଇଚ୍ଛା ହୁଏ। ମନରେ ପ୍ରଶ୍ନଟିଏ ଉଙ୍କିମାରେ– ଏ ଦୁନିଆରେ ନିଜ ପାଇଁ ନିଜେ ବଞ୍ଚୁଥିବା କୋଟି କୋଟି ବାକ୍ୟବୀରମାନଙ୍କ ମେଳରେ ଯେଉଁ କତିପୟ କର୍ମବୀରମାନେ କଦବା କେମିତି ଆବିର୍ଭୂତ ହୁଅନ୍ତି, ସେମାନଙ୍କୁ ଏଇ ଅବିଚାରୀ ମଣିଷ ଥାନା ହାଜତରେ ରଖିପାରେ କେମିତି ବା ନିଷ୍ଠୁର ଈଶ୍ୱର ଏତେଶୀଘ୍ର ଛଡ଼ାଇ ନିଅନ୍ତି କିପରି!

ପ୍ରଜ୍ଞା ନିଳୟ, ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୭୨୪୧୦୫

# ସେଲିବ୍ରିଟି ସେବିକା

ବ୍ୟକ୍ତିତ୍ୱ



ଆନ୍ନା କାବାଲେ ଡୁବା

ପରିବାରର ୧୯ତମ ସନ୍ତାନ ଭାବେ ଆନ୍ନା କାବାଲେ ଡୁବା କେନିଆର ତୁର୍ବି ଅଞ୍ଚଳର ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପୁଅମାନଙ୍କୁ ପଢ଼ିବାର ସୁଯୋଗ ଥିବା ବେଳେ ଝିଅମାନଙ୍କୁ କମ୍ ବୟସରେ ବିବାହ କରିଦେବା ଚିନ୍ତା ମାତାପିତାଙ୍କୁ ଘାରିଥାଏ। ଏଭଳି ରିଗ୍ରେସିଭ୍ ବା ପଶ୍ଚାତ୍‌ପଦ ଚିନ୍ତାଧାରା ବିରୋଧରେ ଡୁବା ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଭଉଣୀମାନଙ୍କୁ ପଢ଼ିବାର ସୁଯୋଗ କାହିଁକି ଦିଆଗଲା ନାହିଁ ବୋଲି ମାତାପିତାଙ୍କୁ ସେ ପ୍ରଶ୍ନ କରିଥିଲେ। ସ୍ଥାନୀୟ ଅଞ୍ଚଳର ପ୍ରଥା ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଥାଏ ବୋଲି ପିତା କହିଥିଲେ। ହେଲେ ଡୁବା ମନରେ ଦମ୍ଭ ଧରିଥିଲେ ସେ ପଢ଼ିବେ ଓ ତାଙ୍କ ଜାତି ଭିତରେ ଦେଖାଦେଉଥିବା କୁସଂସ୍କାରକୁ ଦୂର କରିବା ଲାଗି ଲଢ଼େଇ କରିବେ। ତାହା ହିଁ ହେଲା। ତାଙ୍କର ଏଭଳି ଜିଦ୍‌କୁ ବଳ ଦେଇଥିଲେ ତାଙ୍କ ମା'। ସେଥିପାଇଁ ଡୁବା ମା'ଙ୍କ ସାହସକୁ ପ୍ରଶଂସା କରିଥାଆନ୍ତି। ଡୁବା ବୁଝିଥିଲେ ଝିଅମାନେ ପାଠ ନ ପଢ଼ିଲେ ସେମାନେ ସଶକ୍ତ ହୋଇପାରିବେ ନାହିଁ। ସେଥିପାଇଁ ତାଙ୍କୁ ନେତୃତ୍ୱ ନେବାକୁ ପଡ଼ିବ। ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ନର୍ସିଂ ପଢ଼ିବାକୁ ମନ ବଳାଇଥିଲେ। କାରଣ ତାଙ୍କ ପରିବାର ଓ ଅଞ୍ଚଳର ବହୁ ଲୋକ ରୋଗାକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ଜନସାଧାରଣଙ୍କୁ ରୋଗରୁ ମୁକ୍ତି ଦେବା ଲାଗି ସେ ଆରମ୍ଭ କରିଥିବା କାର୍ଯ୍ୟ ଓ ପଦକ୍ଷେପ ଚାରିଆଡ଼େ ପ୍ରଚାରିତ ହୋଇଥିଲା। ଫଳସ୍ୱରୂପ ତାଙ୍କ ତ୍ୟାଗ ଆଜି ତାଙ୍କୁ ଆଷ୍ଟର ଗାର୍ଡିଆନ୍ସ ଗ୍ଲୋବାଲ ନର୍ସିଂ ଆୱାର୍ଡ ଭଳି ଅନ୍ତର୍ଜାତୀୟ ପୁରସ୍କାର ଦେଇପାରିଛି। ନିକଟରେ ସେ ଏହି ପୁରସ୍କାର ପାଇବା ପରେ ପ୍ରତିକ୍ରିୟାରେ କହିଛନ୍ତି, ମିଳିଥିବା ସମ୍ମାନକୁ ତାଙ୍କ ରୋଗୀ, ପରିବାର, ସହକର୍ମୀ ଓ ଜୀବନଯାତ୍ରାରେ ସହାୟତାର ହାତ ବଢ଼ାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ଉତ୍ସର୍ଗ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଦୁବାଇଭିତ୍ତିକ ଆଷ୍ଟର ଡିଏମ୍ ହେଲ୍‌ଥକେୟାର ପକ୍ଷରୁ ୨୦୨୧ରେ ଅନ୍ତର୍ଜାତୀୟ ସେବିକା ଦିବସ ୧୨ ମେ'ରେ ଆଷ୍ଟର ଗାର୍ଡିଆନ୍ସ ଗ୍ଲୋବାଲ ନର୍ସିଂ ଆୱାର୍ଡ ପ୍ରତିଷ୍ଠା କରାଯାଇଥିଲା। ମାନବସମାଜକୁ ସେବିକାମାନଙ୍କ ଅପୂର୍ବ ଅବଦାନ ସକାଶେ ଏହି ଘରୋଇ ସଂସ୍ଥା ଏଭଳି ପୁରସ୍କାର ପରିକଳ୍ପନା କରିଥିବା ଆଷ୍ଟର ଡିଏମ୍ ହେଲ୍‌ଥକେୟାର ପ୍ରତିଷ୍ଠାତା ଅଧ୍ୟକ୍ଷ ଡାକ୍ତର ଆଜାଦ ମୁପେନ୍ କହିଛନ୍ତି। ୨୦୨୨ରେ ଏହାର ପ୍ରଥମ ବିଜେତା କେନିଆର ଡୁବା ହୋଇଥିବାରୁ ସେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଂଘର୍ଷମୟ କାହାଣୀ ଅନେକଙ୍କୁ ପ୍ରେରଣା ଦେବ ବୋଲି କହିଛନ୍ତି।

୩୧ ବର୍ଷୀୟା ଆନ୍ନା କାବାଲେ ଡୁବାଙ୍କର ଦୁଇଟି ସନ୍ତାନ ରହିଛି। ପରିବାର ତାଙ୍କୁ କମ୍ ବୟସରେ ବିବାହ କରିଦେବାକୁ ଚାହିଁବାରୁ ସେ ପଢ଼ାର ବାହାନା ଦେଖାଇ ବିବାହକୁ ୨୬ ବର୍ଷ ଯାଏ ଗଡ଼ାଇ ଦେଇପାରିଥିଲେ। ତାଙ୍କ ଅଞ୍ଚଳର ପ୍ରଥମ ସ୍ନାତକଧାରୀ ଓ ସେବିକା ହୋଇଥିବାରୁ ସେ ଯେତିକି ଆନନ୍ଦିତ ନୁହନ୍ତି, ସେଠାକାର ଅପାଠୁଆ ଓ ପୁରୁଣାକାଳିଆ ଚିନ୍ତାଧାରାରେ ଗତି କରୁଥିବା ଅସଂଖ୍ୟ ଲୋକଙ୍କ ମଧ୍ୟରେ ପ୍ରଗତିଶୀଳ ଭାବନା ସୃଷ୍ଟି କରିପାରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଏପିଡେମିଓଲୋଜିରେ ସ୍ନାତକୋତ୍ତର କରିଥିବା ଡୁବା ବାଳିକା ଶିକ୍ଷାକୁ ଅଗ୍ରାଧିକାର ଦେଇଚାଲିଛନ୍ତି। ଅଶିକ୍ଷା ହିଁ କୁସଂସ୍କାରକୁ ଜନ୍ମ ଦେଇଥାଏ ବୋଲି ଯାହା କୁହାଯାଇଥାଏ, ତାହାକୁ ସେ ନିଜ ଦେଶରେ ଅନୁଭବ କରିଛନ୍ତି। ବିଶେଷକରି କେନିଆର ଉତ୍ତରାଞ୍ଚଳର ଝିଅମାନଙ୍କ ଯୋନ୍ୟାଙ୍କୁର କାଟିବା ବା ସାର୍କମସିଜନ୍ ଏବଂ ଅଳ୍ପବୟସରେ ସେମାନଙ୍କୁ ବିବାହ କରିଦେବା ତାଙ୍କୁ ବ୍ୟଥିତ କରିଥିଲା। ନିଜେ ସାର୍କମସିଜନ୍‌ର ସମ୍ମୁଖୀନ ହୋଇଥିବାରୁ ଏଭଳି ଘୃଣିତ ପ୍ରଥାକୁ ବନ୍ଦ କରିବା ଲାଗି ସେ କାବାଲେ ଡୁବା ଫାଉଣ୍ଡେଶନ (କ୍ୟୁଡିଏଫ୍) ଭଳି ଏକ ସଙ୍ଗଠନ ଗଢ଼ିଛନ୍ତି। ଝିଅମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବା ଲାଗି ଏହାରି ମାଧ୍ୟମରେ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସେବା ଓ ଅର୍ଥନୈତିକ ସଶକ୍ତୀକରଣକୁ ସଙ୍ଗଠନ ଏକ ନୂଆ ରାସ୍ତା ଦେଖାଇପାରିଛି। ତାଙ୍କ ପଦକ୍ଷେପକୁ ଅନ୍ୟମାନେ ସହଜରେ ଏଇଥିପାଇଁ ଗ୍ରହଣ କରିଛନ୍ତି ଯେ, ସେ ନିଜକୁ ସେବିକା ଭାବେ ସମାଜରେ ପ୍ରତିଷ୍ଠିତ କରିବା ପୂର୍ବରୁ ପ୍ରଥମେ ସେଲିବ୍ରିଟି ହୋଇଥିଲେ। ୨୦୧୧–୧୨ରେ କେନିଆ ମିଡିଲ୍ ଇଷ୍ଟ ୟୁନିଭର୍ସିଟିରେ ପଢ଼ିବା ବେଳେ ସେ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେତେବେଳେ ତାଙ୍କ ଦେଶ ଭିତରେ ୪୭ଟି କାଉଣ୍ଟିରୁ ଆସିଥିବ ସୁନ୍ଦରୀଙ୍କ ସମାଗମ ହୋଇଥିଲା। ସେ ସେଥିରେ ଭାଗ ନେଇ ନିଜ କାଉଣ୍ଟିରୁ ପ୍ରଥମ ଓ ଦେଶରେ ଦ୍ୱିତୀୟ ସ୍ଥାନରେ ରହି ମିସ୍ ଟୁରିଜମ୍ ଆଖ୍ୟା ଅର୍ଜନ କରିଥିଲେ। ଏହା ପରେ ସେ ଘରେ ଘରେ ପରିଚିତ ହୋଇଥିଲେ। ଝିଅ ଓ ମହିଳାମାନଙ୍କୁ ସାନିଟାରି ନାପ୍‌କିନ୍ ଓ ଅଣ୍ଡରୱେୟାର ପିନ୍ଧିବା ଏବଂ ଫିମେଲ ଜେନିଟାଲ ମ୍ୟୁଟିଲେଶନ (ଏଫ୍‌ଜିଏମ୍) ଭଳି ସାଂସ୍କୃତିକ କୁସଂସ୍କାର ବିରୋଧରେ ଲଢ଼େଇ କରିବା ସକାଶେ ତାହା ହିଁ ତାଙ୍କୁ ସାହାଯ୍ୟ କରିଥିଲା ବୋଲି ଡୁବା କହିଥାଆନ୍ତି। ବାସ୍ତବରେ ଏକ ବୃହତ୍ତର ଲକ୍ଷ୍ୟ ସାଧନ ଲାଗି ଜଣେ ମହିଳା କେତେ ପର୍ଯ୍ୟାୟ ଦେଇ ଗତି କରି ସମାଜ ସଂସ୍କାରକ ପାଲଟିଥାଆନ୍ତି, ସମ୍ଭବତଃ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଡୁବଙ୍କଠାରୁ ବଡ଼ ଉଦାହରଣ ବିଶ୍ୱରେ ମିଳିବା ବିରଳ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୁନିଆରେ ଦିବ୍ୟାଙ୍ଗମାନେ ସାମାଜିକ ସ୍ରୋତରେ ପଛରେ ରହିଯାଉଛନ୍ତି। ଏହାର ଅନେକ କିଛି କାରଣ ରହିଛି, ହେଲେ ସେହିସବୁ କାରଣକୁ ନ ଖୋଜି ନିଜ ମାଧ୍ୟମରେ ଯାହାକିଛି କରିହେବ ତାହା କରୁଛନ୍ତି ମହାଦେବନ ମୁଥାଲାମ୍ପେଟ। ସେ ବାଣିଜ୍ୟ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ଛାଡ଼ି ଚେନ୍ନାଇରେ ୧୧ଟି ଚାରିଟି କେଫ୍ କରି ସେଥିରେ କେବଳ ଦିବ୍ୟାଙ୍ଗମାନଙ୍କୁ ନିଯୁକ୍ତି ଦେଇଛନ୍ତି। ମହାଦେବନ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ସମୟରେ ଦିନବେଳା ପିଲାଙ୍କୁ ପଢ଼ାନ୍ତି ଓ ରାତିହେଲେ ରେସ୍ତୋରାଁରେ କାର୍ଯ୍ୟ କରନ୍ତି। ସେବେଠାରୁ ସେ ଦିବ୍ୟାଙ୍ଗମାନଙ୍କ ପାଇଁ ନିଯୁକ୍ତି ବାଟ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ୧୯୮୯ରେ ସେ ଚାକିରି ଛାଡ଼ି ବେକରି ବ୍ୟବସାୟ ଆରମ୍ଭ କରି ନିରାଶ୍ରୟ, ସିଙ୍ଗଲ ମଦର ଓ ବର୍ନ ଭିକ୍ଟିମଙ୍କୁ ନିଯୁକ୍ତି ଦେବା ଆରମ୍ଭ କରିଥିଲେ। ପରେ ଚାରିଟି କେଫ୍ ଖୋଲି ଦିବ୍ୟାଙ୍ଗମାନଙ୍କୁ ନିଯୁକ୍ତି ଦେଉଛନ୍ତି। କେବଳ ଦିବ୍ୟାଙ୍ଗ ନୁହନ୍ତି, ବେକରିରେ ହଜାର ହଜାର କଏଦୀ ଓ ଗରିବମାନଙ୍କୁ ମଧ୍ୟ ଥଇଥାନ କରୁଛନ୍ତି। ମହାଦେବନଙ୍କ ଦ୍ୱାରା ପ୍ରତିଷ୍ଠିତ 'ଚେନ୍ନାଇ ମିଶନ' ମାଧ୍ୟମରେ ଏହି ସେବା ପରିଚାଳିତ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ମେ ୧୯୯୭

- ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି କରିବା ନେଇ ଭାରତ ଓ ଚୀନ୍ ମଧ୍ୟରେ ଏକ ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଇଚ୍ଛାଧୀନ କୋଟାର ଅପବ୍ୟବହାର କରି ଜମି ଆବଣ୍ଟନ କରିଥିବା ଅଭିଯୋଗରେ ହରିଆଣାର ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କୋର୍ଟ ନୋଟିସ।
- ମାନସିକ ଅକ୍ଷମ ପିଲାମାନଙ୍କୁ ଶିକ୍ଷା ଦେବାଲାଗି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠିତ 'ଚେତନା' ସଂସ୍ଥା ଉପରେ ଭିଜିଲାନ୍ସ ଚଢ଼ାଉ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଉତ୍ପାଦନ ବଢ଼ାଯାଉ

ମହାଶୟ,

ବିଦ୍ୟୁତ ସଂକଟ ଦୂରକରିବା ପାଇଁ ଭାରତ ସ୍ୱତନ୍ତ୍ର ପରମାଣୁ ରିଆକ୍ଟର୍ ସ୍ଥାପନ କରିବାକୁ ହେବ। ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ, ଜଳ ସଂରକ୍ଷଣ ଉପରେ ମଧ୍ୟ ପଦକ୍ଷେପ ନେବାକୁ ପଡ଼ିବ। ଏହାଦ୍ୱାରା ଭାରତ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଅନ୍ୟଦେଶକୁ ଶକ୍ତି ବିକ୍ରି କରି ଅର୍ଥନୀତିକୁ ସୁଦୃଢ଼ କରିପାରିବ। ନୂତନ ଶକ୍ତି ଉତ୍ପାଦନ କରି ଏହାର ସଂରକ୍ଷଣ କଲେ ଦେଶରୁ ଶକ୍ତିସଂକଟ ଦୂର କରାଯାଇ ପାରିବ। ବିଦ୍ୟୁତ୍ ଶକ୍ତି ଅପଚୟକୁ ରୋକି କିମ୍ବା ହ୍ରାସ କରି ଶକ୍ତିର ଉପଯୁକ୍ତ ବିନିଯୋଗ କରିବାରେ ସଚେତନ ହେବା ଜରୁରୀ। ଅଚଳ ହୋଇ ପଡ଼ି ରହିଥିବା ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପଗୁଡ଼ିକୁ ସଚଳ କରାଇବାରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ଅନ୍ୟପକ୍ଷରେ, ସୌରଶକ୍ତି ଦ୍ୱାରା ପ୍ରସ୍ତୁତ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧିରେ ଆବଶ୍ୟକ ସୌର ପ୍ୟାନେଲଗୁଡ଼ିକୁ ଦେଶର ବିଭିନ୍ନ ସ୍ଥାନରେ ସ୍ଥାପନ କରିଯିବା ଦରକାର। ଏ ଦିଗରେ ସରକାର ଯତ୍ନବାନ ହେଲେ ଭାରତ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବ। ଅଦ୍ୟାବଧି ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଜଳ ବିଦ୍ୟୁତ୍, ତାପଜ ବିଦ୍ୟୁତ୍, ବାୟୁ ବିଦ୍ୟୁତ୍ ଓ ସମୁଦ୍ର ଜୁଆରରୁ ପ୍ରସ୍ତୁତ ବିଦ୍ୟୁତ୍ ପ୍ରମୁଖ ସ୍ଥାନ ନେଇଛି। ବର୍ତ୍ତମାନ ବିଶ୍ୱରେ ଯେଉଁ ଦେଶ ଶକ୍ତି ଉତ୍ପାଦନ, ସଂରକ୍ଷଣରେ ଯେତିକି ଦକ୍ଷ ସେ ଦେଶ ସେତିକି ଉନ୍ନତ ଓ ବିକଶିତ। ଏଣୁ ଭାରତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ବଣ୍ଟନରେ ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ। ଅନ୍ୟପକ୍ଷରେ ଲୋକଙ୍କ ପାଇଁ କିଛି ସୁବିଧା କରାଯିବା ଦରକାର। ଲୋକମାନେ କିଭଳି ସୌର ଶକ୍ତି ଉତ୍ପାଦନ କରିପାରିବେ ସେଥିପାଇଁ ପଞ୍ଚାୟତ ସ୍ତରରେ ସେମାନଙ୍କୁ ସୌର ପ୍ୟାନେଲ ଯୋଗାଇ ଦେଇ ତାହାକୁ ସ୍ଥାପନ କରିବାରେ ସାହାଯ୍ୟ କରିବା ଆବଶ୍ୟକ। ଉପକୂଳବର୍ତ୍ତୀ ଅଞ୍ଚଳରେ ପବନରୁ ଶକ୍ତି ସଂଗ୍ରହ ପାଇଁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉ।

–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶକତି ନାହିଁ କାହାର, ବିଧିର ନିୟୋଗ–
ଘଟିବ ସେ ଦୁହିଁଙ୍କ ବିୟୋଗ
ଦିବସର ଅବସାନେ।
ସେ ଲାଗି କି ପଡିଚି ଭାଳେଣି ?
କିଏ ଆର ପାର ଲାଗି ଆଗ ହୋଇ
ମାଗିବ ମେଲାଣି ?

(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 9 | 4 | | | 8 | |
| | | | | 3 | | | | |
| | | | | | | 1 | | |
| | | 3 | | 1 | 2 | | | 4 |
| | | | | | | 9 | | |
| | | | | 5 | | | 2 | |
| | 8 | | | | | 7 | | |
| | 4 | 5 | | | | | | 9 |
| | | 9 | 8 | | 6 | | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 4 | 9 | 1 | 7 | 6 | 2 |
| 2 | 4 | 9 | 8 | 6 | 7 | 1 | 5 | 3 |
| 1 | 6 | 7 | 2 | 3 | 5 | 8 | 4 | 9 |
| 9 | 8 | 2 | 6 | 5 | 3 | 4 | 1 | 7 |
| 5 | 3 | 4 | 1 | 7 | 8 | 9 | 2 | 6 |
| 7 | 1 | 6 | 9 | 4 | 2 | 3 | 8 | 5 |
| 4 | 2 | 5 | 7 | 8 | 9 | 6 | 3 | 1 |
| 8 | 7 | 1 | 3 | 2 | 6 | 5 | 9 | 4 |
| 6 | 9 | 3 | 5 | 1 | 4 | 2 | 7 | 8 |

ଗତ କାଲିର ଉତ୍ତର

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୨ ମେ, ୨୦୨୨



# ମାନସିକ, ଆର୍ଥିକ ଦଣ୍ଡ ଭୋଗୁଛନ୍ତି ରୋଗୀ

କେନ୍ଦ୍ରାପଡ଼ା ଅଫିସ, ୨୧।୫

କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ନିକଟରେ ସାମୁଦ୍ରିକ ଝଡ଼ ଅସାନି ଭୟର ବାତାବରଣ ସୃଷ୍ଟି କରିଥିଲା। ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କରାଯାଇ ୧୨୯ ପ୍ରସୂତିଙ୍କୁ ବିଭିନ୍ନ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଜିଲାପାଳ ଅମୃତ ଋତୁରାଜ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ସାମୁଦ୍ରିକ ଝଡ଼ ପୂର୍ବରୁ ପ୍ରସୂତିଙ୍କୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ଥଇଥାନ କେଉଁଠାରେ କରାଯିବ ବୋଲି ବୁଦ୍ଧିଜୀବୀମାନେ ବାରମ୍ବାର ପ୍ରଶ୍ନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଅନତି ଦୂର ଶାମଗୁଡିଆରେ ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ର ଗତ ଡିସେମ୍ବର ୧୫ ତାରିଖରେ ଉଦ୍‌ଘାଟିତ ହୋଇଯାଇଛି। କିନ୍ତୁ କେନ୍ଦ୍ର ନିର୍ମାଣ କାମ ଅଦ୍ୟାବଧି ସରିନାହିଁ। ଏଥିଯୋଗୁ ସ୍ୱାସ୍ଥ୍ୟସେବା ଉପଲବ୍ଧ ହୋଇନାହିଁ। ଜିଲାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୁରୁଡ଼ି ଦର୍ଶାଯାଉଥିବା ବେଳେ ବାସ୍ତବରେ ଡାକ୍ତରମାନେ ଘରୋଇ ଚିକିତ୍ସାଳୟରେ ଅଧିକ ବ୍ୟସ୍ତ ରହୁଛନ୍ତି। ନର୍ସିଂହୋମ୍‌ରେ ଆଶାକର୍ମୀ ବୁଲୁଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କାର୍ଡ ନର୍ସିଂହୋମ୍‌ର ଏଟିଏମ୍ ପାଲଟିଛି। ଫଳରେ ରୋଗୀ ମାନସିକ ଓ ଆର୍ଥିକ ଦଣ୍ଡ ଭୋଗୁଛନ୍ତି ବୋଲି ମତ ପ୍ରକାଶ ପାଇଛି।




## ଚିକିତ୍ସା କମ୍, ରେଫର ଅଧିକ

ଗତ ୫ ଦିନ ପୂର୍ବର ଘଟଣା। ଗ୍ରାମର ଜଣେ ପ୍ରସୂତିଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲୁ। ଡାକ୍ତର କହିଲେ ପ୍ରସୂତିଙ୍କ ଅପରେଶନ ଆବଶ୍ୟକ। ସଂଜ୍ଞାହୀନ କରିବା ଏଠାରେ ସମ୍ଭବ ନ ଥିବାରୁ କଟକ ରେଫର କଲେ। ସେଠାରେ ଦେଖିଲୁ ସମ୍ପୃକ୍ତ ଡାକ୍ତର ନର୍ସିଂହୋମ୍‌ରେ ଅପରେଶନ କରୁଛନ୍ତି। ରାଜ୍ୟ ସରକାରଙ୍କ କଡ଼ା କଟକଣାକୁ ବେଖାତିର କରି ୪ରୁ ଅଧିକ ଆଶାକର୍ମୀଙ୍କୁ ଏହି ନର୍ସିଂହୋମ୍‌ରେ ଦେଖିଥିଲୁ। ଜିଲା ମୁଖ୍ୟ ଚିକିତ୍ସାଳୟର ଏହି ବିଭାଗରେ ୫ ଜଣ ଡାକ୍ତର ନିଯୁକ୍ତ ହୋଇଥିଲେ ମଧ୍ୟ ପ୍ରସୂତିଙ୍କୁ ରେଫର ଯୋଗୁ ସହର ମଧ୍ୟରେ ୯ ନର୍ସିଂହୋମ୍ ସୁରୁଖୁରୁରେ ଚାଲିଛି।



–ବିଧୁଭୂଷଣ ମହାପାତ୍ର, ଡେରାବିଶ

## ଡିସ୍‌ପ୍ଲେ ବୋର୍ଡରେ ନାହିଁ କର୍ମଚାରୀଙ୍କ ନାମ

ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁପରିଚାଳନା ପାଇଁ ଡିସ୍‌ପ୍ଲେ ବୋର୍ଡ ଅଛି। ଏହି ବୋର୍ଡରେ କର୍ମଚାରୀଙ୍କ ନାମ, କର୍ତ୍ତବ୍ୟ ସମୟ ଓ ମୋବାଇଲ ନଂ. ରହୁନାହିଁ। ଡାକ୍ତରମାନେ ଏହାର ସୁବିଧା ନେଇ ସକାଳ ୫ଟାରେ ଆଉଟ୍‌ଡୋର କାମ ସାରିଦେଇ ଘରୋଇ ଚିକିତ୍ସାରେ ବ୍ୟସ୍ତ ରହୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଆଉଟ୍‌ଡୋରରେ ପ୍ରବଳ ଭିଡ଼ ହେଉଛି। ଅପରପକ୍ଷରେ ଗ୍ରାମାଞ୍ଚଳ ପିଏଚ୍‌ସି ଓ ସିଏଚ୍‌ସିରେ ପ୍ରତ୍ୟେକ ଦିନ ୬ ଘଣ୍ଟା କାର୍ଯ୍ୟ କରିବା ନିୟମ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହରେ ଏକକାଳୀନ ୩ ଦିନ ରହି ନିଜର ୪୨ ଘଣ୍ଟାର କର୍ତ୍ତବ୍ୟ ସାରିଥିବା ପ୍ରକାଶ କରୁଛନ୍ତି। ଫଳରେ ରୋଗୀ ବାଧହୋଇ କ୍ୱାକ୍‌ଙ୍କ ହାବୁଡ଼ରେ ପଡୁଛନ୍ତି।



– ପ୍ରଶାନ୍ତ କୁମାର ନାୟକ, ଅଯୋଦ୍ଧାନଗର

**କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ**

- ସ୍ୱାସ୍ଥ୍ୟସେବା ଅପେକ୍ଷା ରେଫର ଅଧିକ
- ଡିସ୍‌ପ୍ଲେ ବୋର୍ଡରେ ନାହିଁ କର୍ମଚାରୀଙ୍କ ନାମ
- ୬ ଦିନ ବଦଳରେ ଏକକାଳୀନ ୪୨ ଘଣ୍ଟା

## ରେଫର ସମ୍ପର୍କରେ ସୂଚନା ନାହିଁ

କେନ୍ଦ୍ରାପଡ଼ା ଜିଲା ରୋଗୀଙ୍କ ଭାଗ୍ୟ ପ୍ରେସ୍‌କ୍ରିପ୍‌ଶନର ରେଫରରେ ସୀମିତ। ପ୍ରେସ୍‌କ୍ରିପ୍‌ଶନରେ କେଉଁ ରୋଗ ହୋଇଛି, କେଉଁ ପ୍ରକାର ଚିକିତ୍ସା ଡାକ୍ତରଙ୍କ ପାଖରେ ଉପଲବ୍ଧ ହେଉନାହିଁ, ରୋଗୀଙ୍କୁ କ'ଣ ପାଇଁ ରେଫର କରାଯାଉଛି, ସେ ସମ୍ପର୍କରେ ଉଲ୍ଲେଖ ରହୁନାହିଁ। ଫଳରେ ଜିଲା ସ୍ୱାସ୍ଥ୍ୟସେବାର ଆବଶ୍ୟକ ଭିତ୍ତିଭୂମିକୁ ସଜଡ଼ା ଯାଇ ପାରୁନାହିଁ। ସାଧାରଣ ଭାବେ ହାଡ଼ଭଙ୍ଗା ମାମଲାରେ ପ୍ଲାଷ୍ଟରଟିଏ ହେଉନାହିଁ। ବିଭିନ୍ନ ସମୟରେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ଆଦି ମେଶିନ ଚଳାଇବାକୁ କର୍ମଚାରୀ ମିଳୁନାହାନ୍ତି। ଡାକ୍ତର ଓ କର୍ମଚାରୀ ଅଭାବ ଦର୍ଶାଇ ରେଫର କରାଯାଉଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଭିତ୍ତିଭୂମି ସଜାଡ଼ିବାରେ ଅବହେଳା କରାଯାଉଛି। ପ୍ରତିଦିନ ଜିଲାପାଳ ଓ ସିଡିଏମ୍‌ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ କଲେ ଏହାର ସମାଧାନ ହୋଇପାରନ୍ତା।



–ଲକ୍ଷ୍ମୀକାନ୍ତ ନାୟକ, ଗୁଲ୍‌ନଗର।

**ସଂକ୍ଷେପରେ**

## ଅସୁସ୍ଥ ଡ୍ରାଇଭରଙ୍କ ଚିକିତ୍ସା ପାଇଁ ସାହାଯ୍ୟ ଭିକ୍ଷା

ରାଜନଗର,୨୧।୫(ଡି.ଏନ୍.ଏ.): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଝାରୀ ଗାଁର ଡ୍ରାଇଭର ରାକେଶ ପାତ୍ର ଅସୁସ୍ଥ ଅଛନ୍ତି। ତାଙ୍କର ଦୁଇଟି କିଡ୍‌ନୀ ଖରାପ ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ରାକେଶ ଓଡ଼ିଶା ମୋଟର ଚାଳକ ସଂଘର ଜଣେ ସଦସ୍ୟ ହୋଇଥିବାରୁ ସଂଘ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ରାଜନଗର ଶାଖା ପରିଚାଳକ ଶ୍ରୀକାନ୍ତ କୁମାର ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ତଥା ରାଜନଗର ଶାଖା ସଭାପତି ଅମର କୁମାର ନାୟକ, ସମ୍ପାଦକ ହେମନ୍ତ କୁମାର ମଲିକ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାମଲ ଏବଂ ଅନ୍ୟ ସଦସ୍ୟମାନେ ଅସୁସ୍ଥ ରାକେଶଙ୍କୁ ଭେଟି ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ତାଙ୍କର ଉତ୍ତମ ଚିକିତ୍ସା ପାଇଁ ସଂଘ ସଦସ୍ୟମାନେ ରାଜନଗର ବଜାର ଏବଂ ଯାତାୟାତ କରୁଥିବା ଡ୍ରାଇଭରଙ୍କଠାରୁ ସାହାଯ୍ୟ ଭିକ୍ଷା ଆଣି ରାକେଶଙ୍କୁ ଅର୍ଥରାଶି ପ୍ରଦାନ କରିଛନ୍ତି।

## ଶ୍ରୀଧର ପାତ୍ର ଥିଲେ ଆଳି ଅଞ୍ଚଳର ଅନନ୍ୟ ସଙ୍ଗଠକ

ଆଳି,୨୧।୫(ଡି.ଏନ୍.ଏ.): ଆଳି ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନ ଗଢ଼ିବାରେ ଶ୍ରୀଧର ପାତ୍ର ଥିଲେ ଅନନ୍ୟ ସଂଗଠକ ବୋଲି ଶନିବାର ପ୍ରଥମ ଶ୍ରାଦ୍ଧ ଦିବସରେ ଆୟୋଜିତ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ଦେମାଳ ପଞ୍ଚାୟତର ଗିରିବନ୍ଧ ଗାଁରେ ଶ୍ରୀଧର ପାତ୍ର ସ୍ମୃତି ପରିଷଦ ପକ୍ଷରୁ ଏକ ସ୍ମୃତିସଭା ପାଳିତ ହୋଇଯାଇଛି। ପଣ୍ଡିତ ମହେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଳି ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତ, ପଦ୍ମଚରଣ ରାଉତ, ବାସୁଦେବ ସିଂ, ରମେଶ ପଣ୍ଡା, ମଦନ ମୋହନ ରାଉତ, ନଟବର ଦାଶ, ଚିରଞ୍ଜୀବୀ ଦାସ ଓ ଗୋବିନ୍ଦ ଚନ୍ଦ୍ର ନନ୍ଦ, ମାତୃ ସାଧିକା ଉର୍ମିଳା ଅପା ଓ ସୁରୁଚି ଦାସ ପ୍ରମୁଖ ସ୍ୱର୍ଗତ ପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ ହେଉଛି ତାଙ୍କ ମାନସ ସନ୍ତାନ, ଯେଉଁ ଅନୁଷ୍ଠାନ ପାଇଁ ଆଜି ଏହି ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ସମାଜରେ ପ୍ରତିଷ୍ଠା ଲାଭ କରିଛନ୍ତି। ସେହିପରି ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠାନ ମଧ୍ୟ ତାଙ୍କୁ ଚିରଦିନ ମନେ ପକାଇବ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନ୍ୟା ସମୟରେ ରିଂବନ୍ଧ ରକ୍ଷା କରିଥିବା ବଟକୃଷ୍ଣ ରାଉତ, ସଫଳ ଚାଷୀ ମେଘାନନ୍ଦ ବେହେରା, ସାପ ଧରିବାରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରୁଥିବା କେଶବ ସିଂ, କୁନି ଚିତ୍ରଶିଳ୍ପୀ ସାରଦା ସୁମନ ସାହୁ, କୃତୀ ଛାତ୍ରୀ ପ୍ରଜ୍ଞାପାରମିତା ପଣ୍ଡା, କୁନି ଧାବିକା ମାମୁନି ମଲିକ, ଯୁବ ସଙ୍ଗଠକ ନରେଶ ଦାସ, ଲୁହା କର୍ମକାର ବସନ୍ତ ଓଝା, କୁଶଳୀ ରାଜମିସ୍ତ୍ରି ନିରାକାର ସେଠୀ, ଯୁବ ଉଦ୍ୟୋଗୀ ଦେବାଶିଷ ସାମଲ, ସବୁଜପ୍ରେମୀ ରାଜେନ୍ଦ୍ର ଲେଙ୍କା ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରଚାରକ ଗଗନ ବିହାରୀ ପରିଡାଙ୍କୁ ପରିଷଦ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ପରିଷଦ ସମ୍ପାଦକ ନରହରି ପାତ୍ର, ସହଯୋଗୀ କରୁଣାକର ସାମଲ, ମୁଖ୍ୟ ଟ୍ରଷ୍ଟି ଧରଣୀଧର ପାତ୍ର, ଉପଟ୍ରଷ୍ଟି ଶରତ ଚନ୍ଦ୍ର ସାମଲ ଓ ସହଦେବ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅକ୍ଷୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୭୭ ଏସ୍‌ଏଚ୍‌ଜିଙ୍କୁ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ

ପାଟକୁରା,୨୧।୫ (ଡି.ଏନ୍.ଏ.)

ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ସଶକ୍ତ କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏହା ଦ୍ୱାରା ସମାଜରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ପରିବାର ପରିଚାଳନାରେ ସେମାନଙ୍କର ପ୍ରମୁଖ ସହଭାଗିତା ରହିବ। ଶନିବାର ଗରଦପୁର ବ୍ଲକର ମିଶନ ଶକ୍ତି ବିଭାଗ ପକ୍ଷରୁ ୭୭ ଏସ୍‌ଏଚ୍‌ଜିଙ୍କୁ ବିଭିନ୍ନ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ମେଳାରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ବିଡିଓ ରଞ୍ଜିତ କୁମାର ମଲ୍ଲିକଙ୍କ ଉପସ୍ଥିତିରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କୁକୁଡ଼ା ଚାଷ ପାଇଁ ୩୨ଟି ଏସ୍‌ଏଚ୍‌ଜି, ଛତୁଚାଷ ପାଇଁ ୪ଟି, ସଙ୍କରଜାତୀୟ ପନିପରିବା ପାଇଁ ୩ଟି, ଫୁଲଚାଷ ପାଇଁ ୪ଟି, ୨୦୦ ଟିକିଆ ଅଣ୍ଡାଦିଆ କୁକୁଡ଼ା ଲାଗି ୩ଟି, ୧୦୦୦ ଟିକିଆ ବ୍ରଏଲର ନିମନ୍ତେ ୩ଟି, ମଧ୍ୟାହ୍ନଭୋଜନ ଯୋଗାଣ ପାଇଁ ୮ଟି, ଅଙ୍ଗନୱାଡି ପୋଷାକ ଯୋଗାଣ ପାଇଁ ୬ଟି, କୁଣ୍ଡରେ ମାଛଚାଷ ପାଇଁ ୩ଟି, ଡାକ୍ତରଖାନାକୁ ଖାଦ୍ୟ ଯୋଗାଣ ଗୋଟିଏ, ଡାକ୍ତରଖାନାରେ କ୍ୟାଣ୍ଟିନ ୨ଟି, ଛୋଟ ଧାନକଳ ଗୋଟିଏ, ଛେଳି ଫାର୍ମ ପାଇଁ ୭ଟି, ମୋଟ୍ ୭୭ ସ୍ୱୟଂ ସହାୟିକା ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏସ୍‌ଏଚ୍‌ଜିର ସଦସ୍ୟାମାନେ ପ୍ରକଳ୍ପ ଅର୍ଥର ଠିକ୍ ବିନିଯୋଗ କଲେ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଧାୟିକା ଅଗ୍ରୱାଲ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀଧନ ବିଭାଗର ଡା. ଜ୍ୟୋତିଦୀପ୍ତ ମହାନ୍ତି, ସିଡିପିଓ ମିନତି ବେହେରା, ମିଶନ ଶକ୍ତି ବିପିସି ଅଖିଳ କୁମାର ଆଚାର୍ଯ୍ୟ, ଆକାଉଣ୍ଟାଣ୍ଟ ମହେନ୍ଦ୍ର କୁମାର ସ୍ୱାଇଁ, ଜୀବିକା ମିଶନର ବିପିଏମ୍ ସୁସ୍ମିତା ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟାଦେଶ ବଣ୍ଟନ ମେଳାରେ ସହାୟତା କରିଥିଲେ।



ବଣ୍ଟନ ମେଳାରେ ଉପସ୍ଥିତ ପଦାଧିକାରୀମାନେ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ

ଡେରାବିଶ, ୨୧।୫(ସ୍ୱ.ପ୍ର.)

ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ୨୬ଟି ପଞ୍ଚାୟତରେ ଥିବା ୧୦୪ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ବିଡିଓ ଗୋପବନ୍ଧୁ ଭୋସାଗର ଅଧ୍ୟକ୍ଷତା କରିଥିଲେ। ଏଥିରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସ୍ନେହଲତା ସାହୁ ଯୋଗଦେଇ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ସରକାର ମିଶନ ଶକ୍ତି ମାଧ୍ୟମରେ ନେଉଥିବା ପଦକ୍ଷେପ ଅଧିକ ସ୍ୱାବଲମ୍ବୀ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଏସ୍‌ଏଚ୍‌ଜିଙ୍କୁ ଗୋପାଳନ, ଛେଳି ଓ କୁକୁଡ଼ା ଚାଷ, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପନିପରିବା ଓ ଫୁଲ ଚାଷ, କୃଷି ବିଭାଗ ପକ୍ଷରୁ କୃଷି, ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟାହ୍ନଭୋଜନ, ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଚାଷ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମେଳାରେ ଏବିଡିଓ ଭଞ୍ଜକିଶୋର ନାୟକ, ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଜୀବନାନନ୍ଦ ମହାନ୍ତି, ଉଦ୍ୟାନ କୃଷି ବିଭାଗ ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ବ୍ଲକ କୃଷି ଅଧିକାରୀ ବନଲତା ବେହେରା ଓ ମତ୍ସ୍ୟ ବିଭାଗ ଅଧିକାରୀ ପ୍ରିୟସୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ବାରିକ ଓ ଜୀବିକା ମିଶନ ପ୍ରକଳ୍ପ ସଂଯୋଜକ ରତ୍ନମଞ୍ଜରୀ ବାରିକ ପରିଚାଳନା କରିଥିଲେ।



ବିଧାୟିକା ସାବିତ୍ରୀ ଅଗ୍ରୱାଲ ଏସ୍‌ଏଚ୍‌ଜି ମହିଳାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ଶୀତଳଷଷ୍ଠୀ, ଶିବବିବାହ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର,୨୧।୫(ଡି.ଏନ୍.ଏ.)

ରାଜନଗର ବ୍ଲକ ଗୋସିଗାଁସ୍ଥିତ ଶ୍ରୀ ଶ୍ରୀ ଗଡେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଓ ଶିବବିବାହ ଉତ୍ସବ ପାଇଁ ଶୁକ୍ରବାର ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଡେଶ୍ୱର ମହାଦେବଙ୍କ ୧୮ତମ ସହସ୍ର କୁମ୍ଭାଭିଷେକ, ଗୀତାଯଜ୍ଞ ଓ ଶିବ ବିବାହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହସ୍ର କୁମ୍ଭାଭିଷେକର କର୍ତ୍ତା ରୂପେ ରାଜନଗର ବିଧାୟକ ଧ୍ରୁବ ସାହୁ, ଶିବବିବାହ ଉତ୍ସବ ନିମନ୍ତେ ଗଡେଶ୍ୱରଙ୍କ ପିତା ରୂପେ ରେସୋଗାଁର ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ କନ୍ୟାପିତା ଭାବେ ରାଜନଗର ଗାଁର ବିଷ୍ଣୁଚରଣ ସାହୁ ବିଧି ଅନୁସାରେ ଦେବନୀତି ସମ୍ପନ୍ନ କରିବେ। ୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମେ' ୩୧ରେ ଅଙ୍କୁରାରୋପଣ, ଜୁନ୍ ୧ରେ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା, ୨ ତାରିଖରେ ସୂର୍ଯ୍ୟପୂଜା, ଗୋମାତା ପୂଜା, ଯଜ୍ଞାଗ୍ନି ସ୍ଥାପନ ଏବଂ ବାବା ଗଡେଶ୍ୱର ମହାଦେବଙ୍କ ସହସ୍ର କୁମ୍ଭାଭିଷେକ, ୩ ତାରିଖରେ ସୂର୍ଯ୍ୟପୂଜା, ଗୋମାତା ପୂଜା ଏବଂ ଶ୍ରୀମଦ୍ ଗୀତାଯଜ୍ଞ ଅନୁଷ୍ଠିତ ହେବ। ୪ ତାରିଖରେ ବାବା ଗଡେଶ୍ୱର ବରଯାତ୍ରୀ ଏବଂ ବାଜା ବାଣ ରୋଶଣି ସହ ନଗର ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣରେ ବିବାହ ଉତ୍ସବ ଅନୁଷ୍ଠିତ ହେବା ସହ ଶିବ ସହସ୍ରନାମ ଏବଂ ଗୀତାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ। ନଗର ପରିକ୍ରମା ସମୟରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ପାରମ୍ପରିକ ବାଦ୍ୟ, ଘଣ୍ଟପାଟୁଆ ଏବଂ ସଙ୍କୀର୍ତ୍ତନ ମଣ୍ଡଳୀ ସହ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି। ୨ ଓ ୩ ତାରିଖ ସନ୍ଧ୍ୟାରେ ଭଜନ ଏବଂ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଚନ୍ଦ୍ରମଣି ରାଉତ, ମହେଶ୍ୱର ବିଶ୍ୱାଳ, ପଞ୍ଚାନନ ପ୍ରଧାନ, ସର୍ବେଶ୍ୱର ମହାନ୍ତି, ବୀରକିଶୋର ଜେନା, ଅନନ୍ତ କିଶୋର ରାଉତ, ଦାମୋଦର ସ୍ୱାଇଁ, ବଲ୍ଲଭ କୁମାର ବଳଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଫାର୍ମାସିଷ୍ଟ, ଷ୍ଟାଫ୍‌ନର୍ସଙ୍କ ଭରସାରେ ୨ ଦିନ ଚାଲିଲା

ଆଳି,୨୧।୫(ଡି.ଏନ୍.ଏ.)

**ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଦିନ ହେବ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ। ଫଳରେ ଫାର୍ମାସିଷ୍ଟ ଓ ଷ୍ଟାଫ୍‌ନର୍ସମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ଚିକିତ୍ସା କରିବା ସହ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲ ରେଫର କରୁଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଝାଡ଼ାବାନ୍ତି, ଅଂଶୁଘାତ, ବିଷପାନ ପ୍ରତିକାର ଓ ପ୍ରସୂତି ନିମନ୍ତେ ଅନେକ ରୋଗୀ ଆସିଥିବା ବେଳେ ସେମାନଙ୍କୁ ଡାକ୍ତରଙ୍କ ବଦଳରେ ଫାର୍ମାସିଷ୍ଟ ଚିକିତ୍ସା କରୁଥିବା ଶୁକ୍ରବାର ରାତିରେ ଦେଖିବାକୁ ମିଳିଥିଲା, ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡାକ୍ତରମାନେ ପିଜି ଏଣ୍ଟ୍ରାନ୍ସ ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ଛାଡି ପରୀକ୍ଷା ଦେବାକୁ ଯାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଶନିବାର କିଛି ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିଲେ ସୁଦ୍ଧା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ସରପଞ୍ଚମାନଙ୍କ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା ଅଧିକାରୀମାନେ।

ଆଳି,୨୧।୫(ଡି.ଏନ୍.ଏ.)

ଆଳି ବ୍ଲକ ସଭାଗୃହ ପରିସରରେ ୩୪ଟି ପଞ୍ଚାୟତର ନୂତନ ସରପଞ୍ଚମାନଙ୍କ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍), କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ ଭଳି ଅନେକ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ସ୍କିମ୍ ଜରିଆରେ କିପରି ଋଣ ମିଳିପାରିବ ଯେପରି ଏମ୍‌କେୱାଇ, ପିଏମ୍‌ଏ ଜିପି, ମୁଦ୍ରା, ଡିଆରଆଇ, ସୁକନ୍ୟା ସମୃଦ୍ଧି, ବାଣୀଶ୍ରୀ ଆଦି ସରକାରୀ ଯୋଜନା ବିଷୟରେ ମଧ୍ୟ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅମୃତ ସରୋବର(ପୋଖରୀ) କିପରି ଅଧିକ ସଂଖ୍ୟାରେ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ନୂତନ ସରପଞ୍ଚମାନେ ନିଜର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଶିବିରରେ ଜିଲାପାଳ ଋତୁରାଜଙ୍କ ସମେତ ଜିଲା ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ସହକାରୀ ପ୍ରକଳ୍ପ ଅଧିକାରୀ ମନ୍ଦୋଧର ମହାଲିକ, ଆଳି ବିଡିଓ ଦ୍ୱିବେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିଞ୍ଝାରପୁର,୨୧।୫(ଡି.ଏନ.ଏ.)

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଛକଠାରେ ବିଜେଡିର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ପ୍ରମୋଦ କୁମାର ସାମଲଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକ, ଧର୍ମେନ୍ଦ୍ର ସାମଲ, ପଞ୍ଚାୟତ ସଭାପତି ବିଶରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଦାସଙ୍କ ସମେତ ଅନ୍ୟ ଅତିଥିମାନେ ବଗମରା ସେତୁ ଓ ମଧୁସୂଦନପୁର ମଧ୍ୟସ୍ଥଳରେ ହେବାକୁ ଥିବା ଜଳ ସଂରକ୍ଷଣ ପ୍ରକଳ୍ପ ସ୍ଥାନ ନିରୁପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ନାୟକ, ଗୁରୁଚରଣ ରାଉତ, ବସନ୍ତ ମଲିକ, ପ୍ରଫୁଲ୍ଲ ପୃଷ୍ଟି, ସଚ୍ଚିଦାନନ୍ଦ ବାରିକ ଓ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# କିଏ ନେବ ବିଜୟଙ୍କ ସ୍ଥାନ, ଚାଲିଛି ଅଙ୍କକଷା

ମହାକାଳପଡ଼ା,୨୧।୫(ଡି.ଏନ୍.ଏ.)

- ଭାଜପାର ୭୭ ହଜାର ଭୋଟ୍ ଉପରେ ନଜର
- ଶ୍ରଦ୍ଧାଞ୍ଜଳି ସଭାକୁ ନେଇ ରାଜନୈତିକ ସରଗରମ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପାର ତୁଙ୍ଗ ନେତା ବିଜୟ କୁମାର ପ୍ରଧାନଙ୍କ ପରଲୋକ ପରେ ଏବେ ଅଞ୍ଚଳରେ ରାଜନୈତିକ ଉଷ୍ମତା ବାରି ହୋଇପଡ଼ିଲାଣି। ପ୍ରଧାନଙ୍କ ମୃତ୍ୟୁ ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସ୍ମୃତିସଭା ଅନୁଷ୍ଠିତ ହେଉଛି। ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ମଧ୍ୟ ସଭା କରୁଛନ୍ତି। ମୃତ୍ୟୁର ୨୧ ଦିନ ପରେ ବିଜୟ କୁମାର ପ୍ରଧାନଙ୍କ ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ରବିବାର ସ୍ଥାନୀୟ ରାମନଗରସ୍ଥିତ ମା' ରାମଚଣ୍ଡୀ ମନ୍ଦିର ନିକଟ ମେଳଣ ପଡ଼ିଆରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟର ଭାଜପା ନେତୃମଣ୍ଡଳୀ ଯୋଗଦେବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ୨୦୧୯ ସାଧାରଣ ନିର୍ବାଚନରେ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ସ୍ୱର୍ଗତ ପ୍ରଧାନ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ସହ ଲଢ଼ି ପରାଜୟ ବରଣ କରିଥିଲେ। ନିର୍ବାଚନରେ ସ୍ୱର୍ଗତ ପ୍ରଧାନ ୭୭ ହଜାରରୁ ଅଧିକ ଭୋଟ ହାତେଇଥିଲେ। ଭାଜପାର ସାଙ୍ଗଠନିକ ସ୍ଥିତି ଦୁର୍ବଳ ଥିବା ସତ୍ତ୍ୱେ ବିରୋଧୀ ଦଳକୁ ଚକମା ଦେବାରେ ବିଜୟ ସକ୍ଷମ ହୋଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ପରେ ତାଙ୍କୁ ମିଳୁଥିବା ଦଳୀୟ ଭୋଟ କାହା ପକେଟକୁ ଯିବ, ତାହାକୁ ନେଇ ଶ୍ରଦ୍ଧାଞ୍ଜଳି ସଭା ନାମରେ ଭାଜପା ଅଙ୍କ କଷିବା ଆରମ୍ଭ କରିଦେଇଛି। ଉକ୍ତ ନିର୍ବାଚନମଣ୍ଡଳୀ ଉପରେ ୨୦୨୪ ପାଇଁ ଭାଜପାର ବରିଷ୍ଠ ଓ ଯୁବବର୍ଗ ନଜର ପକାଇଛନ୍ତି। ଏହି ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ସାଙ୍ଗଠନିକ ସ୍ଥିତି ଦୁର୍ବଳ ଥିବା ଭାଜପା ତା'ର ରଣନୀତି କିପରି ପ୍ରସ୍ତୁତ କରିବ ତାହା ସମୟ କହିବ। କାରଣ ଏହି ନିର୍ବାଚନମଣ୍ଡଳୀ ଶାସକ ଦଳ ସପକ୍ଷରେ ଥିବା ବେଳେ ଭାଜପା ଏବେଠାରୁ ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ତେବେ ଅନୁଷ୍ଠିତ ହେବାକୁ ଥିବା ଶ୍ରଦ୍ଧାଞ୍ଜଳି ସଭାକୁ ନେଇ ରାଜନୈତିକ ମହଲରେ ଉଷ୍ମତା ପ୍ରକାଶ ପାଇଛି।

## ସଂକ୍ଷେପରେ

### ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ

ତିର୍ତ୍ତୋଲ,୨୧।୫(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅଧୀନ ସାମନ୍ତରାୟପୁର ପଞ୍ଚାୟତ ଅନୁପଲା ଗ୍ରାମର ପ୍ରଶାନ୍ତ ଜେନା (୫୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜେନା ଘର ନିକଟସ୍ଥ ପଡ଼ିଆକୁ ଶୁକ୍ରବାର ମଧ୍ୟାହ୍ନରେ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ସେ ବେହୋସ ହୋଇ ତଳେ ପଡ଼ିଯାଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜେନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୬/୨୨) ରୁଜୁ ହୋଇଛି। ଏ ସମ୍ପର୍କରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭଜ୍ୟୋତି ମହାନ୍ତି କହିଛନ୍ତି, ଏହି ମାମଲାରେ ତହସିଲଦାରଙ୍କୁ ନେଇ ଏକ ମିଳିତ ତଦନ୍ତ କରାଯିବ। ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଂଶୁଘାତଜନିତ ମୃତ୍ୟୁ କି ନାହିଁ ସ୍ପଷ୍ଟ କରାଯିବ। ତା'ପରେ ଅଂଶୁଘାତଜନିତ ମୃତ୍ୟୁ ପ୍ରମାଣପତ୍ର ଦିଆଯିବ।

### ମେ'୨୭ରେ ରେଲରୋକୋ

ରାହାମା,୨୧।୫(ଡି.ଏନ୍.ଏ .): କୁଜଙ୍ଗ ବ୍ଲକ ରାହାମାସ୍ଥିତ ୧୭ ପଞ୍ଚାୟତ ପକ୍ଷରୁ ମେ'୨୭ରେ ରେଲରୋକୋ କରାଯିବ। ଏନେଇ ରାହାମାର ସାଇଲୋ କନ୍ଦମୂଳ ପଡ଼ିଆ ନିକଟ ଜଗନ୍ନାଥ ମଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣ ସଂଗ୍ରାମ ପରିଷଦ ଓ ଜୀବଉଦ୍ଧାର ସମିତ ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ଯୋଗଦେଇ କହିଛନ୍ତି, ୨୨ ଏପ୍ରିଲରେ ବିଭିନ୍ନ ଦାବି ନେଇ ରେଲବାଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲା। ମାସେ ବିତିଯାଇଥିଲେ ମଧ ଏନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦାବିପୂରଣ ପାଇଁ ରେଲ ରୋକୋ କରିବାକୁ ନିଷ୍ପତ୍ତି ହୋଇଛି। ପରିଷଦର ଦାବିଗୁଡ଼ିକ ମଧରେ ରାହାମାଠାରେ ରୋଡ ଓଭର ବ୍ରିଜ, କଟକ-ପାରାଦୀପ ପାସେଞ୍ଜର ଓ ଅନ୍ୟାନ୍ୟ ଟ୍ରେନ ପୂର୍ବ ପରି ଚାରି ଥର ଯାତାୟାତ କରିବା, ରାଜ୍ୟ ରାଜପଥରୁ ରେଲ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାକୁ ମାପ ଚୁପ କରି ଦଶ ମିଟରରୁ ଉର୍ଦ୍ଧ୍ୱ ଚଉଡା କଂକ୍ରିଟ ରାସ୍ତା ନିର୍ମାଣ, ଡ୍ରେନ ନିର୍ମାଣ, ରାସ୍ତାର ଦୁଇ ପାର୍ଶ୍ୱରେ ଆଲୋକୀକରଣ, ହାଇ ଲେଭୁଲ ପ୍ଲାଟ ଫର୍ମ, ଆର. ପି.ଏଫ୍. ଫାଣ୍ଡି ନିର୍ମାଣ, କମ୍ୟୁନିଟି ହଲ, ଏସି ଓ ନନ୍‌ଏସି ପ୍ରତୀକ୍ଷାଳୟ ଆଦି ରହିଛି। ବୈଠକରେ ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଅଜୟ ସାହୁ, ଦମୟନ୍ତୀ ଲେଙ୍କା, ସରୋଜ ସେଠୀ, ବ୍ରଜକିଶୋର ମହାରାଜ ରବିନାରାୟଣ ଦାସପ୍ରମୁଖ ସାମିଲ ହୋଇଥିଲେ।

### ମହିଳାଙ୍କୁ ଗର୍ଭବତୀ କରି ଯୁବକ ଫେରାର

ଯାଜପୁର ଟାଉନ,୨୧।୫(ଡି.ଏନ.ଏ.): ଜଣେ ମହିଳାଙ୍କୁ ଗର୍ଭବତୀ କରି ଯୁବକ ଫେରାର ହୋଇ ଯାଇଛନ୍ତି। ଏନେଇ ଯାଜପୁର ଥାନାରେ ମହିଳା ଜଣକ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ମହିଳା ଉକ୍ତ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ମହିଳାକୁ ସାଉଣ୍ଡି ଗ୍ରାମର ଗିଲୁ ଜେନା ୧ବର୍ଷ ହେବ ପ୍ରେମ କରୁଥିଲେ। ତେବେ ବିବାହ ପ୍ରଲୋଭନ ଦେଖାଇ ଗିଲୁ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏବେ ମହିଳା ଜଣକ ୫ ମାସର ଗର୍ଭବତୀ ହୋଇଥିବା ଗିଲୁଙ୍କୁ ଜଣାଇଥିଲେ। ଏହାପରେ ଗିଲୁ ମହିଳାଙ୍କୁ ସାଙ୍ଗରେ ଅନ୍ୟ ଏକ ସ୍ଥାନକୁ ନେଇ ୩ଦିନ ରଖିବା ପରେ ଛାଡ଼ି ଫେରାର ହୋଇଯାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା ରୁଜୁ ହୋଇଛି।

# ଅନିଶ୍ଚିତତାରେ ଶୀତଳଭଣ୍ଡାର: ଚିନ୍ତାରେ ଚାଷୀ

- ଅଳ୍ପ ଦରରେ ବିକି କ୍ଷତି ସହୁଛନ୍ତି
- ସରକାରଙ୍କ ଆନ୍ତରିକତା ନ ଥିବାରୁ ଅସନ୍ତୋଷ
- ଭୂତକୋଠି ପାଲଟିଛି ଯୋଗଧାରୀସ୍ଥିତ କେନ୍ଦ୍ର

ଜଗତ୍‌ସିଂହପୁର ଅଫିସ, ୨୧।୫

ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା। କିନ୍ତୁ ଦୀର୍ଘ ବର୍ଷ ଧରି ଜିଲାରେ ଶୀତଳ ଭଣ୍ଡାରଟିଏ ହୋଇପାରିଲା ନାହିଁ। ଯେଉଁ କାରଣରୁ ଚାଷୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି। ଏହାସତ୍ତ୍ୱେ ପ୍ରତିକାର ହୋଇପାରୁନାହିଁ। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ରାଜ୍ୟରେ ବାର୍ଷିକ ୧୨.୫୦ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ଥିବାବେଳେ ୩ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହେଉଥିବା ଆକଳନ କରାଯାଇଛି। ଯାହାକି ଆବଶ୍ୟକତାର ୪ ଭାଗରୁ ଭାଗେ ହେବ। ଏଭଳିସ୍ଥିତିରେ ଆଳୁ ଚାଷ ନିମନ୍ତେ ଜଗତ୍‌ସିଂହପୁର ଜିଲାରେ ପର୍ଯ୍ୟାପ୍ତ କ୍ଷେତ୍ର ରହିଛି। ଅନେକ ସ୍ଥାନରେ ଏହି ଚାଷ ପାଇଁ ଜମି ଥିଲେ ସୁଦ୍ଧା ଆବଶ୍ୟକ ଜଳସେଚନ, ଶୀତଳ ଭଣ୍ଡାର ଓ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ । ଫଳରେ ଆଳୁ ଅମଳ ପରେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଚାଷୀ କିଲୋପ୍ରତି ୪/୫ ଟଙ୍କା ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପରେ ଚାଷୀ ଚଡ଼ା ଦରରେ ତାହାକୁ କିଣି ଶୋଷିତ ହେଉଛନ୍ତି। କେବଳ ଆଳୁ ନୁହେଁ ବିଲାତି, ଲଙ୍କା, କୋବି ଓ ଅନ୍ୟାନ୍ୟ ପନିପରିବା ଚାଷରେ ମଧ୍ୟ ସମାନ ସମସ୍ୟା ଦେଖିବାକୁ ମିଳୁଛି। ଅପରପକ୍ଷେ ଆର୍‌ଏମ୍‌ସି ପ୍ରତିବର୍ଷ କୃଷିଜାତ ଦ୍ରବ୍ୟ କିଣାବିକା କ୍ଷେତ୍ରରେ ବିଶେଷକରି ଖରିଫ ଧାନ ସଂଗ୍ରହ ବେଳେ ୨% ହିସାବରେ ବହୁ ଟଙ୍କା ଟିକସ ନେଉଛି। କିନ୍ତୁ ଭିତ୍ତିଭୂମି କ୍ଷେତ୍ରରେ ଆଶାଜନକ ବିନିଯୋଗ କରୁନି। ଜିଲାରେ ଜନସଂଖ୍ୟା ଓ ଚାହିଦାକୁ ଦୃଷ୍ଟିରେ ରଖି ବାର୍ଷିକ ୧ ଲକ୍ଷ ୩୦ ହଜାର ମେଟ୍ରିକ ଟନ୍ ଆଳୁ ଆବଶ୍ୟକ। ଏହି ପରିମାଣର ଆଳୁ ପାଇବାକୁ ହେଲେ ୨୦୦୦ରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ଠିକ୍ ସମୟରେ ଉନ୍ନତ କିସମର ବିହନ, ଜଳସେଚନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଆବଶ୍ୟକ । ସେପରି ହେଲେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି, ପ୍ରତିବର୍ଷ ମୁଗ, ବିରି ଭଳି ଡାଲିଜାତୀୟ ଫସଲ ସମେତ ଆଳୁ, ବିଲାତି, ପିଆଜ ଓ ଅନ୍ୟାନ୍ୟ ପନିପରିବାର ଅଭାବୀ ବିକ୍ରି ଦେଖାଯାଉଛି। ଏହାକୁ ରୋକିବା କ୍ଷେତ୍ରରେ ସରକାର ପଦକ୍ଷେପ ନେଉନାହାନ୍ତି। ବିଶେଷକରି ଆବଶ୍ୟକ କୃଷିଭିତ୍ତିଭୂମିର ଅଭାବ ଚିନ୍ତାର କାରଣ ହୋଇଛି। ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ବା ସମବାୟ ସମିତି ମାଧ୍ୟମରେ ସରକାରୀ ଶୀତଳଭଣ୍ଡାର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଦି ପ୍ରତିଷ୍ଠା କରାଗଲେ ଚାଷୀ ଓ ବେପାରୀ ଉପକୃତ ହୋଇପାରିବେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି । ସ୍ଥାନୀୟ ଯୋଗଧାରୀସ୍ଥିତ ସମବାୟ ବିଭାଗ ଦ୍ୱାରା ପରିଚାଳିତ ଶୀତଳ ଭଣ୍ଡାର କେନ୍ଦ୍ର ଦୀର୍ଘ ବର୍ଷ ହେବ ଅଚଳ ରହିଛି। ଏହା କାର୍ଯ୍ୟକ୍ଷମ ନ ହୋଇ ଏବେ ଭୂତକୋଠି ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଜିଲାରେ କୌଣସି ମାଧ୍ୟମରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଗଲେ ଜିଲାବାସୀ ଉପକୃତ ହୁଅନ୍ତେ। ଅତୀତରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏନେଇ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଚାଷୀ ଓ ଚାଷ ପ୍ରତି ରାଜ୍ୟ ସରକାର ବିମୁଖ ହୋଇ ଯାଇଥିବା ଅଭିଯୋଗ କରାଯାଇ ତୁରନ୍ତ ଜିଲାରେ ସରକାରୀ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ସରକାର ଏ ବାବଦରେ ଚିନ୍ତା କରୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି ।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଆର୍‌ଏମ୍‌ସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ କହିଛନ୍ତି, ସରକାରୀ ନିୟମ ରହିଛି ବାର୍ଷିକ ୧୦ କୋଟି ଟଙ୍କା ଆୟ ନଥିଲେ କୌଣସି ଆରଏମସି ଶୀତଳ ଭଣ୍ଡାର କରିପାରିବ ନାହିଁ। ସେ ଦୃଷ୍ଟିରୁ ଜଗତ୍‌ସିଂହପୁର ଆରଏମ୍‌ସି ଏହାକୁ କରିବାକୁ ଯୋଗ୍ୟତା ନାହିଁ। କିନ୍ତୁ ରାଜ୍ୟ ସରକାର ପିପିପି ମୋଡ଼ରେ ଜିଲାରେ ଶୀତଳଭଣ୍ଡାର କରିବେ ବୋଲି ଘୋଷଣା କରିଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ କାର୍ଯକାରୀ ହୋଇପାରିନାହିଁ ବୋଲି ଦାସ କହିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: ପାରାଦୀପ, କଲିକତା ଫାଇନାଲରେ

ପାରାଦୀପ,୨୧।୫(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ୪୦ତମ ଅଖିଳ ଭାରତ ବୃହତ୍ ବନ୍ଦର କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ପାରାଦୀପ ଓ କଲିକତା ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ କଲିକତା ଓ ମୁମ୍ବାଇ ମଧ୍ୟରେ ଖେଳାଯାଇଥିଲା। କଲିକତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ୨ୟ ମ୍ୟାଚ ପାରାଦୀପ ବନ୍ଦର ଓ କାଣ୍ଡଲା ମଧ୍ୟରେ ଖେଳାଯାଇଥିଲା। ପାରାଦୀପ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୩ ରନ କରିଥିଲା। ଜବାବରେ କାଣ୍ଡଲା ୯ ଉଇକେଟ ବିନିମୟରେ ୧୫୧ ରନ କରି ପରାସ୍ତ ହୋଇଥିଲା। ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଏହି ମ୍ୟାଚ ଦେଖିଥିଲେ।

## ଜମି ବିବାଦକୁ କେନ୍ଦ୍ରକରି ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ

ବିଞ୍ଝାରପୁର,୨୧।୫(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅରେଇ ପଞ୍ଚାୟତ ଜୋଇଁମରା ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗ୍ରାମର ସୁମତୀ ପ୍ରଧାନ ଓ ପ୍ରକାଶ ପ୍ରଧାନଙ୍କ ମଧ୍ୟରେ ଜମି ବିବାଦ ରହିଥିଲା। ଏଥି ସକାଶେ ଅଦାଲତରେ ମାମଲା ଚାଲୁରହିଥିଲାବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ସବୁବେଳେ କଳିଝଗଡ଼ା ହେଉଥିଲା। ହେଲେ ଶୁକ୍ରବାର ଏହି ଝଗଡ଼ା ଉଗ୍ରରୂପ ଧାରଣ କରି କରିଥିଲା। ସୁମତୀଙ୍କ ସହ ପ୍ରକାଶଙ୍କ ସ୍ତ୍ରୀ ପଦ୍ମିନୀଙ୍କ ବଚସା ହେବାରୁ ପ୍ରକାଶ ଏକ ଶାବଳରେ ସୁମତୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସୁମତୀଙ୍କ ମୁଣ୍ଡ ଫାଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରାଯାଇଛି। ପୋଲିସ ଉଭୟ ପକ୍ଷଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହ ୨ଟି ମାମଲା ନଂ.୩୪୭/୨୨ଓ ୩୪୮/୨୨ ରୁଜ କରି ତଦନ୍ତ ଆରମ୍ଭ କରିଛି।

# ଟ୍ରାଙ୍କୁଲାଇଜ୍ ଜରିଆରେ ହନୁ ଧରାପଡ଼ିଲା

## ମାଙ୍କଡ଼ ପଲ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ

କୁଜଙ୍ଗ, ୨୧।୫(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକରେ ଦିନକୁ ଦିନ ମାଙ୍କଡଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଗତ ୩ ଦିନ ମଧ୍ୟରେ ବ୍ଲକ ଅନ୍ତର୍ଗତ ସନ୍ତରା ଗ୍ରାମରେ ମାଙ୍କଡ ପଲ ଆକ୍ରମଣରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ଜଣେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିବାବେଳେ ୨ ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗତ ୩ ମାସ ମଧ୍ୟରେ ଏହି ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଲୋକ ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ଏନେଇ ଗ୍ରାମବାସୀ ବନ ବିଭାଗକୁ ଜଣାଇବା ପରେ ବନ ବିଭାଗ ପକ୍ଷରୁ ପ୍ରଥମେ କଦଳୀରେ ନିଶା ଦିଆଯାଇଥିଲା। ମାତ୍ର ମାଙ୍କଡମାନେ ନ ଖାଇବାରୁ ଭୁବନେଶ୍ୱରରୁ ଟ୍ରାଙ୍କୁଲାଇଜ୍ ଟିମ୍ ଡକାଯାଇଛି। ଶନିବାର ୩ ଜଣିଆ ଟିମ୍ ପହଞ୍ଚି କୁଜଙ୍ଗ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଅପରାହ୍ନରେ ଏକ ହନୁ ମାଙ୍କଡ଼କୁ ଟ୍ରାଙ୍କୁଲାଇଜ୍ କରି କାବୁ କରାଯାଇଛି। ଉକ୍ତ ମାଙ୍କଡକୁ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ଯନ୍ତା ମଧ୍ୟରେ ରଖାଯାଇଛି। ମାଙ୍କଡଟି ଚେତାଶୂନ୍ୟ ଥିବାରୁ ତାକୁ ସାଲାଇନ୍ ଦିଆଯାଇଛି। ଚେତା ଫେରିଲେ କେନ୍ଦ୍ରାପଡ଼ା ଜିଲାର କନିକା ଜଙ୍ଗଲରେ ଛଡ଼ାଯିବ ବୋଲି ରେଞ୍ଜର ରଞ୍ଜନ ମିଶ୍ର କହିଛନ୍ତି। ମିଶ୍ର ଏହାର ନେତୃତ୍ୱ ନେଇଥିବାବେଳେ ଟ୍ରାଙ୍କୁଲାଇଜ ଟିମ୍‌ରେ ରାମ ଚନ୍ଦ୍ର କାଣ୍ଡି, ଦୁଷ୍ମନ୍ତ ନାୟକ ଓ ପ୍ରତାପ ରାଉତ ସାମିଲ ହୋଇଥିଲେ। ବନପାଳ ମହନ୍ତ ମଲ୍ଲିକ, ଗଗନ ମଲ୍ଲିକ ଓ ପ୍ରତାପ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ମାଙ୍କଡକୁ ସାଲାଇନ୍ ଦିଆଯାଉଛି।

# ସାହେରପେଣ୍ଠ ମତ୍ସ୍ୟଦିଆ ସୈରାତ ପାଇଁ ଲିଜ୍ ଅର୍ଥ ଦାଖଲ

କୁଜଙ୍ଗ, ୨୧।୫ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ୪ ତହସିଲ କୁଜଙ୍ଗ, ଏରସମା, ମାର୍ଶାଘାଇ ଓ ମହାକାଳପଡ଼ା ତହସିଲ ଅଞ୍ଚଳରେ ପ୍ରବାହିତ ୫୭ ନଦୀ ଓ ସାହେରପେଣ୍ଠ ମତ୍ସ୍ୟଦିଆ (ଯୋରଗୁଡ଼ିକର ସମଷ୍ଟିଗତ ନାମ) ପାଇଁ ଲିଜ୍ ଅର୍ଥ ଦାଖଲ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ଷୋଳ ଭାଇ ସଭା ପକ୍ଷରୁ କୁଳମଣି ବେହେରା କୁଜଙ୍ଗ ତହସିଲରେ ୧୧ ଲକ୍ଷ ୧୧ ହଜାର ୯ ଶହ ୯୩ ଟଙ୍କା ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ପୁରାତନ କୁଜଙ୍ଗ ରାଜ୍ୟର ୯୯ ଗ୍ରାମରେ ବହୁ ସଂଖ୍ୟାରେ କୈବର୍ତ୍ତ ବସବାସ କରୁଥିଲେ। ସେମାନଙ୍କ ଜୀବିକା ନିର୍ବାହର ଏକମାତ୍ର ଉତ୍ସ ହେଉଛି ସାହେର ପେଣ୍ଠ ମତ୍ସ୍ୟଦିଆ। ତତ୍କାଳୀନ ଷଣ୍ଢରାଜା ୧୮୬୧ ଏପ୍ରିଲ ୨୦ରେ ବାର୍ଷିକ ୫୦୧ ଟଙ୍କା ଖଜଣା ନେଇ କୈବର୍ତ୍ତମାନଙ୍କୁ ଏଠାରୁ ମାଛ ଧରିବା ପାଇଁ ସନନ୍ଦ ପଟ୍ଟା ପ୍ରଦାନ କରିଥିଲେ। ୧୯୬୮ ଠାରୁ କୁଜଙ୍ଗ ରାଜ୍ୟକୁ ନିଲାମ ନେଇ ବର୍ଦ୍ଧମାନ ଜମିଦାର ୧୯୫୨ ପର୍ଯ୍ୟନ୍ତ ଶାସନ କରିଥିଲେ। ଏହି ସମୟରେ ମଧ ଲିଜ୍ ଅର୍ଥ ଦାଖଲ ହେଉଥିଲା। ଜମିଦାରୀପ୍ରଥା ଉଚ୍ଛେଦ ପରେ ମଧ ୫୦୧ ଟଙ୍କା ଖଜଣା କଟାଯାଉଥିଲା। ୧୯୭୨ଠାରୁ ରାଜ୍ୟ ସରକାର ଏହାକୁ ବଢ଼ାଇ ବାର୍ଷିକ ୯୦୦୦ ଟଙ୍କା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଉକ୍ତ ମତ୍ସ୍ୟଦିଆର ଲିଜ୍ ଅର୍ଥ କୁଜଙ୍ଗ ତହସିଲରେ କୈବର୍ତ୍ତଙ୍କ ତରଫରୁ କୁଳମଣି ବେହେରା ଦାଖଲ କରୁଛନ୍ତି। ଉକ୍ତ ଅର୍ଥ ଦାଖଲ ସମୟରେ ଷୋଳ ଭାଇ ସଭାର ସଭାପତି ତଥା ପୂର୍ବତନ ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ମହାପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପରିଡ଼ା, ଦୁର୍ଗା ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏଚ୍‌ଆର୍‌ସିରେ ମାମଲା

## ପାରାଦୀପ ବେଳାଭୂମିରୁ ନାବାଳକ ନିଖୋଜ ଘଟଣା

ପାରାଦୀପ,୨୧।୫(ସ୍ୱ.ପ୍ର.)

ପାରାଦୀପ ସମୁଦ୍ର ବେଳାଭୂମିରୁ ଗତ ୧୪ ତାରିଖରୁ ଛାତ୍ର ନିଖୋଜ ଘଟଣାରେ ଶନିବାର ଏନ୍‌ଏଚ୍‌ଆର୍‌ସି (କେନ୍ଦ୍ର ମାନବାଅଧିକାର କମିଶନ)ଙ୍କ ପାଖରେ ଅଭିଯୋଗ ହୋଇଛି। ଭାରତୀୟ ବିକାଶ ପରିଷଦ ଜଗତସିଂହପୁର ଜିଲା ସଭାପତି ସୁବ୍ରତ ଦାଶ, ଏ ସମ୍ପର୍କରେ ଅଭିଯୋଗ କରିବା ପରେ ଏନ୍‌ଏଚ୍‌ଆର୍‌ସିରେ, ମାମଲା (ନଂ. ୭୯୧୮/୨୨ରେ) ରୁଜୁ ହୋଇଛି। ଏ ସମ୍ପର୍କରେ ଦାଶ କହିଛନ୍ତି ଯେ, ଗତ ୧୪ ତାରିଖ ସକାଳେ ଗୋପାଳଜୀଉ କଲୋନୀବାସିନ୍ଦା ପ୍ରମୋଦ ଦାସଙ୍କ ୧୪ ବର୍ଷୀୟ ପୁଅ ପ୍ରୀତମ ସ୍କୁଲରୁ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ସମୁଦ୍ର କୂଳରୁ ତାଙ୍କ ସ୍କୁଲ ପୋଷାକ, ଜୋତା, ସାଇକେଲ ମିଳିଥିଲା। ଏହି ଘଟଣା ସମ୍ପର୍କରେ ପ୍ରମୋଦ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୬/୨୨) ରୁଜୁ କରାଯାଇଥିଲେ ମଧ ପ୍ରୀତମଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଏହି ଘଟଣା ସମ୍ପର୍କରେ ସବିଶେଷ ଯାଞ୍ଚ ପାଇଁ ସେ କମିଶନଙ୍କୁ ଅନୁରୋଧ କରିଛନ୍ତି।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ପାଣିକୋଇଲି,୨୧।୫(ଡି.ଏନ.ଏ.)

ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଶାଳପଡ଼ା ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକଙ୍କ ମୃତ୍ୟୁ ହୋଇଛି। ଗ୍ରାମର ସେକ ଶାବନ ଗତ ୪ତାରିଖ ଦୋକାନରୁ ସଉଦା ନେଇ ଘରକୁ ଫେରୁଥିବାବେଳେ ଗୋଲା ପୋଖରୀ ନିକଟରେ ପଛରୁ ଏକ ବାଇକ ସହ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଯାଜପୁରରୋଡ କ୍ଷତ୍ରୀୟ ଚିକିତ୍ସାଳୟ ଓ ପରେ ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ରସୁଲପୁର,୨୧।୫(ଡି.ଏନ.ଏ.)

କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ପ୍ରେମିକଙ୍କ ସମେତ ୩ଜଣ ଯୁବକ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ୧୯ତାରିଖରେ ଘଟିଥିଲା। ଏନେଇ ନାବାଳିକାଙ୍କ ବାପା ୨୦ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜେନାପୁର ଅଞ୍ଚଳର ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରି ପଚରାଉଚରା ଚଳାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ନାବାଳିକାଙ୍କ ଭିଣୋଇଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ମୁତାବକ, ଜେନାପୁର ଅଞ୍ଚଳର ଯୁବକଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କୁ କିଛି ମାସ ତଳେ ଏକ ନିବୃତ୍ତ କୋଠରୀରୁ ଉଦ୍ଧାର କରାଯାଇ ଥିଲା। ନାବାଳିକାଙ୍କ ଘର ଲୋକେ ଯୁବକଙ୍କୁ ଅଟକ ରଖିଥିଲେ। ତେବେ ସେ ସମୟରେ ପ୍ରେମିକ ନାବାଳକ ବୋଲି ଜଣାପଡିବାରୁ ସେ ନେଇ ଝିଅ ଘର ଲୋକେ ଥାନରେ ଅଭିଯୋଗ କରି ନ ଥିଲେ। ଉଭୟଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲେ। ପରେ ନାବାଳିକା ଉକ୍ତ ଯୁବକଙ୍କୁ ବାହା ହେବ ବୋଲି ଜିଦ୍ ଧରିଥିଲେ। ମାତ୍ର ପରିବାର ଲୋକେ ତାଙ୍କୁ ବାରଣ କରିଆସୁଥିଲେ। ଏଥିରେ ରାଗି ଯାଇ ନାବାଳିକା ଆତ୍ମହତ୍ୟା କରିବା ଭଳି ପଦକ୍ଷେପ ନେଇଥିବା ଜଣାଯାଇଛି। ହେଲେ ଘଟିଥିବା ଶେଷ ଘଟଣା ଦିନ ନାବାଳିକାଙ୍କୁ ପ୍ରେମିକ ଓ ତାଙ୍କ ଅନ୍ୟସାଥୀମାନେ ଘରୁ ଡାକିନେଇ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏବେ ପ୍ରେମିକ ନାବାଳକରୁ ସାବାଳକ ହୋଇଯାଇଥିବା ଜାଣି ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିବା କୁହାଯାଉଛି। ଏନେଇ ଥାନାରେ ପୋକ୍ସୋ ଆଇନ ଆଧାରରେ ନଂ.୧୭୨/୨୨ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଅନିତା ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

# ଜୋନ୍‌ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ୧୮, ୧୪ ବର୍ଷରୁ କମ୍ ବର୍ଗର ପ୍ରତିଯୋଗିତା

ଜଗତ୍‌ସିଂହପୁର ଅଫିସ,୨୧।୫

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଶନିବାର ଅପରାହ୍ନରେ ୧୮ ଓ ୧୪ ବର୍ଷରୁ କମ୍ ବୟସର କ୍ରୀଡାବିତ୍‌ଙ୍କୁ ନେଇ ଭଲିବଲ ୨ ଦିନିଆ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ଓଡ଼ିଶା ଭଲି ବଲ୍ ଆସୋସିଏଶନ୍ ଏବଂ ଓଡ଼ିଶା ସରକାର କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟକୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ରାଜ୍ୟ ସରକାର କ୍ରୀଡ଼ା ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳର ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇ ଦିଆଯାଇଛି। ସାରା ରାଜ୍ୟରେ ୬ଟି ଜୋନରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ କୃତୀ କ୍ରୀଡାବିତ୍‌ଙ୍କୁ ଭୁବନେଶ୍ୱରସ୍ଥିତ କିଟ୍ ଅନୁଷ୍ଠାନରେ ୩ ମାସିଆ ପ୍ରଶିକ୍ଷଣ ଦିଆଯିବ। ଜଗତ୍‌ସିଂହପୁର ଜୋନ୍‌ସ୍ତରୀୟ ଟୁର୍ନାମେଣ୍ଟରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ୧୮ଟି ଗ୍ରୁପ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଭଲିବଲ ଆସୋସିଏଶନ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ। ଏଥିରେ ଜଗତ୍‌ସିଂହପୁର ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଜିଲା କ୍ରୀଡା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଓଡ଼ିଶା ଭଲିବଲ୍ ଆସୋସିଏଶନ୍ ସଦସ୍ୟ, ସ୍ୱେଚ୍ଛାସେବୀ କ୍ରୀଡ଼ାବିତ୍, ପୁରୁଣା କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂସଦ ଉପସଭାପତି ଶ୍ରୀକାନ୍ତ ଚୌଧୁରୀ ଧନ୍ୟବାଦ ଦେଇଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

# ବିନା ଟେଣ୍ଡରରେ ଚାଲିଛି ସରକାରୀ କାମ

## ପୂର୍ତ୍ତ ବିଭାଗର ମନମୁଖି କାର୍ଯ୍ୟ

ନାଉଗାଁ,୨୧।୫(ସ୍ୱ.ପ୍ର)

ନାଉଗାଁ ବ୍ଲକରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ତରଫରୁ ବିଭିନ୍ନ ରାସ୍ତା ମରାମତି, ଗାଡ୍‌ୱାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏସବୁ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କିଛି କାର୍ଯ୍ୟ ପାଇଁ ଟେଣ୍ଡର ପରେ ଚୁକ୍ତିନାମା ହୋଇ ନ ଥିବା ବେଳେ କିଛି କାମ ପାଇଁ ଟେଣ୍ଡର ହୋଇ ନ ଥିବା ଚର୍ଚ୍ଚା ହେଉଛି। ବ୍ଲକର କୋକିଡ଼ିହ-ତେଲସରା ରାସ୍ତା ମରାମତି ଓ ଗୋବରୀ ନାଳ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରିବା ପାଇଁ ଟେଣ୍ଡର ହୋଇଛି। ମାତ୍ର ଏନେଇ କୌଣସି ଚୁକ୍ତିନାମା ହୋଇ ନ ଥିବା ବେଳେ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ କାମ ଆରମ୍ଭ ହୋଇଯାଇଛି। ସେହିପରି ଜାମୁଗାଁ ପଞ୍ଚାୟତର କଣିପଡାସ୍ଥିତ ସରକାରୀ ପଲିଟେକନିକ କଲେଜର ମରାମତି ଓ ରଙ୍ଗ କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ କାର୍ଯ୍ୟ ଲାଗି ଟେଣ୍ଡର ହୋଇନାହିଁ। ସେହିପରି ଅଲଣାହାଟ-କୁଣ୍ଡେଶ୍ୱର ରାସ୍ତା, ନାଉଗାଁ-ଅରଖକୁଦ ରାସ୍ତା, ଶିଖର-ବାଲିଭଉଁରୀ ରାସ୍ତା ମରାମତି ଚାଲିଥିବାବେଳେ ଦେବୀ ନଦୀ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଛି। ମାତ୍ର ଏସବୁ କାମ ପାଇଁ ଟେଣ୍ଡର ହୋଇନାହିଁ। କେବେଳ ସେତିକି ନୁହେଁ ଅନେକ ସ୍ଥାନରେ ନିମ୍ନମାନର କାମ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ତେଣୁ ପୂର୍ତ୍ତ ବିଭାଗ ତରଫରୁ କରାଯାଉଥିବା ମରାମତି ଓ ନିର୍ମାଣ କାର୍ଯ୍ୟ ପୂର୍ବରୁ ସୂଚନାଫଳକ ଲଗାଇବା ସହ ଯନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚରାଯାଇଥିଲାବେଳେ କୌଣସି ଠିକ୍ ଉତ୍ତର ଦେଇ ନ ଥିବାବେଳେ ଜଗତ୍‌ସିଂହପୁର କାର୍ଯ୍ୟାଳୟକୁ ଆସିଲେ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।



ଶିଖର-ବାଲିଭଉଁରୀ ରାସ୍ତା ମରାମତି କରାଯାଇଛି।

ଧରିତ୍ରୀ DHARITRI
ରବିବାର, ୨୨ ମେ ୨୦୨୨



## ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ବିରୋଧରେ ସିପିଆଇ, ବିକେଏମ୍‌ୟୁର ବିକ୍ଷୋଭ

ଭୁବନେଶ୍ୱର,(ବ୍ୟୁରୋ)- ରନ୍ଧନ ଗ୍ୟାସ୍‌ର କ୍ରମାଗତ ଦରବୃଦ୍ଧି ଘଟି ସିଲିଣ୍ଡର ଦାମ୍ ୧ ହଜାରରେ ଟଙ୍କା ଟପିଲାଣି। ଏହା ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ହାଣ୍ଡିଶାଳ ଉପରେ ବୋମାମାଡ଼ ଭଳି ହୋଇଛି। ଏଥିରେ ଅତିଷ୍ଠ ହୋଇ ଗୃହିଣୀମାନେ ତ୍ରାହି ତ୍ରାହି ଡାକିଲେଣି। ଏହା ବିରୋଧରେ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ରାଜଧାନୀ ଭୁବନେଶ୍ୱରଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଉଭୟ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା।

# ବିରୋଧୀ ମେଣ୍ଟ ପାଇଁ କେସିଆର୍, କେଜ୍‌ରିୱାଲ ଏକାଠି

**ନୂଆଦିଲ୍ଲୀ,୨୧।୫(ଆଇଏଏନ୍‌ଏସ୍)**

ଭାଜପା ବିରୋଧରେ ଏକ ଅଣକଂଗ୍ରେସ ମେଣ୍ଟ ଗଠନ ଲାଗି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ସେ ଶନିବାର ଦିଲ୍ଲୀ ଆସି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଭେଟିଛନ୍ତି। ଉଭୟେ ମେଣ୍ଟ ଗଠନ ଲାଗି ରାଜି ହୋଇଥିବା ଜଣାପଡ଼ିଛି। ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ସହ ସେମାନଙ୍କର ଭଲ ବୁଝାମଣା ରହିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ କେସିଆର୍ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ସେ ଅନ୍ୟ କେତେଜଣ ନେତାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।



କେ. ଚନ୍ଦ୍ରଶେଖର ରାଓ



ଅରବିନ୍ଦ କେଜ୍‌ରିୱାଲ

ସମଭାବାପନ୍ନ ଦଳଗୁଡ଼ିକ ସହ ଏହା ତାଙ୍କର ଦ୍ୱିତୀୟ ସାକ୍ଷାତ୍ ଆଲୋଚନା। ଏହା ବ୍ୟତୀତ କେସିଆର୍ କେତେଜଣ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ଭେଟି ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ଗୁରୁବାର ସେ ଚଣ୍ଡିଗଡ଼ ଯାଇ ସେଠାରେ କେଜ୍‌ରିୱାଲ୍ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ମୃତ ଚାଷୀଙ୍କ ପରିବାରକୁ ଭେଟି ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବେ। କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିବା ପରେ ଆନ୍ଦୋଳନରେ ପ୍ରାଣ ହରାଇଥିବା କୃଷକ ପରିବାରକୁ ସହାୟତା ଯୋଗାଇଦେବା ଲାଗି ଟିଆର୍‌ଏସ୍ ସରକାର ଘୋଷଣା କରିଥିଲେ। ୨୬ ତାରିଖରେ ଟିଆର୍‌ଏସ୍ ନେତା ବେଙ୍ଗାଲୁରୁ ଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେ ଗୌଡ଼ା ଏବଂ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଭେଟିବେ। ଏହା ପରଦିନ ରାଲେଗାନ ସିଦ୍ଧି ଯାଇ ବିଶିଷ୍ଟ ସାମାଜିକ କର୍ମୀ ଆନ୍ନା ହଜାରେଙ୍କୁ ସାକ୍ଷାତ୍ କରିବେ ବୋଲି ଜଣାପଡ଼ିଛି। ସେହିପରି ୨୯ ଓ ୩୦ରେ କେସିଆର୍ ପଶ୍ଚିମବଙ୍ଗ ଓ ବିହାର ଯାଇ ତାଙ୍କ ପ୍ରତିପକ୍ଷମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅ ପ୍ରଚାର କମିଟି ସଂଯୋଜିକା

**ବ୍ରଜରାଜନଗର ଉପନିର୍ବାଚନ**

**ଝାରସୁଗୁଡ଼ା ଅଫିସ,୨୧।୫**

ବ୍ରଜରାଜନଗର ଉପନିର୍ବାଚନ ପାଇଁ ଶନିବାର ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ୨୦ ଜଣିଆ ପ୍ରଚାରକଙ୍କ ତାଲିକା ଘୋଷଣା କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଳୀଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କୁ ନେଇ ସାଙ୍ଗଠନିକ ବୈଠକ ପରିଚାଳନା କରିଥିବାରୁ ଏହି ଅଭିଜ୍ଞତା ସହାୟକ ହେବ ବୋଲି ଦୀପାଳୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ଦୀପାଳୀ ଦାସ

## ଆଞ୍ଚଳିକ ଦଳ ସହ ମେଣ୍ଟ କରିବ କଂଗ୍ରେସ: ରାହୁଲ

**ନୂଆଦିଲ୍ଲୀ,୨୧।୫**

ରାଜସ୍ଥାନର ଉଦୟପୁର ଚିନ୍ତନ ଶିବିରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଞ୍ଚଳିକ ଦଳଗୁଡ଼ିକ ସମ୍ପର୍କରେ ଦେଇଥିବା ମନ୍ତବ୍ୟରୁ ଓହରିଯାଇଛନ୍ତି। ଆଞ୍ଚଳିକ ଦଳଗୁଡ଼ିକୁ ତାଙ୍କ ଦଳ ସମ୍ମାନ ଦିଏ ଏବଂ ଭାଜପା ବିରୋଧରେ ଲଢ଼ିବା ପାଇଁ ସେମାନଙ୍କ ସହ ମେଣ୍ଟ କରିବାକୁ ପ୍ରସ୍ତୁତ ବୋଲି ରାହୁଲ କହିଛନ୍ତି। ଭାଜପାକୁ ହରାଇବାକୁ ହେଲେ ସମସ୍ତଙ୍କ ସହଯୋଗ ଜରୁରୀ, ତେବେ ମେଣ୍ଟରେ କଂଗ୍ରେସ ବଡ଼ଭାଇ ପଣିଆ କରିବାକୁ ଚାହେଁ ନାହିଁ ବୋଲି ଲଣ୍ଡନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରାହୁଲ ସ୍ପଷ୍ଟ କରିଛନ୍ତି। ଭାରତର ଚିନ୍ତାଧାରାର ସୁରକ୍ଷା ଲାଗି କଂଗ୍ରେସ ଜନସାଧାରଣଙ୍କ ସହ ଏକାଠି ଲଢ଼ିବ। ଉଦୟପୁରରେ ସେ ଦେଇଥିବା ମନ୍ତବ୍ୟର ଭୁଲ୍ ଉପସ୍ଥାପନା କରାଯାଇଥିଲା। ଏବେ ଆଦର୍ଶଗତ ଲଢ଼େଇ ହେବ ବୋଲି ରାହୁଲ କହିଥିବା କଂଗ୍ରେସ ପକ୍ଷରୁ ଏକ ଭିଡିଓ ବାର୍ତ୍ତାରେ କୁହାଯାଇଛି।



ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଚିନ୍ତନ ଶିବିର ଶେଷ ଦିନରେ ରାହୁଲ କହିଥିଲେ, ଭାଜପା କେବଳ କଂଗ୍ରେସ ଓ ଏହାର ନେତାଙ୍କ ବିଷୟରେ କଥା ହେବ, କାରଣ ଗୈରିକ ଦଳ ଜାଣିଛି ଆଞ୍ଚଳିକ ଦଳଗୁଡ଼ିକ ଏହାକୁ ହରାଇପାରିବେ ନାହିଁ। ଏହି ଦଳଗୁଡ଼ିକର ନୀତି ଆଦର୍ଶ ନାହିଁ ବୋଲି ରାହୁଲ କହିଥିଲେ, ଯାହାକୁ ବିଭିନ୍ନ ଦଳ ପକ୍ଷରୁ ବିରୋଧ କରାଯାଇଥିଲା।

# ସମସ୍ୟା ବହୁଳ ନିର୍ବାଚନମଣ୍ଡଳୀରେ ନେତା ମାଲମାଲ

**ଝାରସୁଗୁଡ଼ା ଅଫିସ,୨୧।୫**

ସମସ୍ୟା ବହୁଳ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏବେ ବିଭିନ୍ନ ରାଜନୈତିକ ଦଳର ନେତା ଓ ମନ୍ତ୍ରୀ ପ୍ରଚାରରେ ଆସୁଛନ୍ତି। ଲୋକେ ସେମାନଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶ୍ନ କରୁଥିବା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବେଲପାହାଡ଼ ଓ ବ୍ରଜରାଜନଗର ୨ପୌର ପରିଷଦ ସହିତ ଲଖନପୁର ବ୍ଲକ୍ ଓ ଝାରସୁଗୁଡ଼ା ବ୍ଲକ୍‌ର ୫ ପଞ୍ଚାୟତକୁ ନେଇ ଗଠିତ। ଏଠାରେ ଖଣିଖାଦାନ ସାଙ୍ଗକୁ ବିଭିନ୍ନ ଛୋଟବଡ଼ କଳକାରଖାନା ଗଢ଼ିଉଠିଛି । ଏଥିପାଇଁ ବହୁ ଲୋକ ବିସ୍ଥାପିତ ହୋଇଛନ୍ତି। ଅନ୍ୟପକ୍ଷେ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଲୋକଙ୍କ ଦୁଃଖ ଦୀର୍ଘ ୭ଦଶନ୍ଧି ଧରି ଲାଗିରହିଛି। ସେମାନେ ନିଜର ହକ୍ ପାଇଁ ସଂଗ୍ରାମ ଜାରି ରଖିଥିବାବେଳେ ଅଦ୍ୟାବଧି ନ୍ୟାୟ ମିଳିପାରି ନାହିଁ। ଲଖନପୁରକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏହା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ଗମନା ଗମନ ଆଦି ମୌଳିକ ସମସ୍ୟା ରହିଛି। ଗତ ୧୯୬୧ ମସିହାରେ ଏହି ନିର୍ବାଚନ ମଣ୍ଡଳୀ ଗଠନ ହୋଇଥିବାବେଳେ ଏଠାରୁ ବହୁ ବିଧାୟକ ନିର୍ବାଚିତ ହୋଇ ବିଧାନସଭାରେ ପ୍ରତିନିଧିତ୍ୱ କରିଛନ୍ତି। ହେଲେ ହୀରାକୁଦ ନଦୀବନ୍ଧ ଯୋଜନା ଓ ବନ୍ଦ ଥିବା ଓରିଏଣ୍ଟ କାଗଜକଳ ଭଳି ଅନେକ ସମସ୍ୟାର ସମାଧାନ ହୋଇପାରିନାହିଁ।

## ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ବ୍ୟାଙ୍କ ତିଆରି କରୁଛି ବିଜେଡି: ପ୍ରଦୀପ

**ବ୍ରଜରାଜନଗର, ୨୧।୫(ଡି.ଏନ.ଏ.)**

ବ୍ରଜରାଜନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ମଧ୍ୟ ବଢ଼ିବାରେ ଲାଗିଛି। ବିଜେଡିର ବରିଷ୍ଠ ମନ୍ତ୍ରୀ ପ୍ରତାପ ଜେନା ଓ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ବୁଧବାର ଖବରଦାତା ସମ୍ମିଳନୀ କରି ମହାନଦୀ ପ୍ରସଙ୍ଗକୁ ନେଇ ଭାଜପାକୁ କଡ଼ା ସମାଲୋଚନା କରିଥିଲେ। ଶନିବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜବାବ ରଖିଛନ୍ତି ଭାଜପା କୃଷକ ମୋର୍ଚ୍ଚା ସଭାପତି ତଥା ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ। ତାଙ୍କ ଅଭିଯୋଗ ଅନୁଯାୟୀ ୨୦୧୬ରେ ବିଜୁ ଜନତା ଦଳ ମହାନଦୀ ପ୍ରସଙ୍ଗରେ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣା ଦେଇଥିଲା। ହେଲେ ଆଜି କ'ଣ ମହାନଦୀ ଜଳ ବିବାଦ ସମାଧାନ ହୋଇଗଲା ଯେ ବିଜେଡି ଚୁପ ରହିଛି। ବର୍ତ୍ତମାନ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଭୋଟର ଏହି ପ୍ରଶ୍ନ ପଚାରୁଛି। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଉଭୟ ରାଜ୍ୟ ଗୋଟିଏ ଟେବୁଲରେ ବସି ଆଲୋଚନା କରୁଥିବା ବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଟ୍ରିବ୍ୟୁନାଲ କରିବେ କହି ଉଠିଆସିଲେ। ଏଥିରେ କେନ୍ଦ୍ର ସରକାରଙ୍କ ଦୋଷ ରହିଲା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। କିନ୍ତୁ ବିଜେଡି କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ବ୍ୟାଙ୍କ ତିଆରି କରିବାର ଯେଉଁ ରାସ୍ତା ଆପଣାଇଛି ଚଳିତ ଉପନିର୍ବାଚନରେ ବ୍ରଜରାଜନଗରବାସୀ ତାଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଥିଲେ।


## ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀ ଲିଃ, ଆସିକା (ଗଞ୍ଜାମ)
### ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

ସଂଖ୍ୟା ୪ — ତାରିଖ ୨୧।୫।୨୦୨୨

ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ର ନିୟମ (୫) ଅନୁଯାୟୀ ଆମ୍ଭେ ଶ୍ରୀ ଚନ୍ଦ୍ରଶେଖର ଚୌଧୁରୀ, SARCS ତଥା ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀ ଲିଃ, ଆସିକାର ସମସ୍ତ ସଭ୍ୟ/ସଭ୍ୟାମାନଙ୍କ ଅବଗତି ନିମନ୍ତେ ଅନୁସୂଚୀ(କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ସମିତିର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ (ପନ୍ଦର)ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

| କ୍ର. ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବରେ)। | ୨୬।୫।୨୦୨୨ | ପୂର୍ବାହ୍ନ ୧୦.୦୦ | ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀ ଲିଃ, ଆସିକା ମୁଖ୍ୟ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟଠାରେ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ । | ୩୦।୫।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୨.୦୦ ପର୍ଯ୍ୟନ୍ତ | ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀ ଲିଃ, ଆସିକା ମୁଖ୍ୟ କାର୍ଯ୍ୟାଳୟଠାରେ |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି । | ୦୨।୦୬।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୧.୦୦ ପର୍ଯ୍ୟନ୍ତ | ଏଜନ |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ। | ୦୪।୦୬।୨୦୨୨ | ପୂର୍ବାହ୍ନ ୧୦.୦୦ | ଏଜନ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ । | ୦୬।୦୬।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୨.୦୦ ପର୍ଯ୍ୟନ୍ତ | ଏଜନ |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ । | ୦୬।୦୬।୨୦୨୨ | ପୂର୍ବାହ୍ନ ୩.୦୦ | ଏଜନ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ (ଉପଯୁକ୍ତ ପ୍ରମାଣ ପତ୍ର ସହ) ଲିଖିତ ଅଭିଯୋଗ ଗ୍ରହଣ । | ୦୯।୦୬।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୧.୦୦ ପର୍ଯ୍ୟନ୍ତ | ଏଜନ |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି। | ୧୦।୦୬।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୧.୦୦ ପର୍ଯ୍ୟନ୍ତ | ଏଜନ |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି । | ୧୧।୦୬।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୧.୦୦ ପର୍ଯ୍ୟନ୍ତ | ଏଜନ |
| ୧୦ | ସଠିକ୍ ପ୍ରାର୍ଥୀ ତାଲିକା ପ୍ରକାଶନ । | ୧୨।୦୬।୨୦୨୨ | ପୂର୍ବାହ୍ନ ୧୦.୦୦ | ଏଜନ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୩।୦୬।୨୦୨୨ | ପୂର୍ବାହ୍ନ ୧୧.୦୦ ଠାରୁ ଅପରାହ୍ନ ୨.୦୦ ପର୍ଯ୍ୟନ୍ତ | ଏଜନ |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଙ୍କେତ ସହ ପ୍ରକାଶନ। | ୧୪।୦୬।୨୦୨୨ | ପୂର୍ବାହ୍ନ ୧୦.୦୦ | ଏଜନ |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ । | ୨୬।୦୬।୨୦୨୨ | ପୂର୍ବାହ୍ନ ୭.୦୦ ଠାରୁ ଅପରାହ୍ନ ୪.୦୦ ପର୍ଯ୍ୟନ୍ତ | ଏଜନ |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା । | ୨୬।୦୬।୨୦୨୨ | ଅପରାହ୍ନ ୪.୦୦ ପରେ | ଏଜନ |

**ଅନୁସୂଚୀ (ଖ)**

**ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ କମିଟିକୁ ନିର୍ବାଚିତ ହେବେ ।**

| ନିର୍ବାଚନ ମଣ୍ଡଳୀର କ୍ରମିକ ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧. ସଭ୍ୟ ନଂ. ୮ ଠାରୁ ୯୨୫ ପର୍ଯ୍ୟନ୍ତ (୨୭୭ ଜଣ) | ଅଣ ସଂରକ୍ଷିତ |
| ୨. ସଭ୍ୟ ନଂ. ୯୨୬ ଠାରୁ ୧୨୩୯ ପର୍ଯ୍ୟନ୍ତ (୨୭୭ ଜଣ) | ଅଣ ସଂରକ୍ଷିତ |
| ୩. ସଭ୍ୟ ନଂ. ୧୨୪୦ ଠାରୁ ୧୫୮୨ ପର୍ଯ୍ୟନ୍ତ (୨୭୭ ଜଣ) | ଅଣ ସଂରକ୍ଷିତ |
| ୪. ସଭ୍ୟ ନଂ. ୧୫୮୩ ଠାରୁ ୧୮୯୦ ପର୍ଯ୍ୟନ୍ତ (୨୭୭ ଜଣ) | ଅଣ ସଂରକ୍ଷିତ |
| ୫. ସଭ୍ୟ ନଂ. ୧୮୯୧ ଠାରୁ ୨୧୭୮ ପର୍ଯ୍ୟନ୍ତ (୨୭୭ ଜଣ) | ଅଣ ସଂରକ୍ଷିତ |
| ୬. ସଭ୍ୟ ନଂ. ୨୧୭୯ ଠାରୁ ୨୪୭୬ ପର୍ଯ୍ୟନ୍ତ (୨୭୭ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |
| ୭. ସଭ୍ୟ ନଂ. ୨୪୭୭ ଠାରୁ ୨୭୬୧ ପର୍ଯ୍ୟନ୍ତ (୨୭୭ ଜଣ) | ମହିଳା |
| ୮. ସଭ୍ୟ ନଂ. ୨୭୬୨ ଠାରୁ ୩୦୪୨ ପର୍ଯ୍ୟନ୍ତ (୨୭୭ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |
| ୯. ସଭ୍ୟ ନଂ. ୩୦୪୩ ଠାରୁ ୩୩୨୪ ପର୍ଯ୍ୟନ୍ତ (୨୭୭ ଜଣ) | ମହିଳା |
| ୧୦. ସଭ୍ୟ ନଂ. ୩୩୨୫ ଠାରୁ ୩୬୦୨ ପର୍ଯ୍ୟନ୍ତ (୨୭୭ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |
| ୧୧. ସଭ୍ୟ ନଂ. ୩୬୦୩ ଠାରୁ ୩୮୯୯ ପର୍ଯ୍ୟନ୍ତ (୨୭୭ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |
| ୧୨. ସଭ୍ୟ ନଂ.୩୯୦୦ ଠାରୁ ୪୧୭୯ ପର୍ଯ୍ୟନ୍ତ (୨୭୭ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |
| ୧୩. ସଭ୍ୟ ନଂ. ୪୧୮୦ ଠାରୁ ୪୪୬୫ ପର୍ଯ୍ୟନ୍ତ (୨୭୭ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |
| ୧୪. ସଭ୍ୟ ନଂ. ୪୪୬୬ ଠାରୁ ୪୭୪୪ ପର୍ଯ୍ୟନ୍ତ (୨୭୭ ଜଣ) | ଅନୁସୂଚିତ ଜାତି |
| ୧୫. ସଭ୍ୟ ନଂ.୪୭୪୫ ଠାରୁ ୫୦୨୩ ପର୍ଯ୍ୟନ୍ତ (୨୭୮ ଜଣ) | ଅନ୍ୟାନ୍ୟ ପଛୁଆବର୍ଗ / ସାମାଜିକ ଆର୍ଥିକ ପଛୁଆ ବର୍ଗ |

ସ୍ୱା./- ନିର୍ବାଚନ ଅଧିକାରୀ, ଉତ୍କଳ ଆୟୁର୍ବେଦିକ୍ ସମବାୟ ଫାର୍ମାସୀ ଲିଃ, ଆସିକା



## BOARD OF REVENUE: ODISHA:CUTTACK

No.VII(A)-29/2021- 2434/M.B.(Niz.), Dated:21.05.2022

### QUOTATION / TENDER CALL NOTICE

Quotations/Tenders are invited for supply of vehicles on hiring basis in Board of Revenue, Odisha at Cuttack & Bhubaneswar location.

2. The details of the tender may be downloaded from this office website http://www.boardodisha.nic.in.
3. The last date of submission of Tender is 31.05.2022 by 1.00 P.M. The Tender shall open on 31.05.2022 at 4.00 PM.
4. The Vehicle Suppliers whose services were previously found unsatisfactory in this office need not apply. Their applications shall not be considered irrespective of their submissions.

Sd./-Secretary



## GOVERNMENT OF ODISHA
No. B-215

### OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR

E-mail – eesbprnbdivision2@gmail.com, Phone -0663-2410104

**BID IDENTIFICATION No. SE / R and B / SBP II /07(online)/2022-23**

### E-procurement notice

No.1674 / Dated.18.05.2022

The **Superintending Engineer, Sambalpur (R&B) Division No.II, Sambalpur** on behalf of Governor of Odisha invites Percentage Rate bids in **Single** cover System in ONLINE MODE.

1. No. of work :- **01 (One) No. of Building work**
2. Tender Cost :- **Rs.6000/-**
3. Class of Contractor :- **"B" & "A" class Contractors**
4. Availability of bid document in the website. :- **18.00 Hours of 26.05.2022 to 17.00 Hours of 07.06.2022**
5. Date of Opening of Tenders :- **11.30 Hours on dt.08.06.2022**
6. The bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only. Any Corrigendum / Addendum/cancellation of tender will be displayed in the website said only.

Sd./- Superintending Engineer
Sambalpur (R&B) Division No.II

OIPR-34136/11/0009/2223



## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

E-mail: ceworldbankprojects@gmail.com

**Bid Identification No. CE-W.B.P. (O)-08/2022-23**

No. B-218

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below:
2. Nature of work : Road work
3. No. of work : 01 No.
4. Tender cost : Rs.10,000.00 (on-line)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 24.05.2022 to 5.00 PM of 08.06.2022
7. Date of opening of Bid : Dt.09.06.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0013/2223



No.B-210

## GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE

**INVITATIONS FOR BIDS (IFB)**

**Bid Identification No. C.C.E.J.C. (R&B)- 05/2022-23**

No. 2287 Date: 18.05.2022

| | | |
|---|---|---|
| 1. | Nature of the work: | **BUILDING WORK** |
| 2. | Total No. of Works: | 01 (One) No. |
| 3. | Estimated Cost: | Rs.160.49 Lakhs |
| 4. | Period of completion: | 05 (Five) Months |
| 5. | Cost of Bid Document: | Rs.10,000/- Each |
| 6. | Bid Security (EMD): | Bid Security Declaration (Schedule-K) |
| 7. | Class of Contractor: | "B", & "A" Class according to work. |
| 8. | Date & time of availability of bid document in the portal: | From 10.00 hours of 26.05.2022 to 17.00 hours of 09.06.2022 |
| 9. | Last date / Time for receipt of bids in the Portal: | 17.00 hours of 09.06.2022 |
| 10. | Opening date of Bid: | 10.00 hours of 10.06.2022 |
| 10. | Name and address of the Officer Inviting Bid: | **Chief Construction Engineer, Jeypore (R&B) Circle, Jeypore** |

**Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.**

Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0006/2223



## e-Procurement Notice for Road Works Identification No.02/SERW/BLS/2022-23

No. O-285

1. Name of the Work : Roads
2. Total No. of Works : 11 Nos.
3. Estimated Cost : Estimated Cost Rs.10.63 lakh to Rs.40.22 lakh
4. Class of Contractor : 'D', 'C', 'B' & 'A' Class
5. Time of Completion : 1 Month (One Calendar Month)
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 02/SERW/ BLS/2022-23 | 25.05.2022 at 11.00 A.M. | 02.06.2022 upto 5.00 P.M. | 02.06.2022 upto 1.00 P.M. | 03.06.2022 at 10.00 A.M. |

Further details can be seen from the website **www.tendersodisha.gov.in**.

OIPR-25108/11/0003/2223 Sd./- Superintending Engineer, R.W. Division, Balasore



## NATIONAL COMPETITIVE BIDDING THROUGH e-Procurement

Tel. No.: 06752222092, e-mail id: eerwpuri@gmail.com

No. 3399 **TCN NO. TENDER ONLINE - 1 OF 2022-23** Dt.13.05.2022

No. O-250: The Superintending Engineer, Rural Works Division, Puri on behalf of Government of odisha invites percentage rate tenders through e-procurement for 35 Nos. of work for the year 2022-23 in the district of Puri.

1. Total No. of works : 35 Nos.
2. Tender cost of Packages : Amount varies from Rs.7.08 lakhs to Rs.48.67 lakhs
3. Class of Contractor : As per DTCN
4. Period of Completion : 2 (Two) Calendar Months
5. Period of availability of tenders Online/Date & time of bidding Online/last date of seeking clarification/Date of opening of tender papers.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online - 1 | 31.05.2022 at 11.00 A.M. | 13.06.2022 upto 12.30 P.M. | 10.06.2022 upto 1.00 P.M. | 17.06.2022 at 11.00 A.M. Office of the S.E.R.W. Division, Puri |

6. Other details can be seen in the bidding documents, which is available in website "**https://tendersodisha.gov.in**".

OIPR-25065/11/0004/2223 Sd./- Superintending Engineer, R.W. Division, Puri



## GOVERNMENT OF ODISHA
No. O-273

### OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH

At/P.O.- Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in

No. Tender Online NayagarhDivn.-01/2022-23 Date: 13.05.2022

### e-Procurement NOTICE

1. Name of the work : Repair of Road Works
2. Total No. of Projects : 25 (Twenty five) Nos. of Projects
3. Class of Contractor :
   a) Estimated cost more than Rs.40.00 lakhs & upto Rs.300.00 lakhs : 'B' & 'A' Class (of Orissa PWD) or relevant class of other licensing authorities
   b) Estimated cost more than Rs.20.00 lakhs & upto Rs.40.00 lakhs : 'C' & 'B' Class (of Orissa PWD) or relevant class of other licensing authorities
   c) Estimated cost upto Rs.20.00 lakh : 'D' & 'C' Class (of Orissa PWD) or relevant class of other licensing authorities
4. Estimated cost : Rs.5.36 lakh to Rs.44.64 lakh
5. Time for completion : 02 (Two) Calendar months
6. Other Details :

| Procurement Officer | Bid Identification No. | Availability of Tender Online for bidding | | Date & time of Opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender - Online - Divn. NAYAGARH - 01/2022-23 | 25.05.2022 at 10.00 A.M. | 06.06.2022 upto 5.00 P.M. | 07.06.2022 at 11.00 A.M. |

Further details can be seen from the website **www.tendersorissa.gov.in**.

Sd./- Superintending Engineer,
Rural Works Divn., Nayagarh
OIPR-25106/11/0002/2223



## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
CAD-597 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.2225/RE/OSIC Dt.20.05.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for 3 nos. of work** i.e. **1.** Supply of Stainless steel combo Dinning Table & Chair for SSD Schools/ Hostels under I.T.D.A., Koraput, **2.** Supply of Utensil amenity for SSD Schools and **3.** Execution of internal electrical works in different locations of godowns of MARKFED along with Head Office, Bhubaneswar.Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd./-
GENERAL MANAGER(O)

OIPR-14073/11/0018/2223



## GOVERNMENT OF ODISHA
### OFFICE OF THE EXECUTIVE ENGINEER RURAL WORKS DIVISION, DHARMAGARH

Tel.: 06672295251, Email: rw_dharmagarh@yahoo.com

BID IDENTIFICATION No. DNGH/Online-01 of 2022-23 Date: 18.05.2022

### "e" PROCUREMENT NOTICE

No. O-288: Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Road works in the district of Kalahandi as mentioned in DTCN
2. Total No. of works : 20 Nos.
3. Estimated Cost : Rs.6.78 to 67.30 lakhs
4. Period of Completion : 01 Calendar Month
5. Other details :

| Availability of Tender Online for Bidding | | Last date & time seeking tender clarification | Date & time of Opening of Tender |
|---|---|---|---|
| From | To | | |
| 25.05.2022 at 10.00 A.M. | 06.06.2022 upto 5.00 P.M. | 03.06.2022 upto 5.00 P.M. | 07.06.2022 At 11.00 A.M. |

Further details can be seen from the website **www.tendersorissa.gov.in**.

Sd./- Executive Engineer
Rural Works Division, Dharmagarh
OIPR-25100/11/0001/2223



## OFFICE OF THE ENGINEER-IN-CHIEF (CIVIL), ODISHA
### NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, Tel.: (0674) 2391523

### INVITATIONS FOR BIDS (IFB)

File No. B-III-sports-70/22 No. 19559 Dt. 18th May 2022

No. B-217 **Invitation for Bids**

**Bid Identification No. OSD C.E. (B) - 06/2022-23**

| | | | |
|---|---|---|---|
| 1. | The OSD Chief Engineer (Buildings) Odisha, Bhubaneswar, on behalf of Works Deptt., Govt. of Odisha, invites percentage rate bids in double cover system in ONLINE MODE only, for the work "(Stadium Mast lighting system at football training field, Unit-1, Bhubaneswar amounting to Rs.3,53,85,000/- as detailed below)". | | |
| 2. | Nature of Work | : | Electrical Installation Work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Manufacturer of flood light/ contractor possessing valid MV/ HT licence from ELBO & having authorisation from manufacturer |
| 6. | Availability of Bid documents in the website | : | From Dt.25.05.2022 to 17.00 hours of Dt.09.06.2022. |
| 7. | Date of opening of Bid | : | Dt.10.06.2022 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- OSD Chief Engineer (Buildings)
Odisha
OIPR-34117/11/0018/2223



## NATIONAL HYDROLOGY PROJECT
## STATE PROJECT MANAGEMENT UNIT (SPMU), ODISHA

HP Administrative Building, Unit - VIII, Delta Square, Bhubaneswar - 751012, email: odishagwhp3@gmail.com

### NATIONAL COMPETITIVE BIDDING
### INVITATION FOR BIDS (IFB)

**PP No. NHP-2021-2022-OD-274465 PIP Code - A3.2.01**

**BID Reference No. ODISHA/NHP/SHDC/IFB-13/2021-22 Dated: 20th May 2022**

No. A-270: The Chief Engineer & Director, Ground Water Development and Nodal Officer, NHP-Odisha invites tenders through e-Procurement platform online from eligible bidders for the work: - "Renovation and furnishing of State Hydrological Data Centre (SHDC), Odisha" (Under NCB). Bidding documents are available online on **www.tendersodisha.gov.in** which is free of cost. Bidders are advised to participate in the bidding process as per instructions given in bidding document.

| | | | |
|---|---|---|---|
| 1 | Start date of availability of Bid document (for downloading from e-Procurement portal) | : | 24.05.2022 11.00 Hrs. |
| 2 | Last Date of availability of Bid document (for downloading from e-Procurement portal) | : | 24.06.2022 14.00 Hrs. |
| 3 | Date for Pre-bid Meeting | : | 08.06.2022 11.30 Hrs. |
| 4 | Start Date of online Bid submission | : | 16.06.2022 11.00 Hrs. |
| 5 | Last date of online Bid submission | : | 24.06.2022 14.00 Hrs. |
| 6 | Time & Date of opening of bids in the portal (technical part) | : | 24.06.2022 15.00 Hrs. |

Further Details can be seen from e-Procurement portal **https://tendersodisha.gov.in**.

CED, GWD &, Nodal Officer, NHP - Odisha
OIPR-32407/11/0002/2223

## ବିମାନଯାତ୍ରାରେ ବୃଦ୍ଧି

**ନୂଆଦିଲ୍ଲୀ:** ଗତ ମାସ ଅର୍ଥାତ୍ ଏପ୍ରିଲରେ ପ୍ରାୟ ୧.୦୮ କୋଟି ଯାତ୍ରୀ ଘରୋଇ ବିମାନ ଯାତ୍ରା କରିଛନ୍ତି। ମାର୍ଚ୍ଚ ତୁଳନାରେ ବିମାନଯାତ୍ରାରେ ୨% ବୃଦ୍ଧି ଘଟିଛି। ମାର୍ଚ୍ଚରେ ୧.୦୬ କୋଟି ଘରୋଇ ଯାତ୍ରୀ ବିମାନଯାତ୍ରା କରିଥିଲେ। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ୍ (ଡିଜିସିଏ) ପକ୍ଷରୁ ପ୍ରକାଶିତ ମାସିକ ତଥ୍ୟ ଅନୁସାରେ ଏପ୍ରିଲରେ ସମସ୍ତ ଏୟାରଲାଇନ୍‌ର ସିଟ୍ ପୂରଣ ହାର ୭୮%ରୁ ଉର୍ଦ୍ଧ୍ୱ ରହିଛି। ଡିଜିସିଏ ସୂଚନା ଅନୁସାରେ ସ୍ପାଇସ୍‌ଜେଟ୍, ଇଣ୍ଡିଗୋ, ଭିସ୍ତାରା, ଏୟାର ଇଣ୍ଡିଆ ଏବଂ ଏୟାର ଏସିଆ ଇଣ୍ଡିଆର ବୁକିଂ ହାର ଯଥାକ୍ରମେ ୮୫.୯%, ୭୮.୭%, ୮୨.୯%, ୭୯.୫% ଏବଂ ୭୯.୭% ରହିଛି।

## ସଂକ୍ଷେପରେ

### ଜୁନ୍‌ରୁ କମିପାରେ ଖାଇବା ତେଲ ଦର

ନୂଆଦିଲ୍ଲୀ, ୨୧।୫: ବିଶ୍ୱ ସ୍ତରରେ ପାମ୍ ତୈଳର ବୃହତ୍ତମ ରପ୍ତାନିକାରୀ ଇଣ୍ଡୋନେସିଆ ରପ୍ତାନି ଉପରେ କଟକଣା ହଟାଇବା ପରେ ଜୁନ୍‌ରୁ ରନ୍ଧନ ତୈଳ ଦର ହ୍ରାସ ହେବା ନେଇ ଆଶା ଦେଖାଦେଇଛି। ୨୩ ତାରିଖରୁ ଇଣ୍ଡୋନେସିଆ ପାମ୍ ତୈଳ ରପ୍ତାନି ନେଇ ଲଗାଇଥିବା କଟକଣା ହଟାଇବା ନେଇ ଘୋଷଣା କରିଛି। ଏହାଛଡ଼ା ୟୁକ୍ରେନ୍-ରୁଷିଆ ଯୁଦ୍ଧ ସ୍ଥିତି ସ୍ଥିର ହେବା ପରେ ୟୁକ୍ରେନ୍‌ରୁ ସୂର୍ଯ୍ୟମୁଖୀ ତୈଳ ରପ୍ତାନିରେ ମଧ୍ୟ ସୁଧାର ଆସିପାରିବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି। ଏହିସବୁ ରପ୍ତାନି ପ୍ରତିବନ୍ଧକ ହଟାଇଯିବା ପରେ ଖାଇବା ତେଲର ବଜାର ଉପଲବ୍ଧତା ବୃଦ୍ଧି ଘଟିବ। ସୂଚନାଯୋଗ୍ୟ, ଇଣ୍ଡୋନେସିଆ ବାର୍ଷିକ ୪୬ ମିଲିୟନ ଟନ୍ ପାମ୍ ତୈଳ ଉତ୍ପାଦନ କରିଥାଏ। ସେଥିମଧ୍ୟରୁ ୯ ମିଲିୟନ ଟନ୍ ଖାଇବା ତେଲ ଏବଂ ଅନ୍ୟ ୯ ମିଲିୟନ ଟନ୍ ବାୟୋଡିଜେଲ କାର୍ଯ୍ୟକ୍ରମରେ ଉପଯୋଗ କରିଥାଏ। ଅବଶିଷ୍ଟ ୨୮ ମିଲିୟନ ଟନ ତୈଳ ଅନ୍ୟ ଦେଶକୁ ରପ୍ତାନି କରିବା କାର୍ଯ୍ୟରେ ଲଗାଇଥାଏ।

### ସିଏନ୍‌ଜିର ମୂଲ୍ୟ ବୃଦ୍ଧି

ନୂଆଦିଲ୍ଲୀ,୨୧।୫: ଜାତୀୟ ରାଜଧାନୀ ଦିଲ୍ଲୀରୁ ଆରମ୍ଭକରି ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସହରରେ କମ୍ପ୍ରେସ୍ଡ ନେଚୁରାଲ୍ ଗ୍ୟାସ୍ (ସିଏନ୍‌ଜି) ଦରରେ ଶନିବାର ବୃଦ୍ଧି ଘଟିଛି। ବର୍ଦ୍ଧିତ ଦର ଶନିବାର ସକାଳ ୬ଟାରୁ ଲାଗୁ ହୋଇଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ସିଏନ୍‌ଜି ଦର କିଲୋଗ୍ରାମ୍ ପିଛା ୨ଟଙ୍କା ବୃଦ୍ଧି ପାଇ ୭୫.୬୧ଟଙ୍କାରେ ପହଞ୍ଚିଛି। ଗତ ୬ଦିନ ମଧ୍ୟରେ ୨ୟ ଥର ପାଇଁ ସିଏନ୍‌ଜି ଦରରେ ବୃଦ୍ଧି ହୋଇଛି। ଏହା ପୂର୍ବରୁ ମେ’ ୧୫ରେ ସିଏନ୍‌ଜି ଦରରେ ୨ଟଙ୍କା ବୃଦ୍ଧି ହୋଇଥିଲା। ନୋଏଡା, ଗ୍ରେଟର ନୋଏଡା ଏବଂ ଗାଜିଆବାଦରେ ସିଏନ୍‌ଜିର ବର୍ଦ୍ଧିତ ଦର କିଲୋଗ୍ରାମ୍ ପିଛା ୭୮.୧୭ ଟଙ୍କାରେ ପହଞ୍ଚିଛି। ସେହିପରି ଗୁରୁଗ୍ରାମରେ ସିଏନ୍‌ଜି ଦର କିଲୋଗ୍ରାମ୍ ପିଛା ୮୩.୯୪ ଟଙ୍କା ଛୁଇଁଛି। ଏହାଛଡ଼ା କାନପୁର, ହମିରପୁର, ଫତେପୁରରେ ସିଏନ୍‌ଜି ଦର ୮୭.୪୦ ଟଙ୍କାକୁ ବୃଦ୍ଧି ପାଇଛି। ବୈଶ୍ୱିକ ସ୍ତରରେ ଗ୍ୟାସ୍ ସପ୍ଲାଇରେ ବାଧା ସିଏନ୍‌ଜି ଦର ବୃଦ୍ଧିର ପ୍ରମୁଖ କାରଣ ସାଜିଛି।

# ବୃଦ୍ଧି ପାଉଛି ଅଶୋଧିତ ତୈଳ ଆମଦାନୀ

ନୂଆଦିଲ୍ଲୀ, ୨୧।୫




- ସାଢ଼େ ୩ବର୍ଷରେ ସର୍ବାଧିକ ତୈଳ ଆମଦାନୀ କରିଛି ଭାରତ
- ମାର୍ଚ୍ଚ ଅପେକ୍ଷା ୯.୭%, ପୂର୍ବ ଏପ୍ରିଲ ତୁଳନାରେ ୧୪.୩% ବୃଦ୍ଧି

ବିଶ୍ୱର ତୃତୀୟ ସର୍ବାଧିକ ଅଶୋଧିତ ତୈଳ ଆମଦାନୀ କରୁଥିବା ଭାରତ ଏପ୍ରିଲରେ ଗତ ସାଢ଼େ ୩ ବର୍ଷ ମଧ୍ୟରେ ସର୍ବାଧିକ ତୈଳ ଗ୍ରହଣ କରିଛି। ଉପଭୋକ୍ତାଙ୍କ ଚାହିଦାରେ ସୁଧାର ଏବଂ ଦର ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ଦେଶ ପକ୍ଷରୁ ଅଶୋଧିତ ତୈଳ କ୍ରୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ପେଟ୍ରୋଲିୟମ୍ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ଚଳିତ ବର୍ଷ ଏପ୍ରିଲରେ ମାର୍ଚ୍ଚ ଅପେକ୍ଷା ୯.୭% ଅଧିକ ଅଶୋଧିତ ତୈଳ ଆମଦାନୀ ହୋଇଛି। ପୂର୍ବ ବର୍ଷ ଅର୍ଥାତ୍ ୨୦୨୧ର ଏହି ଅବଧି ଅପେକ୍ଷା ଅଶୋଧିତ ତୈଳ ଆମଦାନୀରେ ୧୪.୩% ବୃଦ୍ଧି ଘଟି ୨୦.୮୭ ମିଲିୟନ ଟନ୍‌ରେ ପହଞ୍ଚିଛି। ୨୦୧୮ ଅକ୍ଟୋବର ପରଠାରୁ ଏହି ଆମଦାନୀ ପରିମାଣ ସର୍ବାଧିକ ରହିଥିଲା ବୋଲି ସେଲ୍ ପକ୍ଷରୁ ସୂଚନା ଦିଆଯାଇଛି। ରିଷ୍ଟେଡ୍‌କର ଜଣେ ଡାଉନ୍‌ଷ୍ଟ୍ରିମ୍ ଆନାଲିଷ୍ଟ ଜାନିବ ଶାହଙ୍କ କହିବା ଅନୁସାରେ, ଆଖିଦୃଶିଆ ରିହାତି ସହିତ ମିଡିୟମ ସୋର ୟୁରାଲ୍ ଗ୍ରେଡ୍ ଏବଂ ଷ୍ଟ୍ରଙ୍ଗ୍ ଡିଜେଲ କ୍ରାକ୍ ଘରୋଇ ଉପଭୋକ୍ତାଙ୍କ ବ୍ୟବହାର ପାଇଁ ରୁଷିଆଠାରୁ ଭାରତ କ୍ରୟ ଜାରି ରଖିଛି। ରିଫାଇନେରି କମ୍ପାନୀଗୁଡ଼ିକ ବର୍ତ୍ତମାନର ବଜାର ସ୍ଥିତି ଉପରେ ଲାଭ ଉଠାଇବା ପାଇଁ ଯୋଜନାବଦ୍ଧ ଭାବରେ ରକ୍ଷଣାବେକ୍ଷଣରେ ବିଳମ୍ବ କରିଥିଲେ। ରିଫାଇନେରିଗୁଡ଼ିକ ନେମ୍‌ପ୍ଲେଟ୍ କ୍ଷମତାଠାରୁ ଅଧିକରେ ପରିଚାଳିତ ହେଉଥିବା କାରଣରୁ ଏଭଳି ପଦକ୍ଷେପ ନିଆଯାଇଥିବା ଶାହ କହିଛନ୍ତି। ୟୁକ୍ରେନ୍-ରୁଷିଆ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅନେକ ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ ବାଣିଜ୍ୟିକ କଟକଣା ସମେତ ଅନେକ ପ୍ରତିବନ୍ଧକ ଲଗାଇଥିଲେ। ତେବେ ଏଭଳି ସମୟର ଫାଇଦା ଉଠାଇ ଭାରତ ରୁଷିଆଠାରୁ ଅଧିକ ରିହାତି ସହ ଅଶୋଧିତ ତୈଳ କ୍ରୟ କରିବା ଜାରି ରଖିଛି। ଚଳିତ ଶନିବାର ଶେଷ ହୋଇଥିବା ସପ୍ତାହରେ ରୁଷିଆଠାରୁ ଭାରତ ୪ର୍ଥ ସର୍ବାଧିକ ତୈଳ କ୍ରୟ କରିଥିବା ଟ୍ୟାଙ୍କର ଟ୍ରାକିଂ ତଥ୍ୟରୁ ସୂଚନା ମିଳିଛି। ପୂର୍ବ ବର୍ଷ ଏପ୍ରିଲ ଅପେକ୍ଷା ଗତ ମାସରେ ଦେଶର ତୈଳ ପଦାର୍ଥର ଆମଦାନୀରେ ୨୩.୭% ବୃଦ୍ଧ ଘଟି ୩.୭୯ ମିଲିୟନ ଟନ୍‌ରେ ପହଞ୍ଚିଥିବା ବେଳେ ରପ୍ତାନି ୩୬.୯% ସହିତ ୫.୩୬ ମିଲିୟନ ଟନ୍ ହୋଇଥିବା ସରକାରୀ ତଥ୍ୟରୁ ଜଣାଯାଇଛି। ଭାରତରେ ତୈଳ ଚାହିଦା କାରଣରୁ ଆମଦାନୀରେ ବୃଦ୍ଧି ହୋଇଥିବା ୟୁବିଏସ୍ ବିଶ୍ଳେଷକ ଜିଓଭାନୀ ଷ୍ଟୋନୋଭୋ କହିଛନ୍ତି।

# ହ୍ୟୁଣ୍ଡାଇର ଇଭି ଚାର୍ଜିଂ ରାଜିନାମା




ନୂଆଦିଲ୍ଲୀ,୨୧।୫

ଦେଶର ପ୍ରଥମ ସ୍ମାର୍ଟ ମୋବିଲିଟି ସଲ୍ୟୁସନ ପ୍ରଦାନକାରୀ ତଥା ସର୍ବବୃହତ୍ ରପ୍ତାନିକାରୀ ଯାନ ‘ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍’ ଭାରତର ଏକ ବୃହତ୍ ଇଣ୍ଟିଗ୍ରେଟେଡ ପାୱାର କମ୍ପାନୀ ତଥା ଅଗ୍ରଣୀ ଇଭି ଚାର୍ଜିଂ ଭିତ୍ତିଭୂମି ପ୍ରଦାନକାରୀ ସଂସ୍ଥା ଟାଟା ପାୱାର ସହିତ ରଣନୈତିକ ଭାଗୀଦାରି ଘୋଷଣା କରିଛି। ଏହି ଅବସରରେ ହ୍ୟୁଣ୍ଡାଇ ମୋଟରର ଏମ୍‌ଡି ତଥା ସିଇଓ ଉନ୍‌ସୋ କିମ୍ ଏବଂ ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡ. ପ୍ରବୀର ସିହ୍ନାଙ୍କ ଉପସ୍ଥିତିରେ ହରିୟାଣାର ଗୁରୁଗ୍ରାମଠାରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ମୁଖ୍ୟାଳୟରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ଏବଂ ଟାଟା ପାୱାରର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତରେ ହୋଇଯାଇଛି। ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ସମ୍ପ୍ରତି ୨୯ଟି ସହରରେ ୩୪ଇଭି ଡିଲରଙ୍କର ଏକ ନେଟ୍‌ୱର୍କ ରହିଛି। ଏଠାରେ ଏସି ୭.୨ କିଲୋୱାଟ ଚାର୍ଜର ସହ କମ୍ପାନୀ ଏହାର ଚାର୍ଜିଂ ଇନ୍‌ଫ୍ରା ନେଟ୍‌ୱାର୍କକୁ ଭାରତରେ ଡିଲରଶିପ ମଧ୍ୟରେ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ଡିସି ୬୦କିଲୋୱାଟ ଚାର୍ଜର ଗାଡ଼ି ଚାର୍ଜିଂ ସମୟ ଏସି ୭.୨ କିଲୋୱାଟ ଚାର୍ଜର ଠାରୁ ବହୁ କମ୍। ଡିସି ୬୦ କିଲୋୱାଟ ଚାର୍ଜିଂ ଷ୍ଟେଶନ ସଂଖ୍ୟା ବୃଦ୍ଧି ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ଏମ୍‌ଡି ଆଣ୍ଡ ସିଇଓ ଉନ୍‌ସୋ କିମ୍ କହିଛନ୍ତି , ମାନବିକତାର ପ୍ରଗତିରେ ହ୍ୟୁଣ୍ଡାଇର ବିଶ୍ୱସ୍ତରୀୟ ଦୃଷ୍ଟିକୋଣକୁ ହୃଦୟଙ୍ଗମ କରିବା ଏବଂ ବିୟଣ୍ଡ ମୋବିଲିଟିକୁ ଦୃଷ୍ଟିରେ ରଖି ହ୍ୟୁଣ୍ଡାଇ ମୋଟର କାର୍ଯ୍ୟ କରୁଛି। ସେହିଭଳି ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡ. ପ୍ରବୀଣ ସିହ୍ନା କହିଛନ୍ତି, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ସହିତ ଆମର ସହଯୋଗ ଭାରତର ଜାତୀୟ ବୈଦ୍ୟୁତିକ ମୋବିଲିଟି ମିଶନ ଯୋଜନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି।

# ଟାଟା ‘ନ୍ୟୁ ନେକ୍ସନ୍ ଇଭି ମ୍ୟାକ୍ସ’ର ଅନାବରଣ

ଭୁବନେଶ୍ୱର,୨୧।୫




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ଟାଟା ମୋଟର୍ସ’ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ‘ନ୍ୟୁ ନେକ୍ସନ୍ ଇଭି ମ୍ୟାକ୍ସ’କୁ ନିକଟରେ ବଜାର ପ୍ରବେଶ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ‘ଡିଅନ୍ ଅଟୋମୋଟିଭ୍‌ସ’ରେ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଅନାବରଣ କରାଯାଇଥିଲା। ଏହି ଅବସରରେ ଟାଟା ମୋଟର୍ସ ଲିମିଟେଡ୍‌ର ଟିଏସ୍‌ଏମ୍ ସବ୍ୟସାଚୀ ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଏସ୍‌ବିଆଇ ଡିଜିଏମ୍ ଆନନ୍ଦ ବିକ୍ରମ, ଇଣ୍ଡିଆନ ବ୍ୟାଙ୍କ ଜୋନାଲ ମ୍ୟାନେଜର (ଭୁବନେଶ୍ୱର) ଭି.ଶଙ୍କର. ରାଜୁଙ୍କ ସମେତ ଡିଲର ପ୍ରିନ୍ସିପାଲ ମନୋଜ କୁମାର ସାହୁ, ଡିଅନ ଅଟୋମେଟିଭର ସିଇଓ ସତ୍ୟମ ପଟ୍ଟନାୟକ ଏବଂ ଟାଟା ମୋଟର୍ସ ରିଜିଓନାଲ ମ୍ୟାନେଜର (ଇଷ୍ଟ-୪) ଶିଶିର ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ମଡେଲର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇଥିଲେ।

ଏ ସମ୍ପର୍କରେ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍‌ର ସେଲ୍‌ସ ଓ ସର୍ଭିସ୍ ଷ୍ଟ୍ରାଟେଜି, ମାର୍କେଟିଂ ବିଭାଗ ମୁଖ୍ୟ ବିବେକ ଶ୍ରୀବାସ୍ତବ କହିଛନ୍ତି, ଗ୍ରାହକ କୈନ୍ଦ୍ରିକତାକୁ ମୂଳରେ ରଖିବା ଏବଂ ନିୟମିତ ଓ ଶୀଘ୍ର ବ୍ୟବଧାନରେ ନୂତନ ଉତ୍ପାଦ ଆଣିବା ପାଇଁ ଉତ୍ସର୍ଗୀକୃତ ରହି ଆମେ ନୂଆ ନେକ୍ସନ୍ ଇଭି ମ୍ୟାକ୍ସର ଲଞ୍ଚ ପାଇଁ ଉତ୍ସାହିତ ରହିଛୁ। ଉକ୍ତ ମଡେଲ ଅତ୍ୟାଧୁନିକ ସୁବିଧା ସହ ୩ଟି ରଙ୍ଗରେ ଉପଲବ୍ଧ ହେଉଛି। ଏହାର ଏକ୍ସ-ଶୋ’ରୁମ୍ ମୂଲ୍ୟ (ଅଲ୍ ଇଣ୍ଡିଆ) ୧୭.୭୪ ଲକ୍ଷ ଟଙ୍କା ରହିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର, କଟକ, ପୁରୀ ଓ ବ୍ରହ୍ମପୁର (ଡିଅନ୍ ଅଟୋମୋଟିଭ୍‌ସ)ରେ ଏହା ଉପଲବ୍ଧ ହେଉଛି।

# ବିଜୟ ଶେଖର ଶର୍ମା ପେଟିଏମ୍ ସିଇଓ ନିଯୁକ୍ତ

ନୂଆଦିଲ୍ଲୀ, ୨୧।୫

ଡିଜିଟାଲ ବ୍ୟାଙ୍କିଂ ସେବା ପ୍ରଦାନ କରିଥିବା ଅଗ୍ରଣୀ ଘରୋଇ ସଂସ୍ଥା ପେଟିଏମ୍ ପକ୍ଷରୁ ପୁଣି ଥରେ ଆଗାମୀ ୫ବର୍ଷ ପାଇଁ ବିଜୟ ଶେଖର ଶର୍ମାଙ୍କୁ ଏହାର ଏମ୍‌ଡି ଏବଂ ସିଏଇଓ ଭାବେ ନିଯୁକ୍ତ କରାଯାଇଛି। ଫିନ୍‌ଟେକ୍ କମ୍ପାନୀ ପେଟିଏମ୍ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ଶନିବାର ଏହି ସୂଚନା ଦିଆଯାଇଛି। କମ୍ପାନୀର ସୂଚନା ଅନୁସାରେ ବିଜୟ ଶେଖରଙ୍କୁ ୧୯ ଡିସେମ୍ବର ୨୦୨୨ରୁ ୧୮ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ୫ବର୍ଷ କାର୍ଯ୍ୟକାଳ ପାଇଁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାଛଡ଼ା କମ୍ପାନୀ ମଧୁ ଦେଓଡ଼ାଙ୍କୁ ୧୯ ମେ’ ୨୦୨୭ ପର୍ଯ୍ୟନ୍ତ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ଫାଇନାନ୍ସିଆଲ୍ ଅଫିସର(ସିଏଫ୍‌ଓ) ଭାବରେ ନିଯୁକ୍ତି କରିଛି। ଦେଓଡ଼ା ୨୦୧୬ରୁ ପେଟିଏମ୍ ସହିତ ଜଡ଼ିତ ଅଛନ୍ତି।

# ଆଇଚର ପକ୍ଷରୁ ପିଡିସିର ଶୁଭାରମ୍ଭ

କଟକ,୨୧।୫

ରାଜ୍ୟରେ ଗାଡ଼ି ପାର୍ଟ୍‌ସଗୁଡ଼ିକର ଉପଲବ୍ଧ ବଢ଼ାଇବା ପାଇଁ ଭିଇ କମର୍ସିଆଲ ଭେହିକଲ୍ସ(ଭିଇସିଭି)ର ବିଜ୍‌ନେସ୍ ୟୁନିଟ୍, ଆଇଚର ଟ୍ରକ୍ସ ଆଣ୍ଡ ବସେସ୍ ପକ୍ଷରୁ ନିକଟରେ ଏକ ନୂତନ ପାର୍ଟ୍‌ସ ଡିଷ୍ଟ୍ରିବ୍ୟୁଶନ ସେଣ୍ଟର(ପିଡିସି)ର ଶୁଭାରମ୍ଭ କରାଯାଇଛି। କମ୍ପାନୀର ୱାନ୍‌ଡ କମ୍ପାନୀ ଅପରେଟେଡ୍ (ସିଓସିଓ)ର ଏକ ଅଂଶ ଭାବେ କଟକ ସହରରେ ରିଟେଲ୍ ୟୁନିଟ୍ ସହ ଏହି ସୁବିଧା ଉପଲବ୍ଧ। ଏହି ନୂତନ ପିଡିସି ୭୦୦୦ରୁ ଉର୍ଦ୍ଧ୍ୱ ଆଇଚର ଯାନବାହନକୁ ଯୋଗାଇ ଦିଆଯାଉଥିବା ସେବାକୁ ଆହୁରି ସୁଦୃଢ଼ କରିବ। ଏହି ପରିପ୍ରେକ୍ଷୀରେ ଭିଇସିଭିର ଇଣ୍ଟରନ୍ୟାଶନାଲ ବିଜ୍‌ନେସ୍ ଆଣ୍ଡ କମ୍ପାନୀ ୱନ୍‌ଡ ରିଟେଲ୍ ଇଭିପି ଏସ୍.ଏସ୍. ଗିଲ୍ କହିଛନ୍ତି, ଓଡ଼ିଶା ଆଇଚର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଆମର ଅଭିବୃଦ୍ଧିରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କଟକଠାରେ ଆମର ନୂତନ ପିଡିସି ଗ୍ରାହକଙ୍କୁ ଉନ୍ନତମାନର ସେବା, ଉତ୍ପାଦର ଅଭିଜ୍ଞତା ଏବଂ ଭାଗୀଦାରିରେ ସମୃଦ୍ଧତା ପ୍ରଦାନ କରିବ।

## ଫୁରସତ୍

# ଛୋଟ ହେବାରେ ଲାଗିଛି ପ୍ୟାକେଟରେ ମିଳୁଥିବା ଖାଦ୍ୟ ସାମଗ୍ରୀ



**ନୂଆଦିଲ୍ଲୀ:** ମହାମାରୀ କରୋନା ପରଠାରୁ ଦେଶରେ ଖାଦ୍ୟ ଦ୍ରବ୍ୟର ଦର ଆକାଶ ଛୁଆଁ ହୋଇଛି। ସମୟ କ୍ରମେ ବ୍ୟବହାର୍ଯ୍ୟ ସାମଗ୍ରୀ ସାଙ୍ଗକୁ ଖାଦ୍ୟ ସାମଗ୍ରୀ ଦର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବଜାରରେ ଏବେ ଆଉ ଏକ ପରିବର୍ତ୍ତନ ଦେଖିବାକୁ ମିଳିଛି, ତାହା ହେଲା ପ୍ୟାକେଟରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ଆକାର କମିଛି। ଫାଷ୍ଟ ମୁଭିଙ୍ଗ୍ କଞ୍ଜୁମର (ଏଫ୍‌ଏମ୍‌ସିଜି) ସେଗ୍‌ମେଣ୍ଟ ଅନୁସାରେ ପ୍ରତ୍ୟେକ ବ୍ରାଣ୍ଡ ନିଜ ଖାଦ୍ୟ ସାମଗ୍ରୀ ପ୍ୟାକେଟର ଆକାର ଧୀରେ ଧୀରେ କମାଇବା ଆରମ୍ଭ କରିଛନ୍ତି। ପିଲାଙ୍କ ଅତିପ୍ରିୟ ମ୍ୟାଗିଠାରୁ ଆରମ୍ଭ କରି ଗୃହିଣୀଙ୍କ ଅତି ଜରୁରୀ ଭିମ୍‌ବାର୍ ଏସବୁ ଜିନିଷର ଆକାର କମିଥିବା ଲକ୍ଷ୍ୟ କରାଯାଉଛି।

ଲାହୋରି ଜିରା ଯାହା ୨୦୨୦ରେ ପ୍ରଥମଥର ମାର୍କେଟକୁ ଆସିଥିଲା। ପ୍ରାରମ୍ଭିକ ସମୟରେ ୨୦୦ ଏମ୍‌ଏଲ୍ ପରିମାଣର ଜିରା ଗୋଟିଏ ପ୍ୟାକେଟରେ ଆସୁଥିଲା କିନ୍ତୁ ବର୍ତ୍ତମାନ ଲାହୋରି ଜିରା ପ୍ୟାକେଟରେ ୧୬୦ ଏମ୍‌ଏଲ୍ ପରିମାଣର ଜିରା ଆସୁଛି। ସେହିପରି ୨୫୦ ଏମ୍‌ଏଲ୍ ପରିମାଣର କୋକାକୋଲା ବୋତଲ ବଜାରରେ ବିକ୍ରି ହେଉଥିବାବେଳେ ବର୍ତ୍ତମାନ ଏହା ୨୦୦ ଏମ୍‌ଏଲ୍‌ରେ ଯାଇ ପହଞ୍ଚିଥିବା ଦିଲ୍ଲୀ ଆଇଟିଓରେ ବ୍ୟବସାୟ କରୁଥିବା ମୁକେଶ ତିୱାରୀ କହିଛନ୍ତି। ପ୍ୟାକ୍ଡ ଖାଦ୍ୟ ସାମଗ୍ରୀରେ ଦେଖିବାକୁ ମିଳିଥିବା ଏହି ପରିବର୍ତ୍ତନକୁ ‘ଶ୍ରିଙ୍କେଜ୍’ ବୋଲି କୁହାଯାଇଛି। କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡ୍ସର ସଦସ୍ୟ ଧର୍ଯ୍ୟାଶାଳୀ ପାଟିଲଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁସାରେ ୧୦ ଟଙ୍କିଆ ପାର୍ଲେଜି ବିସ୍କୁଟ ପ୍ୟାକେଟର ଓଜନ ପୂର୍ବରୁ ୧୪୦ ଗ୍ରାମ୍ ଥିବାବେଳେ ବର୍ତ୍ତମାନ ଏହି ପ୍ୟାକେଟର ଓଜନ ୧୧୦ ଗ୍ରାମ ରହିଛି। ପ୍ୟାକେଟରେ ମହଜୁଦ ସାମଗ୍ରୀ ପରିମାଣ କମିବା ଦ୍ୱାରା କମ୍ପାନୀଗୁଡ଼ିକ ପରିବହନ ସୁବିଧାଜନକ ହେଉଛି। ଦରଦାମ୍ ବୃଦ୍ଧି ଘଟିଲେ ଭାରତୀୟ ଖାଉଟି ଜିନିଷ କିଣି ନ ଥାନ୍ତି। ତେଣୁ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କମ୍ପାନୀଗୁଡ଼ିକ ଦର କମାଉଥିବାବେଳେ ପ୍ୟାକେଟ ଛୋଟେଇବାରେ ଲାଗିଛନ୍ତି, ଯାହାଦ୍ୱାରା ଗ୍ରାହକ ଖୁସ୍ ଆଉ କମ୍ପାନୀମାଲିକ ବି ଖୁସ୍।

# ମହିଳାମାନେ ଉଚ୍ଚାଭିଳାଷୀ: ନିଧି



**ମୁମ୍ବାଇ:** ବର୍ତ୍ତମାନର ଆଧୁନିକ ଯୁଗରେ ଏବେବି ଅନେକ ଲୋକ ଅଛନ୍ତି ଯେଉଁମାନେ ମହିଳାମାନେ ଉଚ୍ଚାଭିଳାଷୀ ନ ଥିବା କୁହନ୍ତି। ଏହା ନିହାତି ପକ୍ଷେ ଭୁଲ୍ ଧାରଣ ବୋଲି ବଲିଉଡ୍ ନାୟିକା ନିଧି ଅଗ୍ରୱାଲ କହିଛନ୍ତି। ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଉଚ୍ଚାଭିଳାଷୀ ଥିବାବେଳେ ସେମାନେ ନିଜ କ୍ୟାରିୟର୍‌ରେ ସବୁବେଳେ ଆଗକୁ ଯିବାକୁ ଚାହାନ୍ତି। ନିଜ ଆକାଂକ୍ଷା ପୂରଣ କରିବା ପାଇଁ ମହିଳାମାନେ ସବୁବେଳେ ଚେଷ୍ଟିତ। କ୍ୟାରିୟର ସାଙ୍ଗକୁ ଆର୍ଥିକ ଦିଗରେ ମଧ୍ୟ ମହିଳାମାନେ ଅନ୍ୟ ଉପରେ ନିର୍ଭର କରିବାକୁ ପସନ୍ଦ କରୁ ନ ଥିବା ସେ କହିଛନ୍ତି। ୨୦୧୭ରେ ବଲିଉଡ୍ ଫିଲ୍ମ ‘ମୁନା ମାଇକେଲ’ ଜରିଆରେ ନିଧି ବଲିଉଡ୍ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲେ। ଫିଲ୍ମରେ ତାଙ୍କ ବିପକ୍ଷରେ ଥିଲେ ଟାଇଗର ସ୍ରଫ୍। ହିନ୍ଦୀ ବ୍ୟତୀତ ତେଲୁଗୁ ଓ ତାମିଲ ଫିଲ୍ମରେ ନିଧି ବର୍ତ୍ତମାନ କାମ କରୁଛନ୍ତି।

# ସ୍ତ୍ରୀଙ୍କ ପାଇଁ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଲେ ଯୁବକ



**ପୁଣେ:** ସୁପରହିଟ୍ ହିନ୍ଦୀ ଫିଲ୍ମ ‘ସୋଲେ’ର ଏକ ଲୋକପ୍ରିୟ ସିନ୍ ମହାରାଷ୍ଟ୍ରର ପୁଣେରେ ଦେଖିବାକୁ ମିଳିଛି। ୨୨ ବର୍ଷୀୟ କେଶବ ଅଭିମାନ କରିଥିବା ସ୍ତ୍ରୀଙ୍କୁ ମନେଇବାକୁ ଯାଇ ଇଲେକ୍ଟ୍ରିକ୍ ଖୁଣ୍ଟରେ ଚଢ଼ିଥିଲେ। ପୁଣେର ଜୁନ୍ନାରରେ ଯୁବକଙ୍କ ଘର। ସ୍ୱାମୀଙ୍କ ଉପରେ ରାଗି ସ୍ତ୍ରୀ ତାଙ୍କ ବାପଘରକୁ ଚାଲିଯାଇଥିବାବେଳେ ସ୍ୱାମୀଙ୍କ ବହୁ ଅନୁରୋଧ ପରେ ମଧ୍ୟ ସେ ଶାଶୁ ଘରକୁ ଫେରି ନ ଥିଲେ। ସ୍ତ୍ରୀଙ୍କ ଏ ପ୍ରକାର ବ୍ୟବହାରରେ କେଶବ ରାଗିଯାଇ ପହଞ୍ଚିଥିଲେ ଶଶୁରଘରେ। ସ୍ତ୍ରୀଙ୍କୁ ସାଥୀରେ ଯିବା ପାଇଁ କହିଥିଲେ ହେଁ ମହିଳା ଅରାଜି ହୋଇଥିଲେ। ସ୍ତ୍ରୀଙ୍କ କଥାରେ ଉତ୍‌କ୍ଷିପ୍ତ ହୋଇ କେଶବ ସେଠାରେ ଥିବା ଏକ ଉଚ୍ଚ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଯାଇଥିଲେ।

ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଯୁବକଙ୍କୁ ବହୁ ବୁଝାଶୁଝା କରିଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ସଙ୍ଗେ ସଙ୍ଗେ ଇଲେକ୍ଟ୍ରିକ୍ ସରବରାହ ବନ୍ଦ କରାଯିବା ସହ ପାଖାପାଖି ଦେଢଘଣ୍ଟାର ସଂଘର୍ଷ ପରେ ଯୁବକ ଜଣକ ବିଦ୍ୟୁତ୍ ଖୁଣ୍ଟରୁ ଓହ୍ଲାଇଥିଲେ। ପୋଲିସ କେଶବଙ୍କୁ ଥାନାରେ ଗୋଟିଏ ଦିନ ଅଟକ ରଖିବା ପରେ ତାଙ୍କୁ ଘରକୁ ପଠାଇ ଦେଇଛି। ଦୁଇ ବର୍ଷ ପୂର୍ବେ ଏକ ସମାରୋହରେ ସ୍ତ୍ରୀଙ୍କ ସହ କେଶବଙ୍କ ଦେଖାହୋଇଥିଲା। ଦୁହେଁ ପ୍ରଥମେ ପ୍ରେମରେ ପଡ଼ିଥିଲେ ତା’ ପରେ ଘରଲୋକଙ୍କ ସହମତି କ୍ରମେ ବାହା ହେଲେ। ବାହାଘରର ୪ ମାସ ପୂରିଥିବାବେଳେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା। କେଶବ ସବୁବେଳେ ମଦ ନିଶାରେ ଚୁର୍ ରହୁଥିବା କାରଣରୁ ସ୍ତ୍ରୀ ରାଗିଯାଇ ତାଙ୍କ ବାପଘରେ ରହୁଥିଲେ।

# ପାପର ପ୍ରାୟଶ୍ଚିତ୍ତ ପାଇଁ ଗୁପ୍ତାଙ୍ଗ କାଟିଲେ ବୃଦ୍ଧ

**ଗୁଆହାଟୀ:** ନିଶାଦ୍ରବ୍ୟ ସେବନ କରି ବିଭିନ୍ନ ସମୟରେ ଲୋକେ ଅପରାଧ ମୂଳକ କାର୍ଯ୍ୟ କରିଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ଆସାମର ସୋନିତପୁରରେ ଗଞ୍ଜେଇ ନିଶାରେ ଜଣେ ୫୦ ବର୍ଷୀୟ ବୃଦ୍ଧ ନିଜ ଗୁପ୍ତାଙ୍ଗ କାଟି ଦେଇଛନ୍ତି। ସୋନିତପୁରରେ ଏମ୍‌ଡି ସାହାଜୁଲ ଅଲୀଙ୍କ ଘର। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଖାଲି ଗଞ୍ଜେଇ ନୁହେଁ ସାହାଜୁଲ ସବୁ ପ୍ରକାର ନିଶାଦ୍ରବ୍ୟ ସେବନ କରନ୍ତି। ନିଜେ କରିଥିବା ସମସ୍ତ ପାପର ପଶ୍ଚାତାପ ପାଇଁ ସେ ଏ ପ୍ରକାର ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ତାଙ୍କ ଜାତିରେ ଧୂମପାନ କରିବା ପାପ ବୋଲି ଧରାଯାଉଥିବାବେଳେ ଆଗକୁ ତାଙ୍କ ସମ୍ପ୍ରଦାୟରେ କିଛି ବଡ଼ ବିପଦ ଆଶଙ୍କା ଥିବାବେଳେ ବିପଦକୁ ଏଡ଼ାଇବା ପାଇଁ ସେ ଏପ୍ରକାର ନିଷ୍ପତ୍ତି ନେଇଥିବା କହିଛନ୍ତି। ସବୁବେଳେ ନିଶା ସେବନ କାରଣରୁ ସାହାଜୁଲଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ତାଙ୍କ ପୁଅ କହିଛନ୍ତି। ତେବେ ଏହି ଘଟଣା ପ୍ରଥମ ନୁହେଁ ଏ ପରି ଅନେକ ଆଶ୍ଚର୍ଯ୍ୟକର ଘଟଣା ସେ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ୨୦୦୩ରେ ସାହାଜୁଲ ଜଙ୍ଗଲରେ ଏକ ବାଘ ସହ ରାତି କାଟିଥିଲେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଚର୍ଚ୍ଚା ହୋଇଥିଲା।



# ପରିବେଶ ରହିଲେ ପୃଥିବୀ ରହିବ

## ବିଶ୍ୱ ଜୈବବିବିଧତା ଦିବସ

ପୃଥିବୀ ଜୀବିତ ରହିବା ପାଇଁ ପରିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ’ ୨୨ରେ ଜୈବବିବିଧତା ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘର ଜୈବବିବିଧତା ପ୍ରସାର ପାଇଁ ଏହା ଏକ ଅନୁମୋଦିତ ଅନ୍ତର୍ଜାତୀୟ ଦିବସ। ଜୈବବିବିଧତାକୁ ମିଳିତ ଜାତିସଂଘର ପରବର୍ତ୍ତୀ ବିକାଶ ଏଜେଣ୍ଡାର ସ୍ଥାୟୀ ବିକାଶ ଲକ୍ଷ୍ୟରେ ସାମିଲ କରାଯାଇଛି। ମରୁଭୂମି, ଜମିର ଅବକ୍ଷୟ ଏବଂ ମରୁଡ଼ି, ଜଳ ଏବଂ ପରିମଳ, ସ୍ୱାସ୍ଥ୍ୟ ଏବଂ ନିରନ୍ତର ବିକାଶ, ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ବିପଦ ହ୍ରାସ, ସାମୁଦ୍ରିକ ଜଙ୍ଗଲ ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଲାଗି ଜୈବ ବିବିଧତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜୈବ ବିବିଧତାର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯିବାକୁ ଜାତିସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଇଣ୍ଡିଆନ ଗ୍ରାଁ ପ୍ରି-୩: ଶ୍ରାବଣୀଙ୍କୁ ସ୍ୱର୍ଣ୍ଣ, ଆର୍ଯ୍ୟନ ରୌପ୍ୟ

## ଅମିୟ, ଲକ୍ଷ୍ମୀପ୍ରିୟା, ସ୍ୱାଧୀନଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୧।୫ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୩ର ୨୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ, ଆର୍ଯ୍ୟନ ଏକ୍କା ରୌପ୍ୟ ଓ ଅମିୟ ମଲିକ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ୮୦୦ ମିଟରରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଶାନ ଓ ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ୨୦୦ ମିଟର ରେସ୍‌ରେ ଶ୍ରାବଣୀ ୨୪.୦୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ହରିୟାଣାର ସୋନିଆ (୨୪.୮୨) ରୌପ୍ୟ ଓ ପଶ୍ଚିମବଙ୍ଗର ରାଜଶ୍ରୀ ପ୍ରସାଦ (୨୫.୦୦) ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୧୮ପରେ ଘରୋଇ ପରିବେଶରେ ପ୍ରଥମଥରପାଇଁ ରେସ୍ କରିଥିବା ୩୧ ବର୍ଷୀୟା ଶ୍ରାବଣୀଙ୍କ ସମକକ୍ଷ ପ୍ରଦର୍ଶନ କେହି କରିପାରି ନ ଥିଲେ। ପୁରୁଷ ୨୦୦ ମିଟର 'ଏ' ଓ 'ବି' ରେସ୍ ପରେ ମହାରାଷ୍ଟ୍ରର ଅକ୍ଷୟ ଆନ୍ନାପ୍ପା ଶେଟ୍ଟି ୨୧.୮୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ମାତ୍ର ୧ ସେକେଣ୍ଡ ପଛରେ ପଡ଼ି ଯାଇଥିବା ଓଡ଼ିଶାର ଆର୍ଯ୍ୟନ ଏକ୍କା (୨୧.୮୭) ରୌପ୍ୟ ଓ ଅମିୟ ମଲିକ (୨୨.୦୦) ବ୍ରୋଞ୍ଜ ପଦକ ପାଇଛନ୍ତି।

ମହିଳା ହାମର ଥ୍ରୋରେ ଉତ୍ତର ପ୍ରଦେଶର ସରିତା ସିଂ (୬୧.୪୧ ମିଟର), ମହାରାଷ୍ଟ୍ରର ସ୍ନେହା ସୂର୍ଯ୍ୟକାନ୍ତ ଯାଦବ (୫୧.୫୬), ହରିୟାଣାର ସ୍ନେହା (୩୬.୬୪), ପୁରୁଷ ପୋଲଭୋଲ୍ଟରେ ତାମିଲନାଡୁର ଜି. ଦିନଦୟାଲନ୍ (୪.୬୦ ମି.), କେରଳର ଜ୍ୟାକବ ବିନେଶ (୪.୪୦) ଓ ହରିୟାଣାର ମନୀଶ ସିଂ (୪.୪୦) ଏବଂ ମହିଳା ଟ୍ରିପଲ ଜମ୍ପରେ ଆନ୍ଧ୍ର ପ୍ରଦେଶର ମଲାଲା ଅନୁଶା (୧୨.୯୦), ମହାରାଷ୍ଟ୍ରର ପୂର୍ବା ହିତେଶ ସାୱନ୍ତ (୧୨.୬୦) ଓ ଶର୍ଭାରୀ ଅବିନାଶ ପାରୁଲେକର (୧୨.୨୬ ମି.) ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ସେହିପରି ପୁରୁଷ ୮୦୦ ମିଟରରେ ହରିୟାଣାର କ୍ରିଶନ କୁମାର (୧:୪୭.୯୨), ହିମାଚଳ ପ୍ରଦେଶର ଅଙ୍କେଶ ଚୌଧାରୀ (୧:୪୮.୧୪), ତାମିଲନାଡୁର ପ୍ରଦୀପ ସେନ୍ଥିଲ କୁମାର (୧:୪୯.୦୧), ମହିଳା ୮୦୦ ମିଟରରେ ପଶ୍ଚିମବଙ୍ଗର ଲିଲି ଦାସ (୨:୧୦.୭୨), ଉତ୍ତର ପ୍ରଦେଶର ସ୍ନେହଲତା ଯାଦବ (୨:୧୭.୨୬), ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଶାନ (୨:୧୭.୩୯), ପୁରୁଷ ହାଇଜମ୍ପରେ ମହାରାଷ୍ଟ୍ରର ସୁରଭେଶ ଅନିଲ କୁଶାରେ (୨.୨୧ ମି.), କର୍ନାଟକର ଜେସି ସନ୍ଦେସ (୨.୧୮) ଓ ଓଡ଼ିଶାର ସ୍ୱାଧୀନ କୁମାର ମାଝି (୨.୦୫) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୧୧୦ ମି. ହର୍ଡଲ୍ସରେ ଆନ୍ଧ୍ର ପ୍ରଦେଶର ଯଶୱନ୍ତ କୁମାର ଲାଭେଟି (୧୪.୬୧) ସ୍ୱର୍ଣ୍ଣ, ତାମିଲନାଡୁର ପ୍ରେମ୍ କୁମାର (୧୪.୭୦) ରୌପ୍ୟ ଓ ପି. ବୀରମଣି (୧୪.୮୩ ସେକେଣ୍ଡ) ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ମହିଳା ଶଟ୍‌ପୁଟ୍‌ରେ ହରିୟାଣାର ମନପ୍ରୀତ କୌର (୧୬.୮୧ ମିଟର), ମହାରାଷ୍ଟ୍ରର ଆଭା ଖଟୁଆ (୧୬.୬୦) ଓ ରାଜସ୍ଥାନର କାଞ୍ଚନର ଚୌଧାରୀ (୧୪.୯୯) ପ୍ରଥମ ତିନି ସ୍ଥାନରେ ରହିଛନ୍ତି।

ମହିଳା ୧୦୦ ମିଟର ହର୍ଡଲ୍ସରେ ତାମିଲନାଡୁର ସି. କାନିମୋଝି (୧୪.୦୯), ଏସ. ଶ୍ରୀରେସମା (୧୪.୬୦), ମହାରାଷ୍ଟ୍ରର ପ୍ରୀୟା ସଭାଜିତ ଗୁପ୍ତା (୧୫.୩୮), ମହିଳା ଡିସ୍କସ୍ ଥ୍ରୋରେ ପଞ୍ଜାବର ନଭଜିତ କୌର ଧିଲୋନ (୫୮.୦୩ ମିଟର), ଉତ୍ତର ପ୍ରଦେଶର ସୀମା ପୁନିଆ (୫୫.୯୭), ହରିୟାଣାର ନିଧି ରାଣୀ (୫୨.୬୩), ପୁରୁଷ ଶଟ୍‌ପୁଟ୍‌ରେ ପଞ୍ଜାବର କରଣବୀର ସିଂ (୧୯.୬୭ ମିଟର), ହରିୟାଣାର ଇନ୍ଦ୍ରଜିତ ସିଂ (୧୭.୯୯), ପଞ୍ଜାବର ଧନବୀର ସିଂ (୧୭.୮୭), ଏବଂ ପୁରୁଷ ଟ୍ରିପଲ ଜମ୍ପରେ କେରଳର ଅବଦୁଲା ଅବୁବାକର (୧୭.୧୩), ୟୁ. କାର୍ତ୍ତିକ (୧୭.୧୦) ଓ ଏଲ୍‌ଡୋସେ ପଲ୍ (୧୬.୮୭) ସୁଇପ୍ କରିଛନ୍ତି। ମହିଳା ହାଇଜମ୍ପରେ ତାମିଲନାଡୁର ଗ୍ରାସେନା ମେରଲୀ ୧.୭୫ ମିଟର ଓ ହରିୟାଣାର ରୁବିନା ଯାଦବ ସମାନ ମିଟର ଡେଇଁ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି।

ଦିବସର ଶେଷ ଦୁଇ ଇଭେଣ୍ଟ ପୁରୁଷ ୫୦୦୦ ମିଟରରେ ଉତ୍ତର ପ୍ରଦେଶର ୩ ପ୍ରତିଯୋଗୀ ଅଭିଷେକ ପଲ୍ ୧୪:୨୭.୫୯, କାର୍ତ୍ତିକ କୁମାର ୧୪:୨୭.୭୩ ଓ ଗୁଲବୀର ସିଂ ୧୪:୨୭.୮୨ ସେକେଣ୍ଡ ଏବଂ ମହିଳା ୫୦୦୦ ମିଟରରେ ମହାରାଷ୍ଟ୍ରର ସଞ୍ଜିବନୀ ବାବୁରାଓ ଯାଦବ ୧୫:୫୪.୭୪, ଉତ୍ତର ପ୍ରଦେଶର କବିତା ଯାଦବ ୧୬:୩୮.୦୫ ଓ ମହାରାଷ୍ଟ୍ରର ଆରତି ପାଟିଲ ୧୮:୨୯.୨୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି।




ରୌପ୍ୟ ପଦକ ବିଜୟୀ ଓଡ଼ିଶାର ଆର୍ଯ୍ୟନ ଖେସ୍ ଓ ବ୍ରୋଞ୍ଜ ବିଜେତା ଅମିୟ ମଲିକ। ମହିଳା ଲଙ୍ଗଜମ୍ପ ଅବସରରେ ଜଣେ ପ୍ରତିଯୋଗୀ।



ବିବାହର ୩୯ ବର୍ଷ ଉପଲକ୍ଷେ

ଖୋର୍ଦ୍ଧା: ବେଗୁନିଆ (ଭଉଁରୀ ସାହି) ନିବାସୀ ଶ୍ରୀଯୁକ୍ତ ଶାନ୍ତିଶେଖର ମହାପାତ୍ର (ବାବି ବାବୁ) ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ସବିତା ମହାପାତ୍ରଙ୍କ ବିବାହର ୩୯ବର୍ଷ ପୂର୍ତ୍ତି ଉପଲକ୍ଷେ ତାଙ୍କର ପରିବାର ତରଫରୁ ଅଭିନନ୍ଦନ ଏବଂ ଈଶ୍ୱରଙ୍କ ନିକଟରେ ଉଭୟଙ୍କ ନିରାମୟ ଓ ଦୀର୍ଘ ଜୀବନ କାମନା କରିଛନ୍ତି।

D-515

Happy Birthday

BISMAYA RANJAN MOHANTY
Padanipal, Kendrapara
The years we shared while growing up are like treasures to me. I can remember our every moment of laughter.
Jeje, Maa, Papa, Mama

D-518


# ପ୍ରମୋଦଙ୍କୁ ଡବଲ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୧।୫


ପ୍ରମୋଦ ଭଗତ

ଟୋକିଓ ପାରାଲିମ୍ପିକ୍ ଚାମ୍ପିୟନ ପ୍ରମୋଦ ଭଗତ ମାନାମାଠାରେ ଚାଲିଥିବା ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି। ଭଗତଙ୍କୁ ପୁରୁଷ ଏସ୍‌ଏଲ୍-୩ ଫାଇନାଲରେ ତାଙ୍କ ଚିରପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ଡାନିଏଲ ବେଥେଲ ୱାକ୍‌ଓଭର ଦେଇଥିଲେ। ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲରେ ଦୁଇଟି ବ୍ରୋଞ୍ଜ ଜିତିଥିବା ବିଶ୍ୱର ନଂ.୧ ଭଗତ ନିଜ ଦେଶର ତଥା ପାରାଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ମନୋଜ ସରକାରଙ୍କୁ ସେମିଫାଇନାଲରେ ୨୧-୧୬, ୨୧-୧୪ ଗେମ୍‌ରେ ହରାଇ ଦେଇଥିଲେ। ମିକ୍ସଡ୍ ଡବଲ୍ସ ଏସ୍‌ଏଲ୍ ୩-ଏସ୍‌ଏଲ୍ ୫ ବର୍ଗରେ ମନୀଷା ରାମଦାସଙ୍କ ସହ ଯୋଡ଼ି ହୋଇ ସେ ଥାଇଲାଣ୍ଡର ସିରିପଙ୍ଗ ଟିମାରୋମ ଏବଂ ସିନସୁପା ନିପାଡା ଯୋଡିକୁ ୨୧-୧୪, ୨୧-୧୧ରେ ହରାଇ ଦେଇଛନ୍ତି।

ଅନ୍ୟପକ୍ଷରେ ତରୁନ ଢିଲୋନ ମଧ୍ୟ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୪ ଫାଇନାଲରେ କୋରିଆର ଶିନ କ୍ୟୁଙ୍ଗ ହ୍ୱାନ୍‌ଙ୍କୁ ୨୧-୯, ୨୧-୯ ଗେମ୍‌ରେ ହରାଇ ଦେଇଥିଲେ। ସେ ସେମିଫାଇନାଲରେ ଥାଇଲାଣ୍ଡର ସିରିପଙ୍ଗ ଟିମାରୋମଙ୍କୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ମହିଳା ସିଙ୍ଗଲ୍ସରେ ମନଦୀପ କୌର (ଏସ୍‌ଏଲ୍‌୩) ୫-୨୧, ୧୭-୨୧ ଗେମରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଢିଲୋନ ଓ ନିତେଶ କୁମାରଙ୍କ ପୁରୁଷ ଡବଲ୍ସ ଯୋଡ଼ି ଏସ୍‌ଏଲ ୪ ଓ ଏସ୍‌ଏଲ ୪ ବର୍ଗରେ ବିଜୟ ସହ ଫାଇନାଲରେ ପ୍ରବେଶ କରିଛନ୍ତି।

# ଦୀପ୍‌ଗ୍ରେସ ଉପ ଅଧିନାୟିକା ରହିଲେ

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ନୂଆଦିଲ୍ଲୀ, ୨୧।୫ (ପି.ଟି.)


ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍ ପାଇଁ ମନୋନୀତ ଭାରତୀୟ ଦଳ।

ଜୁନ୍‌ରେ ୟୁରୋପିଆନ ଲେଗ୍‌ରେ ବେଲଜିୟମ ଓ ନେଦରଲାଣ୍ଡ୍ସରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍ ମ୍ୟାଚଗୁଡ଼ିକ ଲାଗି ଶନିବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଏକମାତ୍ର ଖେଳାଳି ଓଡ଼ିଶାର ଅଭିଜ୍ଞ ଦୀପ୍‌ଗ୍ରେସ ଏକ୍କା ଉପଅଧିନାୟିକା ଏବଂ ସବିତା ପୁନିଆ ଅଧିନାୟିକା ପଦ ବଜାୟ ରଖିଛନ୍ତି। ଜୁଲାଇ ୧ରୁ ୧୭ ପର୍ଯ୍ୟନ୍ତ ଉଭୟ ସ୍ପେନ୍ ଓ ନେଦରଲାଣ୍ଡ୍ସରେ ହେବାକୁଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଜୁନ୍ ୧୧ରୁ ୨୨ ମଧ୍ୟରେ ୬ଟି ମ୍ୟାଚ ଖେଳିବ। ଭାରତ ଜୁନ୍ ୧୧ ଓ ୧୨ରେ ଆଣ୍ଟୱେର୍ପଠାରେ ଆୟୋଜକ ବେଲଜିୟମ ବିପକ୍ଷରେ ଖେଳିବ। ପରେ ନେଦରଲାଣ୍ଡ୍ସର ରୋଟରଡାମ୍‌ଠାରେ ଦଳ ଆର୍ଜେଣ୍ଟିନା (ଜୁନ୍ ୧୮ ଓ ୧୯) ଏବଂ ଯୁକ୍ତରାଷ୍ଟ୍ର ଆମେରିକା (ଜୁନ୍ ୨୧ ଓ ୨୨) କୁ ଭେଟିବ। ସୁଇଜରଲାଣ୍ଡରେ ଜୁନ୍ ୪-୫ରେ ହେବାକୁଥିବା ଏଫ୍‌ଆଇଏଚ୍ ମହିଳା ହକି ୫ଏସ୍ ପାଇଁ ଯଥାକ୍ରମେ ଭାରତୀୟ ଦଳର ଅଧିନାୟିକା ଓ ଉପଅଧିନାୟିକା ମନୋନୀତ ରଜନୀ ଏଟିମାର୍ପୁ ଓ ମହିମା ଚୌଧାରୀଙ୍କ ସମେତ ରାଜୱିନ୍ଦର କୌରଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଦଳରେ ନିଆଯାଇଛି। ଦଳ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ମୁଖ୍ୟ କୋଚ୍ ଜାନେକେ ସ୍କୋପ୍‌ମାନ କହିଛନ୍ତି ୟୁରୋପ୍ ଲେଗ୍ ପ୍ରୋ-ଲିଗ୍ ମ୍ୟାଚ ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆଗକୁ ଜୁଲାଇରେ ହେବାକୁଥିବା ବିଶ୍ୱକପ୍ ଲାଗି ଆମେ ନିଜକୁ ଠିକଣା ରୂପେ ପ୍ରସ୍ତୁତ କରିପାରିଛୁ କି ନା ତାହା ଜାଣି ହେବ।

# ୱିମ୍ବଲଡନ ପାଇଁ ର୍‍ୟାଙ୍କିଙ୍ଗ ପଏଣ୍ଟ ନାହିଁ

ପ୍ୟାରିସ, ୨୧।୫ (ଏପି)

ଚଳିତ ବର୍ଷର ୱିମ୍ବଲଡନ ପାଇଁ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିବ ନାହିଁ। ପୁରୁଷ ପ୍ରଫେସନାଲ ଟେନିସ ଟୁର୍ ଏଟିପି ପକ୍ଷରୁ ଏହା ଘୋଷଣା କରାଯାଇଛି। ୟୁକ୍ରେନ ଉପରେ ଆକ୍ରମଣ ପାଇଁ ଅଲ୍ ଇଂଲଣ୍ଡ କ୍ଲବ ରୁଷିଆ ଓ ବେଲାରୁଷ ଖେଳାଳିମାନଙ୍କୁ ବାସନ୍ଦ କରିଥିବାରୁ ଏଟିପି ଏହି ନିଷ୍ପତ୍ତି ନେଇଛି। ୱିମ୍ବଲଡନ ଜୁନ୍ ୨୭ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅଲ୍ ଇଂଲଣ୍ଡ କ୍ଲବ ଏପ୍ରିଲରେ କହିଥିଲା ଏଥର ଋଷିଆନ ଓ ବେଲାଋଷିଆନ ଖେଳାଳିମାନଙ୍କୁ ଗ୍ରାଣ୍ଡସ୍ଲାମ ଗ୍ରାସ୍‌କୋର୍ଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ ନାହିଁ। ସୂଚନାଯୋଗ୍ୟ, ଫେବୃୟାରୀରେ ୟୁକ୍ରେନ ଉପରେ ଆକ୍ରମଣ ପରଠାରୁ ରୁଷୀୟ ଆଥ୍ଲେଟମାନଙ୍କୁ ବହୁ କ୍ରୀଡ଼ା ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। ତନ୍ମଧ୍ୟରେ ଫୁଟବଲ ବିଶ୍ୱକପ୍ କ୍ୱାଲିଫାଇଂ ପ୍ଲେଅଫ୍ ରହିଛି। ଯୁଦ୍ଧରେ ରୁଷିଆକୁ ବେଲାରୁଷ ସହାୟତା କରୁଛି।

# ଓଡ଼ିଶା ବାଳକ, ବାଳିକା ଟେବୁଲ ଟେନିସ ଦଳ ମନୋନୀତ

ଭୁବନେଶ୍ୱର, ୨୧।୫ (ସ୍ପୋର୍ଟ୍ସ ବ୍ୟୁରୋ)

ମଧ୍ୟ ପ୍ରଦେଶର ଇନ୍ଦୋରଠାରେ ୮୩ତମ କ୍ୟାଡେଟ୍ ଓ ଜାତୀୟ ସବ୍‌ଜୁନିୟର ଟେବୁଲ ଟେନିସ ଟୁର୍ନାମେଣ୍ଟ ଚଳିତ ମାସ ୨୬ ତାରିଖରୁ ଜୁନ୍ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ବାଳକ ଓ ବାଳିକା ଦଳ ମନୋନୀତ ହୋଇଛନ୍ତି। ଦଳ ଆସନ୍ତା ୨୨ ତାରିଖରେ ଇନ୍ଦୋର ଅଭିମୁଖେ ଯାତ୍ରା କରିବ। ରାଜ୍ ଏସ୍. ସୁବ୍ରମଣ୍ୟମ ଦଳର କୋଚ୍ ଏବଂ ସମ୍ବିତ ଦାସ ଦଳର ସହକାରୀ କୋଚ୍ ଅଛନ୍ତି।

**ବାଳକ ଦଳ:** ଜିଜ୍ଞାଶୁ ସାହୁ, ଆୟାନ ମୁସ୍ତାକ, ଗୀତାଜ୍ଞାନ ମହାନ୍ତି, ତ୍ରିଦେବ ତୀର୍ଥଙ୍କର, ଶୁଭଙ୍କର ମାହାଳି ଓ ଆରୁଷ ମାନିଆ।

**ବାଳିକା ଦଳ:** ଶ୍ୱେତପଦ୍ମା ଦଳାଇ, ସ୍ୱସ୍ତିକା ଆଦାବାର, ଉର୍ଜା ବର୍ମା, ସାକ୍ଷୀ ଭଗତ, ଆଫିୟା ମୋସିମ୍, ସିଲ୍‌କି ମହାନ୍ତି, ଅଙ୍କିତା କାନୁନ୍‌ଗୋ, ଆରାଧ୍ୟା ସାହୁ ଓ ଶ୍ୱେତା ବର୍ମା।

# ଭାରତୀୟ ପୁରୁଷ ଦଳକୁ ସ୍ୱର୍ଣ୍ଣ

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୧।୫ (ପିଟି)

ଏଠାରେ ଚାଲିଥିବା ତୀରନ୍ଦାଜ ବିଶ୍ୱକପ୍ ଷ୍ଟେଜ୍-୨ରେ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଫ୍ରାନ୍ସକୁ ୨ ପଏଣ୍ଟରେ ହରାଇ ଏହି ସଫଳତା ପାଇଛି ଭରତୀୟ ଦଳ। ଅନ୍ୟପକ୍ଷରେ ମୋହନ ଭରଦ୍ୱାଜ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତାର ଅନ୍ତିମ ଦିନରେ ଭାରତ କମ୍ପାଉଣ୍ଡ ଇଭେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାତେଇଛି। ମୋଟ ଉପରେ ୫ ପଦକ ସହ ଭାରତର ଅଭିଯାନ ଶେଷ କରିଛି। ପୁରୁଷ ଦଳଗତ କମ୍ପାଉଣ୍ଡ ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ଭାରତୀୟ ଦଳ ୨୩୨-୨୩୦ ବ୍ୟବଧାନରେ ଫ୍ରାନ୍ସକୁ ହରାଇ ଦେଇଛି।

# ଓଡ଼ିଶା ପ୍ରତିଯୋଗୀଙ୍କ ଆଧିପତ୍ୟ


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

## ପୂର୍ବାଞ୍ଚଳ କରାଟେ

ଭୁବନେଶ୍ୱର, ୨୧।୫ (କ୍ରୀଡ଼ା ପ୍ରତିନିଧି): ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରତିଯୋଗୀ ଆଧିପତ୍ୟ ବିସ୍ତାର କରିଛନ୍ତି। ୨ୟ ଦିନରେ ମୋଟ ୨୨ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀଙ୍କୁ ହାନ୍‌ସି ପ୍ରେମଜିତ ସେନ୍, ସିହାନ ପଙ୍କଜ କାମଲି, ସିହାନ ଅଭୟ ଅତୁଲ, ଓଡ଼ିଶା ରାଜ୍ୟ କରାଟେ ସଂଘ ଉପସଭାପତି ସନତ ନାୟକ, ସଭ୍ୟ କାଳିପ୍ରସାଦ ନନ୍ଦ, ସେନ୍‌ସାଇ ଖାରବେଳ ମଲିକ, ଏସ.ଆର. ସାସମଲ, ଗୌରୀ ମହାନ୍ତି, ଜୟଦେବ ପଟ୍ଟନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ହାନ୍‌ସି ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହୋଇଥିଲା।

# ଆଥଲେଟ୍ସ ଫ୍ରେଣ୍ଡଲି 'କୁଲ୍‌ଡାଉନ୍'

## ଖେଳାଳିଙ୍କ ପାଇଁ ବିଶେଷ ଉପାଦେୟ ହେବ: ରୋସନାରା

ଭୁବନେଶ୍ୱର, ୨୧।୫ (କ୍ରୀଡ଼ା ପ୍ରତିନିଧି)

ଆଥ୍ଲେଟଙ୍କ ପାଇଁ ସର୍ବଦା କିଛି ନୂଆ କରିବାର ଆଗ୍ରହ ରଖୁଥିବା କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଡ. ମୁକ୍ତି ପ୍ରସାଦ ଦାଶ ଏଥର ମଧ୍ୟ ସେ କ୍ଷେତ୍ରରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ସ୍ପୋର୍ଟ୍ସ ଇଞ୍ଜୁରି ସ୍ପେଶାଲିଷ୍ଟ ଭାବେ ବିଶେଷ ପରିଚିତ ମୁକ୍ତି ପ୍ରସାଦ ଏପରି ଏକ ପ୍ରଡକ୍ଟ ବାହାର କରିଛନ୍ତି, ଯାହା ଖେଳାଳିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ କାର୍ଯ୍ୟରେ ଲାଗି ପାରିବ। ଏହାର ନାମ କୁଲ୍‌ଡାଉନ୍ ରଖାଯାଇଛି। ଗ୍ଲୋବାଲ ଫିଜିଓ ସେଲ୍‌ର ପ୍ରତିଷ୍ଠାତା ତଥା ଦେଶର ପ୍ରତିଷ୍ଠିତ ଫିଜିଓଥେରାପିଷ୍ଟ ମୁକ୍ତି ପ୍ରସାଦ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ପ୍ରଡକ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଖେଳୁଥିବା ସମୟରେ ଆଥ୍ଲେଟ ଅତ୍ୟଧିକ ଗରମରୁ ମୁକ୍ତି ପାଇବା ପାଇଁ ସାଧାରଣତଃ ମୁଣ୍ଡରେ ପାଣି ଢାଳିବା, ବେକରେ, କାନ୍ଧରେ କିମ୍ବା ଶରୀରର ଅନ୍ୟ କୌଣସି ଅଂଶରେ ଆଇସ୍ ପ୍ୟାକ୍ ଦେବା ଆଦି ପଦ୍ଧତି ଅବଲମ୍ବନ କରିଥାନ୍ତି। ମାତ୍ର ଜଣେ ଖେଳାଳି ବା ଆଥ୍ଲେଟ ଖେଳ ମଝିରେ ବ୍ରେକ୍ ସମୟରେ କାନ୍ଧ କିମ୍ବା ମୁଣ୍ଡରେ କୁଲ୍‌ଡାଉନ୍ ବ୍ୟବହାର କରି ତୁରନ୍ତ ଆରାମ ପାଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ବ୍ୟବହାର ପୂର୍ବରୁ ପ୍ରଡକ୍ଟ ଭିତରେ ଥିବା ଜେଲ୍ ପ୍ୟାକ୍‌କୁ ୨ରୁ ୩ ଘଣ୍ଟା ରେଫ୍ରିଜରେଟର ମଧ୍ୟରେ ରଖିବାକୁ ହେବ। ଏହାପରେ ଏହାକୁ ୩୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବ୍ୟବହାର କରିହେବ। ସାଧାରଣ ଲୋକମାନେ ମଧ୍ୟ ବାହାରୁ ଚାଲି ଚାଲି ଆସିଲେ କିମ୍ବା ଅତ୍ୟଧିକ ଗରମ ହେଉଥିବା ସ୍ଥାନକୁ ଗଲେ ଏହି ଦ୍ରବ୍ୟ ବ୍ୟବହାର କରି ଆରାମ ପାଇପାରିବେ। ଏହାର ଆକାର ଛୋଟ ହୋଇଥିବାରୁ ଏହାକୁ କୌଣସି ସ୍ଥାନକୁ ନେବା ସହଜ ହେବ ବୋଲି ପୂର୍ବରୁ ଭାରତୀୟ ହକି ଓ ଫୁଟ୍‌ବଲ ଦଳ ସହ କାର୍ଯ୍ୟ କରିସାରିଥିବା ମୁକ୍ତି ପ୍ରସାଦ ପ୍ରକାଶ କରିଛନ୍ତି। ମୁକ୍ତିଙ୍କ ଏପରି ଉଦ୍ୟମକୁ ପ୍ରଶଂସା କରିଛନ୍ତି ଅନ୍ତର୍ଜାତୀୟ ମହିଳା କ୍ରିକେଟର ରୋସ୍‌ନାରା ପର୍ବିନ। ଖେଳାଳିଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେବ। ଖେଳ ମଝିରେ ଯେଉଁ ସମୟରେ ଥକ୍କା ଯୋଗୁ ହେଉ କିମ୍ବା ଗରମ ପାଇଁ ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିଥାଏ ସେତେବେଳେ ଏହାର ବ୍ୟବହାର କଲେ ନିଶ୍ଚିତ ମୁକ୍ତି ମିଳିବ। ଫଳରେ ଜଣେ ଖେଳାଳି ଉନ୍ନତ ପ୍ରଦର୍ଶନ ଦେବାକୁ ସକ୍ଷମ ହୋଇପାରିବ ବୋଲି ରୋସନାରା କହିଛନ୍ତି। ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଏହାକୁ ଏକ ବିରଳ ପ୍ରଡକ୍ଟ କହିଥିବାବେଳେ ଏଭରେଷ୍ଟ ଆରୋହୀ ଗଣେଶ ଜେନା ବ୍ୟକ୍ତିଗତ ଭାବେ ଏହାକୁ ବ୍ୟବହାର କରି ଫାଇଦା ପାଇଥିବା ନିଜ ଅନୁଭୂତିରୁ ପ୍ରକାଶ କରିଥିଲେ। ଜଣେ ଖେଳାଳି ବା ସାଧାରଣ ଲୋକ ପାଇଁ ଏହା କିପରି ଉପାଦେୟ ହୋଇପାରିବ ସେ ସମ୍ପର୍କରେ ମତ ରଖିଥିଲେ ସିନିୟର ଭଲିବଲ କୋଚ୍ ସତ୍ୟନାରାୟଣ ସେନାପତି, ଫୁଟବଲ କୋଚ୍ ଜୟଦେବ ମହାପାତ୍ର ଓ ଉତ୍କଳ ଆଇଏପି କୋଷାଧ୍ୟକ୍ଷ ପି. ରାୟସାମନ୍ତ। କାର୍ଯ୍ୟକ୍ରମକୁ ଗ୍ଲୋବାଲ ଫିଜିଓ ସେଲ୍‌ର ସଦସ୍ୟ ସାଗର ଦୀକ୍ଷିତ, ସତ୍ୟ ମହାନ୍ତି, ନିହାରିକା ଜୈନ, ସ୍ମୃତି ରଞ୍ଜନ, ଦେବାଶିଷ ରାଉତ, ନୀହାର ରଞ୍ଜନ, ସୁନୀଲ ଦେବତା ଓ ଶ୍ୱେତପଦ୍ମା ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶୃଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଁଇଂ ରବିନ୍ଦ୍ର ନାଥ ନାୟକ
୬୪୬, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୧.୦୪.୧୯୪୨
ତିରୋଧାନ : ୦୨.୦୬.୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ସଭକ୍ତି ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ
ଧ-୫୨୭

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହରିପ୍ରିୟା ମହାନ୍ତି
QRS. No.- IVR-PF-19, Unit-6, Bhubaneswar
ଆବିର୍ଭାବ: ଅଗଷ୍ଟ, ୧୯୪୬
ତିରୋଧାନ: ୨୦।୦୫।୨୦୧୪
(ଜ୍ୟେଷ୍ଠ କୃଷ୍ଣ ସପ୍ତମୀ)
ଆଜିର ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୫୨୩

One Year Death Anniversary

Dr. MADAN MOHAN MISHRA
Born: 01.07.1933
Death: 01.06.2021
A face that will never be forgetten, a person who will be unremembered, a warmth that will never be found again. Your name constantly resounds in our heart & blossoms around.
May the Lord Jagannath gives peace to your divine soul.
Family & Relatives
D-526

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ଁ ଦୁର୍ଯ୍ୟୋଧନ ଦଳାଇ
KIIT Science କଲେଜର ଅଧ୍ୟାପକ ତଥା ଭୁବନେଶ୍ୱରରେ ସର୍ବପ୍ରଥମେ ଆଚାର୍ଯ୍ୟ ବିହାର ଠାରେ ଭୁବନେଶ୍ୱର Educational Academy କୋଚିଂ ଅନୁଷ୍ଠାନର ପ୍ରଥମ ଅଧକ୍ଷ ପ୍ରିୟ "ଦଳାଇ ସାର"।
ବାସସ୍ଥାନ: କପିଳେଶ୍ୱର ବିହାର, ଲେନ୍ ନଂ. ୨, ପଳାଶୁଣି, ଭୁବନେଶ୍ୱର
ନିଜ ଗ୍ରାମ: ନୟାହାଟ-କୋଣାର୍କ ରାସ୍ତା ପାର୍ଶ୍ୱସ୍ଥ ସୁଆର ଗ୍ରାମ
ଆବିର୍ଭାବ: ୧୧.୦୪.୧୯୬୪
ତିରୋଧାନ: ୧୨.୦୫.୨୦୨୨
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦଳାଇ ପରିବାରର ସମସ୍ତ ସଦସ୍ୟ ଓ ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁବର୍ଗ
ଧ-୫୩୩

# ଉଦୀୟମାନ କଳାକାର









ବିପ୍ଳବ

କାହାର ଅଭିନୟ ତ ଆଉ କାହାର ଗୀତ ଗାଇବାରେ ରୁଚି। ହେଲେ ଆଗକୁ ବଢ଼ିବାକୁ କେବେ ସୁଯୋଗ ପୁଣି କେବେ ମାର୍ଗଦର୍ଶନ ସାଙ୍ଗକୁ ପ୍ରୋତ୍ସାହନର ଅଭାବ। ତଥାପି ନିଜକୁ ପ୍ରତିଷ୍ଠିତ କରାଇବାକୁ ଇଚ୍ଛା ବି ଢେର୍। ଏମିତିରେ ଥରେ ଯଦି ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ସୁଯୋଗ ମିଳିଯାଏ, ସତେ ଯେମିତି ଖୋଲିଯାଏ ସ୍ୱପ୍ନ ସାକାର କରିବାର ମାର୍ଗ । ଯେଉଁଠୁ ପାଦ ଆଉ ପଛକୁ ଫେରେନି। ସେହିଭଳି କେତେଜଣ ଉଦୀୟମାନ କଳାକାରଙ୍କୁ ନେଇ ଏଥରର ଉପସ୍ଥାପନା...

**ମେଗା ଧାରାବାହିକ ଷ୍ଟାର ହେବାକୁ ଲକ୍ଷ୍ୟ:** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଆଡ଼ିନଗା ଗ୍ରାମର ବିପ୍ଳବ ଦେ'। ପିଲାଟି ଦିନରୁ କଳା ପ୍ରତି ଥିବା ଆଗ୍ରହକୁ ପରିପ୍ରକାଶ କରିବା ପାଇଁ ବିଦ୍ୟାଳୟରେ ନାଟକ ଏବଂ ଏକକ ଅଭିନୟ ପ୍ରତିଯୋଗିତାରେ ଭାଗ ନେଉ ନେଉ ପହଞ୍ଚିଥିଲେ ମଞ୍ଚ ନାଟକ ଓ ମଡେଲିଂ ଶୋ'ରେ, ଯାହାକି ତାଙ୍କର କଳା ପ୍ରତି ଥିବା ଆଗ୍ରହର ଆଶାକୁ ଶାଣିତ କରିଥିଲା। ପରେ ସେ ଆଲବମ୍‌ରେ ଅଭିନୟ କରିବାକୁ ମନ ବଳାଇଲେ। ୨୦୨୦ରେ ସେ ପ୍ରଥମଥର ପାଇଁ ଆଲବମ୍ କରିବାର ସୁଯୋଗ ପାଇଥିଲେ ହେଁ କୋଭିଡ୍‌ର ଭୟଙ୍କର ସ୍ଥିତି ଭିତରେ ତାହା ରିଲିଜ୍ ହୋଇପାରି ନ ଥିଲା। ତଥାପି ସେ ଦୃଢ଼ ମନୋବଳ ସହ କାର୍ଯ୍ୟ ଜାରି ରଖିଥିଲେ। ୨୦୨୧ରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଗାଇଥିବା ଏକ ସଙ୍ଗୀତରେ ଅଭିନୟ କରି ନିଜକୁ ଏକ ଆଲ୍‌ବମ୍ କଳାକାର ଭାବେ ପରିଚିତ କରାଇ ପାରିଲେ। ଏହାପରେ ସେ ଗୋଟେ ପରେ ଗୋଟେ ଆଲବମ୍‌ରେ ଅଭିନୟ କରିଚାଲିଛନ୍ତି। ଆଗାମୀ ଦିନରେ ସନେଲ ଶେଖରଙ୍କ ପ୍ରଯୋଜନା ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମ୍‌ଦାରଙ୍କ ନବ ନିର୍ମିତ ଆଲବମ୍‌ରେ ମଧ୍ୟ ଅଭିନୟର ସୁଯୋଗ ପାଇ କାର୍ଯ୍ୟରତ ଅଛନ୍ତି। ବିପ୍ଳବ କହନ୍ତି, ବର୍ତ୍ତମାନ ଶିକ୍ଷା ସହିତ ଅଭିନୟ ମଧ୍ୟ ଜାରି ରଖିଛି। କେତେକ ଓଡ଼ିଆ ଆଲବମ୍‌ରେ ଅଭିନୟ କରୁଛି ଏବଂ ମଡେଲିଂ ଶୋ' ତଥା ରାମ୍ପ ଶୋ'ଗୁଡ଼ିକରେ ଅଂଶଗ୍ରହଣ କରୁଛି। ତେବେ ମୋର ପ୍ରତ୍ୟେକ ସଫଳତା ପଛରେ ମାଆବାପା (ସୁଜାତା ଏବଂ ସରୋଜ କୁମାର ଦେ)ଙ୍କ ପ୍ରେରଣା ଓ ପ୍ରୋତ୍ସାହନ ରହିଛି। ଭବିଷ୍ୟତରେ ଓଡ଼ିଆ ମେଗା ଧାରାବାହିକରେ ଏକ ଅଭିନେତା ଭାବେ କାର୍ଯ୍ୟ କରିବା ମୋର ଲକ୍ଷ୍ୟ।

**ପେସା ବ୍ୟାଙ୍କିଙ୍ଗ୍, ନିଶା ଆକ୍ଟିଙ୍ଗ୍:** ଅଭିନୟ ପ୍ରତି ରୁଚି ରଖୁଥିବା ଅଧିକାଂଶଙ୍କ ପାଇଁ ନିଜ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସବୁଠୁ ଭଲ ମାଧ୍ୟମ ସାଜିଛି ୟୁଟ୍ୟୁବ୍। ଆଉ ଏହା ମାଧ୍ୟମରେ ନିଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇ ପାରିଛନ୍ତି ଜଗତ୍‌ସିଂହପୁର ସାଇଣ୍ଡୋ ଗ୍ରାମର ଜଣେ ଉଦୀୟମାନ କଳାକାର ଅମିତ ବିକ୍ରମ ପରିଡ଼ା। ଫାଇନାନ୍ସରେ ମାଷ୍ଟର ଡିଗ୍ରୀ କରିବା ପରେ ବର୍ତ୍ତମାନ ସେ ଏକ ବ୍ୟାଙ୍କ୍‌ରେ କାର୍ଯ୍ୟରତ। ହେଲେ ଆକ୍ଟିଂ ପ୍ରତି ଆଗ୍ରହ ଥିବାରୁ ଅବ୍ମି ଏଣ୍ଟରଟେନ୍‌ମେଣ୍ଟ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଗଢ଼ି ଜଣେ ସଫଳ ଅଭିନେତା ହେବାର ଉଦ୍ୟମ ଜାରି ରଖିଛନ୍ତି। ସେ କୁହନ୍ତି, 'ପିଲାବେଳୁ ବାପାଙ୍କୁ ଡ୍ରାମାରେ ଅଭିନୟ କରୁଥିବାର ଦେଖି ଏଥିପ୍ରତି ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ହେଲେ ଏଥିପାଇଁ ସୁଯୋଗ ପାଇ ନ ଥିଲି। ୨୦୧୭ରେ ଟିକ୍‌ଟକ୍‌ରେ ଅଭିନୟ କରିବା ପରେ ଲୋକଙ୍କ ପ୍ରଶଂସା ମୋତେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଥିଲା। ଟିକ୍‌ଟକ୍ ବ୍ୟାନ୍ ପରେ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍ ଆଦିରେ ରିଲ୍ସ କରୁଥିଲି। ମୋର ଆଗ୍ରହ ଦେଖି ଉଭୟ ମା'ବାପା (ସରୋଜିନୀ ଏବଂ ନାରାୟଣ ପରିଡ଼ା) ମଧ୍ୟ ଆଗକୁ ବଢ଼ିବାକୁ ଉତ୍ସାହିତ କରୁଥିଲେ। କିନ୍ତୁ ଗତବର୍ଷ କୋଭିଡ୍ ଆକ୍ରାନ୍ତ ହୋଇ ଉଭୟଙ୍କ ମୃତ୍ୟୁ ପରେ ମୋ ଦୁନିଆ ଯେମିତି ଅନ୍ଧାର ହୋଇଗଲା। ଏ ସମୟରେ ପାର୍ଥ ସାରଥି ପାଢ଼ୀ ନାମକ ଜଣେ ବ୍ୟକ୍ତିଙ୍କ ସହ ମୋର ପରିଚୟ ହେଲା, ଯିଏକି ମୋତେ ମୋର ଆକ୍ଟିଙ୍ଗ୍ ଦୁନିଆରେ ଆଗକୁ ବଢ଼ିବାରେ ବେଶ୍ ସାହାଯ୍ୟ ସହଯୋଗ କଲେ। ୟୁଟ୍ୟୁବ୍ ଜରିଆରେ ଆମେ ଓଡ଼ିଆ କଳାକାର ସୁଯୋଗ ପାଇଲେ ବହୁତ ଆଗକୁ ବଢ଼ିପାରିବୁ ଏକଥା ପ୍ରମାଣିତ କରିବା ମୋର ଲକ୍ଷ୍ୟ ।' ବର୍ତ୍ତମାନ ଅମିତ୍‌ଙ୍କ ଅଭିନୀତ ଭିଡିଓଗୁଡ଼ିକ ବେଶ୍ ଦର୍ଶକାଦୃତ ହେଉଥିବାର ଦେଖିବାକୁ ମିଳୁଛି। କୋଭିଡ୍‌ରେ ପ୍ରାଣ ହରାଇଥିବା ବାପାଙ୍କ ଶେଷ ଜୀବନର କାହାଣୀକୁ ନେଇ 'ରାଗିଛ କି ବାପା ତମେ' ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କରିଛନ୍ତି। ସେହିପରି ବିଶ୍ୱ ମାତୃ ଦିବସ ଅବସରରେ ସ୍ୱର୍ଗତ ମା'ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ 'ତୋ ପଣତ' ନାମକ ଭିଡିଓ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ମା' ଭୂମିକାରେ ଜଣାଶୁଣା ଅଭିନେତ୍ରୀ ସୋମା ଭୌମିକ ଅଭିନୟ କରିଛନ୍ତି । ତେବେ ତାଙ୍କର ଅନ୍ୟସବୁ ଭିଡିଓ ସହ ଏହି ଦୁଇଟି ଭିଡିଓକୁ ମଧ୍ୟ ଲକ୍ଷାଧିକ ଦର୍ଶକ ଦେଖିସାରିଲେଣି। ଆଗକୁ ଆହୁରି ନୂଆ ନୂଆ ଭିଡିଓ ଦର୍ଶକଙ୍କୁ ଭେଟି ଦେବା ସହ ସ୍କୋପ୍ ମିଳିଲେ ଆଗକୁ ବଡ଼ ପରଦାରେ ଅଭିନୟ କରିବାକୁ ଇଚ୍ଛା ଥିବା ସେ ପ୍ରକାଶ କରନ୍ତି।



ମାମାଲି

**ଗୀତ ଶିଖିବାକୁ ଯାଏ ୬୦୦ କିମି. :** ମାଲକାନଗିରି ବାଲିମେଳା ଅଞ୍ଚଳର ସରିତା ଏବଂ ରତିକାନ୍ତ ଜେନାମଣିଙ୍କ ଝିଅ ମାମାଲି ପ୍ରିୟଦର୍ଶିନୀ। ଗୀତ ଗାଇବା ପ୍ରତି ତାଙ୍କର ଆଗ୍ରହ ପିଲାଦିନୁ। ହେଲେ ନା ଥିଲା ଆଖ ପାଖରେ ଶିଖିବାର ସୁବିଧା ନା ମିଳିଥିଲା କେଉଁଠି ଗାଇବାର ସୁଯୋଗ। କେବଳ ସତ୍‌ସଙ୍ଗରେ ସେ ଗାଉଥିବା ଭଜନ ଶୁଣି ଉପସ୍ଥିତ ଲୋକେ କରୁଥିଲେ ଖୁବ୍ ପ୍ରଶଂସା। ତେଣୁ ସେ ଗୀତ ଶିଖିବା ଲାଗି ମନସ୍ଥ କଲେ। ସେ କୁହନ୍ତି, 'ସଂଗୀତ ପ୍ରତି ଆଗ୍ରହ ଦେଖି ଗୀତ ଶିଖିବାକୁ ବାପା ମୋତେ ପ୍ରୋତ୍ସାହିତ କରିଥିଲେ। ୨ ବର୍ଷ ହେବ ଭୁବନେଶ୍ୱରରେ ଶ୍ରୀ ସାରଦା ପ୍ରସନ୍ନ ସାହୁଙ୍କଠାରୁ ସଂଗୀତ ଶିଖୁଛି। କେବଳ ଗୀତ ଶିଖିବା ଲାଗି ବାପା ମୋତେ ୬୦୦ କିମି. ମାଲକାନଗିରିରୁ ଭୁବନେଶ୍ୱର ସାଙ୍ଗରେ ଆଣନ୍ତି। ଯଦିଓ ଏଥିପାଇଁ ଲୋକେ ହସନ୍ତି ଏବଂ ପଛରେ ଅନେକ କଥା କୁହନ୍ତି ହେଲେ ବାପା ସେସବୁକୁ ଖାତିର ନ କରି ମୋତେ ଉତ୍ସାହିତ କରନ୍ତି। ଯେଉଁଥିପାଇଁ ଆଜି ମୁଁ ହ୍ୟୁମାନ୍ ସାଗର, ମନ୍ଟୁ ଛୁରିଆ, ଦେବାଶିଷ ପତି, ସବିଶେଷ ମିଶ୍ରଙ୍କ ଭଳି ଜଣାଶୁଣା କଣ୍ଠଶିଳ୍ପୀଙ୍କ ସହ ଗାଇବାର ସୁଯୋଗ ପାଇଲି। ନିକଟରେ ଋତୁରାଜ ମହାନ୍ତିଙ୍କ ସହ ଏକ ହିନ୍ଦୀ ଗୀତ ମଧ୍ୟ ଗାଇଛି। ଆଗକୁ ଆହୁରି ଅନେକ ଗୀତ ଗାଇବାକୁ ଅଫର ମିଳିଛି। ବର୍ତ୍ତମାନ ମୋର ୩ଟି ଗୀତ ଇନ୍‌ଷ୍ଟାଗ୍ରାମ୍ ରିଲ୍ସରେ ଭାଇରାଲ୍ ହୋଇଥିବାରୁ ବେଶ୍ ଖୁସି ଲାଗୁଛି। ତେଣୁ ମୋର ସଫଳତାର ଶ୍ରେୟ ମୋ ମା'ବାପାଙ୍କୁ ଦେବି। ଭବିଷ୍ୟତରେ ଜଣେ ଜାତୀୟ ସ୍ତରରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ହେବା ସହ ଗରିବ, ଅସହାୟଙ୍କ ସେବା କରିବା ମୋର ଲକ୍ଷ୍ୟ।



ଅମିତ୍

–ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଟରନ୍ୟାଶନାଲ୍ ମ୍ୟୁଜିୟମ୍ ଡେ' ୨୦୨୨ର ଥିମ୍ .......... ?
୨–ଭାରତର ପ୍ରଥମ 'ଅମ୍ରିତ୍ ସରୋବର'.......... ରାଜ୍ୟରେ ଆରମ୍ଭ କରାଯାଇଛି ?
୩–ରୁରାଲ ଟ୍ରାଇବାଲ୍ ଟେକ୍ନିକାଲ୍ ଟ୍ରେନିଂ ପ୍ରୋଜେକ୍ଟ ...ସହରରୁ ଶୁଭାରମ୍ଭ ହୋଇଛି ?
୪– ୨୦୨୨ ଟେମ୍ପ୍ଲେଟନ୍ ପ୍ରାଇଜ୍‌ର ବିଜେତା .......... ?
୫– .....ଅନୁଷ୍ଠାନ ପକ୍ଷରୁ ଯୁବ ଟୁରିଜିମ୍ କ୍ଲବ୍ ଗଠନ ପାଇଁ ପ୍ରସ୍ତାବ ରଖାଯାଇଛି ?

## ଗତ ଥରର ଉତ୍ତର

୧ ଆଲ୍‌ଷ୍ଟମ୍
୨ ଧକଡ୍
୩ ବୟନଶିଳ୍ପ ମନ୍ତ୍ରଣାଳୟ
୪ ଆକବର୍
୫ ୩ ବର୍ଷ

## ଉତ୍ତରଦାତା



ସୁବାସ ଚନ୍ଦ୍ର ପଣ୍ଡା
ଭଦ୍ରକ



ବିକାଶ କୁମାର ସାହୁ
କଟକ



ସୁଧାସ୍ମିତା ତ୍ରିପାଠୀ
ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

ଲୋକପ୍ରିୟ ସ୍ମାର୍ଟୱାଚ୍–୨୦୨୨

୧.......... ହୁଆୱେ ୱାଚ୍
୨.......... ଫିଟ୍‌ବିଟ୍ ବ୍ଲେଜ୍ ସ୍ମାର୍ଟ ଫିଟ୍‌ନେସ୍ ୱାଚ୍
୩.......... ସାମ୍‌ସଙ୍ଗ୍ ଗିଅର୍ ଏସ୍୩ କ୍ଲାସିକ୍
୪.......... ଗାର୍ମିନ୍ ଭିଭୋଆକ୍ଟିଭ୍ ଏଚ୍ଆର୍ ଜିପିଏସ୍ ସ୍ମାର୍ଟୱାଚ୍
୫.......... ପୋଲାର୍ ଏମ୍୬୦୦ ସ୍ପୋର୍ଟ୍ସ ସ୍ମାର୍ଟୱାଚ
୬.......... ଟିକ୍‌ୱାଚ୍ ୨ ସ୍ମାର୍ଟୱାଚ୍
୭.......... ଆସସ୍ ଜେନ୍ ୱାଚ୍ ୩
୮.......... ଫସିଲ୍ କ୍ୟୁ କ୍ର୍ୟୁମାଷ୍ଟର
୯.......... ଆପଲ୍ ୱାଚ୍ ସିରିଜ୍ ୪
୧୦.......... ମୋଟୋରୋଲା ମୋଟୋ ୩୬୦ ସ୍ପୋର୍ଟ



### ଜାଣନ୍ତୁ ଦୁନିଆ

# ନିଆରା ଆମ ଦେଶ

ଆମ ଦେଶ ଭାରତ କଳା, ସଂସ୍କୃତି ଓ ପରମ୍ପରା ପାଇଁ ପୃଥିବୀ ପ୍ରସିଦ୍ଧ। ତେବେ ଏଠାରେ ଆହୁରି ଅନେକ କଥା ରହିଛି, ଯାହାକି ଏହାକୁ ଅନ୍ୟ ଦେଶଠାରୁ ସ୍ୱତନ୍ତ୍ର କରାଇଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ ...

- ପୃଥିବୀର ସର୍ବାଧିକ ସଂଖ୍ୟକ କ୍ରିକେଟ୍ ଷ୍ଟାଡିୟମ୍ ଆମ ଦେଶରେ ରହିଛି। ଅର୍ଥାତ୍ ୨୦୧୮ ମସିହା ରିପୋର୍ଟ ଅନୁଯାୟୀ ଏଠାରେ ୫୨ଟି ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଗ୍ରାଉଣ୍ଡ ରହିଛି। ତେବେ ହିମାଚଳ ପ୍ରଦେଶରେ ଥିବା ଚେଲ୍ କ୍ରିକେଟ୍ ଗ୍ରାଉଣ୍ଡ ହେଉଛି ପୃଥିବୀର ସବୁଠୁ ବଡ଼ କ୍ରିକେଟ୍ ଗ୍ରାଉଣ୍ଡ।
- ସେହିପରି ଆମ ଦେଶରେ ସର୍ବାଧିକ ସଂଖ୍ୟକ ପୋଷ୍ଟ ଅଫିସ ମଧ୍ୟ ରହିଛି। ଯାହା ମଧ୍ୟରେ ଭାସମାନ ପୋଷ୍ଟ ଅଫିସ ମଧ୍ୟ ରହିଛି।
- ଉତ୍ତର ପ୍ରଦେଶର ବାରାଣସୀ ସହର ପୃଥିବୀର ସବୁଠୁ ପୁରାତନ ସହରମାନଙ୍କ ମଧ୍ୟରେ ଗୋଟିଏ ବୋଲି ଗଣାଯାଏ।
- ଜମ୍ମୁ କଶ୍ମୀରରେ ଥିବା ଚେନାବ୍ ବ୍ରିଜ୍ ହେଉଛି ପୃଥିବୀର ସବୁଠୁ ଉଚ୍ଚତମ ରେଲ୍ ବ୍ରିଜ୍ ।
- ପୃଥିବୀର ସବୁଠୁ ଆର୍ଦ୍ର ସ୍ଥାନ ହେଉଛି ମେଘାଳୟ। ଏଠାରେ ଥିବା ମାଉସିନ୍ରାମ୍ ଗ୍ରାମରେ ବାର୍ଷିକ ହାରାହାରି ୪୭୦ ଇଞ୍ଚ ବର୍ଷା ଅର୍ଥାତ୍ ଦିନକୁ ପ୍ରାୟ ୩୩ମିଲି. ବୃଷ୍ଟିପାତ ହୋଇଥାଏ।
- ଖାଦ୍ୟକୁ ସୁସ୍ୱାଦୁ କରିବା ଲାଗି ଆବଶ୍ୟକ ହୋଇଥାଏ ମସଲା। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ସମଗ୍ର ପୃଥିବୀରେ ବ୍ୟବହାର ହେଉଥିବା ମସଲାର ପ୍ରାୟ ୭୦% ମସଲା ଆମ ଦେଶରେ ଉତ୍ପାଦନ ହୋଇଥାଏ।
- ମହାକାଶରୁ ଯଦି ପୃଥିବୀପୃଷ୍ଠକୁ ଦେଖାଯାଏ, ତେବେ କୁମ୍ଭମେଳା ଦେଖାଯାଏ।
- ପୃଥିବୀର ସର୍ବପ୍ରଥମ ହୀରା ଖଣି ଆମ ଦେଶରେ ହିଁ ଖୋଳା ଯାଇଥିଲା।
- ଚେସ୍ ଖେଳ ଭାରତରେ ଆରମ୍ଭ ହୋଇଥିଲା।





### ସ୍ବାସ୍ଥ୍ୟ ଆଲର୍ଟ

# ଏମିତି ରୁହନ୍ତୁ ଫିଟ୍

ବର୍ତ୍ତମାନର ପରିବର୍ତ୍ତିତ ଲାଇଫ୍‌ଷ୍ଟାଇଲ୍ ଏବଂ କାର୍ଯ୍ୟବ୍ୟସ୍ତତା ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ଫିଟ୍ ରହିବା ଲାଗି ଅଳ୍ପ ବୟସରୁ ହିଁ କେତେକ କଥା ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ ...





- ବର୍ତ୍ତମାନ ଅଧିକାଂଶଙ୍କଠାରେ ଶାରୀରିକ ପରିଶ୍ରମ ଅଭାବରୁ ଶରୀରର ଓଜନ ଏବଂ ମେଦବହୁଳତା ବଢୁଛି, ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୂଳ କାରଣ। ତେଣୁ ଏହାକୁ ନିୟନ୍ତ୍ରଣ କରିବା ଲାଗି ଦିନକୁ ଅତି କମ୍‌ରେ ୩୦ମିନିଟ୍ ଶାରୀରିକ ବ୍ୟାୟାମ ନିହାତି କରିବା ଆବଶ୍ୟକ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ, ମାଂସପେଶୀ ମଜଭୁତ ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।
- ଶ୍ୱାସକ୍ରିୟା ଠିକ୍ ରଖିବା, ହୃତ୍‌ପିଣ୍ଡକୁ ମଜଭୁତ କରିବା ଲାଗି ୧୦ ମିନିଟ୍ ବ୍ରିଦିଂ ଏକ୍ସରସାଇଜ୍ କରନ୍ତୁ (ସକାଳେ ୫ମି. ଏବଂ ସନ୍ଧ୍ୟାରେ ୫ମି.)।
- ଦୈନିକ ୧୦–୧୫ ଗ୍ଲାସ ପାଣି ପିଅନ୍ତୁ।
- ଚା କିମ୍ବା କଫି ପିଇବା ଯଥାସମ୍ଭବ କମ୍ କରନ୍ତୁ। ନିହାତି ଏସବୁ ପିଇବାର ଅଭ୍ୟାସ ଥିଲେ ଏହା ବଦଳରେ ଗ୍ରୀନ୍ ଟି ପିଇବା ବେଶ୍ ଉପକାରୀ।
- ଶର୍କରାଯୁକ୍ତ ଖାଦ୍ୟ ବା ମିଠା ଖାଦ୍ୟ ଯଥାସମ୍ଭବ କମ୍ ଖାଆନ୍ତୁ। ଏହା ପରିବର୍ତ୍ତେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।
- ଯଥାସମ୍ଭବ ଫ୍ୟାଟ୍ ବା ଚର୍ବିଯୁକ୍ତ ଖାଦ୍ୟ ପରିବର୍ତ୍ତେ ଫାଇବର, କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।
- କାମର ଚାପ, ମାନସିକ ଅବସାଦ ଆଦି ଥିଲେ ନିଜକୁ ସେଥିରୁ ମୁକୁଳାଇବା ଲାଗି ମନ ପସନ୍ଦର ମ୍ୟୁଜିକ୍ ଶୁଣନ୍ତୁ, ବହି ପଢ଼ନ୍ତୁ, ଫିଲ୍ମ ଦେଖନ୍ତୁ। କାରଣ ମନ ଖୁସି ରହିଲେ ଶରୀର ସୁସ୍ଥ ରହିଥାଏ।

# ଦିଲ୍ଲୀ ବାଦ୍, ପ୍ଲେଅଫ୍‌ରେ ଆର୍‌ସିବି



ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ରୋଭମାନ ପାଓ୍ୱେଲ।

**ମୁମ୍ବାଇ,୨୧।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଦେଇଛି। ଫଳରେ ଦିଲ୍ଲୀ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛି ଏବଂ ଶେଷ ୪ର୍ଥ ଦଳଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ମାତ୍ର ଅଧିନାୟକ ରିଷଭ ପନ୍ତଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ମୁମ୍ବାଇ ଚତୁର୍ଥ ବିଜୟ ସତ୍ତ୍ୱେ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହି ଚଳିତ ସଂସ୍କରଣ ଶେଷ କରିଛି।

ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ଉଚିତ ସାବ୍ୟସ୍ତ କରିଥିଲେ ଦଳୀୟ ବୋଲର। ପ୍ରଥମେ ଡାନିଏଲ ସାମ୍ସ ତୃତୀୟ ଓଭରରେ ଡେଭିଡ୍ ୱାର୍ନର (୫)ଙ୍କୁ ସ୍ଲିପ୍‌ରେ ଧରା ପକାଇଥିଲେ। ତାଙ୍କ ପରେ ଫର୍ମରେ ଥିବା ମିଚେଲ ମାର୍ଶ(୦) ଓ ପୃଥ୍ୱୀ ଶ'(୨୪ ରନ୍, ୨ ଚୌକା ଓ ୧ ଛକା)ଙ୍କୁ ପ୍ୟାଭିଲିଅନ ବାଟ ଦେଖାଇଥିଲେ ଯଶପ୍ରୀତ ବୁମରା। ସର୍ଫରାଜ ଖାନ (୧୦) ବିଫଳ ହେବାରୁ ଦିଲ୍ଲୀ ୮.୪ ଓଭରରେ ୫୦ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଦଳୀୟ ସ୍ଥିତି ସମ୍ଭାଳିଥିଲେ ଅଧିନାୟକ ରିଷଭ ପନ୍ତ (୩୯ ରନ, ୪ ଚୌକା ଓ ୧ ଛକା) ଓ ରୋଭମାନ ପାଓ୍ୱେଲ (୪୩ ରନ୍, ୧ ଚୌକା ଓ ୪ ଛକା)। ଦୁହେଁ ୫ମ ଉଇକେଟରେ ୭୫ ରନ୍ ଯୋଡ଼ିଥିଲେ। ତା' ପରେ ଅକ୍ଷର ପଟେଲ (୧୯ ରନ୍, ୨ ଛକା)ଙ୍କ ଉଦ୍ୟମ ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ମୁମ୍ବାଇ ପକ୍ଷରୁ ବୁମରା ସର୍ବାଧିକ ୩ଟି ଓ ରମଣଦୀପ ସିଂ ୨ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ଖୁବ୍ ଶସ୍ତାରେ ଅଧିନାୟକ ରୋହିତ (୨)ଙ୍କୁ ହରାଇଥିଲା। ଇଶାନ କିଷନ (୪୮ ରନ୍, ୩ ଚୌକା ଓ ୪ ଛକା) ଓ ଡେୱାଲ୍ଡ ବ୍ରେଭିସ୍ (୩୭ ରନ୍, ୧ ଚୌକା ଓ ୩ ଛକା) ଦ୍ୱିତୀୟ ଉଇକେଟରେ ୫୧ ରନ୍ କରି ଦଳକୁ ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁହେଁ ପ୍ୟାଭିଲିଅନ ଫେରିବା ପରେ ଟିମ୍ ଡେଭିଡ୍ ୧୧ ବଲରେ ୩୪ (୨ ଚୌକା ଓ ୪ ଛକା) ରନ୍ କରି ମୁମ୍ବାଇର ବିଜୟ ନିଶ୍ଚିତ କରିଥିଲେ। ତିଲକ ବର୍ମା (୨୧) ଓ ରମଣଦୀପ ସିଂ (୯*) ଦଳକୁ ଆବଶ୍ୟକ ଥିବା ରନ୍ ସଂଗ୍ରହ କରି ନେଇଥିଲେ।

## ଆଇପିଏଲ୍-୧୫

### ଆଜିର ମ୍ୟାଚ

**ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ସଂକ୍ଷିପ୍ତ ସ୍କୋର

**ଦିଲ୍ଲୀ କ୍ୟାପିଟାଲ୍ସ** ୨୦ ଓଭରରେ ୧୫୯/୭(ରୋଭମାନ ପାଓ୍ୱେଲ-୪୩, ରିଷଭ ପନ୍ତ-୩୯, ପୃଥ୍ୱୀ ଶ'-୨୪, ଯଶପ୍ରୀତ ବୁମରା-୩/୨୫, ରମଣଦୀପ ସିଂ-୨/୨୯)।

**ମୁମ୍ବାଇ ଇଣ୍ଡିଆନ୍ସ** ୧୯.୧ ଓଭରରେ ୧୬୦/୫ (ଇଶାନ କିଷନ-୪୮, ଡେୱାଲ୍ଡ ବ୍ରେଭିସ୍-୩୭,ଟିମ୍ ଡେଭିଡ୍-୩୪, ଶାର୍ଦ୍ଦୁଳ ଠାକୁର-୨/୩୨, ଏନରିଚ୍ ନର୍ଜେ-୨/୩୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୪ | ୧୦ | ୪ | ୨୦ | +୦.୩୧୬ |
| ରାଜସ୍ଥାନ ରୟାଲ୍ସ | ୧୪ | ୯ | ୫ | ୧୮ | +୦.୨୯୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୪ | ୯ | ୫ | ୧୮ | +୦.୨୫୧ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୪ | ୮ | ୬ | ୧୬ | -୦.୨୫୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୧୪ | +୦.୨୦୪ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | +୦.୧୪୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | +୦.୦୪୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୬ | ୭ | ୧୨ | -୦.୨୩୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୮ | +୦.୨୦୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୪ | ୧୦ | ୮ | -୦.୫୦୬ |












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କୁ ଗର୍ଭବତୀ କରି ଯୁବକ ଫେରାର

**ଯାଜପୁର ଟାଉନ,୨୧।୫(ଡି.ଏନ.ଏ.):** ଜଣେ ମହିଳାଙ୍କୁ ଗର୍ଭବତୀ କରି ଯୁବକ ଫେରାର ହୋଇ ଯାଇଛନ୍ତି। ଏନେଇ ଯାଜପୁର ଥାନାରେ ମହିଳା ଜଣକ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ୨୫ ବର୍ଷୀୟା ମହିଳା ଉକ୍ତ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ମହିଳାଙ୍କୁ ସାଉଣ୍ଡି ଗ୍ରାମର ଗିଲୁ ଜେନା ୧ବର୍ଷ ହେବ ପ୍ରେମ କରୁଥିଲେ। ତେବେ ବିବାହ ପ୍ରଲୋଭନ ଦେଖାଇ ଗିଲୁ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏବେ ମହିଳା ଜଣକ ୫ ମାସର ଗର୍ଭବତୀ ହୋଇଥିବା ଗିଲୁଙ୍କୁ ଜଣାଇଥିଲେ। ଏହାପରେ ଗିଲୁ ଗତ ୫ ତାରିଖ ଦିନ ମହିଳାଙ୍କୁ ଡାକି ତାଙ୍କ ଭଉଣୀ ଘରେ ୮ଦିନ ରଖି ସେଠାରେ ମଧ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଅନ୍ୟ ଏକ ସ୍ଥାନରେ ୩ଦିନ ରଖିବା ପରେ ମହିଳାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ମହିଳା ଜଣକ ଯୁବକଙ୍କ ଘରକୁ ଯାଇ ସମସ୍ତ ବିଷୟରେ କହିବା ପରେ ଘର ଲୋକେ ତାଙ୍କୁ ଗାଳିଗୁଲଜ କରି ସେଠାରୁ ତଡିଦେଇଥିଲେ। ତେଣୁ ସେ ବାଧହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୧୭୮/୨୨ ରୁଜୁ କରିବା ସହ ମହିଳାଙ୍କ ଡାକ୍ତରୀ ମାଇନା କରି ତଦନ୍ତ ଜାରି ରଖିଛି। କୋର୍ଟରେ ଧାରା ୧୬୪ ଅନୁସାରେ ମହିଳାଙ୍କ ବୟାନ ରେକର୍ଡ କରାଯିବ ବୋଲି ସୂଚନା ମିଳିଛି।

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି,୨୧।୫(ଡି.ଏନ.ଏ.):** ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତର ଶାଳପଡ଼ା ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ ହୋଇଛି। ଅଭିଯୋଗ ମୁତାବକ, ଗ୍ରାମର ସେକ ଶାବନ ଗତ ୪ତାରିଖରେ ଦୋକାନରୁ ସଉଦା ନେଇ ଘରକୁ ଫେରୁଥିବା ବେଳେ ଗୋଲା ପୋଖରୀ ନିକଟରେ ପଛରୁ ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମଙ୍ଗଳବାଗ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ପରେ ସାବନଙ୍କ ବଡ଼ଭାଇ ସେକ ମତଲୁବ ଅଲ୍ଲୀ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୧୧୧/୨୨ ରୁଜୁ କରି ତଦନ୍ତ ଚଳାଇଛି।

### ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ

**କଳିଙ୍ଗନଗର,୨୧।୫(ଡି.ଏନ.ଏ.):** ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ବ୍ୟାସନଗର ନଗର କଂଗ୍ରେସ ସଭାପତି ଦିଲୀପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତି, କଂଗ୍ରେସ କମିଟି ସମ୍ପାଦକ ପ୍ରଭାତ ମହାପାତ୍ର, କାଉନସିଲର ଅରୁନ୍ଧତି ପରିଡ଼ା, ରବୀନ୍ଦ୍ର ରାଉତ, ଭରତ ଓଝା ପ୍ରମୁଖ ଯୋଗଦେଇ ରାଜୀବ ଭାରତର ଅଖଣ୍ଡତା ଏବଂ ସାର୍ବଭୌମତାକୁ ସୁରକ୍ଷା ଦେବା ସହିତ ବ୍ୟାପକ ଶିଳ୍ପାୟନ, କମ୍ପ୍ୟୁଟର ଶିକ୍ଷାର ପ୍ରସାର, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଭଳି ଅନେକ ସଫଳ ଏବଂ ପ୍ରଶଂସନୀୟ କାର୍ଯ୍ୟ କରିଥିବାରୁ ଦେଶ ଆଜି ପ୍ରଗତି ପଥରେ ରହିଥିବା ନିଜ ବକ୍ତବ୍ୟରେ କହିଥିଲେ।

# ଆସୁଛି ବର୍ଷା ଋତୁ, ବିପଦରେ ନଦୀବନ୍ଧ

**ଚଣ୍ଡିଖୋଲ,୨୧।୫(ଡି.ଏନ୍.ଏ.)**



ବର୍ଷା ଦିନ ଆସିଲେ ଜଳସମ୍ପଦ ବିଭାଗର ନଦୀ ବନ୍ଧ ସୁରକ୍ଷା ଚିନ୍ତା ପଶିଥାଏ। ନଦୀ ବନ୍ଧଗୁଡ଼ିକ ଅସୁରକ୍ଷିତ ରହିଲେ ବନ୍ୟା ସମୟରେ ଏହା ଭାଙ୍ଗି ଘାଇ ସୃଷ୍ଟି ହୋଇଥାଏ। ଯେଉଁଥିରେ ବ୍ୟାପକ ଧନ ଜୀବନ ନଷ୍ଟ ହୋଇଥାଏ। ଏହିକ୍ରମରେ ଦେଖିବାକୁ ଗଲେ ବଡ଼ଚଣା ବ୍ଲକ ଦେଇ ୩ଟି ନଦୀ ପ୍ରବାହିତ ହୋଇଛି। ସେଗୁଡ଼ିକ ହେଲା ବିରୂପା, ଗେଙ୍ଗୁଟି ଓ କେଲୁଆ। ବିରୂପା ଓ ଗେଙ୍ଗୁଟି ମହାନଦୀର ଶାଖା ନଦୀ ହୋଇଥିବାବେଳେ କେଲୁଅ ନଦୀଟି ବ୍ରାହ୍ମଣୀ ନଦୀର ଶାଖା ନଦୀ। ଏବେ ବିରୂପା ଓ କେଲୁଅ ନଦୀର ନଦୀବନ୍ଧ ବିପଦରେ ଅଛି। ଗତ ୨୦୧୯ରେ ଏହି ନଦୀବନ୍ଧର ରାସ୍ତା ଉନ୍ନତୀକରଣ ନିମନ୍ତେ ଜଳସମ୍ପଦ ବିଭାଗ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଛି। ପୂର୍ତ୍ତ ବିଭାଗ ତରଫରୁ ୨୦୨୧ରେ ରାସ୍ତା ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି। ବିରୂପା ନଦୀ ବନ୍ଧର ବାଲିଚନ୍ଦ୍ରପୁରଠାରୁ ଦେକୁରି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କେଲୁଅ ନଦୀର ଜନକଠାରୁ ନିଆଳି ପର୍ଯ୍ୟନ୍ତ ୫ କିଲୋମିଟର ନଦୀ ବନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଟେଣ୍ଡର ନେଇଥିବା ଠିକାଦାର ରାସ୍ତା ପ୍ରଶସ୍ତୀକରଣ ପାଇଁ ବନ୍ଧର ବାମ ପାର୍ଶ୍ୱରେ ନୂଆ ମାଟି ପକାଇ ଆଉ ଏକ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ କରିବାକୁ ନିୟମ ଥିଲାବେଳେ ସେମାନେ ଏହା ନକରି ନଦୀ ବନ୍ଧର ଶଯ୍ୟାକୁ ଅଧାରୁ କାଟି ମାଟି ପକା ଆରମ୍ଭ କରୁଛନ୍ତି। ମୂଳ ଶଯ୍ୟାକୁ ଛାଡ଼ି ଦେଇ ନଦୀ ବନ୍ଧର ଉପରଶଯ୍ୟାକୁ ପ୍ରଶସ୍ତୀକରଣ ହୋଇଥିବା ଦର୍ଶାଇବା ପାଇଁ ଏବଂ ବିଲ୍ ହାତେଇବା ପାଇଁ ଏଭଳି କରୁଥିବାରୁ ବନ୍ଧଟି ଦୁର୍ବଳ ହୋଇଯାଉଛି। ପୂର୍ବ ନଦୀବନ୍ଧ ସହ ପ୍ରଶସ୍ତୀକରଣ ପାଇଁ ମୂଳ ଶଯ୍ୟାରୁ ମାଟି ପକାଇବା ସହିତ ପ୍ରତ୍ୟେକ ଫୁଟ ମାଟି ପରେ ଏହାକୁ ରୋଲିଂ କରାଯାଇ ଦବାଇ ସମତଳ କରିବା ନିୟମ ରହିଛି। କିନ୍ତୁ ଠିକାଦାର ନଦୀବନ୍ଧର ମଧ୍ୟ ଭାଗରେ କାଟି ମାଟି ପକାଉଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରତିବାଦ କରିଛନ୍ତି। ଆଗକୁ ବର୍ଷାଋତୁ ଆସୁଥିବାରୁ ଯଦି ବନ୍ୟା ଆସେ ତେବେ ନଦୀବନ୍ଧ ଭାଙ୍ଗି ଯାଇପାରେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନାଥାଉକି, ୨୦୦୧ ବନ୍ୟାବେଳେ ବିରୂପା ନୀଦ ବନ୍ଧର କଳାଶ୍ରୀ ଓ ପତରାଜପୁରଠାରେ ଦୁଇଟି ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷତି କରିଥିଲା। ଏପରି କି କଳାଶ୍ରୀଠାରେ ୧୯୭୫ ଓ ୧୯୮୨ରେ ଦୁଇଥର ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇ ହେବାଦ୍ୱାରା କେନ୍ଦ୍ରାପଡ଼ା ଜିଲା ପାଇଁ ବିପଦ ସୃଷ୍ଟି ହୋଇଥିଲା। ବହୁ ଗ୍ରାମ ଜଳମଗ୍ନ ହୋଇଥିବାବେଳେ ହଜାରହଜାର ହେକ୍ଟର ଚାଷ ଜମି ନଷ୍ଟ ହୋଇଥିଲା। ଏହି ଘାଇ ଦ୍ୱାରା ଜୀବନ ହାନି ଓ ବହୁ ଗୃହପାଳିତ ପଶୁଙ୍କ ଜୀବନ ଯାଇଥିଲା। ସେଥିପାଇଁ ନଦୀବନ୍ଧକୁ ସୁଦୃଢ଼ୀକରଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ପାଇ ଗତ ଆଠ ଦିନ ତଳେ ବିରୂପା ନଦୀବନ୍ଧ କ୍ଷେତ୍ର ପରିଦର୍ଶନରେ ଯାଇଥିଲି। ସେଠାରେ ଠିକାଦାର ବାମପାର୍ଶ୍ୱ ବନ୍ଧକୁ କାଟିବା ନେଇ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହିତ କଥା ହୋଇଛି। ସେମାନେ ଖୁବ୍‌ଶୀଘ୍ର ଠିକ୍ ଭାବେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଆଗକୁ କିପରି କାର୍ଯ୍ୟ ହେଉଛି।

## ଜମି ବିବାଦକୁ କେନ୍ଦ୍ରକରି ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ

**ବିଞ୍ଝାରପୁର,୨୧।୫(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅରେଇ ପଞ୍ଚାୟତ ଜୋଇଁମରା ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ଜଣେ ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗ୍ରାମର ସୁମତୀ ପ୍ରଧାନ ଓ ପ୍ରକାଶ ପ୍ରଧାନଙ୍କ ମଧ୍ୟରେ ଜମି ବିବାଦ ରହିଥିଲା। ଏଥି ସକାଶେ ଅଦାଲତରେ ମାମଲା ଚାଲୁରହିଥିଲାବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ସବୁବେଳେ କଳିଝଗଡ଼ା ହେଉଥିଲା। ହେଲେ ଶୁକ୍ରବାର ଏହି ଝଗଡ଼ା ଉଗ୍ରରୂପ ଧାରଣ କରି କରିଥିଲା। ସୁମତୀଙ୍କ ସହ ପ୍ରକାଶଙ୍କ ସ୍ତ୍ରୀ ପଦ୍ମିନୀଙ୍କ ବଚସା ହେବାରୁ ପ୍ରକାଶ ଏକ ଶାବଳରେ ସୁମତୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସୁମତୀଙ୍କ ମୁଣ୍ଡ ଫାଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରାଯାଇଛି। ପୋଲିସ ଉଭୟ ପକ୍ଷଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହ ୨ଟି ମାମଲା ନଂ.୩୪୭/୨୨ଓ ୩୪୮/୨୨ ରୁଜ କରି ତଦନ୍ତ ଆରମ୍ଭ କରିଛି।

## ବିରଜା ସ୍କୁଲ୍ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ



ଅତିଥି କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଯାଜପୁର ଟାଉନ/ ଯାଜପୁର ସଦର,୨୧।୫(ଡି.ଏନ.ଏ.)**

ବିରଜା ସ୍କୁଲ୍ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ୨୦୨୪ରେ ଯାଜପୁର ମେଡିକାଲ କଲେଜ ଶୁଭାରମ୍ଭ ହେଲେ ପାରା ମେଡିକାଲ କର୍ମଚାରୀ, ବହୁ ସଂଖ୍ୟକ ସେବିକା ଓ ଡାକ୍ତରଙ୍କୁ ନିଯୁକ୍ତି ମିଳିବ। ଯାଜପୁରରେ ନର୍ସିଂ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥାନୀୟ ସେବିକାମାନେ ନିଯୁକ୍ତି ପାଇବାର ସୁଯୋଗ ମିଳିବ ବୋଲି ମଲ୍ଲିକ ସୂଚନା ଦେଇଥିଲେ। ସେବିକାମାନେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ଉପରେ ମଲ୍ଲିକ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିରଞ୍ଚି ନାରାୟଣ ବାରିକ ଯୋଗଦେଇ ସେବିକାମାନଙ୍କ ମୂଳମନ୍ତ୍ର ଉପରେ ସୂଚନା ଦେଇଥିଲେ। ସମାବେଶରେ ସିଡବ୍ଲୁସି ଅଧ୍ୟକ୍ଷା ରୀତାରାଣୀ ବେହେରା, ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଳିକ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଳିକ ଯୋଗଦେଇ ସେବିକାମାନେ ତ୍ୟାଗ ମନୋବୃତ୍ତି ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେବା ସହିତ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବିରଜା ସ୍କୁଲ ଅଫ୍ ନର୍ସିଂର ପରିଚାଳନା ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର କର ସଭା ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ପରେଶ ଚନ୍ଦ୍ର ମଳିକ ବିବରଣୀ ପାଠ କରିବା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ନର୍ସିଂ ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପଥର ଖୁଣ୍ଟ ପଡ଼ି ଭଉଣୀ ମୃତ, ଭାଇ ଗୁରୁତର

**ଧର୍ମଶାଳା,୨୧।୫(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଧୀନ ଅଭୟପୁର ଗ୍ରାମରେ ଶନିବାର ଭଉଣୀଭାଇ ଦୋଳି ଖେଳୁଥିବାବେଳେ ପଥର ଖୁଣ୍ଟପଡ଼ି ଭଉଣୀଙ୍କ ମୃତ୍ୟୁ ହୋଇଛି। ଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ଶହଦେବ ରାଉତଙ୍କ ଝିଅ ବେବିନା(୫)। ଗୁରୁତର ହେଲେ ଓମ୍‌ପ୍ରକାଶ(୮)। ଶନିବାର ଅପରାହ୍ନ ୫ଟାରେ ଉଭୟ ଦୋଳି ଖେଳୁଥିଲେ। ଏହି ସମୟରେ ଏକ ପଥର ଖୁଣ୍ଟ ଭାଙ୍ଗି ସେମାନଙ୍କ ଉପରେ ପଡ଼ିଥିଲା। ଫଳରେ କୁନି ଝିଅ ବେବିନାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଓମପ୍ରକାଶ ଗୁରୁତର ହୋଇଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଓମ୍‌ପ୍ରକାଶଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ଘରର କାଠ ପଡ଼ି ମହିଳା ମୃତ

**ଚଣ୍ଡିଖୋଲ,୨୧।୫(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତର ଉପୁଳା ଗ୍ରାମରେ ଶନିବାର ଗୁହାଳ ଭଙ୍ଗାଯାଉଥିବା ବେଳେ ଏକ କାଠ ପଡ଼ିଯିବା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁରେନ୍ଦ୍ର ସାହୁଙ୍କ ସ୍ତ୍ରୀ ମୁଟୁରି(୬୫)। ସୁରେନ୍ଦ୍ର ଲୋକ ଲଗାଇ ଗୁହାଳ ଭାଙ୍ଗୁଥିଲେ। ଏହି ସମୟରେ ଏକ କାଠ ଖସିପଡ଼ି ଘର ନିକଟରେ ଛିଡ଼ା ହୋଇଥିବା ମୁଟୁରିଙ୍କ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଆମ୍ବୁଲାନ୍ସ, ଟ୍ରକ୍ ଧକ୍କା ଘଟଣା: ଟ୍ରକ୍ ଚାଳକ ଗିରଫ

**ଚଣ୍ଡିଖୋଲ,୨୧।୫(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଚଣ୍ଡିଖୋଲ ମଧ୍ୟସ୍ଥଳରେ ଥିବା ରାଜପଥ ହୋଟେଲ ସମ୍ମୁଖରେ ଗତ ମାସ ୩୦ ତାରିଖରେ ଘଟିଥିବା ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଜାତୀୟରାଜପଥ ମଝିରେ ରହିଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍‌କୁ ଆମ୍ବୁଲାନ୍ସ ଧକ୍କାଦେବାରୁ ଏହି ଦୁର୍ଘଟଣା ଘଟିଥିଲା। ସେହିଦିନଠାରୁ ଟ୍ରକର ଚାଳକ ଫେରାର ଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ପୋଲିସ ଶୁକ୍ରବାର ରାତିରେ ତାଙ୍କୁ ଗିରଫ କରିବା ପରେ ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ସନ୍ତୋଷ କୁମାର ବେହେରା। ସୂଚନା ଥାଉକି, ୩୦ ତାରିଖ ରାତିରେ ରାମ୍‌କୋ ସିମେଣ୍ଟ କାରଖାନାରୁ ଓଆର-୧୪-ଟି-୧୩୨୮ ନମ୍ବର ବିଶିଷ୍ଟ ଟ୍ରକ ସିମେଣ୍ଟ ବୋଝେଇ କରି ଆସିଥିଲା। ଟ୍ରକ୍‌ର କ୍ଷମତା ୨୦ଟନ ପରିବହନ କରିବାର ଥିବା ବେଳେ ତାହା ୩୧ ଟନ ବୋଝେଇ କରି ଆସୁଥିବାରୁ ରାସ୍ତା ମଝିରେ ଚକା ଫାଟିଥିଲା। ଫଳରେ ଟ୍ରକ୍ ଚାଳକ ଗାଡ଼ିକୁ ସେହି ରାସ୍ତାରେ ଛାଡ଼ି ଚାଲିଯାଇଥିଲେ। ଯେଉଁଥି ପାଇଁ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରୁ ଆସୁଥିବା ଆମ୍ବୁଲାନ୍ସ ଟ୍ରକ ପଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ଆମ୍ବୁଲାନ୍ସରେ ଥିବା ରୋଗୀ, ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ରୋଗୀଙ୍କ ସମ୍ପର୍କୀୟ ଓ ସହାୟକ ଆହତ ହୋଇଥିଲେ। ପୋଲିସ ତଦନ୍ତ କରି ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କ ତ୍ରୁଟି ଯୋଗୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ଜାଣିବାକୁ ପାଇବା ସହ ଚଣ୍ଡିଖୋଲ ଆରଟିଓଙ୍କୁ ତଦନ୍ତରେ ସାମିଲ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୧୪୬/୨୨ ରୁଜୁ ହୋଇଛି।

## ବିଜେଡିର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ବିଞ୍ଝାରପୁର,୨୧।୫(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଛକଠାରେ ବିଜେଡିର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ପ୍ରମୋଦ କୁମାର ସାମଲଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ସର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକ, ଧର୍ମେନ୍ଦ୍ର ସାମଲ, ପଞ୍ଚାୟତ ସଭାପତି ବିଶରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଦାସଙ୍କ ସମେତ ଅନ୍ୟ ଅତିଥିମାନେ ବଗମରା ସେତୁ ଓ ମଧୁସୂଦନପୁର ମଧ୍ୟସ୍ଥଳରେ ହେବାକୁ ଥିବା ଜଳ ସଂରକ୍ଷଣ ପ୍ରକଳ୍ପ ସ୍ଥାନ ନିରୁପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ନାୟକ, ଗୁରୁଚରଣ ରାଉତ, ବସନ୍ତ ମଲିକ, ପ୍ରଫୁଲ୍ଲ ପୃଷ୍ଟି, ସଚ୍ଚିଦାନନ୍ଦ ବାରିକ ଓ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

**ରସୁଲପୁର,୨୧।୫(ଡି.ଏନ.ଏ.)**

କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ପ୍ରେମିକଙ୍କ ସମେତ ୩ଜଣ ଯୁବକ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ୧୯ତାରିଖରେ ଘଟିଥିଲା। ଏନେଇ ନାବାଳିକାଙ୍କ ବାପା ୨୦ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜେନାପୁର ଅଞ୍ଚଳର ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରି ପଚରାଉଚରା ଚଳାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ନାବାଳିକାଙ୍କ ଭିଣୋଇଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ମୁତାବକ, ଜେନାପୁର ଅଞ୍ଚଳର ଯୁବକଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କୁ କିଛି ମାସ ତଳେ ଏକ ନିଭୃତ କୋଠରିରୁ ଉଦ୍ଧାର କରାଯାଇ ଥିଲା। ନାବାଳିକାଙ୍କ ଘର ଲୋକେ ଯୁବକଙ୍କୁ ଅଟକ ରଖିଥିଲେ। ତେବେ ସେ ସମୟରେ ପ୍ରେମିକ ନାବାଳକ ବୋଲି ଜଣାପଡିବାରୁ ସେ ନେଇ ଝିଅ ଘର ଲୋକେ ଥାନାରେ ଅଭିଯୋଗ କରି ନ ଥିଲେ। ଉଭୟଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲେ। ପରେ ନାବାଳିକା ଉକ୍ତ ଯୁବକଙ୍କୁ ବାହା ହେବ ବୋଲି ଜିଦ୍ ଧରିଥିଲେ। ମାତ୍ର ପରିବାର ଲୋକେ ତାଙ୍କୁ ବାରଣ କରିଆସୁଥିଲେ। ଏଥିରେ ରାଗି ଯାଇ ନାବାଳିକା ଆତ୍ମହତ୍ୟା କରିବା ଭଳି ପଦକ୍ଷେପ ନେଇଥିବା ଜଣାଯାଇଛି। ହେଲେ ଘଟିଥିବା ଶେଷ ଘଟଣା ଦିନ ନାବାଳିକାଙ୍କୁ ପ୍ରେମିକ ଓ ତାଙ୍କ ଅନ୍ୟସାଥୀମାନେ ଘରୁ ଡାକିନେଇ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏବେ ପ୍ରେମିକ ନାବାଳକରୁ ସାବାଳକ ହୋଇଯାଇଥିବା ଜାଣି ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିବା କୁହାଯାଉଛି। ଏନେଇ ଥାନାରେ ପୋକ୍ସୋ ଆଇନ ଆଧାରରେ ନଂ.୧୭୨/୨୨ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଅନିତା ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

## କଲ୍ୟାଣମଣ୍ଡପର ଶିଳାନ୍ୟାସ

**ଜେନାପୁର,୨୧।୫(ଡି.ଏନ.ଏ.)**



ମୁଖ୍ୟ ଅତିଥି କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରୁଛନ୍ତି।

ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଅଧୀନ ବ୍ରହ୍ମପୁର ଶିବ ମନ୍ଦିର ନିକଟରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କଲ୍ୟାଣମଣ୍ଡପର ଶିଳାନ୍ୟାସ କରାଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ବିଜେଡି ସମ୍ପାଦକ ସଞ୍ଜୟ ନାୟକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଜେନାପୁର ପଞ୍ଚାୟତ ବିଜେଡି ସଭାପତି ଦିଲୀପ କୁମାର ବରାଳ, ସ୍ଥାନୀୟ ସରପଞ୍ଚ ସିପାଲତା ମଲିକ, ସମିତିସଭ୍ୟା ମହେଶ୍ୱର ମଲିକ, ବୃନ୍ଦାଦେଇପୁର ସରପଞ୍ଚ ଶୁସାନ୍ତ ଶତପଥୀ, ସମିତିସଭ୍ୟ ଦୀପକ ଦାସ, ପଞ୍ଚାୟତ ବିଜେଡି ସଭାପତି ରାଜକିଶୋର ମହାନ୍ତି, ଜୀବନ କରଣ, କାର୍ତ୍ତିକେଶ୍ୱର ସ୍ୱାଇଁ, ପୀତବାସ ମଲ୍ଲିକ, ପଫିନା ସାହୁ, ରବୀନ୍ଦ୍ର ଅଧିକାରୀ, ସୁବାସ ଭୂୟାଁ ଓ ଶ୍ୟାମଘନ ପାତ୍ରଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଅଧ୍ୟକ୍ଷଙ୍କୁ ଶିଳାନ୍ୟାସ ସ୍ଥଳକୁ କର୍ମୀମାନେ ପାଛୋଟି ଆଣିଥିଲେ।

## ବହୁ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇଛନ୍ତି ଥାନା ଅଧିକାରୀ

**ରସୁଲପୁର,୨୧।୫(ଡି.ଏନ.ଏ.)**

- ପ୍ରେମ ମାମଲାରୁ ପରଦା ହଟୁଛି
- ନୂଆପଡ଼ା ଏସ୍‌ପିଙ୍କୁ ଭେଟିଲେ ୨ ଯୁବତୀ

ଯାଜପୁର ସଦର ଥାନା ଅଧୀନ ଦେବିଲି ପଞ୍ଚାୟତ ଅଞ୍ଚଳର ଜଣେ ପୋଲିସ ଅଧିକାରୀଙ୍କ ପ୍ରେମ ମାମଲା ଉପରୁ ପରଦା ହଟିବାରେ ଲାଗିଛି। ନୂଆପଡ଼ା ଜିଲା କୋମନା ବ୍ଲକ ଅଞ୍ଚଳର ଏକ ଥାନାରେ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏହି ଅଧିକାରୀଙ୍କ ବହୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିବା ଘଟଣା ପଦାକୁ ଆସିବାରେ ଲାଗିଛି। ଯୁବତୀମାନଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସେମାନଙ୍କ ସହ ମଉଜ କରିଥିବା କଥା କୁହାଯାଉଛି। ଏମିତିକି ଥାନା ଅଧିକାରୀ ଜଣକ କେତେଜଣ ଯୁବତୀଙ୍କୁ ମନ୍ଦିରରେ ବିବାହର ନାଟକ କରିଥିବା ଅଭିଯୋଗ ହେଉଛି। ଏ ସବୁ ପରେ ଥାନା ଅଧିକାରୀ ଘରଲୋକଙ୍କ କଥାରେ ବିବାହ କରିଛନ୍ତି। ଏସମ୍ପର୍କରେ ଜାଣିବା ପରେ ନୂଆପଡ଼ା ଓ କେନ୍ଦ୍ରାପଡ଼ା ଜିଲାର ଦୁଇ ଯୁବତୀ ଶନିବାର ନୂଆପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଉଭୟଙ୍କୁ ବିଭିନ୍ନ ଦିଗ ସମ୍ପର୍କରେ ପଚରା ଉଚୁରା କରାଯାଇଛି। ତେବେ ଅଭିଯୋଗକାରୀ ମହିଳା ଦ୍ୱୟ ଗଣମାଧ୍ୟମକୁ ସୂଚନା ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏପରି କି ଉକ୍ତ ଘଟଣାକୁ ନେଇ ପୋଲିସ ମୁହଁ ଖୋଲୁନାହିଁ। କେନ୍ଦ୍ରାପଡ଼ା ଜିଲାର ମହିଳା ଜଣକ କଟକ ବଡ଼ ଡାକ୍ତରଖାନାରେ ନର୍ସିଂ ଚାକିରି କରିଛନ୍ତି ବୋଲି ଜଣାପଡ଼ିଛି। ଉକ୍ତ ଯୁବତୀଙ୍କୁ ଥାନା ଅଧିକାରୀ ମନ୍ଦିରରେ ବିବାହ କରିଥିବା କଥା ଶୁଣିବାକୁ ମିଳୁଛି। ଏହାଛଡ଼ା ନୂଆପଡା ଜିଲାର ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପୋଲିସ ଅଧିକାରୀ ତାଙ୍କ ସହ ଭୁବନେଶ୍ୱରରେ ରହୁଥିଲେ। ଏହି ଦିଗରେ ଖୋଳତାଡ କରିବାରୁ ଥାନା ଅଧିକାରୀ ନୂଆପଡ଼ା ଜିଲାରେ ଏକାଧିକ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିବା ସୂଚନା ମିଳୁଛି। ତଦନ୍ତ କରାଗଲେ ଘଟଣାପଛରେ ଥିବା ରହସ୍ୟ ଲୋକଲୋଚନକୁ ଆସିବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ପୋଲିସ ଅଧିକାରୀ ଜଣକ ଗାଁରେ ଅନ୍ୟତ୍ର ବିବାହ କରୁଥିବା ଜାଣି ଗତ ୧୬ତାରିଖରେ ନୂଆପଡ଼ା ଜିଲାର ଯୁବତୀ ତାଙ୍କ ଘରେ ପହଞ୍ଚିଥିଲେ। ତେବେ ଉକ୍ତ ଯୁବତୀଙ୍କୁ ବୁଝାଶୁଝା କରି ପୋଲିସ ଅଧିକାରୀ ଭୁବନେଶ୍ୱରରେ ଛାଡ଼ିବାକୁ ଯାଉଥିଲାବେଳେ ବାଟରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ୧୬ ନଂ. ଜାତୀୟ ରାଜପଥର ବାରବାଟୀ ପଞ୍ଚାୟତ ଦୁର୍ଗାମନ୍ଦିର ନିକଟରେ ଧର୍ମଶାଳା ପୋଲିସ ଉଭୟଙ୍କୁ ଥାନାକୁ ନେଇଥିଲା। ଯୁବତୀ କୌଣସି ଅଭିଯୋଗ ନ କରିବାରୁ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ନୂଆପଡ଼ା ଏସ୍‌ପି ପ୍ରତ୍ୟୁଷ ଦିୱାକରଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅଧିକାରୀଙ୍କୁ ଘେରିଲେ ହିତାଧିକାରୀ

**ବରୀ, ୨୧।୫ (ଡି.ଏନ.ଏ.)**

**ରାଶନ ସାମଗ୍ରୀ ନ ମିଳିବାର ତଦନ୍ତ ବେଳେ ଉତ୍ତେଜନା**

■ ତଦନ୍ତ ନ କରି ଫେରି ଆସିଲେ ବିଭାଗୀୟ ଅଧିକାରୀ

ବରୀ ବ୍ଲକ୍ ଅଧୀନ କଳାମାଟିଆ ପଞ୍ଚାୟତର ସରକାରୀ ଖୁଚୁରା ବିକ୍ରେତା (ରିଟେଲର) ପ୍ରକାଶ ଚନ୍ଦ୍ର ନାୟକ କେତେଜଣ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ସାମଗ୍ରୀ ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗର ତଦନ୍ତ କରିବାକୁ ଶନିବାର ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ, ବଡ଼ଚଣା ବ୍ଲକ ଯୋଗାଣ ନିରୀକ୍ଷକ ବିଶ୍ୱଜିତ ମିଶ୍ର ଓ ବରୀ ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା କଳାମାଟିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିବାବେଳେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଞ୍ଚାୟତର ରବୀନ୍ଦ୍ର ମଲିକ, ଭ୍ରମର ମଲିକ, ଭୀମସେନ ମଲିକ, ଦୀପକ ଧଳ, ସରୋଜିନୀ ଦାସ, ବାସନ୍ତି ନାୟକଙ୍କ ସମେତ ଶତାଧିକ ହିତାଧିକାରୀ ଅଧିକାରୀମାନଙ୍କୁ ଘେରିଯାଇ କ'ଣ ପାଇଁ ଆମ୍ଭମାନଙ୍କ ଦୁଇ ମାସର ଚାଉଳ ବନ୍ଦ ରଖାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଅଭିଯୋଗର ତଦନ୍ତ କରାଯିବା ବଦଳରେ ଚାଉଳ ବନ୍ଦ କରାଯାଇଥିବାରୁ ହିତାଧିକାରୀ ଉତ୍ୟକ୍ତ ହୋଇ ଉଠିଥିଲେ। ଏଥିସହିତ ଅଧିକାରୀମାନଙ୍କ ଗାଡ଼ିକୁ ଘେରିଯାଇ ପାଲ ପକାଇ ବସି ରହିଥିଲେ। ଫଳରେ ଅଧିକାରୀମାନେ ପ୍ରାୟ ୩ ଘଣ୍ଟା ଧରି ଅଟକ ରହିଥିଲେ।

ରାଜନୈତିକ ଦୃଷ୍ଟି କୋଣରୁ ଉକ୍ତ ପଞ୍ଚାୟତଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ବରୀ ତହସିଲଦାର ମାନସ ରଞ୍ଜନ ଭୋଇ, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ଉପସ୍ଥିତ ରହି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ବନ୍ଦ ରହିଥିବା ରାଶନ ସାମଗ୍ରୀକୁ ରିଟେଲରଙ୍କ ମାଧ୍ୟମରେ ବଣ୍ଟନ କରାଯିବାକୁ ହିତାଧିକାରୀ ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ପ୍ରତିଶ୍ରୁତି ନ ମିଳିଲେ ତଦନ୍ତକାରୀ ଅଧିକାରୀଙ୍କୁ ଛାଡ଼ିବୁ ନାହିଁ ବୋଲି ଅଡ଼ି ବସିଥିଲେ। ତହସିଲଦାର ଓ ଥାନା ଅଧିକାରୀ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ ବକେୟା ରାଶନ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଉତ୍ତେଜନା ତୀବ୍ର ହେବାରୁ ଅଧିକାରୀମାନେ ତଦନ୍ତ ନ କରି ଫେରି ଆସିଥିଲେ। ଏହାପରେ ଉତ୍ତେଜନା ଥମିଥିଲା। ଉତ୍ତେଜନା ମୁକାବିଲା କରିବାକୁ ପୋଲିସ ଓ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଥିଲା। ତଦନ୍ତ ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣାସ୍ଥଳରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ଅଭିଯୋଗର ଶୁଣାଣି ହୋଇପାରିଲାନାହିଁ। ଆମ୍ଭେମାନେ ଫେରି ଆସିବାକୁ ବାଧ୍ୟ ହେଲୁ। ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ରାଶନ ସାମଗ୍ରୀ ନ ଦେବା ସମ୍ପର୍କରେ ରିଟେଲର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ମୋତେ ୮୦ ପ୍ରତିଶତ ଚାଉଳ ଦିଆଯାଇଛି। ସେଥିପାଇଁ ସମସ୍ତ ହିତାଧିକାରୀଙ୍କୁ ଚାଉଳ ଦେଇ ପାରିନାହିଁ। ପ୍ରଶାସନ ଚାଉଳ ଯୋଗାଇ ଦେଲେ ସମସ୍ତ ହିତାଧିକାରୀ ପାଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି।


ଅଧିକାରୀମାନଙ୍କୁ ହିତଧିକାରୀ ଅଟକାଇଛନ୍ତି।

## ସଂକ୍ଷେପରେ

### ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ

**ତିର୍ତ୍ତୋଲ,୨୧।୫(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଧୀନ ସାମନ୍ତରାୟପୁର ପଞ୍ଚାୟତ ଅନୁପଲା ଗ୍ରାମର ପ୍ରଶାନ୍ତ ଜେନା (୫୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜେନା ଘର ନିକଟସ୍ଥ ପଡ଼ିଆକୁ ଶୁକ୍ରବାର ମଧ୍ୟାହ୍ନରେ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ସେ ବେହୋସ ହୋଇ ତଳେ ପଡ଼ିଯାଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଜେନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ୨୭ରେ ରେଳରୋକୋ

**ରାହାମା,୨୧।୫(ଡି.ଏନ୍.ଏ .):** କୁଜଙ୍ଗ ବ୍ଲକ ରାହାମାସ୍ଥିତ ୧୭ ପଞ୍ଚାୟତ ପକ୍ଷରୁ ମେ ୨୭ରେ ରେଳ ରୋକୋ କରାଯିବ। ଏନେଇ ରାହାମାର ସାଇଲୋ କନ୍ଦମୂଳ ପଡ଼ିଆ ନିକଟ ଜଗନ୍ନାଥ ମଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣ ସଂଗ୍ରାମ ପରିଷଦ ଓ ଜୀବଡଧାର ସମିତ ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ଯୋଗଦେଇ କହିଛନ୍ତି, ୨୨ ଏପ୍ରିଲରେ ବିଭିନ୍ନ ଦାବି ନେଇେ ରେଳବାଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲା। ମାସେ ବିତିଯାଇଥିଲେ ମଧ ଏନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦାବିପୂରଣ ପାଇଁ ରେଳ ରୋକୋ କରିବାକୁ ନିଷ୍ପତ୍ତି ହୋଇଛି। ପରିଷଦର ଦାବିଗୁଡ଼ିକ ମଧରେ ରାହାମାଠାରେ ରୋଡ ଓଭର ବ୍ରିଜ, କଟକ-ପାରାଦ୍ୱୀପ ପାସେଞ୍ଜର ଓ ଅନ୍ୟାନ୍ୟ ଟ୍ରେନ ପୂର୍ବ ପରି ଚାରି ଥର ଯାତାୟାତ କରିବା, ରାଜ୍ୟ ରାଜପଥରୁ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତାକୁ ମାପ ଚୁପ କରି ଦଶ ମିଟରରୁ ଉର୍ଦ୍ଧ୍ୱ ଚଉଡା କଂକ୍ରିଟ ରାସ୍ତା ନିର୍ମାଣ, ଡ୍ରେନ ନିର୍ମାଣ, ରାସ୍ତାର ଦୁଇ ପାର୍ଶ୍ୱରେ ଆଲୋକିକରଣ, ହାଇ ଲେଭୁଲ ପ୍ଲାଟ ଫର୍ମ, ଆର. ପି.ଏଫ ଫାଣ୍ଡି ନିର୍ମାଣ, କମ୍ୟୁନିଟି ହଲ, ଏସି ଓ ନନ୍‌ଏସି ପ୍ରତୀକ୍ଷାଳୟ ଆଦି ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଅଜୟ ସାହୁ, ଦମୟନ୍ତୀ ଲେଙ୍କା, ବାସୁଦେବ ବରାଳ, ଜୋତ୍ସ୍ନାମୟୀ ପଟ୍ଟନାୟକ, ଓ ସୁନାକାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ବିନା ଲାଇସେନ୍ସରେ ଚାଲିଛି ସଂଖ୍ୟାଧିକ ଔଷଧ ଦୋକାନ

**ଝୁମ୍ପୁରୀ,୨୧।୫(ଡ଼ି.ଏନ.ଏ.):** ଦଶରଥପୁର ବ୍ଲକରେ ବିନା ଲାଇସେନ୍ସରେ ବହୁ ଔଷଧ ଦୋକାନ ଚାଲିଥିବା ନେଇ ଅଭିଯୋଗ ହେଉଛି। ବ୍ଲକର ବିଭିନ୍ନ ବଜାରରେ ଔଷଧ ଦୋକାନ ଛତୁ ଫୁଟିଲା ଭଳି ଖୋଲିଛି। ଅନଭିଜ୍ଞ କର୍ମଚାରୀମାନେ ଔଷଧ ବିକ୍ରି କରୁଛନ୍ତି। ମୁଖ୍ୟତଃ ଝୁମ୍ପୁରୀ, ଦଶରଥପୁର, ବଉଳାଙ୍ଗ, ଅହିୟାସ, ରାମବାଗ, ନନ୍ଦିପୁର, ମନ୍ଦାରଖଣ୍ଡ, ଛତ୍ରପଡା, ମଙ୍ଗଳପୁର ଆଦି ବଜାରରେ ଏପରି ବହୁ ବେଆଇନ ଭାବେ ଔଷଧ ଦୋକାନ ଚାଲିଛି। ଲାଇସେନ୍ସ ନ ଥିବା ସାଙ୍ଗକୁ ଏସବୁ ଦୋକାନରେ ବ୍ୟାପକ ମାତ୍ରାରେ ନକଲି ଔଷଧ ମାନ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଦୋକାନୀମାନେ ଡାକ୍ତରମାନଙ୍କ ଦ୍ୱାରା ରୋଗୀଙ୍କୁ ଦିଆଯାଉଥିବା ପ୍ରେସ୍କ୍ରିପଶନ ଅନୁଯାୟୀ ଔଷଧ ଦେଉନାହାନ୍ତି। ସେମାନେ ମନଇଚ୍ଛା ଅନ୍ୟ କମ୍ପାନୀ ନିମ୍ନମାନର ଔଷଧ ଦେଉଛନ୍ତି। ଫଳରେ ରୋଗୀମାନେ ରୋଗରୁ ଭଲ ହେବା ପରିବର୍ତ୍ତେ ଆହୁରି ଅଧିକ ପୀଡିତ ହେଉଥିବା ଦେଖିବାକୁ ମିଳିଛି। ଏପରି ନକଲି ଔଷଧ ଦୋକାନଗୁଡିକ ବ୍ଲକରେ ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହରଣ ପାଇଁ ସାଧାରଣରେ ଦାବି ହେଉଛି।

## ମରଣାନ୍ତକ ଆକ୍ରମଣ ଅଭିଯୋଗ

**ପାଣିକୋଇଲି,୨୧।୫(ଡି.ଏନ.ଏ.)**

ପାଣିକୋଇଲି ପଞ୍ଚାୟତ ମଣିପୁର ଗ୍ରାମରେ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ନଂ.୧୧୨/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ଗ୍ରାମର ଉପେନ୍ଦ୍ର ମଳିକଙ୍କ ଅଭିଯୋଗ ମୁତାବକ, ଗତ ୧୫ ତାରିଖରେ ତାଙ୍କ ଭଉଣୀଙ୍କ ଅଭିଯୋଗ ମୁତାବକ ଏକ ମାମଲାରେ ଗ୍ରାମବାସୀ ଥାନାକୁ ଆସିଥିଲେ। ତେବେ ପୂର୍ବରୁ ଏକ ଗାଡ଼ିଆକୁ ନେଇ କୋର୍ଟରେ ମାମଲା ଚାଲୁଥିବାରୁ ଉକ୍ତ ଗାଡ଼ିଆରୁ ମାଛ ଧରିବାକୁ ତାଙ୍କ ଗ୍ରାମର ଗୁଣନିଧି ମଳିକ କହିବାରୁ କୋର୍ଟ ନିର୍ଦ୍ଦେଶ ବିନା ମାଛ ଧରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପୋଲିସ ଶୁଣାଇଥିଲା। ଏଥିରେ ଗୁଣନିଧି ଓ ତାଙ୍କ ଦୁଇ ପୁଅ ଉତ୍କ୍ଷିପ୍ତ ହୋଇ ପଳାଇଆସିଥିଲେ। ଗତ ୧୬ ତାରିଖ ରାତି ୧ଟାବେଳେ ଉପେନ୍ଦ୍ର ତାଙ୍କ ଭାଇଙ୍କ ସହ ଘରକୁ ଫେରୁଥିବା ବେଳେ ଶୁକ ଦାସ ଘର ମନ୍ଦିର ଆଗରେ ଗୁଣନିଧି ଓ ତାଙ୍କ ୨ ପୁଅ ମିଶି ଉପେନ୍ଦ୍ରଙ୍କୁ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଉପେନ୍ଦ୍ର ଗୁରୁତର ହୋଇଥିଲେ। ମଡ଼ ମାରିବା ସହ ତାଙ୍କ ନିକଟରୁ୩,୭୦୦ ଟଙ୍କା ଛଡ଼ାଇ ନେଇଥିଲେ। ଚିକିତ୍ସିତ ହୋଇ ଫେରିବାର ପରେ ଉପେନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି।

## ବାଲି ଉଠାଣକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ


ବାଲି ଘାଟରେ ଲୋକେ ଗାଡ଼ି ଅଟକାଇଛନ୍ତି।

**ପାଣିକୋଇଲି,୨୧।୫(ଡି.ଏନ.ଏ.)**

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଧନତ୍ରୀ ବାଲି ଘାଟରୁ ବାଲି ଉଠାଣକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବେଆଇନ ଭାବେ ଭାରିଯାନ ଚଳାଚଳ ଯୋଗୁ ନଦୀ ବନ୍ଧ ନଷ୍ଟ ହେବା, ବିଦ୍ୟାଳୟ ଓ ଡାକ୍ତରଖାନାକୁ ଯିବା ଆସିବା ବାଧାପ୍ରାପ୍ତ ହେବା ସହ ଲିଜ ଏରିଆ ବାହାରୁ ବାଲି ଉଠାଣକୁ କେତେଜଣ ଗ୍ରାମବାଦସୀ ବିରୋଧ କରି ବାଲିଘାଟରେ ଭାରିଯାନ ଅଟକାଇଥିଲେ। ଏହାର କିଛି ସମୟରେ ପରେ ଗ୍ରାମର ଅନ୍ୟ କେତେଜଣ ବ୍ୟକ୍ତି ଏକ ଗୋଷ୍ଠୀ ହୋଇ ଘାଟରେ ପହଞ୍ଚି ବାଲି ଗାଡ଼ି ଚାଲିବା ସପକ୍ଷରେ ଗାଳିଗୁଲଜ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୋଲିସ ପହଞ୍ଚିବାରୁ ଗୋଟିଏ ଗୋଷ୍ଠୀ ଛତ୍ରଭଙ୍ଗ ଦେଇଥିଲେ। ପୂର୍ବରୁ ବନ୍ଧ ଉପରେ ଏକ ଭାରିଯାନ ଓଲଟି ପଡ଼ିବାରୁ ବରପଦା ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଭାରିଯାନ ଚଳାଚଳକୁ ତହସିଲ ପକ୍ଷରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ପୁନର୍ବାର ଭାରିଯାନ ଚଳାଚଳ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ତହସିଲଦାର ବାଲିଘାଟରେ ଭାରିଯାନକୁ ନିଷେଧ କରିଥିଲେ। କିନ୍ତୁ ଲିଜଧାରୀ ବାଲିଘାଟରୁ ଦିନରାତି ବନ୍ଧଉପର ଦେଇ ଭାରିଯାନ ଚଳାଉଥିଲେ। ଏହାଦ୍ୱାରା ବନ୍ଧ ନଷ୍ଟ ହେବା ସହ ବର୍ଷା ଦିନେ ନଦୀ ବନ୍ଧ ଭାଙ୍ଗିବାର ସମ୍ଭାବନା ସୃଷ୍ଟି ହୋଇଛି। ପୋଲିସ ରାଜସ୍ୱ ବିଭାଗ ସହ ଆଲୋଚନା କରି ଭାରିଯାନ ବନ୍ଦ ହେବାର ପ୍ରତିଶ୍ରୁତି ଦେବା ପରେ ଲୋଡିଂ ହୋଇଥିବା ଭାରିଯାନଗୁଡିକୁ ଗ୍ରାମବାସୀ ଛାଡ଼ିଥିଲେ। ଏହାର ପୁନଃରାବୃତି ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ନିଳାମଧାରୀଙ୍କ ହାତମୁଠାରେ ଆଇନ

**ଅଭିଯୋଗ ପରେ ଅହରହ ଚାଲିଛି ମେଶିନରେ ବାଲି ଉଠାଣ**

**କଳିଙ୍ଗନଗର,୨୧।୫(ଡି.ଏନ.ଏ.)**

ଯାଜପୁର ଜିଲା ଦାନଗଦୀ ତହସିଲ ଅଧୀନରେ ଥିବା ଚକୁଆ ବାଲିଘାଟ ନିଳାମଧାରୀ ନିୟମକାନୁନକୁ ଫୁ କରି ବାଲି ଉତ୍ତୋଳନ କରି ଚାଲିଛନ୍ତି। ବାଲି ଉତ୍ତୋଳନ ପାଇଁ ମାନୁଆଲ ଅନୁମତି ମିଳିଥିବାବେଳେ ମେଶିନ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ ଦାନଗଦୀ ତହସିଲଦାରଙ୍କୁ ଅଭିଯୋଗ ହୋଇଛି। ହେଲେ ତହସିଲଦାର କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନୀରବ ସାଜିଛନ୍ତି। ଏ ନେଇ ସରକାରଙ୍କର ରାଜସ୍ୱହାନି ହେଉଛି। ଏଠାରୁ ଦୈନିକ ଶହ ଶହ ଗାଡିରେ ବାଲି ଚାଲାଣ କରାଯାଉଛି। ଏପରି କି ଗୋଟିଏ ପାସରେ ବେଆଇନ ଭାବେ ଏକାଧିକ ଥର ବାଲି ଚାଲାଣ ହେଉଛି। ନିଳାମଧାରୀ ପ୍ରଶାସନର ବାହୁ ଛାୟାତଳେ ରହି ନିୟମକୁ ଦଳି ମକଚି ବାଲି ଚାଲାଣ କରୁଛନ୍ତି। ବାଲି ଚାଲାଣ ବେଳେ ପାଲ ଘୋଡାଇ କି ନେବାର ନିୟମ ଥିଲେ ମଧ ଏହାକୁ ଠିକ୍ ଭାବେ ପାଳନ କରାଯାଉନାହିଁ। ପାଲ ପକା ନ ଯିବାରୁ ବାଲି ଉଡି ପଥଚାରୀଙ୍କ ଯାତାୟାତରେ ବାଧା ଉପୁଜୁଛି। ଏଥିସହ ପରିବେଶ ପ୍ରଦୂଷିତ ହେଉଛି। ରାସ୍ତାରେ ବାଲି ଜମା ହେବା ଯୋଗୁ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ଏଥିସହ ଆବଶ୍ୟକଠାରୁ ଗାଡିରେ ଅଧିକ ବାଲି ଚାଲାଣ କରାଯାଉଛି। ଫଳରେ ରାସ୍ତାରେ ଫାଟ ସୃଷ୍ଟି ହେଉଛି। ପ୍ରଶାସନ ସବୁ ଜାଣି ମଧ ଏହି ବେଆଇନ ବାଲି ଉତ୍ତୋଳନ ବନ୍ଦ ନ କରିବାରୁ ଏହା ଦିନକୁ ଦିନ ବଢିବାରେ ଲାଗିଛି। ତେଣୁ ସରକାରଙ୍କ ୫ଟି ସଚିବ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଦାନଗଦୀ ତହସିଲଦାର ନମ୍ରତା ମୋଦିଙ୍କ ସହ ଯୋଗାଯୋଗ ପାଇଁ ତାଙ୍କ ମୋବାଇଲକୁ ଫୋନ କରାଯାଇ ଥିଲେ ହେଁ ସେ ଉଠାଇ ନ ଥିଲେ।

## ଖଣିରେ ମହିଳାଙ୍କୁ ନିଯୁକ୍ତି ଦେବ ଟାଟା ଷ୍ଟିଲ୍

**କାଳିଆପାଣି,୨୧।୫(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ଟାଟା ଷ୍ଟିଲ୍ ମାଇନିଂ କମ୍ପାନୀ ସ୍ଥାନୀୟ ଅଞ୍ଚଳର ମହିଳାଙ୍କୁ ଖଣିରେ ନିଯୁକ୍ତି ଦେବ ବୋଲି ଏକ ଟିମ୍ ଚୟନ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଟାଟା ଷ୍ଟିଲ୍ ମାଇନିଂ କମ୍ପାନୀ ପ୍ରକାଶନି-ପ୍ରଗତି-କି-ରୋଶନୀ ନାମରେ ଏକ ନୂଆ ଯୋଜନା କରି ଖଣି ଅଞ୍ଚଳର ମହିଳାଙ୍କୁ ଖଣିରେ ବଡ଼ ଗାଡ଼ି ଅପରେଟର ଭାବେ ନିଯୁକ୍ତି ଦେବ। ଏନେଇ ଖଣି ଅଞ୍ଚଳର ମହିଳାଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ୬୧ ମହିଳା ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୬ଜଣଙ୍କୁ ସର୍ଟଲିଷ୍ଟ କରାଯାଇଥିଲା। ବୟସ, ଉଚ୍ଚତା ଓ ଶାରୀରିକ ସକ୍ଷମ ଥିବା ମହିଳାଙ୍କ ମଧ୍ୟରୁ ୧୧ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ସମ୍ପୃକ୍ତ ୧୧ ଜଣଙ୍କୁ ଏକ ବର୍ଷ ପାଇଁ ତାଲିମ ଦେବାକୁ କମ୍ପାନୀ ପକ୍ଷରୁ ଲିଲେନ ମୋଟର କମ୍ପାନୀ କାର୍ଯ୍ୟାଳୟ ବାଙ୍ଗାଲୋରକୁ ପଠାଯିବ। ଟାଟାଷ୍ଟିଲ ସୁକିନ୍ଦା ଖଣି ସମୂହର ୨ୟ ବାର୍ଷିକ ଉତ୍ସବରେ ଅଧକ୍ଷ ଡ. ବି. ସୁନ୍ଦର ରମଣ, ନିର୍ଦ୍ଦେଶକ ଚାଣକ୍ୟ ଚୌଧରୀ, ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଯୋଗଦେଇ ପ୍ରକାଶନି-ପ୍ରଗତି-କି-ରୋଶନି ଉଦ୍‌ଘାଟନ କରି ଯୋଗ୍ୟ ବିବେଚିତ ମହିଳାଙ୍କୁ ସ୍ୱାଗତ କରିଥିଲେ।

## ରାଜୀବ ଗାନ୍ଧୀଙ୍କ ଅବଦାନ ଅମୂଲ୍ୟ



ସଭାରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

**ଯାଜପୁର ଟାଉନ,୨୧।୫(ଡି.ଏନ.ଏ.)**

ରାଜୀବ ଗାନ୍ଧିଙ୍କ ତିରୋଧାନ ଦିବସ ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଯାଜପୁର ଜିଲା ଦାୟିତ୍ୱରେ ଥିବା ଜିଲା କଂଗ୍ରେସ ନିର୍ବାଚନ ଅଧିକାରୀ ଦେବୁ ଚାଟାର୍ଜି ଯୋଗ ଦେଇଥିଲେ। ସଭାପତି ରାଉତ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ଅବଦାନ ଭାରତବାସୀଙ୍କ ପାଇଁ ଅମୂଲ୍ୟ ସମ୍ପଦ ହୋଇଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ମୟୂରଭଞ୍ଜ ଜିଲା କଂଗ୍ରେସ ନିର୍ବାଚନ ଅଧିକାରୀ ଅଭିଜିତ୍ ଦତ୍ତ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ୨ ନିର୍ବାଚନ ଅଧିକାରୀ ଦଳର ସାଂଗଠନିକ ଉପରେ ଉପସ୍ଥିତ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ସନ୍ତୋଷ କୁମାର ନନ୍ଦ, ନାରାୟଣ ସାମନ୍ତ, ଦିଗମ୍ବର କର, ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, କନକଲତା ମଲ୍ଲିକ, ଅମିୟ ଜେନା, ଦେବେନ୍ଦ୍ର ପଣ୍ଡା, ବିଭୂତି ମହାପାତ୍ର, ଗଦାଧର ଦାସ, ମନୋଜ ରାଜ, ମିହିର ମିଶ୍ର, କିଷାନ ପଣ୍ଡା, ସନ୍ତୋଷ ବେହେରା, ଆଲୋକ ବେହେରା, ରାଜୀବ ମହାପାତ୍ର, ନିକୁଞ୍ଜ ସାମଲ, ସଂଗ୍ରାମ ଜେନା, ଦିଲୀପ ଦାସ, ବିଳାଶ ରାଉତରାୟ, ଗଣେଶ୍ୱର ଦାସ, ବିଜୟ କୁମାର ମହାପାତ୍ର, କପିଳେଶ୍ୱର ଦଳାଇ, ଦେବଶିଷ ପରିଡା, ରବୀନ୍ଦ୍ର କୁମାର ରଣା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲା ଦଳିତ ସେଲ ସଭାପତି ଦର୍ଯ୍ୟୋଧନ ବେହେରା ଧନ୍ୟବାଦ ଦେଇଥିଲେ।

## ହିତାଧିକାରୀଙ୍କ ଜମାଖାତାକୁ ଯାଉନି ଭତ୍ତା ଟଙ୍କା

**ବିଞ୍ଝାରପୁର,୨୧।୫(ଡି.ଏନ.ଏ.)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୫୦୦ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୭୦୦ ଟଙ୍କା ଲେଖାଏ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି। ପୂର୍ବରୁ ଏହି ଟଙ୍କା ପ୍ରତିମାସ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ନଗଦ ଆକାରରେ ପାଉଥିଲେ। ହେଲେ ଏବେ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଏହି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଯାଉଛି। ତେବେ କାଗଜପତ୍ରରେ କିଛି ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଟଙ୍କା ଯାଉଛି ବୋଲି ଦର୍ଶାଯାଉଥିଲା ବେଳେ ପ୍ରକୃତରେ ତାଙ୍କର ଯାଉ ନ ଥିବା ଦେଖିବାକୁ ମିଳୁଛି। ବିଞ୍ଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତର ହିତାଧିକାରୀମାନେ ଏପରି ଅଭିଯୋଗ କରୁଛନ୍ତି। ମାସିକ ଭତ୍ତା ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ହେଲେ ଡିବିଟି ପ୍ରକ୍ରିୟା ଭତ୍ତାଧିକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ବ୍ଲକ ପ୍ରଶାସନ ବିଶେଷ ଦୃଷ୍ଟିଦେଇ ବୃଦ୍ଧାବୃଦ୍ଧଙ୍କ ସମାସ୍ୟା ସମାଧାନ କରିବାକୁ ଦାବି ହୋଇଛି।

## ଜୁଆଆଡ୍ଡାରେ ଚଢ଼ାଉ ବେଳେ ପୋଲିସକୁ ପିଟିଲେ

**ବାଲିପାଟଣା,୨୧।୫(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ କୃଷ୍ଣପୁର ମେଳଣ ପଡ଼ିଆରେ ଚାଲିଥିବା ଜୁଆଆଡ୍ଡାରେ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଚଢ଼ାଉ ବେଳେ ଆକ୍ରମଣର ଶିକାର ହୋଇଛି। ଲୋକଙ୍କ ସଂଘବଦ୍ଧ ଆକ୍ରମଣରେ ଭୟଭୀତ ହୋଇ ପୋଲିସ କର୍ମଚାରୀ ଗାଡ଼ି ଛାଡି ପଳାଇଥିଲେ। ଖବର ପାଇ ବାଲିପାଟଣା ପୋଲିସ ପହଞ୍ଚି ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଗାଡ଼ିଗୁଡ଼ିକୁ ଉଦ୍ଧାର କରିଛି। ଏହି ଘଟଣାରେ ଶନିବାର ପୋଲିସ କୃଷ୍ଣପୁର ଗାଁରେ ଚଢ଼ାଉ କରି ୨୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାଥାଉ କି, ଶୁକ୍ରବାର କୃଷ୍ଣପୁର ଗାଁ ମେଳଣ ପଡିଆରେ ଦ୍ୱିତୀୟ ରାତି ଯାତ୍ରା ହେଉଥିଲା। ସେଠାରେ ଜୁଆଖେଳ ହେଉଥିବା ସୂଚନା ପାଇ ରାତି ପ୍ରାୟ ୨ଟା ୩୦ରେ ସାଦା ପୋଷାକରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପହଞ୍ଚିଥିଲା। ଏହାପରେ ଜୁଆଖେଳ ପାଖରେ ଏକାଠି ହୋଇଥିବା ଲୋକଙ୍କୁ ଲାଠିରେ ପିଟିଥିଲା। କେତେଜଣ ଜୁଆ ଖେଳାଳିଙ୍କୁ ଧରି ଗାଡ଼ିରେ ବସାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ଉତ୍‌କ୍ଷିପ୍ତ ହୋଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପରେ ପୋଲିସ କର୍ମଚାରୀ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରାଇଥିଲେ। ମାତ୍ର ଲୋକେ ଖାତିର ନ କରି ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଫଳରେ ପୋଲିସ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ପଳାଇ ଆସିଥିଲା। ଆକ୍ରମଣରେ ୬ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଶନିବାର କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପଲ, ଜୋନ୍-୪ ଏସିପି ପରେଶ କୁମାର ରାଉତ ଏବଂ ବାଲିଅନ୍ତା, ଧଉଳି, ପାହାଳ, ଏୟାରଫିଲ୍ଡ, ଲକ୍ଷ୍ମୀସାଗର ଆଦି ଥାନାର ଆଇଆଇସି ୨ ପ୍ଲାଟୁନ ଫୋର୍ସ ସହ ବାଲିପାଟଣା ଥାନା ସହାୟତାରେ କୃଷ୍ଣପୁର ଗ୍ରାମରେ ଚଢ଼ାଉ କରି ୨୪ ଜଣଙ୍କୁ ଉଠାଇ ନେଇଥିଲେ। ପରେ ପୋଲିସ ଏକ ମାମଲା (ନଂ.୧୩୧/୨୨) ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିବା ସହ ଅଧିକ ତଦନ୍ତ ଚଳାଇଛି।


ଗ୍ରାମରେ ପୋଲିସ ମୁତୟନ କରାଯାଇଛି।

## ବିନା ଟେଣ୍ଡରରେ ଚାଲିଛି ସରକାରୀ କାମ

**ପୂର୍ତ୍ତ ବିଭାଗର ମନମୁଖି କାର୍ଯ୍ୟ**

**ନାଉଗାଁ,୨୧।୫(ସ୍ୱ.ପ୍ର)**

ନାଉଗାଁ ବ୍ଲକରେ ଜଗତସିଂହପୁର ପୂର୍ତ୍ତ ବିଭାଗ ତରଫରୁ ବିଭିନ୍ନ ରାସ୍ତା ମରାମତି, ଗାଡ଼ୱାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏସବୁ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କିଛି କାର୍ଯ୍ୟ ପାଇଁ ଟେଣ୍ଡର ପରେ ଚୁକ୍ତିନାମା ହୋଇ ନଥିବା ବେଳେ କିଛି କାମ ପାଇଁ ଟେଣ୍ଡର ହୋଇ ନ ଥିବା ଚର୍ଚ୍ଚା ହେଉଛି। ବ୍ଲକର କୋକିଡ଼ିହ-ତେଲସରା ରାସ୍ତା ମରାମତି ଓ ଗୋବରୀ ନାଳ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରିବା ପାଇଁ ଟେଣ୍ଡର ହୋଇଛି। ମାତ୍ର ଏନେଇ କୌଣସି ଚୁକ୍ତିନାମା ହୋଇ ନ ଥିବା ବେଳେ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ କାମ ଆରମ୍ଭ ହୋଇଯାଇଛି। ସେହିପରି ଜାମୁଗାଁ ପଞ୍ଚାୟତର କଣିପଡାସ୍ଥିତ ସରକାରୀ ପଲିଟେକନିକ କଲେଜର ମରାମତି ଓ ରଙ୍ଗ କାଯ୍ୟ ଚାଲୁ ରହିଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ କାର୍ଯ୍ୟ ପାଇଁ ଟେଣ୍ଡର ହୋଇନାହିଁ। ସେହିପରି ଅଲଣାହାଟ-କୁଣ୍ଡେଶ୍ୱର ରାସ୍ତା, ନାଉଗାଁ-ଅରଖକୁଦ ରାସ୍ତା, ଶିଖର-ବାଲିଭଉଁରୀ ରାସ୍ତା ମରାମତି ଚାଲିଥିବାବେଳେ ଓ ଦେବୀ ନଦୀ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଛି। ମାତ୍ର ଏସବୁ କାମ ପାଇଁ ଟେଣ୍ଡର ହୋଇନାହିଁ। କେବେଳ ସେତିକି ନୁହେଁ ଅନେକ ସ୍ଥାନରେ ନିମ୍ନମାନର କାମ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ତେଣୁ ପୂର୍ତ୍ତ ବିଭାଗ ତରଫରୁ କରାଯାଉଥିବା ମରାମତି ଓ ନିର୍ମାଣ କାର୍ଯ୍ୟ ପୂର୍ବରୁ ସୂଚନାଫଳକ ଲଗାଇବା ସହ ଯନ୍ତ୍ରୀଙ୍କ ଉପସ୍ଥିତିରେ କାଯ୍ୟ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚରାଯାଇଥିବାବେଳେ କୌଣସି ଠିକ୍ ଉତ୍ତର ଦେଇ ନ ଥିବାବେଳେ ଜଗତ୍‌ସିଂହପୁର କାର୍ଯ୍ୟାଳୟକୁ ଆସିଲେ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି।


ଶିଖର-ବାଲିଭଉଁରୀ ରାସ୍ତା ମରାମତି କରାଯାଉଛି।

## ସଂକ୍ଷେପରେ

### ମହିଳାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ବଡ଼ ଯାଆଙ୍କୁ ମରଣାନ୍ତକ ଆକ୍ରମଣ ମାମଲା**

- ୧୫ ହଜାର ଟଙ୍କା ଜରିମାନା

**ଓଡ଼ଗାଁ,୨୧।୫(ସ୍ୱ.ପ୍ର.):** ବଡ଼ ଯାଆଙ୍କୁ ଗାଧୁଆ ତୁଠରେ ମରଣାନ୍ତକ ଆକ୍ରମଣ କରିଥିବା ଜଣେ ମହିଳାଙ୍କୁ ଓଡ଼ଗାଁ ସହକାରୀ ଦୌରାଜଜ୍ ଶିବାଶିଷ ଗିରି ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲର ବିବରଣୀ ଅନୁଯାୟୀ, ଆଦର୍ଶ ଥାନା ଅଧୀନ କଇଥପଲ୍ଲୀ ଗ୍ରାମର ଟିକିନା ବେହେରାଙ୍କ ସ୍ତ୍ରୀ ରୁବି (୩୩) ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୯ ଜୁନ୍ ୫ ତାରିଖ ସକାଳ ୮ଟାରେ ନିଜ ଗାଁର ନୂଆ ପୋଖରୀ ତୁଠରେ ନିଜ ବଡ଼ ଯାଆ ଲକ୍ଷ୍ମୀ ବେହେରା(୩୫)ଙ୍କୁ ଗାଳିଗୁଲଜ କରିବା ସହିତ ଚୁଟି ଘୋଷଡ଼ି ପାହାଚରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଏଥିରେ ଲକ୍ଷ୍ମୀ ଗୁରୁତର ହୋଇଥିଲେ । ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏନେଇ ପୀଡ଼ିତାଙ୍କ ସ୍ୱାମୀ ଦୃତିକୃଷ୍ଣ ସେହି ମାସ ୮ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୯୪/୨୦୧୯) ରୁଜୁ କରି ଅଭିଯୁକ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ । ଶୁକ୍ରବାର ଏହି ମାମଲାର ବିଚାର କରି ସହକାରୀ ଦୌରାଜଜ୍ ରୁବିଙ୍କୁ ୩୨୫ ଦଫାରେ ୪ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ୪ ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଏବଂ ୩୦୭ ଦଫାରେ ୬ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ୬ ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଅର୍ଥାତ୍ ସମୁଦାୟ ୧୦ ବର୍ଷ କାରାଦଣ୍ଡାଦେଶ ସହିତ ୧୫ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅତିରିକ୍ତ ୧୦ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଦଣ୍ଡାଦେଶ ଶୁଣାଇବା ପରେ ଅଭିଯୁକ୍ତା ରୁବିଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ମାମଲାକୁ ପରିଚାଳନା କରୁଥିବା ସହକାରୀ ସରକାରୀ ଓକିଲ ସୁରେନ୍ଦ୍ର କୁମାର ସେନାପତି ଓ ଯଜ୍ଞ ନାରାୟଣ ପାତ୍ର ସୂଚନା ଦେଇଛନ୍ତି ।

### ଆଜି ବନମାଳୀପୁର ମହୋତ୍ସବ

**ଖଣ୍ଡପଡ଼ା,୨୧।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତସ୍ଥିତ ବନମାଳୀପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପାଖ ପଡ଼ିଆରେ ରବିବାର ଏକ ଦିବସୀୟ ବନମାଳୀପୁର ମହୋତ୍ସବ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ସ୍ଥାନୀୟ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବର ଆୟୋଜନ କରାଯାଇଛି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

# ୧୪ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ସ୍ତ୍ରୀରୋଗ ବିଶେଷଜ୍ଞ

- ସ୍ୱାସ୍ଥ୍ୟସେବା ନ ପାଇଁ ଫେରୁଛନ୍ତି ରୋଗୀ
- ମାଗଣା ସେବା ବଦଳରେ ରେଫର
- ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦିଗହରା

**ନୟାଗଡ଼ ଅଫିସ,୨୧।୫**

ସରକାର ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ପାଇଁ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ହେଲେ କେତେଜଣ ଡାକ୍ତର ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନାହାନ୍ତି । ଅଧିକାଂଶ ଗର୍ଭବତୀ ହଇରାଣ ହେଉଛନ୍ତି । ସେମାନଙ୍କ ମଧ୍ୟରେ କେତେଜଣଙ୍କ ମୃତ୍ୟୁ ଘଟୁଛି। ବିନା ଲାଞ୍ଚରେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ମିଳୁନି ବୋଲି ଅଭିଯୋଗ ହେଉଛି । ଟଙ୍କା ଦେଲେ ମାଗଣା ସ୍ୱାସ୍ଥ୍ୟସେବା ମିଳୁଛି। ନ ହେଲେ ସାଧାରଣ ରୋଗୀମାନଙ୍କ ବି ରେଫର କରାଯାଉଛି ବୋଲି ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ,ନୟାଗଡ଼ ଜିଲାରେ ୧୨ ଗୋଷ୍ଠୀ ଉନ୍ନତ ସ୍ୱାସ୍ଥ୍ୟକେନ୍ଦ୍ର, ୧ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଚାନ୍ଦପୁର ସାଧାରଣ ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଳୟ ସମେତ ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଛି । ୧୨ ଗୋଷ୍ଠୀ ଉନ୍ନତ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦଶପଲ୍ଲା, ଶରଣକୁଳରେ ଜଣେ ଲେଖାଏଁ ୨ଜଣ ଓ ଚାନ୍ଦପୁର ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣ ଏପରି ମୋଟ୍ ୭ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ଅଛନ୍ତି । ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସଂଖ୍ୟାକୁ ହିସାବକୁ ନେଲେ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଗର୍ଭବତୀ ମହିଳା ଚିକିତ୍ସା ହେବା ନିରାପଦ ନୁହେଁ। ଏଣୁ ଅଧିକାଂଶ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। ଏଠାରେ ୩ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ଥିଲେ ହେଁ ରୋଗୀ ସେବା ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି । ଅପରପକ୍ଷେ ଗର୍ଭବତୀ ମହିଳା ଉପଯୁକ୍ତ ଚିକିତ୍ସା ନ ପାଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଫେରୁଥିବା, ଅଥବା ରେଫର ହେଉଥିବା ପଛର କାରଣ କ'ଣ ଖୋଜାଯାଉ ନାହିଁ। ଏହାର କାରଣ ଠିକ୍ ଭାବେ ସମୀକ୍ଷା କରାଯାଉ ନ ଥିବାରୁ ଗର୍ଭବତୀଙ୍କୁ ଗୁରୁତର ଦର୍ଶାଇ ରେଫର କରାଯାଉଛି। ରେଫର ହେଉଥିବା ଗର୍ଭବତୀଙ୍କ ମଧ୍ୟରୁ କେତେଜଣ ନୟାଗଡ଼ ଜିଲା ସଦର ମହକୁମାର ବେସରକାରୀ କ୍ଲିନିକରେ ରହୁଛନ୍ତି । ଆଉ କେତେଜଣ ଭୁବନେଶ୍ୱର, କଟକ ଯାଇ ସରକାରୀ ଓ ବେସରକାରୀ ଭାବେ ଚିକିତ୍ସିତ ହେଉଛନ୍ତି। ରେଫର ହେବାକୁ ମନ ନ ଥିଲେ ମଧ ଧାର କରଜ କରି ଚିକିତ୍ସିତ ହେଉଛନ୍ତି । ଏନେଇ ନୂଆଗାଁର ମହେନ୍ଦ୍ର ସ୍ୱାଇଁ, ରଣପୁରର ସୀତା ନାୟକ, ନୟାଗଡ଼ର ଉର୍ମିଳା ବାରିକ କୁହନ୍ତି, ଡାକ୍ତରଖାନା କର୍ତ୍ତୃପକ୍ଷ ଗର୍ଭବତୀ ମହିଳାଙ୍କ ବେଦନା ବୁଝିବା ଦରକାର। ବହୁ ଆଶା ଭରସା କରି ରୋଗୀ ଡାକ୍ତରଖାନାକୁ ଆସିଥାଏ। ହେଲେ ଅଧିକାଂଶ ଡାକ୍ତରଖାନାରେ ଅବ୍ୟବସ୍ଥା ଲାଗି ରହିଛି । ହାତଗୁଞ୍ଜା ନ ମିଳିବାରୁ ରୋଗୀଙ୍କୁ ଅଣଦେଖା କରି ରେଫର କରାଯାଉଛି । ଏହା ଠିକ୍ ନୁହେଁ । ଏଭଳି ଘଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲି ଆସିଛି । ହେଲେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଉଛି । ଗର୍ଭବତୀଙ୍କ ସମସ୍ୟାକୁ ହାଲକା ଭାବେ ନ ନେଇ ଗୁରୁତର ଭାବେ ନେଲେ ଅବ୍ୟବସ୍ଥାକୁ ରୋକି ହେବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ସିଡିଏମ୍ଓ ମକରନ୍ଦ ବେଉରା କୁହନ୍ତି, ଜନନୀ ଓ ଶିଶୁ ସୁରକ୍ଷା ଯୋଜନାରେ ୫୭୬୯ ମହିଳା ଓ ସୁରକ୍ଷିତ ମାତୃତ୍ୱ ଯୋଜନାରେ ୧୯୫୮ ଜଣ ଗର୍ଭବତୀ ମହିଳା ୨୦୨୧-୨୨ ଆର୍ଥିକ ବର୍ଷରେ ଉପକୃତ ହୋଇଛନ୍ତି। ଡାକ୍ତର ସମସ୍ୟା ଉପରେ ସରକାର ପଦକ୍ଷେପ ନେବେ । ଯେତିକି ସ୍ତ୍ରୀ ରୋଗ ବିଶେଷଜ୍ଞ ଅଛନ୍ତି ସେମାନଙ୍କୁ ନେଇ କିପରି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ କାମ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

### ଟ୍ରକ୍ ଧକ୍କାରେ ୩ବର୍ଷର ଶିଶୁ ମୃତ

- ମା'ଙ୍କ ସହ ବଜାରକୁ ଆସିଥିଲେ
- ରାସ୍ତା ପାର ହେବାକୁ ଉଦ୍ୟମ କରୁଥିବାବେଳେ ଦୁର୍ଘଟଣା

**ନୟାଗଡ଼ ଅଫିସ,୨୧।୫**

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୂଳ ଲଡୁବାବା ମନ୍ଦିର ନିକଟସ୍ଥ ଉଠାଣି ନିକଟ ଶରଣକୂଳ ବଜାରରେ ଟ୍ରକ ଧକ୍କାରେ ଜଣେ ୩ ବର୍ଷର ଶିଶୁଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି । ମୃତକ ହେଲେ ସୁଜିତ୍ ସାହୁଙ୍କ ପୁଅ ସ୍ୱୟଂଜିତ୍ । ଘର ଶରଣକୂଳ ଥାନା ଅଧୀନ ଆଙ୍ଗିସିଙ୍ଗି ଗାଁରେ । ଏହି ଖବର ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶରଣକୂଳ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ପୋଲିସ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିବା ସହ ଦୁର୍ଘଟଣାଗ୍ରସ୍ତ ଚାଉଳ ବୋଝେଇ ଟ୍ରକକୁ ନିଜ ହେପାଜତକୁ ନେଇଛି । ସୂଚନା ଅନୁଯାୟୀ, ଧୁଷୁମା ଗାଁର ସୁଜିତ୍ ସାହୁଙ୍କ ସ୍ତ୍ରୀ ଜ୍ୟୋତିମୟୀ ପୁଅ ସ୍ୱୟଂଜିତ୍କୁ ଧରି ଶରଣକୂଳ ବଜାରରେ ସଉଦା କିଣିଥିଲେ। ଏହି ସମୟରେ ଶିଶୁଟି ରାସ୍ତା ଅତିକ୍ରମ କରିବାକୁ ଉଦ୍ୟମ କରୁଥିବାବେଳେ ନୟାଗଡ଼ରୁ ଆସୁଥିବା ଏକ ଚାଉଳ ବୋଝେଇ ଟ୍ରକ(ନଂ.ଏପି୦୫ ଟିଏକ୍ସ ୫୨୪୩) ସ୍ୱୟଂଜିତ୍କୁ ଧକ୍କା ଦେଇଥିଲା । ପିଲାଟି ରାସ୍ତା ଉପରେ ଛିଟିକି ପଡିବା ପରେ ଟ୍ରକ ମାଡି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଶରଣକୂଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସୂର୍ପଣଖାର ନାଶା, କର୍ଣ୍ଣ ଛେଦନ: ସୀତାଚୋରି



ରାମଲୀଳାରେ ସୀତା ଚୋରିର ଦୃଶ୍ୟ ।

**କଣ୍ଟିଲୋ ରାମଲୀଳାର ୪ର୍ଥ ସନ୍ଧ୍ୟା**

**ଖଣ୍ଡପଡ଼ା,୨୧।୫ (ସ୍ୱ.ପ୍ର.)**

କଣ୍ଟିଲୋ କଂସାରୀ ସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ଶୁକ୍ରବାର ଥିଲା ୪ର୍ଥ ମଞ୍ଚସ୍ଥ ନାଟକ ସୂର୍ପଣଖାର ନାଶା କର୍ଣ୍ଣ ଛେଦନ ଓ ସୀତାଚୋରୀ । ମନ୍ଥରା ଦାସୀର କୁମନ୍ତ୍ରଣାରେ ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ । ବନବାସ ସମୟରେ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ପତ୍ର କୁଡିଆରେ ରହିଥିବା ବେଳେ ରାବଣର ଭଉଣୀ ସୂର୍ପଣଖା ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ରୁପରେ ମୋହିତ ହୋଇ ସେମାନଙ୍କୁ ବିବାହ କରିବାକୁ ଅଡି ବସି ସୀତାଙ୍କୁ ଆକ୍ରମଣ କରିବାର ପ୍ରୟାସ କରିଥିଲେ । ମାତ୍ର ରାମଚନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମଣ ମନ୍ଦବୁଦ୍ଧି ସୂର୍ପଣଖାର ନାଶା କର୍ଣ୍ଣ ଛେଦନ କରିଥିଲେ। ପରବର୍ତ୍ତୀ ସମୟରେ ଭଉଣୀ ସୂର୍ପଣଖାର ଦୁର୍ଦ୍ଦଶା ଜାଣିବା ପରେ ପର୍ଣ୍ଣ କୁଟୀରରେ ରହୁଥିବା ସୀତାଙ୍କୁ ରାବଣ ହରଣ କରିବାର ଯୋଜନା ପ୍ରସ୍ତୁତ କରିଥିଲେ । ରାବଣଙ୍କ ନିର୍ଦ୍ଦେଶରେ ମାରିଚ ମାୟା ସ୍ୱର୍ଣ୍ଣମୃଗ ବେଶ ଧାରଣ କରି ପର୍ଣ୍ଣ କୁଟୀର ସମ୍ମୁଖରେ ସୀତାଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ବୁଲି ଥିଲେ । ସୀତାଙ୍କ ଅନୁରୋଧ କ୍ରମେ ସୁନା ହରିଣକୁ ଧରିବା ପାଇଁ ରାମଚନ୍ଦ୍ର ଜଙ୍ଗଲ ମଧକୁ ଚାଲିଯିବା ଓ ପରେ ମାୟା ହରିଣର ତ୍ରାହି ଲକ୍ଷ୍ମଣ ରକ୍ଷା କର ଶୁଣି ତଥା ସୀତାଙ୍କ କଟୂକଥା ସହ୍ୟ କରି ନ ପାରି ଲକ୍ଷ୍ମଣ ଭାଇଙ୍କୁ ରକ୍ଷା କରିବା ପାଇଁ ଚାଲିଯାଇଥିଲେ। ଯୋଜନାବଦ୍ଧ ଭାବେ ପର୍ଣ୍ଣ କୁଟୀର ନିକଟରେ ଲୁଚି ରହିଥିବା ରାବଣ ଜତି ବେଶ ସାଜି ସୀତାଙ୍କୁ ଭିକ୍ଷା ମାଗିବା ଚକ୍ରାନ୍ତ କରି ତାଙ୍କୁ ଚୋରି କରିନେବା ଅଭିନୟ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ମଞ୍ଚସ୍ଥ ନାଟକରେ ଶିଶୁ କଳାକାର ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ସୁରଜ, ଗୁନୁ , ଅସିତ, ମାୟା ସୀତା ଅମିତ, ଓ ଚିଣ୍ଟୁ ଅଭିନୟ କରିଥିବା ବେଳେ ରାବଣ, ଜତି ରାବଣ, ସୂର୍ପଣଖା, ମାରିଚ, ଜନକ, ଦଶରଥ, କୈକେୟୀ ଭୂମିକାରେ ଯଥାକ୍ରମେ ଅଭିମନ୍ୟୁ, ଲକ୍ଷ୍ମୀଧର ଚିନ୍ନରା, ଦିପୁ ରଞ୍ଜନ, ଚୁଲିଆ ଓ ହାପି ପ୍ରମୁଖ ଅଭିନୟ କରିଥିଲେ ।

# କାଳିଆମ୍ବା ଜଳସେଚନ ପ୍ରକଳ୍ପକୁ ଅନୁମତି ମିଳିଲା

**ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହେବ**

**ନୂଆଗାଁ, ୨୧।୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାଳିଆମ୍ବାଠାରେ କାଳିଆମ୍ବା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଭାରତ ସରକାରଙ୍କ ପର୍ଯ୍ୟାବରଣ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଅନୁମତି ମିଳିଛି । ଏ କଥା ଜଣାପଡିବା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ଏହାଦ୍ୱାରା ଶତାଧିକ ଏକର ଚାଷ ଜମି ଜଳସେଚିତ ହେବ ବୋଲି ଖବର ମିଳିଛି।

କାପ୍ତାପଲୀ ପଞ୍ଚାୟତର କାଳିଆମ୍ବା ନିକଟରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କଲେ ଶତାଧିକ ଏକର ଚାଷ ଜମି ଜଳସେଚିତ ହୋଇପାରିବ । ଏହାକୁ ଦୃଷ୍ଟିରେ ରଖି କାଳିଆମ୍ବାଠାରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଆବଶ୍ୟକ ଥିବା ୧୩.୭୮ ହେକ୍ଟର ଜାଗା ଦେବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ବନ ବିଭାଗକୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ପ୍ରଥମେ ମାର୍ଚ୍ଚ ୧୯୯୭ରେ ଓ ଦ୍ୱିତୀୟ ଥର ଅକ୍ଟୋବର ୨୦୦୩ରେ ଅନୁରୋଧ କରି ବନ ବିଭାଗକୁ ଚିଠି ଲେଖାଯାଇଥିଲା । ଜଳସେଚନ ବିଭାଗର ଉକ୍ତ ପ୍ରସ୍ତାବକୁ ଡିସେମ୍ବର ୨୦୦୪ ରେ ହୋଇଥିବା ବୈଠକରେ ରାଜ୍ୟ ଉପଦେଷ୍ଟା ଟିମ୍ ଅନୁମୋଦନ ଦେଇଥିଲେ। ହେଲେ ଭାରତ ସରକାରଙ୍କ ତରଫରୁ ଏହି ପ୍ରକଳ୍ପକୁ ଅନୁମୋଦନ ମିଳି ନ ଥିଲା । ଫଳରେ ଅଦ୍ୟାବଧି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନ ଥିଲା। ହେଲେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଚେଷ୍ଟା ଯୋଗୁ ଉକ୍ତ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ନିଶ୍ଚିତ ହୋଇଛି । କାଳିଆମ୍ବା ଜଳସେଚନ ପ୍ରକଳ୍ପ ପାଇଁ ଆବଶ୍ୟକ ୧୩.୭୮ ହେକ୍ଟର ଜମି ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟାବରଣ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ରାଜ୍ୟ ଜଙ୍ଗଲ ଏବଂ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ନମ୍ବର ୧-୨୬/୨୦୧୭ କାମ୍ପା ତାରିଖ ୧୩ ।୫।୨୨ ମାଧ୍ୟମରେ ଅବଗତ କରିଥିବା ସୂଚନା ମିଳିଛି ।



ମହିପୁର କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ।

### ଖବରଦାତାଙ୍କୁ ହତ୍ୟା ଧମକ

**ନୟାଗଡ଼ ଅଫିସ,୨୧।୫**

ତୁମାଣି ଟିଭିର ନୟାଗଡ଼ ଜିଲା ପ୍ରତିନିଧି ନିରଞ୍ଜନ ଦାସଙ୍କୁ ହତ୍ୟା ଧମକ ଦିଆଯାଇଛି । ତାଙ୍କ ସ୍ତ୍ରୀ ତଥା ଅଙ୍ଗନୱାଡି କର୍ମୀ ସବିତା ଦାସଙ୍କୁ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରରେ ଠେଲାପେଲା କରାଯିବା ସହ ଅନୁରୂପ ଧମକ ଦିଆଯାଇଛି । ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଗୋଛାବାରି ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଘଟଣା ଶନିବାର ଘଟିଛି । କିଆଝର ଗ୍ରାମରେ ପୋଖରୀ ଖୋଳା ଜେସିବି ଦ୍ୱାରା ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ଖବର ପ୍ରକାଶନ ପରେ ନିରଞ୍ଜନଙ୍କୁ ସନ୍ଦେହ କରି ହତ୍ୟା ଧମକ ଦିଆଯାଉଛି। ଜଣେ ନାଏବ ସରପଞ୍ଚ ଏହାର ନେତୃତ୍ୱ ନେଇଛନ୍ତି । ଏ ସଂକ୍ରାନ୍ତରେ ନିରଞ୍ଜନ ଖଣ୍ଡପଡ଼ା ଥାନାରେ ଏତଲା ଦେଇଛନ୍ତି ।

# ରକ୍ତ ବର୍ଗୀକରଣ, ହିମୋଗ୍ଲୋବିନ ପରୀକ୍ଷା

**ନୟାଗଡ଼ ଅଫିସ,୨୧।୫**

ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ତରଫରୁ ସୋଲପଟା ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ହରେକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ କିଶୋର ବାଳିକା ବାଳକମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ହର ପ୍ରସାଦ ମହାପାତ୍ର, ଅଜୟ କୁମାର ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ସଚିବ ଅନାଦି ଚରଣ ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ ଓ ଉଦୟ ନାଥ ନାୟକ ଯୋଗଦାନ କରି ଛାତ୍ରୀଛାତ୍ର କିପରି ନିଜ ଶରୀରର ଯତ୍ନ ନେଇ ପାରିବେ ସେ ବିଷୟରେ ମତାମତ ରଖିଥିଲେ । ଏଥିରେ ୪୩ ଛାତ୍ରୀଛାତ୍ରଙ୍କ ରକ୍ତ ବର୍ଗୀକରଣ ଓ ହେମୋଗ୍ଲୋବିନ ପରୀକ୍ଷା ଟେକ୍ନିସିଆନ ଯଜ୍ଞଦତ୍ତ ମହାପାତ୍ର, ସ୍ନେହାଶିଷ ଦାସ ଓ ତାପସ ମାଝୀଙ୍କ ଦ୍ୱାରା କରାଯାଇଥିଲା । ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ମହାପାତ୍ର, ଶିକ୍ଷକ ସନ୍ତୋଷ କୁମାର ନନ୍ଦ ଓ ଶିକ୍ଷୟିତ୍ରୀ ପ୍ରତିମା କୁମାରୀ ମହାପାତ୍ର ପ୍ରଭୃତି ସହଯୋଗ କରିଥିଲେ ।

# ପୁଅର ମୃତ୍ୟୁ ପରେ ବୃଦ୍ଧ ମା'ବାପା ବେସାହାରା

- ସରକାରୀ ସହାୟତା ମିଳିଲା ନାହିଁ
- ବାର୍ଦ୍ଧକ୍ୟ ଭତ୍ତା ସାଜିଛି ସ୍ୱପ୍ନ

**ଖଣ୍ଡପଡ଼ା,୨୧।୫(ସ୍ୱ.ପ୍ର.)**

ପରିବାରର ଏକମାତ୍ର ରୋଜଗାରକ୍ଷମ ଭେଣ୍ଡିଆ ପୁଅର ଅକାଳ ବିୟୋଗ ପରେ ମା'ବାପା ବେସାହାରା ହୋଇଯାଇଛନ୍ତି। ଆଜି କି କାଲି ନୁହେଁ, ଗତ ୯ବର୍ଷ ହେବ ଏହି ଦମ୍ପତି ଦୁଃଖ,କଷ୍ଟରେ ଦିନ କାଟୁଛନ୍ତି । ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ଭୋଗଡା ଗ୍ରାମର ମୋହନ ସାମଲ(୬୨) ଓ ସ୍ତ୍ରୀ ସୁକାନ୍ତୀ ସାମଲ(୫୮)ଙ୍କ ଏକମାତ୍ର ପୁଅ ଥିଲେ ସଂଗ୍ରାମ(୨୮) । ପରିବାର ପ୍ରତିପୋଷଣ ପାଇଁ ସେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ । ୨୦୧୩ ଜାନୁୟାରୀ ୩୦ରେ ସଂଗ୍ରାମ ଟ୍ରେନରେ ଘରକୁ ଫେରୁଥିବା ବେଳେ କଟକଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପାଇବା ପରେ ମୋହନ ଓ ସୁକାନ୍ତୀଙ୍କ ପାଦତଳ ମାଟି ଯେମିତି ଧସି ଯାଇଥିଲା । କ'ଣ କରିବେ ସେମାନେ ଚିନ୍ତା କରି ପାରି ନ ଥିଲେ । ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁପରେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ ଏହି ଦମ୍ପତି । ଆଶା ଥିଲା ସରକାର ନିଶ୍ଚିତ ପୁଅ ମୃତ୍ୟୁ ବାବଦରେ କ୍ଷତିପୂରଣ ରାଶି ଦେବେ । ସେହି ଟଙ୍କାରେ ତାଙ୍କ ବାକି ଜୀବନ କଟିଯିବ । ବୁଢ଼ା ବୟସରେ ସେହି ଟଙ୍କା ଯାହା କିଛି ସାହାର୍ଯ୍ୟ କରିବ । ହେଲେ ସରକାରଙ୍କ ତରଫରୁ ମୃତ୍ୟୁ କାଳୀନ ସହାୟତା ରାଶି ଏହି ଦମ୍ପତିଙ୍କୁ ଆଜି ପର୍ଯ୍ୟନ୍ତ ମିଳିନାହିଁ । ମୋହନ କାମଧନ୍ଦା କରି ଦୁଇ ପଇସା ରୋଜଗାର କରୁଥିବା ବେଳେ ସୁକାନ୍ତୀ ପର ଘରେ ମୂଲ ଲାଗୁଛନ୍ତି । ଏହି ଦମ୍ପତିଙ୍କ ୨ଝିଅ ବିବାହ କରି ଅନ୍ୟତ୍ର ରହୁଛନ୍ତି । ଆପଦବିପଦରେ ପଡିଶା ଲୋକେ ବୃଦ୍ଧ ଦମ୍ପତିଙ୍କୁ ସହଯୋଗର ହାତ ବଢାଉଛନ୍ତି । ଏହି ଦମ୍ପତିଙ୍କୁ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ । ପ୍ରଶାସନ ଏହି ଦମ୍ପତିଙ୍କ ପ୍ରତି ସଦୟ ହେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।



ମୃତ ସଂଗ୍ରାମଙ୍କ ବାପା ମୋହନ ସାମଲ ଓ ମା' ସୁକାନ୍ତୀ ସାମଲ ।

# ନୀଳମାଧବ ଜୀଉଙ୍କ ନିଆରା ଚାଟେରୀ ପରମ୍ପରା

**ଖଣ୍ଡପଡ଼ା,୨୧।୫ (ସ୍ୱ.ପ୍ର.)**

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପୂଜା ନୀତି ପୁରୀ ଶ୍ରୀମନ୍ଦିର ପୂଜାନୀତି ଭଳି ବାର ମାସରେ ତେର ପର୍ବ ପାଳିତ ହୋଇଥାଏ । ଶ୍ରୀ ନୀଳମାଧବ ଜୀଉଙ୍କ ଦ୍ୱାଦଶ ଯାତ୍ରା ମହୋତ୍ସବ ମଧ୍ୟରୁ ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଚନ୍ଦନ ଯାତ୍ରା ଓ ଜ୍ୟେଷ୍ଠରେ ଅନୁଷ୍ଠିତ ହେଉଥିବା ପବିତ୍ର ଚମ୍ପକ ଦ୍ୱାଦଶୀ ପର୍ବ ପରମ୍ପରା ଅନ୍ୟତମ । ଏହି ପର୍ବରେ ଠାକୁର ଘରକୁ ଘର ବିଜେ ହୋଇ ଚାଟେରୀ ଭୋଗ ଖାଇବା ପରମ୍ପରା ଓଡିଶା ତଥା ଭାରତର ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ପୁରୀ ବଡ଼ ଠାକୁର ହୁଅନ୍ତୁ ଅବା କଟକ ଜିଲା କାନପୁର, ବଡମ୍ବା ଆଦି ସ୍ଥାନରେ ତାଙ୍କର ଇଷ୍ଟଦେବ ଚନ୍ଦନ ଯାତ୍ରାରେ ଗ୍ରାମ ପରିକ୍ରମା କରି ଚାଟେରୀ ଭୋଗ ଖାଆନ୍ତି । କିନ୍ତୁ କୌଣସି ଦୁଆରେ ବା ଘରେ ମନ୍ଦିର ପୂଜାନୀତି ସମୟରେ କର୍ପୁର, ସପ୍ତାଙ୍ଗ ଆଳତୀ ଓ ପୁଷ୍ପାଳି କରାଯିବା ପରି ନୀତି ନ ହୋଇ ପୂଜାରୀ ବା ସେବାସୀ ଖାଲି ତାଳିମାରି ପୂଜା କରିଥାଆନ୍ତି ।

କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚମ୍ପକ ଦ୍ୱାଦଶୀ ଓ ଚନ୍ଦନ ଯାତ୍ରାରେ ଗ୍ରାମପରିକ୍ରମା କରି ପ୍ରତ୍ୟେକଙ୍କ ଦୁଆରେ ଭୋଗ ଲାଗି ବିଜେ ହୁଅନ୍ତି । ବ୍ରାହ୍ମଣଙ୍କ ଦ୍ୱାରା ପ୍ରସ୍ତୁତ ମିଷ୍ଟାନ ଭୋଗ ପୂଜା ହୁଏ । ଗୃହସ୍ଥ ଓ ତାଙ୍କର ସମସ୍ତ ପରିବାର ସେଦିନ ଉପବାସ ରହି ଠାକୁରଙ୍କ ଆଗମନକୁ ଅପେକ୍ଷା କରିଥାନ୍ତି। ମନ୍ଦିର ଠାକୁରଙ୍କୁ ଯେଉଁଭଳି ନୀତିରେ ଆଳତୀ, ସପ୍ତାଙ୍ଗ ଆଳତୀ କରି ପୂଜାର୍ଚ୍ଚନା ହୁଏ ଠିକ୍ ସେହି ପଦ୍ଧତିରେ ନିଜ ଦୁଆରେ ପୂଜା ହୋଇଥାଏ । ସତେ ଯେପରି ଘରଟି ଭୋଗ ମଣ୍ଡପ ପାଲଟି ଯାଏ । ପୂଜା ଶେଷରେ ସଧବା ମହିଳାମାନେ ବିମାନରେ ଆରୁଢ ଠାକୁରଙ୍କୁ ହୁଳହୁଳି ପକାଇ ବନ୍ଦାପନା କରିଥାନ୍ତି । ପୂଜକମାନେ ଭକ୍ତ ଦୁଆରେ ବଢା ହୋଇଥିବା ଅମୁଣିଆଁ(ଭୋଗ)କୁ ପୂଜା କରିବା ନିମନ୍ତେ ଆସନ ଶୁଦ୍ଧିଠାରୁ ଅର୍ଘ୍ୟ ସଂସ୍କାର ପର୍ଯ୍ୟନ୍ତ ସମ୍ପନ୍ନ କରି ଗୋପାଳ ଅଷ୍ଟାଦଶାକ୍ଷର ମନ୍ତ୍ରରେ ଧୂପ ଦୀପ ଦେଇ ପୂଜା କରନ୍ତି । ଶେଷରେ ଅରାତ୍ରିକ କର୍ପୁର, ସପ୍ତାଳତୀ, ପୁଷ୍ପାଳୀ ଅର୍ଚ୍ଚନା କରାଯାଇଥାଏ। ଦୁଆରେ ପୂଜା ହୋଇଥିବା ଭୋଗକୁ ନିଜ ବନ୍ଧୁ, ପରିଜନଙ୍କୁ ଯିଏ ଯେତେ ଦୂରରେ ଥାଆନ୍ତି ନା କାହିଁକି ପଠାଯାଇଥାଏ। ଯଦି ବନ୍ଧୁଙ୍କ ପାଖକୁ ଏହି ଚାଟେରୀ ଭୋଗ ନ ଯାଏ, ତେବେ କିଛି ଅନିଷ୍ଟ ଘଟିଛି ଆଶଙ୍କା କରାଯାଏ । ଏପରି କିଏ ଭୋଗ ଟିକକ ପାଇଁ ବନ୍ଧୁତ୍ୱ କଟିଯାଏ । ଏହି ପରମ୍ପରା କାହିଁ କେତେ କାଳରୁ ପ୍ରଚଳିତ ହୋଇ ଆସିଛି ତାହାର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ତେବେ ଚମ୍ପକ ଦ୍ୱାଦଶୀରେ ରାଜରାଜୁଡା ଅମଳରୁ ତତ୍କାଳୀନ ରାଜାଙ୍କ ଅମଳରୁ ଶ୍ରୀ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ ସହ ସୁସଜ୍ଜିତ ମଣି ବିମାନରେ ଏଠାରୁ ୧୩ କିଲୋ ମିଟର ଦୂର ଖଣ୍ଡପଡ଼ା ରାଜବାଟୀକୁ ବିଜେ ହେଉଥିଲେ । ସ୍ଥାନୀୟ ଅଞ୍ଚଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ଫକୀର ମୋହନ ମିଶ୍ର(୮୫), ଯାହାଙ୍କ ଗତ ୫ ବର୍ଷ ହେଲା ଦେହାନ୍ତ ହୋଇ ସାରିଛି । ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବା ସମୟରେ ସେ ସୂଚନା ଦେଇଥିଲେ,ଖଣ୍ଡପଡ଼ା ଗଡଜାତ ଶାସନ କାଳରେ ରାଜା ଯଦୁନାଥ ମଙ୍ଗରାଜ ସନ ୧୬୫୦ରୁ ଏହି ପ୍ରଥା ଓ ପରମ୍ପରାକୁ ଚଳାଇ ଆସିଥିଲେ। ପ୍ରଜାମାନେ ବିଭିନ୍ନ ପାଟପଟୁଆରରେ ଠାକୁରଙ୍କୁ ସାଙ୍ଗରେ ନେଇ ରାଜବାଟୀକୁ ଯାଉଥିଲେ । ନୀଳମାଧବ ମନ୍ଦିରରେ ବଲ୍ଲଭ ଶେଷ କରି ଠାକୁରମାନେ ରାଜବାଟୀକୁ ବିଜେ ହେବା ପୂର୍ବରୁ ଖଣ୍ଡପଡ଼ା ୧୪ କୋଷରୁ ଠାକୁରମାନେ ସେଠାରେ ଅପେକ୍ଷା କରିଥାନ୍ତି । ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ସେଠାରେ ପହଁଞ୍ଚିବା ପରେ ଯଥାରୀତି ପୂଜାର୍ଚ୍ଚନା ହୋଇ ପୁନଶ୍ଚ ସନ୍ଧ୍ୟାରେ ଠାକୁରମାନେ ବିମାନରେ କଣ୍ଟିଲୋ ପ୍ରତ୍ୟାବର୍ତ୍ତନ କରି ସ୍ଥାନୀୟ କଂସାରୀସାହି ପାଟଣାସ୍ଥିତ ରାମଲୀଳା ମଣ୍ଡପରେ ଶ୍ରୀ ଜୀଉମାନେ ବିରାଜମାନ କରନ୍ତି । ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ, ରୋଷଣୀ, ଷଣ୍ଢ ଲଢେଇ, କଖାରୁଆ, ଫୁଲସଜ୍ଜା, ସଂକୀର୍ତ୍ତନ ମଣ୍ଡଳୀ ପାଟପଟୁଆରରେ ସାହି ସାହି ପରିକ୍ରମା କରି ଚାଟେରୀ ଭୋଗ ଖାଇଥାନ୍ତି । କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା ତଥା ଚାଟେରୀ ଭୋଗଖିଆ ଦୀର୍ଘ ବର୍ଷରୁ ପାରମ୍ପରିକ ରୀତିରେ ପ୍ରଚଳିତ ହୋଇ ଆସୁଛି। ଗତ ୫ ବର୍ଷ ହେବ ଏହି ପରମ୍ପରା ପରିତ୍ୟକ୍ତ ତଥା ପ୍ରଦୂଷିତ ଚନ୍ଦନ ପୋଖରୀ ଯୋଗୁ ବନ୍ଦ ରହିଥିଲା । ଚଳିତ ବର୍ଷ ପ୍ରଦୂଷିତ ପୋଖରୀ ସଫା ହୋଇ ମହାନଦୀ ପାଣି ଭର୍ତ୍ତି ହେବା ପରେ ଠାକୁରଙ୍କ ଏହି ନୀତି ଆରମ୍ଭ ହୋଇଛି।

**-ଅଜୟ କୁମାର ମହାରଣା ।**




ଚାପ ଖେଳରେ ଶ୍ରୀଜୀଉ ।



ଚାଟେରୀ ଭୋଗ ପାଇଁ ଗାଁକୁ ଆସିଥିବା ଠାକୁରଙ୍କ ବିମାନ ।

## ସଂକ୍ଷେପରେ

### ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

**ବ୍ରହ୍ମପୁର ଅଫିସ,୨୧।୫:** ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଯକ୍ଷ୍ମା ଓ ଛାତି ରୋଗ ବିଭାଗରେ ଚିକିତ୍ସାଧୀନ ଜଣେ ମହିଳାଙ୍କ ଶନିବାର ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଜ୍ଞ ଡାକ୍ତର ନଦେଖିବା ଓ ଅମ୍ଳଜାନ ଆବଶ୍ୟକ କରୁଥିଲେ ମଧ ରୋଗୀଙ୍କୁ ପ୍ରଦାନ କରାଯାଇନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗଞ୍ଜାମ ଖଣ୍ଡଦେଉଳିର ତିଳୋତ୍ତମା ଜେନା(୪୦) ଗତ ୧୮ରେ ଏମ୍‌କେସିଜିର ଯକ୍ଷ୍ମା ଓ ଛାତିରୋଗ ବିଭାଗ ୱାର୍ଡରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ସେଠାରେ ଆବଶ୍ୟକ ଚିକିତ୍ସା କରାଯାଇନଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହି ବିଭାଗର ଅଭିଜ୍ଞ ଡାକ୍ତର ତିଳୋତ୍ତମାଙ୍କୁ ଚିକିତ୍ସା କରିନଥିବା ବେଳେ ଏଯାବତ କନିଷ୍ଠ ଡାକ୍ତରଙ୍କ ଦ୍ୱାରା ହିଁ ଚିକିତ୍ସା କରାଯାଇଥିଲା। ସେହିପରି ତିଳୋତ୍ତମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ବିଷୟରେ ପରିବାର ଲୋକଙ୍କୁ ଡାକ୍ତରମାନେ ଜଣାଇଥିବା ସେମାନେ ଅଭିଯୋଗ କରିଛନ୍ତି।

### ବ୍ରହ୍ମପୁର ସିଟି କଲେଜରେ ବିଶ୍ୱ ତମାଖୁ ବର୍ଜନ ଦିବସ




**ବ୍ରହ୍ମପୁର ଅଫିସ,୨୧।୫:** ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ଏନ୍‌ଏସ୍‌ଏସ୍ ପକ୍ଷରୁ ସହର ଉପକଣ୍ଠସ୍ଥ ସିଟି ମହାବିଦ୍ୟାଳୟରେ ଶନିବାର ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ସିଟି ମହାବିଦ୍ୟାଳୟ ଅଧକ୍ଷ ଡ଼.ଅନୀତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ତଥା ନାର୍କୋଟିକ୍ସ କଣ୍ଟ୍ରୋଲ ବିଭାଗ ଅଧିକାରୀ ବାଣୀ ବନ୍ଦନା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଜିଲା ସଂଯୋଜିକା ସ୍ୱର୍ଣ୍ଣଲତା ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପରିବେଶ ଉପରେ ତମାଖୁର ପ୍ରଭାବ ସମ୍ବନ୍ଧୀୟ ଶୀର୍ଷକ ବକ୍ତୃତା, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।

### ପଞ୍ଚମ ଦିନରେ ରମ୍ଭା ଚନ୍ଦନଯାତ୍ରା

**ରମ୍ଭା,୨୧।୫:** ରମ୍ଭା ଚନ୍ଦନ ଯାତ୍ରା ଶନିବାର ସୁଦ୍ଧା ପଞ୍ଚମ ଦିନରେ ପହଞ୍ଚିଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମାଗଣା ଆହାର ବଣ୍ଟନ କରାଯାଇଛି। ଯାତ୍ରାକୁ ସୁରୁଖୁରୁରେ ଚଳାଇବା ପାଇଁ ଏକ ଶାନ୍ତିକମିଟି ଗଠନ ହେବା ସହ ସନ୍ଧ୍ୟାରେ ବିଶେଷ କରି ମହିଳାମାନଙ୍କ ଭିଡ ପରିଲକ୍ଷିତ ହୋଇଛି। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନେ ଉପଭୋଗ କରୁଥିବା ଦେଖାଦେଇଛି। ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ପାଲିଙ୍କିରେ ନିଆଯାଇ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ ଓ ପହଣ୍ଡି ବିଜେ କରାଯାଇ ସାହି ବସ୍ତିରେ ପୂଜାର୍ଚ୍ଚନା କରାଯାଉଛି। କଳାକୁଞ୍ଜମାନଙ୍କୁ ଦର୍ଶନ କରିବା ପାଇଁ ଅସ୍ଥାୟୀ ମଣ୍ଡପରେ ପ୍ରତ୍ୟେହ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

# ଅଟକ ଠିକାଦାରଙ୍କୁ ନିର୍ଯାତନା ଅଭିଯୋଗ

**ନୟାଗଡ଼ ଅଫିସ,୨୧।୫**

- ଏସ୍‌ପିଙ୍କୁ ଫେରାଦ୍ ହେଲେ ମା'ବାପା
- ନିର୍ଦ୍ଦୋଷ ପୁଅକୁ ସୁରକ୍ଷା ଦେଇ ଘରକୁ ଫେରାଅ
- ମାରପିଟ୍ ଘଟଣାର ତଦନ୍ତ କରିବାକୁ ନିବେଦନ

ଦୁର୍ଗାପ୍ରସାଦ ହତ୍ୟାକାଣ୍ଡର ହତ୍ୟାକାରୀଙ୍କୁ ସୁରକ୍ଷା ଦେବା ନେଇ ନୂଆଗାଁ ଥାନା କାଣିଗିରି ଗାଁର ଠିକାଦାର ମଧୁସୂଦନ ପ୍ରଧାନ(୨୫)ଙ୍କୁ ନୟାଗଡ଼ ଟାଉନ ଥାନା ପୋଲିସ ଅଟକ ରଖି ମାରପିଟ୍ କରି ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ନିର୍ଦ୍ଦୋଷ ପୁଅକୁ ସୁରକ୍ଷା ଦେବାକୁ ମଧୁସୂଦନଙ୍କ ମା'ବାପା ନୟାଗଡ଼ ଏସ୍‌ପିଙ୍କୁ ଭେଟି ଅନୁରୋଧ କରିଛନ୍ତି । ଅନ୍ୟପକ୍ଷେ ପୁଅକୁ ଅଟକ ରଖି ମାରପିଟ୍ କରିବା ଘଟଣାର ତଦନ୍ତ କରିବାକୁ ସେମାନେ ନିବେଦନ କରିଛନ୍ତି ।

ମା'ପଦ୍ମାବତୀ ପ୍ରଧାନ ଓ ବାପା ମୀନକେତନଙ୍କ ଅଭିଯୋଗ ଅନୁଯାୟୀ, କାଣିଗିରି ଗାଁର ମଧୁସୂଦନ କନ୍ଧମାଳ ଜିଲାର ତୁମୁଡିବନ୍ଧରେ ଠିକାଦାର ଭାବେ କାମ କରନ୍ତି । ଗତ ୧୯ ତାରିଖରେ ନୟାଗଡ଼ ଟାଉନ ଥାନାର ଏସ୍‌ଆଇ ଶିଆଳ ବାବୁ ଓ ଅନ୍ୟ ପୋଲିସ ତୁମୁଡିବନ୍ଧ ପୋଲିସ ଦ୍ୱାରା ମଧୁସୂଦନଙ୍କୁ ଆଣି ଅଟକ ରଖିଛନ୍ତି । ଦୁର୍ଗାପ୍ରସାଦ ହତ୍ୟାକାଣ୍ଡରେ ଦେଉଳପଲ୍ଲୀର ହତ୍ୟା ଅଭିଯୁକ୍ତ ମଧୁସୂଦନଙ୍କ ପାଖରେ ରହି କାମ କରୁଥିବା ଜାଣିବା ପରେ ନିର୍ଯାତନା ବଢ଼ିଛି । ହେଲେ ମଧୁସୂଦନ ନ ଜାଣି ପାରି ହତ୍ୟା ଅଭିଯକ୍ତଙ୍କୁ କାମ ଦେଇଥିଲେ। ଜଣେ ଠିକାଦାର ଅନେକ ଶ୍ରମିକଙ୍କୁ ପାଖରେ ରଖି କାମରେ ଲଗାନ୍ତି । ହେଲେ


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ମୀନକେତନ ଓ ପଦ୍ମାବତୀ ।

କିଏ କେଉଁ ଅପରାଧରେ ସଂପୃକ୍ତ ଜାଣିବା ସମ୍ଭବ ନୁହେଁ । ଯାହା ଦେଉଳପଲ୍ଲୀର ହତ୍ୟା ଅଭିଯୁକ୍ତ କ୍ଷେତ୍ରରେ ହୋଇଛି । ଏଭଳିସ୍ଥଳେ ନିର୍ଦ୍ଦୋଷ ପୁଅକୁ ପୋଲିସ ଥାନାରେ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରଖିଛି, ମାରପିଟ୍ କରି ନିର୍ଯାତନା ଦେଉଛି। ତଳେ ଶୁଆଇ ଦଳାଚକଟ କରୁଛନ୍ତି । ପୁଅ ଜଣେ କିଡ୍‌ନୀ ରୋଗୀ । ସେ ଅସୁସ୍ଥ ହେଲେ ଏଥିପାଇଁ କିଏ ଦାୟୀ ହେବେ ବୋଲି ଏହି ଦମ୍ପତି ପ୍ରଶ୍ନ କରିଛନ୍ତି । ଏଣୁ ଦରଖାସ୍ତକୁ ବିଚାର କରି ଥାନାର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ । ଜଣେ ନିର୍ଦ୍ଦୋଷକୁ କିପରି ମାଡ ମରାଯାଇ କ୍ଷତାକ୍ତ କରାଯାଇଛି ସେଥିରୁ ପ୍ରମାଣ ମିଳିବ । ସେହିପରି ଜଣେ ଡାକ୍ତର ଆମ ପୁଅକୁ ଯାଞ୍ଚ କରି ପ୍ରକୃତ ରିପୋର୍ଟ ଦିଅନ୍ତୁ କହି ଏହି ଦମ୍ପତି କାନ୍ଦି ପକାଇଛନ୍ତି । ଏସ୍‌ପିଙ୍କୁ ଫେରାଦ ହେବା ପରେ ସେ ଏ ସଂକ୍ରାନ୍ତରେ ଅନୁଧ୍ୟାନ କରିବେ କହିଛନ୍ତି ।

ଏନେଇ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ହତ୍ୟା ଅଭିଯୁକ୍ତ ବନ୍ଧୁବାନ୍ଧବ ହୋଇଥିବାରୁ ସୁରକ୍ଷା ଦିଆଯାଇଛି । ଦୁର୍ଗାପ୍ରସାଦ ହତ୍ୟା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ହତ୍ୟାକାରୀ ବିଭିନ୍ନ ସ୍ଥାନରେ ଯାଇ ଲୁଚି ଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚାପ ପଡୁଛି। ଏଣୁ ପୋଲିସ ଉଦ୍ଦେଶ୍ୟ ମୂଳକ ଭାବେ କାହାକୁ ହଇରାଣ କରୁନାହିଁ। ଯେଉଁମାନେ ହତ୍ୟା ଅଭିଯୁକ୍ତ ସେମାନଙ୍କୁ ଗିରଫ କରାଯାଉଛି । ସୁରକ୍ଷା ଦେଉଥିବା ବ୍ୟକ୍ତିଙ୍କ ଉପରେ ବି କାର୍ଯ୍ୟାନୁଷ୍ଠାନ ହେଉଛି। ହେଲେ ତଦନ୍ତ ପରେ ପୋଲିସ ପଦକ୍ଷେପ ନେଉଛି ବୋଲି କହିଥିଲେ । ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ଦୁର୍ଗାପ୍ରସାଦ ହତ୍ୟା ଘଟଣାରେ କାଣିଗିରି ଗାଁର ମଧୁସୂଦନ ପ୍ରଧାନଙ୍କୁ ପଚରାଉଚୁରା କରାଯାଉଛି। ମଧୁସୂଦନ ଜଣେ ହତ୍ୟାକାରୀଙ୍କୁ ନିଜ ପାଖରେ ରଖି ସୁରକ୍ଷା ଦେଉଥିଲେ। ଯାହାକି ପୋଲିସ ନିକଟରେ ସେ ମାନିଛନ୍ତି। ତେବେ ପୋଲିସ ମଧୁସୂଦନଙ୍କୁ ମାରପିଟ୍ ଓ ନିର୍ଯାତନା ଦେଉଥିବାର ଅଭିଯୋଗ ମା'ବାପା କରିଛନ୍ତି। ଘଟଣାର ତଦନ୍ତ କରାଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଏସ୍‌ପି କହିଥିଲେ ଗତ ମାର୍ଚ୍ଚ ୧୩ ତାରିଖ ବୁଧବାର ରାତିରେ ଦଣ୍ଡପର୍ବରେ ଶୋଭାଯାତ୍ରାକୁ ନେଇ ସୃଷ୍ଟ ବିବାଦ ଘଟଣାରେ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର ନବୀନ ପରିଡା(୨୬)ଙ୍କୁ ହତ୍ୟା କରାଯାଇଥିଲା । ଦେଉଳପଲ୍ଲୀ ଗାଁଲୋକ ନବୀନଙ୍କୁ ହତ୍ୟା କରି ଫୋପାଡିଥିବା ଅଭିଯୋଗ ରହିଛି । ସେହିପରି ସିନ୍ଧୁରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧ ଘଣ୍ଟାଏ ଧରି ଟେକାପଥର ମାଡ କରିଥିଲେ । ଭଉଣୀ ସସ୍ମିତା ଦାସ ଓ ଆହତଙ୍କ ଅଭିଯୋଗ ଅନୁସାରେ ପୋଲିସ ସିନି ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ଆରତ ପ୍ରଧାନ, ଅରୁଣ ପ୍ରଧାନ, ବିରଞ୍ଚି ପ୍ରଧାନ, ଆନନ୍ଦ ପ୍ରଧାନ, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ୯ଜଣଙ୍କ ନାମରେ ୩୦୨, ୩୦୭, ୩୩୭, ୩୩୮, ୩୨୩, ୩୨୫, ୧୪୭, ୧୪୮, ୧୪୯ ଦଫାରେ ୪୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବାରୁ ପୋଲିସ ୧୫ ଜଣଙ୍କୁ ଗିରଫ କରି ଜେଲ ପଠାଇ ସାରିଲାଣି । ପୁଣି ଏଥିରେ ଜଡିତ ହତ୍ୟାକାରୀଙ୍କୁ ପୋଲିସ ଖୁବ୍ ଶୀଘ୍ର ଗିରଫ କରିବ ବୋଲି କହିଛନ୍ତି।

## ଦାଦାବଟି ମାଗିବା ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୧।୫**

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ମନୋଜ କୁମାର ଏକ ଦାଦାବଟି ମାଗିବା ମାମଲାର ଶନିବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ପଞ୍ଚୁଦେଉଳ ସାହିର କାର୍ତ୍ତିକ ବେହେରା (୩୮)। ସୂଚନା ଅନୁଯାୟୀ, ୨୦୧୨ ଡିସେମ୍ବର ୩୦ ସନ୍ଧ୍ୟାରେ କାର୍ତ୍ତିକ ଉତ୍କଳ ସିନେମା ହଲ ଛକରେ ହାତରେ ବୋମା ଧରି ଆତଙ୍କ ଖେଳାଇଥିଲେ। ଏପରିକି ସେ ରାସ୍ତା ଉପରେ ବୋମା ଫିଙ୍ଗି ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କୁ ଭୟଭୀତ କରିଥିଲେ। ସେଠାରେ ସେ କେତେକ ବ୍ୟବସାୟୀଙ୍କୁ ମଧ ଦାଦାବଟି ମାଗୁଥିବା ଖବର ପାଇ ତତ୍କାଳୀନ ଥାନା ଏସ୍‌ଆଇ ଦୀପକ କୁମାର ଲେଙ୍କା ଘଟଣା ସ୍ଥଳରେ ପହଞ୍ଚି କାର୍ତ୍ତିକଙ୍କୁ କାବୁ କରି ଥାନାକୁ ନେଇଥିଲେ। ଦୁର୍ଦ୍ଦାନ୍ତ କାର୍ତ୍ତିକଙ୍କ ବିରୋଧରେ କେହି ଅଭିଯୋଗ କରୁନଥିବା ବେଳେ ପୋଲିସ ନିଜ ପଟୁ ଅଭିଯୋଗ କରିଥିଲା। ପୋଲିସ କାର୍ତ୍ତିକଙ୍କଠାରୁ ଏକ ଅଫୁଟା ବୋମା ଜବତ କରିଥିଲା। ମାମଲା ନମ୍ବର ୨୦୮/୧୨ ରେ ଅଭିଯୁକ୍ତ କାର୍ତ୍ତିକଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଥାନା ଏସ୍‌ଆଇ ଏସ୍. କେ. ବେହେରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ କାର୍ତ୍ତିକ ଜାମିନରେ ଛାଡ ପାଇଥିଲେ। ମାମଲାର ବିଚାର ବେଳେ କାର୍ତ୍ତିକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏସିଜେଏମ ଅଭିଯୁକ୍ତ କାର୍ତ୍ତିକଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ କୁମାର ପାତ୍ର ଓ ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୧।୫**

**ଇଟାଭାଟିରୁ ବୋମା ଜବତ ମାମଲା**

ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ମନୋଜ କୁମାର ଏକ ଇଟାଭାଟିରୁ ବୋମା ଜବତ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ପିଙ୍କୁ ଓରଫ ରାଜେଶ କୁମାର ରାଉଳଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଜରଡ଼ା ଥାନା ପୋଲିସ ୨୦୧୭ ସେପ୍ଟେମ୍ବର ୧୪ରେ ଲାଠି ଗ୍ରାମର ଚେରୁ ଗୌଡ଼, ପାଣ୍ଡୁ ଗୌଡ଼ ଏପରି ୭ ପେସାଦାର ଅପରାଧୀଙ୍କୁ କାବୁ କରିଥିଲା। ସେମାନଙ୍କ ବୟାନକୁ ଆଧାର କରି ଜରଡ଼ା ଥାନା ଅନ୍ତର୍ଗତ ସି.ଶରଧାପୁର ଗ୍ରାମର ପିଙ୍କୁ ଓରଫ ରାଜେଶ କୁମାର ରାଉଳଙ୍କୁ କାବୁ କରିଥିଲା। ପରେ ପିଙ୍କୁଙ୍କ ଏକ ଇଟା ପ୍ରସ୍ତୁତ କାରଖାନାର ବୁଦାମୂଳରୁ ୨୦ଟି ଜୀବନ୍ତ ଅଫୁଟା ବୋମା ଜବତ କରିଥିଲା। ଅପରାଧୀମାନେ ଅଞ୍ଚଳରେ ଆତଙ୍କ ଖେଳାଇବା ଏବଂ ଲୁଟପାଟ ପାଇଁ ସେଠାରେ ବୋମା ଲୁଚାଇ ରଖିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ମାମଲା ନମ୍ବର ୧୬୨/୧୭ ରେ ଜରଡ଼ା ପୋଲିସ ପିଙ୍କୁଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତମାନେ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ପିଙ୍କୁ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ପ୍ରମାଣ ଅଭାବରୁ ଅନ୍ୟ ସମସ୍ତ ୭ ଅଭିଯୁକ୍ତଙ୍କୁ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରେ କୋର୍ଟ ପିଙ୍କୁଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ପୋଲିସ ପିଙ୍କୁଙ୍କୁ ଏନବିଡବ୍ଲ୍ୟୁ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ଏହି ମାମଲାର ବିଚାର ବେଳେ ପିଙ୍କୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଏସିଜେଏମ୍ ପିଙ୍କୁଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ କୁମାର ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଗୌରୀ ଶଙ୍କର ଦାଶ, ଶିବ ପ୍ରସାଦ ମିଶ୍ର ଓ କିରଣ ମଣ୍ଡଳ ମକଦ୍ଦମା ପରିଚାଳନା କରିଥିଲେ।

# ନିର୍ଯାତନା ଦେଉଛନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ


ସିଡିଏମ୍‌ଓଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଆଶା କର୍ମୀ ।

**ନୟାଗଡ଼ ଅଫିସ,୨୧।୫**

**ସିଡିଏମ୍‌ଓଙ୍କୁ ଫେରାଦ୍ ହେଲେ ୮ ଆଶାକର୍ମୀ**

ନୟାଗଡ଼ ବ୍ଲକ ଜହ୍ନିପଦା ସବ୍‌ସେଣ୍ଟରର ମହିଳା ସ୍ୱାସ୍ଥ୍ୟକର୍ମୀ(ଏଏନଏମ୍) ସେଣ୍ଟରର ୮ଜଣ ଆଶାକର୍ମୀଙ୍କୁ ବିଭିନ୍ନ ହଇରାଣ ହରକତ କରୁଥିବା ନେଇ ଅଭିଯୋଗ ହୋଇଛି । ଆଶାକର୍ମୀମାନେ ନିର୍ଯାତନା ସମ୍ପର୍କରେ ସିଡିଏମଓଙ୍କୁ ଫେରାଦ୍ ହୋଇଛନ୍ତି । ଆଶକର୍ମୀଙ୍କ ଅଭିଯୋଗ ଅନୁସାରେ ୨୦୨୧-୨୨ର ଲେପର୍ସି ସର୍ଭେ ନୟାଗଡ଼ ବ୍ଲକରେ ଶେଷ ହୋଇଛି। ଆମ ସେଣ୍ଟରରେ ମଧ ଶେଷ ହୋଇଛି। ଲେପର୍ସି ସର୍ଭେ ରେଜିଷ୍ଟର ନ ଥିବାରୁ ଖାଲି କାଗଜରେ ରିପୋର୍ଟ କରାଯାଇଛି। ତେବେ ଲେପର୍ସି ସର୍ଭେ ରେଜିଷ୍ଟର ହଜାଇ ଆଶାକର୍ମୀଙ୍କୁ ଦୋଷ ଦିଆଯାଉଛି। ଏପରି କି ଏପ୍ରିଲ ଓ ମେ ମାସର ସର୍ଭେ ବହି ନାହିଁ ଦର୍ଶାଇ ରେଜିଷ୍ଟାରରେ ନାଲିରେ ଲେଖି ତାଗିଦ୍ କରାଯାଇଛି । ପୁଣି ମମତା କାର୍ଡରୁ ଏଏନଏମ୍ ଦିଦିଙ୍କ ଦସ୍ତଖତକୁ ଇରେଜର ଦ୍ୱାରା ଲିଭାଇ ହଇରାଣ କରାଯାଉଛି । ଏଣୁ ମା ' ଓ ଆଶାକର୍ମୀ ଜନନୀ ସୁରକ୍ଷା ସହାୟତା ରାଶି ପାଇ ପାରୁ ନାହାନ୍ତି । ଜହ୍ନିପଦା ସେଣ୍ଟରେ ପ୍ରାୟ ୧୨ ବର୍ଷ ରହି ମନମାନି କରି ଆଶାକର୍ମୀଙ୍କ ଉପରେ ନିର୍ଯାତନା ହେଉଥିବାରୁ ଏଏନଏମଙ୍କର ବଦଳି ପାଇଁ ଦାବି ହୋଇଛି । ଅନ୍ୟପକ୍ଷେ ଆଶାକର୍ମୀଙ୍କ ବିରୋଧରେ ଏଏନଏମ୍, ସିଡିଏମଓଙ୍କୁ ମଧ ଫେରାଦ୍ କରାଯାଇଥିବା ସୂଚନା ମିଳିଛି ।

## ଶିକ୍ଷୟିତ୍ରୀଙ୍କ ଚାକିରି ନିୟମିତ କରିବାକୁ ୩ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୨୧।୫**

ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ବହୁ ଯୁବକ ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ଗୋଷାଣି ନୂଆଗାଁ ପୋଲିସ ଦ୍ୱାରା ଗିରଫ ହୋଇ କାରାଗାରରେ ଥିବା ହିଲପାଟଣାର ଗଣେଷ ହୋତା ନାଁରେ ପୁଣି ଏକ ମାଲା ରୁଜୁ ହୋଇଛି। ଅଭିଯୁକ୍ତ ଗଣେଷ ଜଣେ ଶିକ୍ଷୟିତ୍ରୀଙ୍କ ଚାକିରି ନିୟମିତ କରାଇଦେବାକୁ ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୮୦/୨୨ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ମାମଲାକୁ ମିଶାଇ ଗୋଷାଣିନୂଆଗାଁ ପୋଲିସ ଗଣେଷ ନାଁରେ ମୋଟ ୪ ଠକେଇ ମାମଲା ରୁଜୁ କରିଛି। ହିଲପାଟଣାର ବିଦ୍ୟୁତ୍‌ଚନ୍ଦ୍ର ନାୟକଙ୍କ ସ୍ତ୍ରୀ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ତାଙ୍କ ଚାକିରି ନିୟମିତ ହୋଇ ନ ଥିଲା। ଏଭଳି ସ୍ଥିତିରେ ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ସଂସ୍ପର୍ଶରେ ଆସି ଚାକିରି ନିୟମିତ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗଣେଷଙ୍କ କଥାରେ ବିଶ୍ୱାସ କରି ଶିକ୍ଷୟିତ୍ରୀ ଜଣକ ୨୦୨୦ ଏପ୍ରିଲରେ ନଗଦ ୩ ଲକ୍ଷ ଟଙ୍କା ଦେଇଥିଲେ। ପରେ କରୋନା ମହାମାରୀ ଆସିଯାଇଥିଲା। ଆଉ ଗଣେଷ ବିଭିନ୍ନ ବାହାନା କରି ସମୟ ଗଡାଇ ଚାଲିଥିଲେ। କଟକଣା ହଟିବା ପରେ ମଧ ଶିକ୍ଷୟିତ୍ରୀଙ୍କ ଚାକିରି ନିୟମିତ ନ ହେବାରୁ ସେ ବାରମ୍ବାର ଅଭିଯୁକ୍ତଙ୍କୁ ପଚାରିଥିଲେ। ହେଲେ ଗଣେଷ ଏହାର ସନ୍ତୋଷଜନକ ଉତ୍ତର ନ ଦେବାରୁ ଶିକ୍ଷୟିତ୍ରୀ ଟଙ୍କା ମାଗିଥିଲେ। କିନ୍ତୁ ଟଙ୍କା ନ ମିଳିବାରୁ ଠକେଇର ଶିକାର ହୋଇଥିବା ସେ ଜାଣିବାକୁ ପାଇଥିଲେ।

## କଣ୍ଢେଇ ଯାତ୍ରା ଚଳଚ୍ଚିତ୍ରକୁ ଶ୍ରେଷ୍ଠ କ୍ରିଟିକ୍ସ ଚଏସ୍ ଆୱାର୍ଡ

**ବ୍ରହ୍ମପୁର ଅଫିସ,୨୧।୫**

ଅନ୍ତର୍ଜାତୀୟ କଳା ସଂସ୍କୃତି ଚଳଚ୍ଚିତ୍ର ମହୋତ୍ସବରେ ବ୍ରହ୍ମପୁରର କଣ୍ଢେଇ ଯାତ୍ରା ଚଳଚ୍ଚିତ୍ର ସଫଳତା ହାସଲ କରିଛି। ଏହି ଚଳଚ୍ଚିତ୍ରକୁ ଶ୍ରେଷ୍ଠ କ୍ରିଟିକ୍ସ ଚଏସ୍ ଆୱାର୍ଡ ପାଇଥିବା ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ନ୍ୟାସୀ ମହାରଣା ସୂଚନା ଦେଇଛନ୍ତି। ଶୁକ୍ରବାର ଆମେରିକାଠାରେ ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବରେ ଅନ୍‌ଲାଇନ୍ ମାଧ୍ୟମରେ ୨ ହଜାରରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ର ୧୯୫ ଦେଶରେ ପ୍ରଦର୍ଶିତ ହୋଇଥିଲା। ଏଥିରେ ବ୍ରହ୍ମପୁର ସହରର ୩୦୦ ବର୍ଷ ପୁରୁଣା କଳା ସଂସ୍କୃତିସମ୍ପନ୍ନ ଲୋକାଭିମୁଖୀ ଥିବା କଣ୍ଢେଇ ଯାତ୍ରା ବିଶେଷାଙ୍କର ଚିତ୍ରଣ ଦର୍ଶକ ଏବଂ ବିଚାରକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତେବେ ଏହି ଚଳଚ୍ଚିତ୍ର ନିର୍ମାଣରେ ନିୟୋଜିତ ସମ୍ପୂର୍ଣ୍ଣ ଟିମ୍‌କୁ ଶନିବାର ବ୍ରହ୍ମପୁର ସମେତ ସାରା ଓଡ଼ିଶା ଓ ଦେଶବିଦେଶରୁ ଅନେକ ସିନେଜଗତ ସହିତ ଜଡିତ ବ୍ୟକ୍ତିତ୍ୱ ଅନେକ ଶୁଭେଚ୍ଛା ଜଣାଇଛନ୍ତି। ଏହି ଚଳଚ୍ଚିତ୍ର ନିର୍ମାଣ ପାଇଁ ତ୍ରିପତି ନାୟକ ମାର୍ଗଦର୍ଶନ ଦେଇଥିଲେ। ଏଥିସହ ଚିତ୍ରୋତ୍ତୋଳନରେ ଟୁଟୁ ପ୍ରଧାନ, ପୋଷ୍ଟର ଡିଜାଇନରେ ଟିଙ୍କିରି ବେହେରା, ସମ୍ପାଦନା ରିପନ ଓ ଜ୍ୟୋତିର୍ମୟୀ ପାତ୍ରଙ୍କ ପ୍ରଚ୍ଛଦ କଣ୍ଠ ସଂଯୋଜନା ଭିନ୍ନତା ପାଇଁ ସ୍ୱତନ୍ତ୍ର ବିଚାରକ ପସନ୍ଦ ବିଭାଗରେ ଶ୍ରେଷ୍ଠ ପ୍ରତିପାଦିତ ହୋଇପାରିଛି।

## ୨୪ ନଂ. ୱାର୍ଡ ସମସ୍ୟା, କାର୍ଯ୍ୟ ଦେଖିଲେ ମେୟର

**ବ୍ରହ୍ମପୁର ଅଫିସ,୨୧।୫**



ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୨୪ ନଂ ୱାର୍ଡକୁ ଶନିବାର ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯାଇ ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ମେୟର ଉକ୍ତ ୱାର୍ଡ ଅନ୍ତର୍ଗତ ବାୟାନଗରଠାରେ ବିଏମ୍‌ସି ପକ୍ଷରୁ ସଫେଇ କରାଯାଇଥିବା ଜାଗା ପରିଦର୍ଶନ କରିବା ସହ ଏଠାରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବୈକୁଣ୍ଠନଗର ଓ ଓଆରଟି କଲୋନୀଠାରେ ଥିବା ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ସଂଖ୍ୟା କମ ଥିବା ନେଇ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ଉନ୍ନତୀକରଣ ଓ ବିଭିନ୍ନ ସହାୟତା ସମ୍ପର୍କରେ ବୁଝିଥିଲେ। ଏହା ସହିତ ୱାର୍ଡରେ ଥିବା ଶିଶୁ ଉଦ୍ୟାନ ବୁଲି ଦେଖିବା ସହ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଗସ୍ତ ସମୟରେ ୨୪ ନଂ. ୱାର୍ଡ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ କାହ୍ନୁ ପାତ୍ର ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଆଇଟିଆଇର ପ୍ରି-ପ୍ଲେସ୍‌ମେଣ୍ଟ ତାଲିମ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୧।୫**

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଶନିବାର ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ନିମନ୍ତେ ପ୍ରି-ପ୍ଲେସମେଣ୍ଟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ୧୫ରୁ ଅଧିକ କମ୍ପାନୀ ଭର୍ଚୁଆଲରେ ଯୋଗଦେଇ କମ୍ପାନୀ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁଯୋଗ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ରୂପେ ଦକ୍ଷତା ବିକାଶ ବିଭାଗୀୟ ସଚିବ ହେମନ୍ତ ଶର୍ମା ଅନଲାଇନ ମାଧ୍ୟମରେ ଯୋଗଦେଇ ବିଭିନ୍ନ କମ୍ପାନୀଗୁଡିକୁ ସରକାରଙ୍କର ଯେଉଁ ସବୁ ସୁବିଧା ରହିଛି ସେ ସମ୍ବନ୍ଧରେ କହିଥିଲେ। ବ୍ରହ୍ମପୁର ଆଇଟିଆଇ ଏକ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଭାରତବର୍ଷର ବହୁ କମ୍ପାନୀ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବା ପାଇଁ ଆସୁଥିବା ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଶନିବାର କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ଆଇଟିଆଇ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ସମଗ୍ର ଭାରତବର୍ଷରେ ପ୍ରଥମ ଥର ବୋଲି ଅନୁଷ୍ଠାନର ଅଧ୍ୟକ୍ଷ କହିଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରୀ।

# ଅପରାଜିତାଙ୍କୁ ଦେଖାଦେଲେନି ଭାଜପା ନେତା

**ବ୍ରହ୍ମପୁର ଅଫିସ,୨୧।୫**

**ତାରାତାରିଣୀଙ୍କ ଦର୍ଶନ ପାଇଁ ଆସିଥିଲେ**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗତ ଶୁକ୍ରବାର ଗଞ୍ଜାମ ଜିଲା ଗସ୍ତ ବେଳେ ତାଙ୍କୁ ଦେଖାଦେଲେନି ଭାଜପା ନେତା। ଏହା ବିରୋଧୀ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ ସେ ଦଳୀୟ କାର୍ଯ୍ୟକ୍ରମରେ ଆସି ନ ଥିଲେ। ପୁରୁଷୋତ୍ତମପୁର ନିକଟ ତାରାତାରିଣୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ଅନ୍ତିମ ଦିବସରେ ମା'ଙ୍କୁ ଦର୍ଶନ ଏବଂ ଛତ୍ରପୁର ଠାକୁରାଣୀ ଯାତ୍ରା ଦେଖିବା ଓ ଦର୍ଶନ କାର୍ଯ୍ୟକ୍ରମ ରଖିଥିଲେ। ତେବେ ପାର୍ଟି ରାଷ୍ଟ୍ରୀୟ ପ୍ରବକ୍ତାଙ୍କୁ ନେତାମାନେ କାହିଁକି ସୌଜନ୍ୟମୂଳକ ସାକ୍ଷାତ କଲେ ନାହିଁ ଗୁଞ୍ଜରଣ ସୃଷ୍ଟି ହୋଇଛି।

ଗଞ୍ଜାମରେ ଭାଜପାର ଦୁଇ ସାଙ୍ଗଠନିକ ଜିଲା ଅଛି। ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ତାରାତାରିଣୀ ପୀଠ ଘୁମୁସର ସାଙ୍ଗଠନିକ ଜିଲାରେ ଅଛି। ପୁରୁଷୋତ୍ତମପୁର ବ୍ଲକର ସମୁଦାୟ ପଞ୍ଚାୟତ ମଧ୍ୟରୁ କେତେକ ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ବେଳେ ଆଉ କେତେକ କବିସୂର୍ଯ୍ୟନଗର ବିଧାନସଭା କ୍ଷେତ୍ରରେ ଅନ୍ତର୍ଭୁକ୍ତ। ବରିଷ୍ଠ ନେତ୍ରୀଙ୍କ ଗସ୍ତ ବେଳେ ଉପରୋକ୍ତ ଦୁଇ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀମାନେ ଅନୁପସ୍ଥିତ ରହିବା ପ୍ରଶ୍ନବାଚୀ ହୋଇଛି। ଅପରପକ୍ଷରେ ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲିକ ସେହିଦିନ ବୁଗୁଡ଼ା ତହସିଲ ଅଫିସ ଆଗରେ ହୋଇଥିବା ଆନ୍ଦୋଳନରେ ଥିବା ଖବର ମିଳିଛି।

ଅପରପକ୍ଷରେ ଗଞ୍ଜାମ ସାଙ୍ଗଠନିକ ଜିଲା ଅନ୍ତର୍ଭୁକ୍ତ ଛତ୍ରପୁର ନିର୍ବାଚନ ମଣ୍ଡଳୀ। ଅପରାଜିତା ଆସିବା ବେଳେ ଏହାର ସଭାପତି ବିଭୂତି ଜେନା ଭୁବନେଶ୍ୱର ଘରୋଇ କାର୍ଯ୍ୟରେ ଯାଇଥିଲେ ଓ ସେଠାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ପଳାଇଥିଲେ। ତେବେ ବ୍ରହ୍ମପୁରର ନେତାମାନେ ଏବଂ ଗତ ସାଧାରଣ ନିର୍ବାଚନର ଛତ୍ରପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କର ମଧ ଦେଖା କରିନଥିଲେ। ପୁରୁଷୋତ୍ତମପୁର ଡାକବଙ୍ଗଳା ଓ ଛତ୍ରପୁର ସର୍କିଟ ହାଉସ୍‌ରେ କେତେକ କର୍ମୀଙ୍କ ସହିତ ଷଡ଼ଙ୍ଗୀ ଆଲୋଚନା କରିଥିଲେ।

ନାମ ଗୋପନ ରଖି ଜଣେ ପଦ୍ମ ଦଳ ନେତାଙ୍କ କହିବାନୁସାରେ ଭାଜପା ରାଜ୍ୟ ସଂଗଠନରେ ଅପରାଜିତା ବିବାଦୀୟ ହୋଇଛନ୍ତି। ତାଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ନେତା ଓ କର୍ମୀ ନିଲମ୍ବିତ ହେଉଛନ୍ତି। ତେଣୁ ତାଙ୍କ ମନ୍ଦିର କାର୍ଯ୍ୟକ୍ରମ ବେଳେ ଗଞ୍ଜାମର ନେତା ଓ ବିଧାୟକ ପ୍ରାର୍ଥୀମାନେ ନିଲମ୍ବନ ହେବା ଭୟରେ ଦେଖାକରିନାହାନ୍ତି। ଏହା ଯଦି ସତ୍ୟ ହୋଇଥାଏ ତେବେ ଅନ୍ୟ ବିରୋଧୀ ଦଳ ଭଳି ଭାଜପାରେ ମଧ ଅନ୍ତଃକନ୍ଦଳ ବିସ୍ଫୋରକ ହୋଇଥିବା ଅନୁମାନ କରାଯାଇଛି। ସୂଚନାଯୋଗ୍ୟ, ୯୦ ଦଶକର ଦ୍ୱିତୀୟ ଭାଗରେ ଷଡ଼ଙ୍ଗୀ ଗଞ୍ଜାମର ଅତିରିକ୍ତ ଜିଲାପାଳ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକଥର ମା'ଙ୍କ ଦର୍ଶନ କରିଥିଲେ।